# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ ୧୫/୨୦୧୯ (୧୬ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, May 15/2019 | ★★★★

୪୫ଶ ଭାଗ ୧୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ହାସ୍ୟ ଅଭିନୟ କରିବାକୁ ଚାହାନ୍ତି ନୀନା**

୧୯୮୫ରେ ଫିଲ୍ମ ଦୁନିଆରେ ପାଦ ଥାପିଥିବା ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା ହାସ୍ୟ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ୦୨

୧୫ **ଓଡ଼ିଶାର ସୁମନ ଉପଅଧିନାୟକ**

ଜୁନ ୧୦ରୁ ସ୍ପେନଠାରେ ହେବାକୁଥିବା ଜୁନିୟର ହକି ଟୁର୍ନାମେଣ୍ଟ ପାଇଁ ଓଡ଼ିଶାର ସୁମନ ବେକ୍ ଭାରତୀୟ ଦଳର ଉପଅଧିନାୟକ ମନୋନୀତ ହୋଇଛନ୍ତି ।




# ବିଳମ୍ବ ହେବ ମୌସୁମୀ

**ଭୁବନେଶ୍ୱର, ୧୪ା୫(ବ୍ୟୁରୋ)**

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ବିଳମ୍ବରେ ପହଞ୍ଚିବ ଏବଂ କମ୍ ବର୍ଷିବ ବୋଲି ପାଣିପାଗ ବିଶେଷଜ୍ଞ ଭବିଷ୍ୟବାଣୀ କରିଛନ୍ତି। ସାଧାରଣତଃ ମୌସୁମୀ ମେ ୨୦ ତାରିଖରେ ଆଣ୍ଡାମାନରେ ପହଞ୍ଚିଥାଏ। ଜୁନ୍ ପହିଲାରେ କେରଳ ଉପକୂଳ ଛୁଇଁଥାଏ। ଜୁନ୍ ୧୦ ତାରିଖ ସୁଦ୍ଧା ଓଡ଼ିଶାକୁ ଆସିଥାଏ। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେବା ସମ୍ଭାବନା ରହିଛି । ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ମେ ୨୦ ବଦଳରେ ୨୪ କିମ୍ବା ୨୫ ତାରିଖରେ ପହଞ୍ଚିବ। ଜୁନ୍ ପହିଲା ବଦଳରେ ୪ କିମ୍ବା ୫ ତାରିଖରେ କେରଳ ଉପକୂଳ ଛୁଇଁବା ସମ୍ଭାବନା ରହିଛି। ଏହାର ୨ ସପ୍ତାହ ପରେ ଅର୍ଥାତ୍ ଜୁନ୍ ୧୫ରୁ ୧୮ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିପାରେ ବୋଲି ଅନୁମାନ କରାଯାଉଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି। ତେବେ ଘରୋଇ ଏଜେନ୍ସି ସ୍କାଇମେଟ୍ ଆକଳନ ଅନୁଯାୟୀ ଚଳିତ ବର୍ଷ ମୌସୁମୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ମେ ୨୨ ତାରିଖ ଓ କେରଳରେ ଜୁନ୍ ୪ରେ ପହଞ୍ଚିବ। ସ୍କାଇମେଟ୍ର ସିଇଓ ଜିତନ ସିଂ କହିଛନ୍ତି ଯେ ଚଳିତ ବର୍ଷ ଦେଶର ୪ ଭାଗରେ କମ୍ ବର୍ଷା ହେବ। ପୂର୍ବ, ପୂର୍ବୋତ୍ତର ଓ ମଧ୍ୟ ଭାରତରେ ଉତ୍ତର-ପଶ୍ଚିମ ଭାରତ ଅପେକ୍ଷା କମ୍ ବର୍ଷା ହେବ। ଦେଶରେ ସାମାନ୍ୟରୁ କମ୍ ବର୍ଷା(୯୩%) ହେବ ବୋଲି ସ୍କାଇମେଟ୍ ଅନୁମାନ କରିଛି।

ଏଲନିନୋ ଦୁର୍ବଳ ରହିଥିଲେ ମଧ୍ୟ ଏହାର ପ୍ରଭାବ ମୌସୁମୀ ଉପରେ ପଡ଼ିବା ଆଶଙ୍କା ରହିଛି। ଏଥିଯୋଗୁ ଓଡ଼ିଶା ସମେତ ସମଗ୍ର ଦେଶରେ ବର୍ଷା ପରିମାଣ କମିବା ସମ୍ଭାବନା ରହିଛି। ଗତବର୍ଷ ମୌସୁମୀ ସଅଳ ଅର୍ଥାତ ଜୁନ୍ ୮ରେ ଓଡ଼ିଶାକୁ ପ୍ରବେଶ କରିଥିଲା। ରାଜ୍ୟର ୬୦ ପ୍ରତିଶତ ଅଂଶକୁ ଛୁଇଁ ପାରିଥିଲା। ବଲାଙ୍ଗୀର ଜିଲାର ଟିଟିଲାଗଡ଼କୁ ବାଦ୍ ଦେଲେ ସମ୍ବଲପୁର, ଝାରସୁଗୁଡା, ବରଗଡ଼, ସୋନପୁର, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାକୁ ☞ପୃଷ୍ଠା-୧୨



- ଜୁନ୍ ୧୫ ପରେ ଓଡ଼ିଶା ଛୁଇଁପାରେ
- ଜୁନ୍ ୪ରେ କେରଳ
- ଏଥର କମ୍ ବର୍ଷିବ

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

# ସରିପାରିନି ଯୁକ୍ତ୨ ଖାତାଦେଖା

**ଭୁବନେଶ୍ୱର,୧୪ା୫(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳ କେବେ ପ୍ରକାଶ ପାଇବ, ତାହାକୁ ନେଇ ଛାତ୍ରୀଛାତ୍ର ଚିନ୍ତାରେ ପଡ଼ିଛନ୍ତି। କାରଣ ଏ ପର୍ଯ୍ୟନ୍ତ ଖାତାଦେଖା ଶେଷ ହୋଇନାହିଁ। ଦୁଇଟି ପର୍ଯ୍ୟାୟରେ ମୂଲ୍ୟାଙ୍କନ ହେବା ପରେ ମେ ଶେଷ ସପ୍ତାହ ସୁଦ୍ଧା ଫଳାଫଳ ପ୍ରକାଶ ପାଇବ ବୋଲି ଆଶା କରାଯାଉଥିଲା। କିନ୍ତୁ ସବୁକିଛି ଓଲଟପାଲଟ ହୋଇଗଲା। ଗୋଟିଏ ପର୍ଯ୍ୟାୟ ଖାତାଦେଖା ସରିଥିବା ବେଳେ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଚାଲିଛି। ବାତ୍ୟା 'ଫନୀ' ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖାରେ ବ୍ୟାଘାତ ସୃଷ୍ଟି ହେଲା। ଏପ୍ରିଲ ୨୫ରୁ ମେ ୫ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଗତ ୩ତାରଖରେ ବାତ୍ୟା ହେବାରୁ ରାଜ୍ୟର ଅଧିକାଂଶ ଜିଲାରେ କ୍ଷୟକ୍ଷତି ଘଟିଲା। ବିଦ୍ୟୁତ୍ ସଂଯୋଗ କଟିଗଲା। ☞ପୃଷ୍ଠା-୧୨

**ଫନୀ ପ୍ରଭାବ**

- ଫଳ ପ୍ରକାଶନକୁ ନେଇ ଚିନ୍ତାରେ ଛାତ୍ରୀଛାତ୍ର

## ୨୧ ସୁଦ୍ଧା ମାଟ୍ରିକ ପରୀକ୍ଷାଫଳ

**କଟକ ଅଫିସ,୧୪ା୫**

ଚଳିତ ମାସ ୨୧ ତାରିଖ ସୁଦ୍ଧା ପ୍ରକାଶ ପାଇବ ମାଟ୍ରିକ ପରୀକ୍ଷା ଫଳ। ବିଧିବଦ୍ଧ କୌଣସି ତାରିଖ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଆଉ ୭ ଦିନ ଭିତରେ ଫଳ ପ୍ରକାଶ ପାଇବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ସଭାପତି ଡ. ଜହାଁଆରା ବେଗମ୍ ମଙ୍ଗଳବାର କହିଛନ୍ତି। ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇ ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଶେଷ ହୋଇଛି। ତ୍ରୁଟିଶୂନ୍ୟ ଫଳ ପ୍ରକାଶ କରାଯିବା ଦିଗରେ ଗୁରୁତ୍ୱ ଦିଆଯାଇଛି ବୋଲି ସଭାପତି ବେଗମ୍ କହିଛନ୍ତି। ଅନ୍ୟପକ୍ଷରେ ତିନୋଟି ପରୀକ୍ଷା କେନ୍ଦ୍ରରେ ଇଂଲିଶ ପରୀକ୍ଷା ବାତିଲ ଓ ୧୦୮ ପରୀକ୍ଷାର୍ଥୀଙ୍କ ଉତ୍ତରଖାତା ହଜିବା ଘଟଣା ସମ୍ପର୍କିତ ରିପୋର୍ଟ ପରୀକ୍ଷା କମିଟି ପ୍ରଦାନ କରିସାରିଛି। ତେବେ ଉକ୍ତ ରିପୋର୍ଟରେ ପରୀକ୍ଷା କମିଟି କ'ଣ ଦର୍ଶାଇଛି ତାହା ଗୋପନୀୟ ରହିଛି। ଫଳ ପ୍ରକାଶ ପାଇବା ପରେ କମିଟିର ନିଷ୍ପତ୍ତି ସ୍ପଷ୍ଟ କରାଯିବ ବୋଲି ସେ କହିଛନ୍ତି।

**ଆଜିର ସମ୍ପାଦକୀୟ**

ଅବିଶ୍ୱସନୀୟ ଦୃଷ୍ଟାନ୍ତ

**ଆଜିର ମନ୍ତବ୍ୟ**

"ନିର୍ବାଚନ ପରବର୍ତ୍ତୀ ମେଣ୍ଟ ନେଇ ଭାଜପା ସହ ଡିଏମ୍କେ ଆଲୋଚନା କରୁଛି ବୋଲି ଚର୍ଚ୍ଚା ହେଉଛି। ଏହା ଯଦି ପ୍ରମାଣିତ ହୁଏ ତେବେ ମୁଁ ରାଜନୀତି ଛାଡ଼ିଦେବି।

-ଏମ୍.କେ. ଷ୍ଟାଲିନ୍, ଡିଏମ୍କେ ସଭାପତି

**କିଛି ତଥ୍ୟ**

୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଇନ୍ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡରେ ୧୧୪୩ ମାମଲା ବିଚାରାଧୀନ ରହିଛି।

- କ୍ରିସିଲ୍


NECC NATIONAL EGG CO-ORDINATION COMMITTEE 14.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 109 | 170 | 180 |
| CTC | 109 | 170 | 180 |
| DKL | 104 | 163 | 173 |
| BDK | 110 | 171 | 181 |
| BLS | 112 | 174 | 184 |
| ANG | 104 | 163 | 173 |

*Conditions Apply

Eggs Retail Price- 40/-Dozen

Issued in the Interest of Consumers


# ଲକ୍ଷ୍ମୀ ପ୍ରଥମ ମହିଳା ଆଇସିସି ମ୍ୟାଚ ରେଫରି

**ଦୁବାଇ, ୧୪ା୫**

ଭାରତର ଜି.ଏସ. ଲକ୍ଷ୍ମୀ ବିଶ୍ୱର ପ୍ରଥମ ମହିଳା ଭାବେ ଆଇସିସି ମ୍ୟାଚ ରେଫରି ହେବାର ସୌଭାଗ୍ୟଲାଭ କରିଛନ୍ତି। ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରି ତାଲିକାରେ ଏହି ପୂର୍ବତନ ଭାରତୀୟ ମହିଳା କ୍ରିକେଟର୍ ସ୍ଥାନ ପାଇଛନ୍ତି। ଲକ୍ଷ୍ମୀ ବର୍ତ୍ତମାନ ଅନ୍ତର୍ଜାତୀୟ ମ୍ୟାଚ୍ରେ ରେଫରି ଭାବେ ଦାୟିତ୍ୱ ତୁଲାଇବେ ବୋଲି ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିଭଳି ଅଷ୍ଟ୍ରେଲିଆର ଏଲୋଇସେ ସିରିଡାନ ଅଷ୍ଟମ ମହିଳା ଭାବେ ଡେଭଲପ୍ମେଣ୍ଟ ପ୍ୟାନେଲ୍ ଅଫ୍ ଅମ୍ପାୟର ଗ୍ରୁପ୍ରେ ସ୍ଥାନ ପାଇଛନ୍ତି।

୫୧ ବର୍ଷୀୟା ଲକ୍ଷ୍ମୀ ୨୦୦୮-୦୯ରେ ପ୍ରଥମେ ଘରୋଇ ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ରେଫରି ଭାବେ ପଦାର୍ପଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୩ଟି ଲେଖାଏ ମହିଳା ଦିନିକିଆ ଓ ଟି୨୦ କ୍ରିକେଟ୍ ମ୍ୟାଚ୍ରେ ରେଫରି ଦାୟିତ୍ୱ ନିର୍ବାହ କରିସାରିଛନ୍ତି। 'ଆଇସିସିର ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଙ୍କୁ ମନୋନୀତ ହେବା ମୋ ପାଇଁ ବହୁତ ବଡ଼ ସମ୍ମାନ ଏବଂ ଏକ ନୂଆ ରାସ୍ତା ଖୋଲିଛି। ଜଣେ କ୍ରିକେଟର ଭାବେ ଭାରତ ପକ୍ଷରୁ ଅନେକ ମ୍ୟାଚ୍ ଖେଳିଛି ଏବଂ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଛି। ମୋର କ୍ରିକେଟ୍ ଓ ମ୍ୟାଚ୍ ଅଫିସିଆଲ ଅଭିଜ୍ଞତାକୁ ଅନ୍ତର୍ଜାତୀୟ ସର୍କିଟ୍ରେ ପ୍ରୟୋଗ କରିବି' ବୋଲି ଏକ ସାକ୍ଷାତକାର ଅବସରରେ ଲକ୍ଷ୍ମୀ କହିଛନ୍ତି। 'ଏଭଳି ଏକ ବଡ଼ ସୁଯୋଗ ଦେଇଥିବାରୁ ଆଇସିସି, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ଅଫିସିଆଲଙ୍କ ସମେତ କ୍ରିକେଟରେ ମୋ ସିନିୟର ଖେଳାଳି, ପରିବାର ଓ ବନ୍ଧୁଙ୍କୁ ଧନ୍ୟବାଦ ଦେବି' ବୋଲି ଲକ୍ଷ୍ମୀ କହିଛନ୍ତି।



ଜି.ଏସ. ଲକ୍ଷ୍ମୀ

# ବିଜେଡିର ଆକଳନ ୧୦୦ ଆସନ

**ଭୁବନେଶ୍ୱର,୧୪ା୫(ବ୍ୟୁରୋ)**

ଦେଶରେ ଚାଲିଥିବା ସାଧାରଣ ନିର୍ବାଚନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ମେ' ୧୯ରେ ସପ୍ତମ ପର୍ଯ୍ୟାୟ ଲାଗି ଭୋଟ ଗ୍ରହଣ କରାଯିବ। ଏହାର ଠିକ୍ ୪ ଦିନ ପରେ ଅର୍ଥାତ ୨୩ରେ ଭୋଟ ଗଣତି । ଓଡ଼ିଶାରେ ୨୦୦୦ ମସିହାରୁ ବିଜୁ ଜନତା ଦଳ(ବିଜେଡି) କ୍ଷମତାରେ ରହି ଆସିଛି। ଦଳ ଚଳିତ ନିର୍ବାଚନରେ ପୂର୍ବାପେକ୍ଷା ଶାସକ ବିରୋଧୀ ହାୱାର ସମ୍ମୁଖୀନ ହୋଇଥିବା ସମୀକ୍ଷକମାନେ ମତ ଦେଉଛନ୍ତି। ହେଲେ ସେହି ବିରୋଧୀ ହାୱାର ଫାଇଦା ଅନ୍ୟ ଦଳ କେତେ ନେଇଛନ୍ତି, ତାହା କେବଳ ଫଳାଫଳ ଘୋଷଣା ପରେ ସ୍ପଷ୍ଟ ହେବ। ନିର୍ବାଚନ ପରେ ବିଜେଡି ପକ୍ଷରୁ ବିଭିନ୍ନ ସଂସ୍ଥା ଦ୍ୱାରା ଏକାଧିକ ସର୍ବେକ୍ଷଣ କରାଯାଇଛି। ଏହାକୁ ନେଇ କେତେକ ନେତା ନାମ ଗୋପନ ରଖି କିଛି ତଥ୍ୟ ଦେଇଛନ୍ତି।

ବିଜେଡି ଦ୍ୱାରା କରାଯାଇଥିବା ସର୍ଭେରେ ଦଳ ୬୫ଟି ବିଧାନସଭା ଆସନରେ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିବା କୁହାଯାଇଛି। କୋରାପୁଟ ଲୋକ ସଭା ଅଧୀନ ୬ଟି ବିଧାନସଭା ଆସନରେ ଦଳ କଡ଼ା ଟକ୍କରର ସମ୍ମୁଖୀନ ହୋଇଛି। ଏହି ଆସନ ଗୁଡ଼ିକ ହେଉଛି ରାୟଗଡା, ଲକ୍ଷ୍ମୀପୁର, ଜୟପୁର, ପଟ୍ଟାଙ୍ଗୀ, ଗୁଣୁପୁର ଏବଂ ବିଷମ କଟକ। ଏହି ସବୁ ସ୍ଥାନରେ ଦଳକୁ ଭାଜପା, କଂଗ୍ରେସ, ସ୍ୱାଧୀନ ଏବଂ ବିଏସ୍ପିକୁ ମୁକାବିଲା କରିବାକୁ ପଡ଼ିଛି। ତେଣୁ କୋରାପୁଟ ଲୋକ ସଭା ଆସନକୁ ଜିତିବା ନେଇ ସର୍ଭେରେ ଆଶଙ୍କା ପ୍ରକାଶ ପାଇଛି। ନବରଙ୍ଗପୁର ଲୋକ ସଭାରେ ଦଳ ଅନୁରୂପ ଅବସ୍ଥା ଭୋଗିଛି। ଏହା ଅଧୀନ ଝରିଗାଁ, ମାଲକାନଗିରି, ଚିତ୍ରକୋଣ୍ଡାରେ ଭାଜପା ସହିତ ଏବଂ ଉମରକୋଟ, ଡାବୁଗାଁ ଏବଂ ନବରଙ୍ଗପୁରରେ କଂଗ୍ରେସ ସହ କଡ଼ା ମୁକାବିଲା ହୋଇଛି। ☞ପୃଷ୍ଠା-୧୨

- ୬୫ ବିଧାନସଭା ପ୍ରାର୍ଥୀ ବିରୋଧୀଙ୍କ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛନ୍ତି
- ପୂର୍ବାପେକ୍ଷା ୪ରୁ ୭ ଲୋକ ସଭା ସିଟ୍ ହରାଇବା ଆଶଙ୍କା






ଭାରତୀୟ ବାୟୁସେନା ଲାଗି ୧୨୬ ରାଫାଲ୍ ଯୁଦ୍ଧ ବିମାନ କିଣାଯିବାକୁ ଯୋଜନା ରହିଥିଲା। ଅର୍ଥାଭାବର ଆଳ ଦେଖାଇ ମାତ୍ର ୩୬ଟି କିଣାଗଲା। କମ ରାଫାଲ୍ ଯୁଦ୍ଧ ବିମାନ କିଣି ମୋଦି ସରକାର ଦେଶର ସୁରକ୍ଷା ସହ ଖେଳିଛନ୍ତି।
ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର



ପାଟନା ସାହିବରେ ରୋଡ୍ ଶୋ ବେଳେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ନଭଜୋତ ସିଂ ସିଦ୍ଧୁ ଓ ସୁନୀଲ ଜାଖର।



ଗୁରୁଦାସପୁରରେ ଭାଜପା ପ୍ରାର୍ଥୀ ସନି ଦେଓଲ ନିଜ ସମର୍ଥକମାନଙ୍କ ସହ ହାତ ମିଳାଉଛନ୍ତି।




ଉତ୍ତର କଶ୍ମୀରରେ ତିନି ବର୍ଷର ଶିଶୁଙ୍କୁ ବଳାତ୍କାର କରାଯିବା ପରେ ମହିଳାମାନେ ପ୍ଲାକାର୍ଡ ଧରି ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଏଲ୍‌ଟିଟିଇ ଉପରେ ଅଧିକ ୫ ବର୍ଷ ପ୍ରତିବନ୍ଧକ ଲାଗିଲା



**ନୂଆଦିଲ୍ଲୀ,୧୪।୫:** କେନ୍ଦ୍ର ସରକାର ମଙ୍ଗଳବାର କଠୋରପନ୍ଥୀ ଗୋଷ୍ଠୀ ଲିବରେଶନ୍ ଟାଇଗର୍ସ ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ଉପରେ ଅଧିକ ୫ ବର୍ଷର ପ୍ରତିବନ୍ଧକ ଲଗାଇଛନ୍ତି। ରାଜୀବ ଗାନ୍ଧୀ ହତ୍ୟା ମାମଲା ପଛରେ ଏହି ଗୋଷ୍ଠୀର ସମ୍ପୃକ୍ତି ଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ୨୦୧୪ରେ ଏହି ଗୋଷ୍ଠୀ ବିରୋଧରେ ୫ ବର୍ଷର ପ୍ରତିବନ୍ଧକ ଲଗାଯାଇଥିଲା। ଶ୍ରୀଲଙ୍କାର ଏହି କଠୋରପନ୍ଥୀ ଗୋଷ୍ଠୀର ଏଜେଣ୍ଟ ଓ ସମର୍ଥକମାନେ ଭାରତରେ ଅଛନ୍ତି। ସ୍ୱତନ୍ତ୍ର ରାଜ୍ୟ ଗଠନ (ତାମିଲ ଇଲମ୍) ଗଠନ ଏମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ; ଯାହାକି ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ଲାଗି ବିପଦ ସୃଷ୍ଟିକରିଛି। ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ କରି ଶାନ୍ତିଭଙ୍ଗ କରିବା ଏମାନଙ୍କର ଉଦ୍ଦେଶ୍ୟ। ୨୦୦୯ରେ ଶ୍ରୀଲଙ୍କାରେ ପରାଜୟବରଣ କରିଥିଲେ ବି ଏମାନେ ନିଜର ଆଭିମୁଖ୍ୟରୁ ହଟିନାହାନ୍ତି। ପୁନଃ ସଙ୍ଗଠିତ ହୋଇ ଏମାନେ ନିଜର ଶକ୍ତି ଓ ସଙ୍ଗଠନ ବୃଦ୍ଧି କରିବାରେ ଲାଗିଛନ୍ତି।

### ରାଲି ପୂର୍ବରୁ ଭାଜପା ପୋଷ୍ଟର ହଟାଗଲା

# ଶାହଙ୍କ ରୋଡ୍ ଶୋ'ବେଳେ ହିଂସା

**କୋଲ୍‌କାତା,୧୪।୫**

ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭାଜପା କଡ଼ା ଟକ୍କର ଦେବାଲାଗି ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। କୋଲ୍‌କାତାରେ ଭାଜପା ସଭାପତି ଅମିତ୍ ଶାହଙ୍କ ମେଗା ରୋଡ୍ ଶୋ ଓ ଜୟ ଶ୍ରୀରାମ ଉଚ୍ଚାରଣ ଟିଏମ୍‌ସି ଲାଗି ଚ୍ୟାଲେଞ୍ଜ୍ ଆଣିଦେଇଛି। ଭାଜପା କର୍ମକର୍ତ୍ତାଙ୍କ ଉତ୍ସାହ ଏହାଦ୍ୱାରା ବୃଦ୍ଧି ପାଇଥିଲାବେଳେ କେତେକ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିବା



କୋଲ୍‌କାତାରେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ରୋଡ ଶୋ।



ହିଂସାକାଣ୍ଡ ପରେ ପୋଡାଜଳା।

ଜଣାପଡ଼ିଛି। କୋଲ୍‌କାତାର ବିଧାନ ସରିଣିଠାରେ ଶାହଙ୍କ ଶୋଭାଯାତ୍ରା ଉପରକୁ ଢେଲାମାଡ଼ କରାଯିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେହିଭଳି କଲେଜ୍ ଷ୍ଟ୍ରିଟ୍ ନିକଟରେ ସଂଘର୍ଷ ହେବାରୁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଏହାକୁ ନେଇ ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରାଯାଇଥିବା, ଟିଏମ୍‌ସି ଓ ଭାଜପା ସମର୍ଥକମାନେ ଝଟାପଟ୍ଟି ଅବସ୍ଥାରେ ଥିବା ଜଣାପଡ଼ିଛି।

**ର୍‍ୟାଲିବେଳେ ଢେଲାମାଡ଼, ପୋଡ଼ାଜଳା, ଲାଠିଚାର୍ଜ**

ମଙ୍ଗଳବାର କୋଲକାତା ର୍‍ୟାଲି ପୂର୍ବରୁ ରାସ୍ତାରୁ ସମସ୍ତ ଦଳୀୟ ପୋଷ୍ଟର ହଟାଇ ଦିଆଯାଇଥିଲା। ଏହାକୁ ନେଇ ଭାଜପା ପକ୍ଷରୁ ଶାସକ ଟିଏମ୍‌ସିକୁ ଦୋଷାରୋପ କରାଯାଇଛି। ର୍‍ୟାଲି ହେବାକୁ ଥିବା ରାସ୍ତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ସଭାପତି ଅମିତ୍ ଶାହ ପ୍ରମୁଖଙ୍କ ପୋଷ୍ଟର ହଟାଯିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଭାଜପା କର୍ମକର୍ତ୍ତାମାନେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ବିରୋଧ କରି ବିକ୍ଷୋଭ କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନ ଓ ରାଜ୍ୟ ପୋଲିସ ଟିଏମ୍‌ସିକୁ ସମର୍ଥନ କରିଆସୁଛନ୍ତି ବୋଲି ଅଭିଯୋଗ କରାଯାଇଛି।

ଶହୀଦ ମିନାର ମଇଦାନରୁ ଶାହଙ୍କ ର୍‍ୟାଲି ବାହାରିବା ପୂର୍ବରୁ ପୋଲିସ ଏଥିଲାଗି ଅନୁମତି ଦେଇ ନ ଥିଲା। ତେଣୁ ଧର୍ମତାଲାରୁ ଶିମ୍‌ଲା ଷ୍ଟ୍ରିଟ୍‌ସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ଘର ପର୍ଯ୍ୟନ୍ତ ଶାହଙ୍କ ରୋଡ୍ ଶୋ କରାଯାଇଥିଲା। ପ୍ରକାଶଥାଉ କି, ର୍‍ୟାଲି ପୂର୍ବରୁ ଶାହ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କୁ ସୋମବାର ଚ୍ୟାଲେଞ୍ଜ ଦେବା ସହ କୋଲ୍‌କାତାରେ ଜୟ ଶ୍ରୀରାମ ଉଚ୍ଚାରଣ କରିବି, ମୋତେ ବାନ୍ଧି ଦେଖ ବୋଲି କହି ଚ୍ୟାଲେଞ୍ଜ୍ ଦେଇଥିଲେ। ମଙ୍ଗଳବାର ମେଗା ର୍‍ୟାଲିରେ ଭାଜପା କର୍ମକର୍ତ୍ତାଙ୍କ ଜୟ ଶ୍ରୀରାମ ଉଚ୍ଚାରଣ ଜନମାନସ ଉପରେ କି ପ୍ରଭାବ ପକାଉଛି ତାହା ସମୟ କହିବ। ପ୍ରକାଶଥାଉ କି, ସପ୍ତମ ତଥା ଶେଷ ପର୍ଯ୍ୟାୟ ଲୋକ ସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ୯ଟି ଆସନରେ ମତଦାନ କରାଯିବ।

## ପାପୁଆ ନ୍ୟୁ ଗିନିରେ ଭୂକମ୍ପ-ସୁନାମି ଆଶଙ୍କା

**କାନ୍‌ବେରା,୧୪।୫(ଏପି)**




ମଙ୍ଗଳବାର ସନ୍ଧ୍ୟାରେ ପାପୁଆ ନ୍ୟୁ ଗିନିରେ ଶକ୍ତିଶାଳୀ ଭୂକମ୍ପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ସୁନାମି ଆସିବା ଆଶଙ୍କା ଅଛି ବୋଲି ସତର୍କ ସୂଚନା ଦିଆଯାଇଛି। ଏହାଦ୍ୱାରା ନିକଟବର୍ତ୍ତୀ ସୋଲୋମନ ଦ୍ୱୀପସମୂହ ପ୍ରଭାବିତ ହେବ। ଆମେରିକାର ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍)ର ସୂଚନା ଅନୁଯାୟୀ, ରିକ୍ଟର ସ୍କେଲ୍‌ରେ ଭୂକମ୍ପର ମାତ୍ରା ୭.୫ ରେକର୍ଡ କରାଯାଇଛି ଏବଂ ଏହାର କେନ୍ଦ୍ରସ୍ଥଳ କୋକୋପୋଠାରୁ ଉତ୍ତର-ପୂର୍ବକୁ ୪୫ କିଲୋମିଟର ଦୂରରେ ଭୂପୃଷ୍ଠଠାରୁ ୧୦କିଲୋମିଟର ଗଭୀରତାରେ ଠାବ କରାଯାଇଛି। ଭୂକମ୍ପ ଅଧିକ କ୍ଷୟକ୍ଷତି କରିବା ଆଶଙ୍କା ଅଛି। କିନ୍ତୁ ବିକ୍ଷିପ୍ତ ଜନବସତି ପାଇଁ ମୃତାହତ ସଂଖ୍ୟା କମ୍ ହୋଇପାରେ ବୋଲି ୟୁଏସ୍‌ଜିଏସ୍ ପକ୍ଷରୁ ସୂଚନା ଦିଆଯାଇଛି। ଇଣ୍ଡୋନେସିଆର ପୂର୍ବକୁ ନ୍ୟୁ ଗିନିର ପୂର୍ବ ଅର୍ଦ୍ଧାଂଶରେ ପାପୁଆ ନ୍ୟୁ ଗିନି ଅବସ୍ଥିତ। ପ୍ରଶାନ୍ତ ମହାସାଗରର 'ରିଙ୍ଗ୍ ଅଫ୍ ଫାୟାର' ମଧ୍ୟରେ ଏହା ଅବସ୍ଥିତ ଥିବାରୁ ଅଧିକାଂଶ ସମୟରେ ଏଠାରେ ଭୂକମ୍ପ ଓ ଅଗ୍ନି ଉଦ୍‌ଗିରଣ ଘଟିଥାଏ।

୨୦୧୮ ଫେବୃୟାରୀରେ ପାପୁଆ ନ୍ୟୁ ଗିନିର କେନ୍ଦ୍ରଭାଗରେ ୭.୫ ତୀବ୍ରତାର ଭୂକମ୍ପ ହେବା ଯୋଗୁ ୧୨୫ ଜଣଙ୍କ ମୃତ୍ୟୁ ଘଟିବା ସହିତ ୩୫,୦୦୦ ଲୋକ ବାସଚ୍ୟୁତ ହୋଇଥିଲେ।

### ସଂଘୀୟ ମେଣ୍ଟ ଫେରିବା ନେଇ କେସିଆର୍ ଆଶାବାଦୀ

## କେନ୍ଦ୍ରରେ କଂଗ୍ରେସକୁ ଡ୍ରାଇଭର ସିଟ୍ ଦେବୁନି

**ନୂଆଦିଲ୍ଲୀ/ହାଇଦ୍ରାବାଦ୍,୧୪।୫**



କେନ୍ଦ୍ରରେ ସରକାର ଗଠନ ପ୍ରକ୍ରିୟା ଜୋର୍ ଧରିବାରେ ଲାଗିଛି। କଂଗ୍ରେସ, ଭାଜପା ଓ ସଂଘୀୟ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ବିଜୟୀ ହେବାନେଇ ଆଶାବାନ୍ଧି ବସିଛନ୍ତି। କାହାକୁ ସଂଖ୍ୟାଗରିଷ୍ଠତା ମିଳିବ, କାହା ନେତୃତ୍ୱରେ କେନ୍ଦ୍ର ସରକାର ଗଠନ ହେବ, ସେନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଗଲାଣି। ତେବେ ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଗଠିତ ସଂଘୀୟ ମେଣ୍ଟ ବିପୁଳ ବିଜୟ ହାସଲ କରିବ ବୋଲି ତେଲେଙ୍ଗାନା ରାଷ୍ଟ୍ରୀୟ ସମିତି ଅଧ୍ୟକ୍ଷ ତଥା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ(କେସିଆର୍) କହିଛନ୍ତି।

ମ୍ୟାଜିକ୍ ନମ୍ବରଠାରୁ ଆମେ ପଛରେ ରହିଲେ କଂଗ୍ରେସର ସମର୍ଥନ କଥା ବିଚାରକୁ ନେବୁ ବୋଲି ସେ ପ୍ରକାଶ କରିଛନ୍ତି। ଡ୍ରାଇଭର ଆସନ କଂଗ୍ରେସକୁ ଦେବୁ ନାହିଁ ବୋଲି ସେ ମତ ଦେଇଛନ୍ତି। ଅଣଭାଜପା ଓ ଅଣକଂଗ୍ରେସ ସଂଘୀୟ ମେଣ୍ଟ ସପକ୍ଷରେ ସେ ଯୁକ୍ତି ବାଢ଼ିଥିଲାବେଳେ କଂଗ୍ରେସ ବାହାରୁ ସରକାରକୁ ସମର୍ଥନ ଦେଇପାରିବ ବୋଲି କହିଛନ୍ତି। ନିର୍ବାଚନ ଫଳାଫଳ ଆସିବା ପରେ ଆଞ୍ଚଳିକ ଦଳଗୁଡ଼ିକ ଏକାଠି ବସି ସର୍ବସମ୍ମତିକ୍ରମେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବାଛିବେ। ଭାଜପା ସହ ସଂଘୀୟ ମେଣ୍ଟ କରିବାର ପ୍ରଶ୍ନ ଉଠୁନାହିଁ ବୋଲି କେସିଆର୍ କହିଛନ୍ତି। ଏସ୍‌ପି, ବିଏସ୍‌ପି, ୱାଇଏସ୍‌ଆର୍‌ସିପି, ଡିଏମ୍‌କେ ଓ ଟିଆର୍‌ଏସ୍ ଏଥିଲାଗି ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ଜେଡିୟୁ ଓ ବାମପନ୍ଥୀଙ୍କ ସହ ଆଲୋଚନା ଚାଲିଥିବା ସେ କହିଛନ୍ତି।

## ସଙ୍କୁଚିତ ହେଉଛନ୍ତି ଜହ୍ନମାମୁ

**ୱାଶିଂଟନ,୧୪।୫**

ଶହେ ନିୟୁତ ବର୍ଷ ମଧ୍ୟରେ ଚନ୍ଦ୍ରର ଆକାର ସଙ୍କୁଚିତ ହୋଇଛି। ଏହା ସହିତ ଏଥିରେ ବାରମ୍ବାର ଭୂକମ୍ପନ ମଧ୍ୟ ସୃଷ୍ଟି ହେଉଥିବା ନାସା ପକ୍ଷରୁ ସୂଚନା ଦିଆଯାଇଛି। ନାସାର ଲୁନାର ରିକୋନାଇସାନ୍ସ ଅର୍ବିଟର(ଏଲ୍‌ଆର୍‌ଓ) ସ୍ପେସ୍‌କ୍ରାଫ୍ଟ ଦ୍ୱାରା ଉତ୍ତୋଳିତ ୩,୫୦୦ ଫଟୋଚିତ୍ର ମିଳିଛି। କେତେକ ଫଟୋରେ ଭୂସ୍ଖଳନ, ଫାଟ ଓ ପଥରଖଣ୍ଡ ଜମା ହୋଇଥିବା ଭଳି ଚିତ୍ର ସ୍ପଷ୍ଟ ହୋଇଥିବାରୁ ଜହ୍ନମାମୁରେ ଅନେକ ସମୟରେ କମ୍ପନ ସୃଷ୍ଟି ହେଉଥିବା ବୈଜ୍ଞାନିକମାନେ ନିଶ୍ଚିତ ହୋଇଛନ୍ତି। ଇତିମଧ୍ୟରେ ଚନ୍ଦ୍ର ୫୦ ମିଟର ସଙ୍କୁଚିତ ହୋଇଥିବା ଏଥିରେ ଦର୍ଶାଯାଇଛି। ୪୫୦ କୋଟି ବର୍ଷ ତଳେ ଏହାର ଉତ୍ପତ୍ତି ସମୟର ତାପମାତ୍ରା ଏବଂ ବର୍ତ୍ତମାନର ତାପମାତ୍ରା ମଧ୍ୟରେ ଫରକ ଥିବା ଜାଣିବାକୁ ମିଳିଛି। ଚନ୍ଦ୍ରର ତାପମାତ୍ରା କମିବାରୁ ଏହାର ଆୟତନ ସଙ୍କୁଚିତ ହେଉଥିବା ଗବେଷକମାନେ ସୂଚନା ଦେଇଛନ୍ତି। ଏହା ସହିତ ଚନ୍ଦ୍ରରେ ଭୂକମ୍ପନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ୧୯୬୯ରୁ ୧୯୭୭ ମଧ୍ୟରେ ଚନ୍ଦ୍ରରେ ୨୮ଟି ଭୂକମ୍ପନ ହୋଇଥିବା ଗବେଷକମାନେ



ଅଧ୍ୟୟନ କରି ଜାଣିପାରିଛନ୍ତି। ଚନ୍ଦ୍ରରେ ସୃଷ୍ଟି ହେଉଥିବା ଭୂକମ୍ପନର ତୀବ୍ରତା ରିକ୍ଟର ସ୍କେଲରେ ୨ରୁ ୫ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି।

## ଶ୍ରୀଲଙ୍କାରେ ୩ ଉଗ୍ରପନ୍ଥୀ ଗୋଷ୍ଠୀ ନିଷିଦ୍ଧ

**କଲମ୍ବୋ,୧୪।୫(ପି.ଟି)**

ଶ୍ରୀଲଙ୍କା ସରକାର ନ୍ୟାଶନାଲ ଥୋହିଦ୍ ଜମାତ୍ (ଏନ୍‌ଟିଜେ) ସମେତ ଦୁଇଟି ଇସ୍‌ଲାମିକ୍ ଚରମପନ୍ଥୀ ଗୋଷ୍ଠୀକୁ ନିଷିଦ୍ଧ ଘୋଷଣା କରିଛନ୍ତି। ଏପ୍ରିଲ ୨୧ ଇଷ୍ଟର ପର୍ବରେ ଏନ୍‌ଟିଜେ ଦ୍ୱାରା ଆତଙ୍କବାଦୀ ଆକ୍ରମଣ ଫଳରେ ୨୫୦ରୁ ଊର୍ଦ୍ଧ୍ୱ ଲୋକ ନିହତ ହୋଇଥିଲେ। ରାଷ୍ଟ୍ରପତି ମୈତ୍ରିପାଳ ସିରିସେନା ଏକ ଉଲ୍ଲେଖଯୋଗ୍ୟ ଗ୍ୟାଜେଟ ଜାରି କରି ଏକାଧିକ ଚରମପନ୍ଥୀ ଗୋଷ୍ଠୀକୁ ନିଷିଦ୍ଧ ଘୋଷଣା କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଡ୍ରୋନ୍ ଉଡାଣ ନ କରିବାକୁ ମଧ୍ୟ ନିଷେଧାଜ୍ଞା ଜାରି କରାଯାଇଛି। ଗ୍ୟାଜେଟ ଅନୁଯାୟୀ, ନ୍ୟାଶନାଲ ଥୋହିଦ୍ ଜମାଥ(ଏନ୍‌ଟିଜେ), ଜମାଥି ମିଲାଥେ ଇବ୍ରାହିମ (ଜେଏମ୍‌ଆଇ) ଏବଂ ୱିଲାୟାଥ ଆସ୍ ସେୟଲାନି(ଡବ୍ଲ୍ୟୁଏଏସ୍) ସଂଗଠନଗୁଡ଼ିକୁ ନିଷିଦ୍ଧ କରାଯାଇଛି। ଏପ୍ରିଲ ୨୧ରେ ଶ୍ରୀଲଙ୍କାର ୩ଟି ଗୀର୍ଜା ଏବଂ କେତେକ ବିଳାସମୟ ହୋଟେଲରେ ୯ଟି ଆତ୍ମଘାତୀ ଆକ୍ରମଣ କରାଯିବା ଫଳରେ ୨୫୮ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରେ ୪୪ ବିଦେଶୀଙ୍କ ମଧ୍ୟରୁ ୧୦ଜଣ ଭାରତୀୟ ଥିଲେ। ୫୦୦ରୁ ଅଧିକ ଲୋକ ଆହତ ହୋଇଥିଲେ।

ଇସ୍‌ଲାମିକ୍ ଷ୍ଟେଟ୍ ଆତଙ୍କବାଦୀ ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲେ ହେଁ ଶ୍ରୀଲଙ୍କା ସରକାର ସ୍ଥାନୀୟ ଏନ୍‌ଟିଜେକୁ ଦୋଷାରୋପ କରିଆସୁଛନ୍ତି। ଉକ୍ତ ଘଟଣା ପାଇଁ ଏ ପର୍ଯ୍ୟନ୍ତ ୧୦୦୦ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରାଗଲାଣି।

## ଜେଇଏମ୍ ଆତଙ୍କବାଦୀ ଗିରଫ




**ଶ୍ରୀନଗର,୧୪।୫:** ଜମ୍ମୁ-କଶ୍ମୀରରୁ ଜଣେ ଜୈଶ-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ଅବଦୁଲ୍ ମାଜିଦ୍ ବାବା। ଶ୍ରୀନଗରରୁ ତାଙ୍କୁ ଗିରଫ କରାଯିବା ପରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଛି। ଫେରାର୍‌ଥିବା ଏହି ଆତଙ୍କବାଦୀଙ୍କୁ ଧରିବା ଲାଗି ଦିଲ୍ଲୀ ପୋଲିସ ପକ୍ଷରୁ ୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଦିଲ୍ଲୀ ପୋଲିସ ଆଣିବ ବୋଲି ଜଣାପଡ଼ିଛି।

### ଇତିହାସର ଆଇନାରେ

## ମେ ୧୫ର ପ୍ରମୁଖ ଘଟଣା

୧୯୭୬ ମେ ୧୫ରେ ଏରୋଫ୍ଲଟ ଫ୍ଲାଇଟ ୧୮୦୨ ଚେର୍ନିଭ ରାୟନ୍‌ର ଭିକ୍ଟୋରୋଭ୍‌କାଠାରେ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ୫୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ବାଣିଜ୍ୟିକ ବିମାନଟି ଭିନ୍ନିସିଆଠାରୁ ମସ୍କୋ ଯାତ୍ରା କରୁଥିଲା। ୫୨ ମୃତଯାତ୍ରୀଙ୍କ ମଧ୍ୟରେ ବିମାନ କର୍ମଚାରୀ ଅନ୍ତର୍ଭୁକ୍ତ ଥିଲେ।

୨୦୦୮ ମେ ୧୫ରେ ଆମେରିକାର କାଲିଫର୍ନିଆ ରାଜ୍ୟରେ ସମଲିଙ୍ଗୀ ବିବାହ ଆଇନସମ୍ମତ ହେଲା। ଦେଶର ସୁପ୍ରିମକୋର୍ଟ ପୂର୍ବ ନିଷେଧାଜ୍ଞାକୁ ଅଣସାମ୍ବିଧାନିକ ଘୋଷଣା ପରେ ୨୦୦୪ରେ ମାସାଚୁସେଟ୍ସ ରାଜ୍ୟରେ ସମଲିଙ୍ଗୀ ବିବାହକୁ ବିଧିସମ୍ମତ କରାଯାଇଥିଲା। ୨୦୦୮ ଜୁନ ୧୬ରେ ପ୍ରଥମକରି କାଲିଫର୍ନିଆରେ ସମଲିଙ୍ଗୀ ଦମ୍ପତିଙ୍କୁ ବିବାହ ଲାଇସେନ୍ସ ଜାରି କରାଯାଇଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୩.୧ |
| ଚାନ୍ଦବାଲି | ୩୯.୦ | ୨୮.୬ |
| କଟକ | ୩୯.୫ | ୨୫.୨ |
| ପାରାଦ୍ୱୀପ | ୩୩.୦ | ୨୮.୨ |
| ଭୁବନେଶ୍ୱର | ୩୯.୪ | ୨୬.୨ |
| ଗୋପାଳପୁର | ୩୩.୫ | ୨୫.୮ |
| ପୁରୀ | --- | ୨୭.୨ |
| ଅନୁଗୋଳ | ୪୦.୧ | ୨୪.୦ |
| ବାରିପଦା | ୩୬.୫ | ୨୪.୬ |
| ଝାରସୁଗୁଡ଼ା | ୪୧.୦ | ୨୫.୮ |
| କେନ୍ଦୁଝର | ୩୫.୨ | ୨୫.୧ |
| ସମ୍ବଲପୁର | ୪୦.୫ | ୨୬.୯ |
| ସୁନ୍ଦରଗଡ଼ | ୩୮.୦ | ୨୨.୦ |
| ହୀରାକୁଦ | ୩୯.୭ | ୨୭.୪ |
| ତାଳଚେର | ୪୨.୫ | ୨୬.୭ |
| ଭବାନୀପାଟଣା | ୩୮.୫ | ୨୨.୫ |
| ବଲାଙ୍ଗୀର | ୪୦.୨ | ୨୫.୩ |
| କୋରାପୁଟ | ୩୩.୬ | ୧୯.୪ |
| ଫୁଲବାଣୀ | ୩୯.୦ | --- |
| ଟିଟିଲାଗଡ଼ | ୪୧.୦ | ୨୩.୫ |
| ମାଲକାନଗିରି | ୩୭.୪ | ୧୮.୪ |
| ସୋନପୁର | ୪୧.୦ | ୨୩.୦ |
| ଦାରିଙ୍ଗିବାଡ଼ି | ୩୪.୫ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍

## ହାସ୍ୟ ଅଭିନୟ କରିବାକୁ ଆଗ୍ରହୀ




ନୀନା ଗୁପ୍ତା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ନୀନା ଗୁପ୍ତା ହାସ୍ୟ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେ ୧୯୮୫ରେ ପ୍ରଥମକରି ଫିଲ୍ମ ଦୁନିଆରେ ପାଦ ଥାପିଥିଲେ। ତାହା ପରଠୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଅଭିନୟ ପାଇଁ ଅଫର ତାଙ୍କ ପିଛା ଛାଡିନି। ୨୦୧୮ରେ ତାଙ୍କ ଅଭିନୀତ ଫିଲ୍ମ ହେଉଛି 'ବଧାଇ ହୋ'। ୬୦ ବର୍ଷୀୟା ଅଭିନେତ୍ରୀ ବର୍ତ୍ତମାନ ହାସ୍ୟରସାତ୍ମକ ଅଭିନୟ କରିବାକୁ ଉତ୍କଣ୍ଠିତ ଥିବା ପ୍ରକାଶ କରିଛନ୍ତି। 'ପାଙ୍ଗା' ଅଥବା ଅକ୍ଷୟ କୁମାରଙ୍କ ଅଭିନୀତ 'ସୂର୍ଯ୍ୟବଂଶୀ'ରେ ନୀନା ମା' ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। କିନ୍ତୁ ସେ ଏଣିକି କମେଡି ରୋଲ୍‌ରେ ଦୃଶ୍ୟମାନ ହେବାକୁ ଚାହାନ୍ତି। ଏପରି କି ସେ ଅବସ୍ଥା ଓ ପରିସ୍ଥିତିକୁ ଚାହିଁ ଭଲ କମେଡି କରିପାରିବେ ବୋଲି ପ୍ରକାଶ କରିଛନ୍ତି। ଅଭିନୟ ପାଇଁ ତାଙ୍କୁ ଦୁଇଥର ଜାତୀୟ ପୁରସ୍କାର ମିଳିଛି। 'ବଧାଇ ହୋ' ପରେ ନେଟ୍‌ଫ୍ଲିକ୍ସ ଫିଲ୍ମ 'ମ୍ୟୁଜିକ୍ ଟିଚର', ଆମାଜନ୍ ପ୍ରାଇମ ଭିଡିଓ ୱେବ୍ ସିରିଜ୍ 'ମେଡ୍ ଇନ୍ ହେଭେନ' ଏବଂ ଫିଚର ଫିଲ୍ମ 'ଦି ଲାଷ୍ଟ କଲର'ରେ ନୀନାଙ୍କୁ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସେ ବ୍ୟସ୍ତତା ଭିତରେ ରହୁଥିବା ପ୍ରକାଶ କରିଛନ୍ତି।








# ବୁଢ଼ା ନଦୀରେ ବୁଡ଼ି ୨ ମୃତ

**ଯାଜପୁର ଟାଉନ,୧୪।୫(ଡି.ଏନ୍.ଏ.)**

ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତ ରୁଡିଆ ଆନିକଟ ବୁଢା ନଦୀରେ ମଙ୍ଗଳବାର ୨ଜଣ ଯୁବକ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଅପରାହ୍ନ ୩ଟାରେ ଯାଜପୁର ଟାଉନର ଫେମୁଲ ହୋଦାଙ୍କ ପୁଅ ଅନୱାର ହୁଲ (୨୦) ତାଙ୍କ ସାଙ୍ଗ କୁଆଖିଆ ରାଜେନ୍ଦ୍ରପୁରର ମୋଜସେମ୍(୨୦) ଓ ଅନ୍ୟ ୩ଜଣ ସାଙ୍ଗଙ୍କ ସହ ବୁଢ଼ାନଦୀ ଆନିକଟ ନିକଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବାବେଳେ ଅନୱାରଙ୍କ ଗୋଡ଼ ଖସି ଯିବାରୁ ସେ ନଦୀରେ ବୁଡ଼ିଯାଇ ଥିଲେ। ଏହାଦେଖି ମୋଜାସମ ତାଙ୍କୁ ରକ୍ଷା କରିବାକୁ ଯାଇ ନିଜେ ମଧ ବୁଡ଼ି ଯାଇଥିଲେ। ପରେ ଅନ୍ୟ ୩ଜଣ ସାଙ୍ଗ ଡରି ଯାଇ ଜୋରରେ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଖୋଜାଖୋଜି କରିଥିଲେ। ପ୍ରାୟ ୧ଘଣ୍ଟା ପରେ ଉଭୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ହସ୍ପିଟାଲରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## 'ଫନୀ'କୁ ୧୨ ଦିନ ବିତିଲା

# ଏବେ ବି ବିଜୁଳି ଅପହଞ୍ଚ

- ଆଜି ପୁରୀ, କୋଣାର୍କକୁ ଆସିପାରେ ବିଜୁଳି
- ଆଜିଠୁ ଖୋଲିବ ଆହାର କେନ୍ଦ୍ର
- ସହରାଞ୍ଚଳର କ୍ଷତି ୫୨୪ କୋଟି
- ୨୯୧ କି.ମି. ଡ୍ରେନ୍, ୨୭ ଆହାର କେନ୍ଦ୍ର ନଷ୍ଟ
- ବୈଷୟିକ ଶିକ୍ଷା ବିଭାଗର ୫୧ ଅନୁଷ୍ଠାନ କ୍ଷତିଗ୍ରସ୍ତ
- ବୋଲଗଡ଼ରେ ଝାଡ଼ାବାନ୍ତି

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ରାଜ୍ୟରେ ଅସହ୍ୟ ଗରମ ଓ ଗୁଳୁଗୁଳି ଲାଗି ରହିଛି। ବାତ୍ୟା 'ପନୀ' ଯିବାର ୧୨ ଦିନ ବିତିଗଲାଣି। ଏପର୍ଯ୍ୟନ୍ତ ପୁରୀ ଓ ଭୁବନେଶ୍ୱର ସହରରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରିନାହିଁ। ପୁରୀ ସହରକୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ପହଞ୍ଚି ନ ଥିବାବେଳେ ଭୁବନେଶ୍ୱର ସହରାଞ୍ଚଳରେ ୯୫ ପ୍ରତିଶତ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଅଳ୍ପ କେତେକ ଅଞ୍ଚଳକୁ ବାଦ୍ ଦେଲେ ସହରାଞ୍ଚଳର ସମସ୍ତ ଭାଗରେ ବିଦ୍ୟୁତ୍ ପୁନଃସଂଯୋଗ ଦିଆଯାଇଛି। ବୁଧବାର ପୁରୀ ଓ କୋଣାର୍କ ସହରକୁ ବିଦ୍ୟୁତ୍ ଯୋଗାଣ ଆରମ୍ଭ ହେବ ବୋଲି ସରକାର ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପୁରୀକୁ ଯାଇଥିବା ୧୩୨ କେଭି ବିଦ୍ୟୁତ୍ ଖୁଣ୍ଟ ନଷ୍ଟ ହୋଇଥିବାରୁ ଯୋଗାଣରେ ବିଳମ୍ବ ହେଉଛି ବୋଲି ମଙ୍ଗଳବାର ସୂଚନାଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଓ ଲୋକସମ୍ପର୍କ ସଚିବ ସଞ୍ଜୟ ସିଂ କହିଛନ୍ତି। ସେ କହିଛନ୍ତି ଯେ, ଭୁବନେଶ୍ୱରର ବିସିଡିଡି-୧ର ୪୪ଟି ଫିଡ଼ର କାର୍ଯ୍ୟକ୍ଷମ କରାଯାଇ ଏହା ଅଧୀନରେ ଥିବା ସମସ୍ତ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ସେହିପରି ବିସିଡିଡି-୨ରେ ୬୬ଟି ଫିଡ଼ର କାର୍ଯ୍ୟକ୍ଷମ ହୋଇଛି। ଏହି ଡିଭିଜନରେ ଥିବା ୯୭ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୯୫ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ବିଇଡ଼ିରେ ୨୬ଟି ଫିଡ଼ର ରହିଛି। ଏଥିରେ ୧୧ଟି ସହରାଞ୍ଚଳରେ ଥିବାବେଳେ ୧୫ଟି ଗ୍ରାମାଞ୍ଚଳରେ ରହିଛି। ଏହି ଡିଭିଜନରେ ଥିବା ୮୭ହଜାର ଉପଭୋକ୍ତାଙ୍କ ମଧ୍ୟରୁ ୮୦ହଜାରଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଉତ୍ତରା, ବାରଙ୍ଗ, କଳିଙ୍ଗନଗର, ଚନ୍ଦକା ଓ କେତେକ ବହୁତଳ ଆପାର୍ଟମେଣ୍ଟକୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଇ ଦିଆଯାଇ ନ ଥିବା ସିଂ ସୂଚନା ଦେଇଛନ୍ତି। ପୁରୀକୁ ଯାଇଥିବା ୨୨୦ କେଭି ଲାଇନର ୭୫ଟି ଟାୱାର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଚନ୍ଦକା ପୁରୀ ଲାଇନ୍‌ର ୧୩୨ କେଭିର ୨୫ଟି ଟାୱାର ନଷ୍ଟ ହୋଇଛି। ଖୋର୍ଦ୍ଧା ଓ ପୁରୀ ୩୨ କେଭି ଲାଇନ୍‌ର ୩୦ଟି ଟାୱାର କ୍ଷତିଗ୍ରସ୍ତ ହୋଇଛି। ନୂଆ ଟାୱାର ଜରିଆରେ ବିଦ୍ୟୁତ୍ ଯୋଗାଣ କରାଯିବ। ଏଥିପାଇଁ ୪୫ଟି ଗ୍ୟାଙ୍ଗ ଦିନରାତି କାମ କରୁଛନ୍ତି।


ବାତ୍ୟା ଯୋଗୁ ସହରାଞ୍ଚଳରେ ହୋଇଥିବା କ୍ଷତି ସମ୍ପର୍କରେ ସୂଚନା ଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ସଚିବ ଜି. ମାଥିଭାଥନନ କହିଛନ୍ତି ଯେ, ବାତ୍ୟାରେ ୧୩ଟି ଜିଲାର ୫୩ଟି ପୌରାଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ପାର୍କ, ଆହାର କେନ୍ଦ୍ର, ଟ୍ରାନ୍‌ଜିଟ୍ ହାଉସ୍, ଷ୍ଟ୍ରିଟ୍‌ଲାଇଟ୍, ଡ୍ରେନ, ରାସ୍ତା, କଲଭର୍ଟ ଆଦି କ୍ଷତିଗ୍ରସ୍ତ ହୋଇଛି। କଟକ, ଭୁବନେଶ୍ୱର ସମେତ ୧୩ଟି ଜିଲାର ୨୨ ପୌରାଞ୍ଚଳରେ ୨୯୧ କିଲୋମିଟର ଡ୍ରେନ୍, ୭୫୦କିମି ରାସ୍ତା, ୨୬୭କିମି କଲଭର୍ଟ, ୨୭ଟି ଆହାର କେନ୍ଦ୍ର ଏବଂ ୨୬,୮୨୧ ଏଲ୍‌ଇଡି ଲାଇଟ୍ ନଷ୍ଟ ହୋଇଛି। ଏସବୁକୁ ହିସାବ କଲେ ୫୩ଟି ପୌରାଞ୍ଚଳର ୫୨୪କୋଟି ଟଙ୍କାର କ୍ଷତି ହୋଇଛି। ବାତ୍ୟା ପରଠାରୁ ବନ୍ଦ ହୋଇଥିବା ଆହାର କେନ୍ଦ୍ର ବୁଧବାରଠାରୁ ଆରମ୍ଭ ହେବ। ପୂର୍ବଭଳି ସକାଳ ୧୧ଟାଠାରୁ କାର୍ଯ୍ୟକ୍ଷମ ହେବ। ବାତ୍ୟାଯୋଗୁ ବଡ଼ ବଡ଼ ପାର୍କ ନଷ୍ଟ ହୋଇଥିଲା। ସେଗୁଡ଼ିକରୁ ଅଧିକାଂଶ ପୁନରୁଦ୍ଧାର କରାଯାଇ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯାଇଛି। ବିଭିନ୍ନ ସ୍ଥାନରୁ କଠିନ ବର୍ଜ୍ୟବସ୍ତୁ ହଟାଇବା ପାଇଁ ୫୦୦୦ ପରିମଳ କର୍ମଚାରୀ, ୬୦୦ ଅଫିସର, ୯୪୩ ଜେସିବି, ଟ୍ରାକ୍ଟର, ଡମ୍ପର ଆଦି କାର୍ଯ୍ୟରେ ଲଗାଯାଇଛି। ବିଏମ୍‌ସିରୁ ଏପର୍ଯ୍ୟନ୍ତ ୪୯୦୦ ଟ୍ରିପ୍ ଏବଂ କଟକରୁ ୧୩୦୦୦ ଟ୍ରିପ୍ ବର୍ଜ୍ୟବସ୍ତୁ ହଟାଯାଇଛି। ପାନୀୟ ଜଳ ସମସ୍ତ ସହରକୁ ସ୍ୱାଭାବିକ କରାଯାଇଛି ବୋଲି ସେ କହିଛନ୍ତି। ଯଦି କୌଣସି ଅଞ୍ଚଳକୁ ପାନୀୟ ଜଳ ପହଞ୍ଚିନାହିଁ ତେବେ ସେମାନେ ୧୯୧୬କୁ ଫୋନ୍ କରି ଅଭିଯୋଗ ଜଣାଇପାରିବେ। ଭୁବନେଶ୍ୱରରେ ଏପର୍ଯ୍ୟନ୍ତ ୨୩୬୪ଟି ଅଧା ଉପୁଡ଼ା ଗଛକୁ ସିଧା କରାଯାଇଛି। ବାତ୍ୟା ଯୋଗୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୫୧ଟି ଅନୁଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ୩୦.୫୭ କୋଟି ଟଙ୍କା କ୍ଷତି ବୋଲି ପ୍ରାଥମିକ ଆକଳନ କରାଯାଇଛି। ଟେଲି ଯୋଗାଯୋଗରେ ସୁଧାର ଆସିଛି। ଖୋର୍ଦ୍ଧାରେ ୯୯ ଟେଲିଫୋନ୍ ଏକ୍ସଚେଞ୍ଜରୁ ୯୨ଟି କାର୍ଯ୍ୟକ୍ଷମ ହୋଇଥିଲାବେଳେ ପୁରୀ ଜିଲାର ୪୧ରୁ ୨୯ ଏବଂ କଟକ ସହରର ସମସ୍ତ ୭୭ଟି କାର୍ଯ୍ୟକ୍ଷମ ହୋଇଥିବା ସଞ୍ଜୟ ସିଂ ସୂଚନା ଦେଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲାରେ ୬୫ ପ୍ରତିଶତ ମୋବାଇଲ୍ ଟାୱାର କାର୍ଯ୍ୟକ୍ଷମ ଥିବାବେଳେ ପୁରୀ ୪୨ପ୍ରତିଶତ ଏବଂ କଟକରେ ୮୧ ପ୍ରତିଶତ କାର୍ଯ୍ୟକ୍ଷମ ରହିଛି। ଆସନ୍ତା ୨ଦିନ ମଧ୍ୟରେ ନେଟ୍‌ୱର୍କ ଶତପ୍ରତିଶତ ଆସିପାରେ ବୋଲି ସେ କହିଛନ୍ତି। ପୁରୀ ଓ ଭୁବନେଶ୍ୱରରେ ବାତ୍ୟା ନିରୋଧୀ ଟେଲିକମ୍ ଏବଂ ଶକ୍ତିବିଭାଗର ଭିତ୍ତିଭୂମି ସ୍ଥାପନ କରିବା ପାଇଁ ମଙ୍ଗଳବାର କେନ୍ଦ୍ର ଟେଲିକମ୍ ସଚିବଙ୍କ ସହ ଆଲୋଚନା କରାଯାଇଛି। ଖୋର୍ଦ୍ଧା ଜିଲାର ବୋଲଗଡ଼ରେ ୪ଟି ସାହିରେ ଭୋଜି ଖାଇବା ପରେ ଝାଡ଼ାବାନ୍ତି ହୋଇଥିବା ଖବର ମିଳିବା ପରେ ୩ଟି ମେଡ଼ିକାଲ ଟିମ୍ ସେଠାକୁ ଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି। ପୁରୀର ଗୋଲା ଏବଂ ଭୋଇସାହିରେ ଏଭଳି ଅଭିଯୋଗ ଆସିବା ପରେ ସେଠାକୁ ମୋବାଇଲ୍ ହେଲ୍‌ଥ ଟିମ୍ ପଠାଯାଇଛି। ରିଲିଫ୍ ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କ୍ଷତିଗ୍ରସ୍ତ ୫ଟି ଜିଲା ଓ ବିଏମ୍‌ସି ଅଞ୍ଚଳରେ ୧୭,୯୨,୧୨୫ ଉପଭୋକ୍ତାଙ୍କ ମଧ୍ୟରୁ ୧୬, ୧୦, ୯୬୮ଜଣଙ୍କୁ ଆର୍ଥିକ ସହାୟତା ଦିଆଯାଇଥିବାବେଳେ ୧୫, ୪୪, ୦୦୭ଜଣଙ୍କୁ ଚାଉଳ ଏବଂ ୪,୧୪,୩୦୬ ଜଣଙ୍କୁ ପଲିଥିନ୍ ଦିଆଯାଇଛି।






## ଗଛ ପକାଇ ମାଓବାଦୀଙ୍କ ରାସ୍ତା ଅବରୋଧ

**ବାଲିଗୁଡ଼ା,୧୪।୫(ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ମାଓବାଦୀମାନେ ପୁଣି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ସୋମବାର ମଧ ରାତିରେ ବାଲିଗୁଡ଼ା-କନ୍ଧମାଳ ମୁଖ୍ୟରାସ୍ତାର ପରୁଭଙ୍ଗା ଘାଟିରେ ଗଛକାଟି ରାସ୍ତା ଅବରୋଧ କରିଥିଲେ। ସେଠାରେ ପୋଷ୍ଟର ମଧ ଛାଡି ଯାଇଥିଲେ। ମଙ୍ଗଳବାର ସକାଳୁ ଏହା ଜଣାପଡ଼ିଥିଲା। ରାସ୍ତା ଉପରେ ଗଛ ପଡ଼ିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ବିଭିନ୍ନ ଗାଡ଼ି ଚାଳକ, ଯାତ୍ରୀ ଓ ଆଖପାଖ ଜନସାଧାରଣ ମିଶି ରାସ୍ତାରୁ ଗଛ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ତଥାପି ଲୋକଙ୍କ ମଧରେ ଭୟ ରହିଛି। ରାସ୍ତା ଅବରୋଧସ୍ଥଳରେ କେକେବିଏନ୍ ସଙ୍ଗଠନ ପକ୍ଷରୁ ଲଗା ଯାଇଥିବା ପୋଷ୍ଟରରେ ମେ ୧୩ ତାରିଖକୁ ସୁଡୁକୁମ୍ପା ଶହୀଦ ସାଥୀଙ୍କ ସ୍ମରଣ ଦିନ ଭାବେ ପାଳନ କରିବା ଓ ସୁଡୁକୁମ୍ପା ଶହୀଦ ସାଥୀଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ମେ ୧୫ରେ ୨୪ ଘଣ୍ଟିଆ କେକେବିଏନ୍ ଡିଭିଜନ୍ ବନ୍ଦକୁ ସଫଳ କରିବାକୁ ମାଓବାଦୀମାନେ ଆହ୍ୱାନ ଦେଇଛନ୍ତି। ସୁଡୁକୁମ୍ପା ଶହୀଦ ସାଥୀଙ୍କ ପ୍ରତିଶୋଧ ନେବା ପାଇଁ ପିଏଲ୍‌ଜିଏରେ ଭର୍ତ୍ତି ହେବା, ପୋଲିସ୍‌ର ଦମନ ଅତ୍ୟାଚାର ବିରୋଧରେ ଜନତା ସଶସ୍ତ୍ର ସଂଘର୍ଷକୁ ଜୋରଦାର କରିବା ଏବଂ ପୋଲିସ୍ ପାଖରେ ଆତ୍ମସମର୍ପଣ କରିଥିବା ପ୍ରତିବିପ୍ଳବୀ ରଙ୍ଗି ଓ ରାକେଶଙ୍କୁ ଜନତା କ୍ଷମା ନ ଦେବାକୁ ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଷ୍ଟର ଶେଷରେ କେକେବିଏନ୍ ଡିଭିଜନାଲ୍ କମିଟି, ଭାକପା (ମାଓବାଦୀ) ବୋଲି ଉଲ୍ଲେଖ ରହିଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ମାମୁନ ପରିବାରବର୍ଗ
ରାନି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୧୩ ବର୍ଷର ନାବାଳିକା ୭ ମାସ ଗର୍ଭବତୀ

**ଜୟପୁର,୧୪।୫(ଡି.ଏନ୍.ଏ.):** ଜଣେ ବିବାହିତ ବ୍ୟକ୍ତି ଜନୈକା ୧୩ବର୍ଷର ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ସମ୍ପୃକ୍ତ ନାବାଳିକା ଏବେ ୭ ମାସର ଗର୍ଭବତୀ ହେବା ଘଟଣା ଏଠାରେ ଆଲୋଚ୍ୟ ବିଷୟ ହୋଇଛି। ଅଭିଯୁକ୍ତ ଜଣକ ଏବେ ବାହାର ରାଜ୍ୟରେ କାମ କରିବାକୁ ଚାଲିଯାଇଛନ୍ତି। କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ତଥା ବି.ସିଂପୁର ଥାନା ଅଧୀନ ଏକ ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅଭିଯୁକ୍ତ ଉଦ୍ଧବ ସରକାରଙ୍କ ନାଁରେ ଏତଲା ଦିଆଯାଇଛି। ଉଦ୍ଧବ ବିବାହିତ ଏବଂ ଘରେ ତାଙ୍କର ୨ଟି ସନ୍ତାନ ମଧ୍ୟ ରହିଥିବା ଜଣାପଡ଼ିଛି।

# ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ଅବତରଣ କଲା ବିମାନ

ଢେଙ୍କାନାଳ ଅଫିସ, ୧୪।୫



ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ବିମାନ ଅବତରଣ କରିଛି।

- ପଶ୍ଚିମବଙ୍ଗ ବାୟୁସେନା ଶାଖା ବ୍ୟବହାର କରିବା ସମ୍ଭାବନା
- ୧୬ରେ ସ୍ଥିତି ପରଖିବେ ଅଧିକାରୀ

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ଏୟାରଷ୍ଟ୍ରିପ୍‌କୁ ପଶ୍ଚିମବଙ୍ଗର ଭାରତୀୟ ବାୟୁସେନା ଶାଖା ବ୍ୟବହାର କରିବା ସମ୍ଭାବନା ରହିଛି। ଏହାକୁ ନେଇ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି ପ୍ରକ୍ରିୟା। ମଙ୍ଗଳବାର କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ବିଭାଗ ତାଲିମ ପ୍ରତିଷ୍ଠାନର ଚିଫ୍ ଫ୍ଲାଇଟ୍ ଇନ୍‌ଷ୍ଟ୍ରକ୍ଟର କ୍ୟାପଟେନ୍ ଓ.ବି.କେ. ସିଂଙ୍କ ନେତୃତ୍ୱରେ କ୍ୟାପ୍ଟେନ ଓମ୍‌ପ୍ରକାଶ ସୁରୀ, ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ମନୋଜ କୁମାର ରାୟଙ୍କ ସମେତ ୨ଜଣ ପ୍ରଶିକ୍ଷାର୍ଥୀ ଏକ ସ୍ୱତନ୍ତ୍ର ବିମାନରେ ଏୟାରଷ୍ଟ୍ରିପରେ ଅବତରଣ କରିବା ସହ ସ୍ଥିତି ପରଖିଛନ୍ତି। ଆସନ୍ତା ୧୬ ତାରିଖରେ ବାୟୁସେନା ଅଧିକାରୀମାନେ ଏଠାକୁ ଆସି ଭିତ୍ତିଭୂମି ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାର ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର ବୀରାଶାଳରେ ୫୦ ଏକର ପରିମିତ ଅଞ୍ଚଳରେ ରହିଛି ପୁରାତନ ଏୟାରଷ୍ଟ୍ରିପ୍। ଏଠାରେ ଇନ୍ଦିରା ଗାନ୍ଧୀ, ବିଜୁ ପଟ୍ଟନାୟକଙ୍କ ଭଳି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିମାନରେ ଅବତରଣ କରିଛନ୍ତି। ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ଏହା ପରିତ୍ୟକ୍ତ ହୋଇପଡ଼ିଥିଲା। ଦୀର୍ଘଦିନ ପରେ ଏହା ଉପରେ ନଜର ପକାଇଥିଲା ବେସାମରିକ ବିମାନ ଚଳାଚଳ ବିଭାଗ। ଏୟାରଷ୍ଟ୍ରିପକୁ ବିମାନ ଉଡାଣ ତାଲିମ କେନ୍ଦ୍ର ପାଇଁ ବ୍ୟବହାର କରିବାକୁ ପ୍ରସ୍ତୁତ କରାଯାଇଥିଲା ବ୍ଲୁପ୍ରିଣ୍ଟ। ୨୦୧୭-୧୮ ଆର୍ଥିକ ବର୍ଷରେ ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୯ କୋଟି ୧୮ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ଏହାର ଭିତ୍ତିଭୂମି ବିକାଶ ଦାୟିତ୍ୱ ନେଇଥିଲା ପୂର୍ତ୍ତ ବିଭାଗ। ଯୁଦ୍ଧକାଳୀନ ଭିତ୍ତିରେ ରନ୍‌ଓ୍ୱେ, ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ କରାଯାଇଥିଲା। ଏଥିସହ ୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ସୁରକ୍ଷା ପାଚେରି। ୨୦୧୮-୧୯ରେ ସମସ୍ତ କାର୍ଯ୍ୟ ଶେଷ ହେବାପରେ ବିମାନ ଉଡାଣ ତାଲିମ ପାଇଁ ଏନ୍‌ଓସି ମଧ୍ୟ ମିଳିସାରିଛି। ଅପରପକ୍ଷେ ଭୁବନେଶ୍ୱରରୁ ତାଲିମ ପାଇଁ ପାଇଲଟମାନେ ଏଠାକୁ ଆସି ବିମାନ ଅବତରଣ କରିବା କୌଶଳ ଶିଖିବେ। ଏଥିସହ ପୁନର୍ବାର ଭୁବନେଶ୍ୱର ଅଭିମୁଖେ ଉଡ଼ାଣ କରିବା ଯୋଜନା ମଧ୍ୟ ରହିଛି। ଦୀର୍ଘଦିନର ପ୍ରତୀକ୍ଷା ପରେ ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ବିମାନ ଅବତରଣ କରିଥିବାରୁ ଜିଲାବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ବୀରାଶାଳ ଏୟାରଷ୍ଟ୍ରିପ୍‌କୁ ବିମାନ ଉଡ଼ାଣ ତାଲିମ ପାଇଁ ବ୍ୟବହାର କରାଯିବାକୁ ଯୋଜନା ରହିଛି। ଆବଶ୍ୟକ ଅନୁଯାୟୀ ଏହାର ଉନ୍ନତୀକରଣ କରାଯାଇଛି। ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ବିଭାଗର ଅଧିକାରୀମାନେ ଏୟାରଷ୍ଟ୍ରିପ୍ ପରିଦର୍ଶନ କରି ଫେରିଥିବା ସେ ସୂଚନା ଦେଇଛନ୍ତି।

## ୨୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ରାଜ୍ୟ ସଂଗ୍ରହାଳୟ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟ ସଂଗ୍ରହାଳୟ ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ପୂର୍ବରୁ ୧୫ତାରିଖ ପର୍ଯ୍ୟନ୍ତ ସଂଗ୍ରହାଳୟକୁ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବା ବେଳେ ମରାମତି କାମ ଶେଷ ହୋଇ ନ ଥିବାରୁ ପୁଣିଥରେ ଏହାକୁ ଘୁଞ୍ଚାଇ ଦିଆଯାଇଛି। ସଂଗ୍ରହାଳୟ ଉଦ୍ୟାନ, ସୌନ୍ଦର୍ଯ୍ୟକରଣ, ଝରକା ରେଲିଂ ସହ କେତେକ ଗ୍ୟାଲେରୀର କିଛି ଅଂଶ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିବାରୁ ମରାମତିରେ ବିଳମ୍ବ ହେଉଥିବା କୁହାଯାଇଛି। ସେହିଭଳି ବିଦ୍ୟୁତ୍ ଓ ପାନୀୟ ଜଳଯୋଗାଣ ସ୍ୱାଭାବିକ ହେବାର ଆବଶ୍ୟକତା ରହିଛି। ସଂଗ୍ରହାଳୟର ଅଧିକାଂଶ ଏସି ଖରାପ ହୋଇଯାଇଛି, ଯାହାକି ଏ ପର୍ଯ୍ୟନ୍ତ ସଜଡ଼ା ଯାଇପାରିନାହିଁ। ତେଣୁ ପରିସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ରାଜ୍ୟ ସଂଗ୍ରହାଳୟକୁ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ ରଖାଯିବ ବୋଲି ଅଧୀକ୍ଷକଙ୍କ ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ ବାତ୍ୟାରେ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ କିନ୍ତୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। 'ଫନୀ' ଦ୍ୱାରା ମ୍ୟୁଜିୟମ୍‌ର ସବୁଜିମା ପରିପୂର୍ଣ୍ଣ କ୍ୟାମ୍ପସ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବେଳେ ଏଠାରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିଲା। ହେଲେ ବାତ୍ୟା ପରଦିନଠାରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ ସଂଗ୍ରହାଳୟର ୫ ମୁଖ୍ୟ ପ୍ରକୋଷ୍ଠ ଏବେ ଖୋଲାଯାଇଛି। ମାତ୍ର ରାଜ୍ୟ ସଂଗ୍ରହାଳୟର ଆଭ୍ୟନ୍ତରୀଣ ଓ ଗ୍ୟାଲେରୀ ସେଭଳି କ୍ଷତିଗ୍ରସ୍ତ ହୋଇ ନ ଥିଲେ ମଧ୍ୟ କ'ଣ ପାଇଁ ଏତେଦିନ ପର୍ଯ୍ୟନ୍ତ ବନ୍ଦ ରହିଛି, ତାହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଏହାସହ ଗଣମାଧ୍ୟମ ପ୍ରତିନିଧିଙ୍କୁ ସଂଗ୍ରହାଳୟ ଭିତରକୁ ଛଡ଼ା ନ ଯିବା ଆହୁରି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୩୪ ବୁଥ୍‌ରେ ସାନି ମତଦାନ କାହା ସ୍ୱାର୍ଥରେ: ଭାଜପା

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଏକ ଖବରଦାତା ସମ୍ମିଳନୀ କରି ଆସନ୍ତା ୧୯ରେ ୩୪ଟି ବୁଥ୍‌ରେ ସାନି ମତଦାନ ହେବ ବୋଲି ଘୋଷଣା କରିଥିଲେ। ହେଲେ କେନ୍ଦ୍ରୀୟ ମୁଖ୍ୟ ନିର୍ବାଚନ ଆୟୋଗ ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହାନ୍ତି। ତେବେ କାହା ସ୍ୱାର୍ଥରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ସାନି ମତଦାନ କରିବା ପାଇଁ ଯାଉଛନ୍ତି ବୋଲି ଭାଜପା ପ୍ରଶ୍ନ କରିଛି। ଯେଉଁ ବୁଥ୍‌ରେ ଭାଜପା ଭଲ କରିବାର ଥିଲା ବିଜେଡି ସେହିଭଳି ୬୪ଟି ବୁଥ୍‌ରେ ରିଗିଂ ଏବଂ କ୍ୟାପଚରିଂ କରିଛି। ଏହି ସବୁ ବୁଥରେ ଆଉ ଥରେ ମତଦାନ କରିବା ଦାବିରେ ସମସ୍ତ ତଥ୍ୟ ପ୍ରମାଣ ସହ ଭାଜପା ଦାବିକରିଥିଲା। କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ। କୌଣସି ରାଜନୈତିକ ଦଳ ସେହି ୩୪ ବୁଥ୍‌ରେ ସାନି ମତଦାନ ପାଇଁ ଦାବି କରିନାହାନ୍ତି। ବେଆଇନ ଭାବେ କେନ୍ଦ୍ରୀୟ ନିର୍ବାଚନ କମିଶନଙ୍କ ବିନା ଅନୁମତି ମୁଖ୍ୟ ନିର୍ବାଚନ ଅଧିକାରୀ ସାନି ନିର୍ବାଚନ ପାଇଁ ନିଷ୍ପତ୍ତି ନେଲେ? ଏହା ବିରୋଧରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସାନି ମତଦାନ ହେବାକୁ ଥିବା ବୁଥ୍‌ରେ ବିଜେଡି ବର୍ତ୍ତମାନ ଟଙ୍କା ଓ ବାହୁବଳରେ ଦେଖାଇ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଛି। ତେଣୁ ଏହି ବୁଥ୍‌ଗୁଡିକରେ ସୁରକ୍ଷା ଦେବା ପାଇଁ ସିସିଟିଭି ମାଧ୍ୟମରେ କଡା ନଜର ରଖିବା ଏବଂ ସଶସ୍ତ୍ର ବଳକୁ ମୁତୟନ କରିବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: କାମଗୁଡ଼ିକୁ ସମ୍ପନ୍ନ କରିବାରେ କିଛି ଅସୁବିଧା ହେବନାହିଁ। ରହିଯାଇଥିବା ଫାଇଲ କାମଟିକୁ ଆଜିହିଁ ଆରମ୍ଭ କରିବାକୁ ମନ ବଳାଇବେ ଓ ଶେଷ ମଧ୍ୟ କରିପାରିବେ। ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ପାରିବାରିକ ଝମେଲା ସମାଧାନ ଆଡକୁ ଗତି କରିବ। କୃଷି, ବ୍ୟବସାୟ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ**: ଘରେ କିମ୍ବା ଅଫିସରେ ଏକ ସାଧାରଣ କଥାରେ ବିତର୍କ ହୋଇପାରେ। ସାଂଗଠନିକ କିମ୍ବା ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ବ୍ୟବସାୟ, ପରିବହନ ଓ ନିର୍ମାଣ, ଜମିଜମା କିମ୍ବା ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ**: ପାରିବାରିକ ସମସ୍ୟାର ସମାଧାନ ଘଟିବ, କିନ୍ତୁ ଏଥିପାଇଁ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡିବ। ବନ୍ଧୁମାନଙ୍କ ସହ ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ।

**କର୍କଟ**: ଆଜିର କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବ୍ୟବସାୟରେ ପ୍ରଚୁର ଲାଭରୁ ମନ ଖୁସି ରହିବ। ଅଫିସ୍ କାମର ବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କଚେରି ମାମଲା ମନ୍ଥର ହୋଇପାରେ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ**: ବନ୍ଧୁଙ୍କ ସାହାଯ୍ୟ ଆଜି ଆପଣଙ୍କ କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଅର୍ଥର ଅଭାବ ଲାଗି ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନିଜକୁ ଖାପ ଖୁଆଇ ଚଳିବା ଭଲ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ।

**କନ୍ୟା**: ସମସ୍ୟା ଜଡିତ ହେଲେ ମଧ୍ୟ ପ୍ରତ୍ୟେକ କାମକୁ କୌଶଳରେ ହାସଲ କରିପାରିବେ। ଯାନବାହନରେ ଲାଭ, ଦୋକାନ ବାଡିରେ ଉନ୍ନତି, ଅଚାନକ ଗୃହ ଭୂମି ଲାଭ ଯୋଗ ରହିଛି। କିନ୍ତୁ ଆଳସ୍ୟ ଓ ଅବହେଳିତ କାମରୁ ନିରାଶ ହେବାକୁ ପଡିପାରେ। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ତୁଳା**: ସକାଳୁ ସକାଳୁ କୌଣସି ଖବର ପାଇ ମନ ଖୁସି ହୋଇଯିବ। କଳା, ସଙ୍ଗୀତ ଆସର, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ବହୁତ ଅନୁନୟ ବିନୟ ପରେ ଧାର ସୂତ୍ରରେ ଅର୍ଥ ପାଇବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା**: ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜି କାମଗୁଡିକ ସହଜ ଓ ସୁବିଧାରେ ହୋଇଯିବ। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ଅନ୍ୟମାନଙ୍କ କ୍ଷେତ୍ରରେ ପାରିବାରିକ ସମ୍ପର୍କ ମଧୁର ରହିବ।

**ଧନୁ**: ଆଜି ଦିନଟିରେ ଆପଣଙ୍କୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବୃଥା ଭାବନାରେ ଭାସିଯାଇ ମାନସିକ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଖୁସି ରହିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମକର**: ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଏବଂ ଆଜି ଯାହାକୁ ଯାହା ମାଗିବେ ସେହି ବ୍ୟକ୍ତି କଦାପି ମନା କରିବେ ନାହିଁ। ଅବଶ୍ୟ ପରିବାରର ଲୋକମାନେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଭୁଲ୍ ବୁଝିବେ। କର୍ମକ୍ଷେତ୍ରରେ ପରସ୍ପର ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅଭାବ ଭିତରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**କୁମ୍ଭ**: ଚାହୁଁଥିବା କାମଟି ଠିକ୍ ସମୟରେ ନ ହୋଇପାରିବା କାରଣରୁ ମନ ଭଲ ଲାଗିବ ନାହିଁ। ପିଲାମାନଙ୍କ ବୈବାହିକ କର୍ମ ପାଇଁ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିର କରିବା ସକାଶେ ଚିନ୍ତା କରିପାରନ୍ତି। କେତେକ ସାଧାରଣ ଅସୁବିଧା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବ୍ୟବସାୟ ଓ ପରିବହନ ପାଇଁ କୌଣସି ଅସୁବିଧା ହେବନାହିଁ।

**ମୀନ**: ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସଭାସମିତିରେ ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟଗତ କାରଣରୁ କୌଣସି କାମ ଅଟକି ଯାଇପାରେ।

ଆଜି ବୃଷମାସ ବିଷ୍ଣୁପଦୀ ସଂକ୍ରାନ୍ତି, ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ମୋହିନୀ ଏକାଦଶୀ ବୁଧବାର, ମେ ୧୫ ତାରିଖ, ବିଶ୍ୱ ପରିବାର ଦିବସ, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, କର୍କଟ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଏକାଦଶୀର ବ୍ରତ, ଉପବାସ, ଦିବା ଘ୬।୫୧ମି. ଗତେ ଘ୮।୨୬ମି.ମଧ୍ୟେ ଅମୃତବେଳା। ଦିବା ଘ୧୦।୦୫ମି. ଗତେ ଘ୧୧।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୩ମି. ଗତେ ଘ୧।୨୦ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302

ଧରିତ୍ରୀ MATRIMONIAL

**BRIDE WANTED**

Divorcee groom JE 40, Engineer 43, Clerk 39 (caste-no-bar). 7873374269. D-66452

କୌଣସି ଜାତିର ଛାଡ଼ପତ୍ର ବା ସ୍ୱାମୀ ନଥିବା ପାତ୍ରୀ ସରକାରି ଚାକିରି କରିଥିବା କନ୍ୟାପାତ୍ରୀ ଆବଶ୍ୟକ। 38+, 8260793228, 8280507228. D-12477

Kumbhara boy 30, B.Tech (NIT) MBA (IIM) Engineer MNC: 9437555525. D-58083

**GROOM WANTED**

43 ବୟସ୍କା ସରକାରୀ ଚାକିରିଆ ଅବିବାହିତା ଗୁଡ଼ିଆ ଝିଅଙ୍କ ପାଇଁ ଯେକୌଣସି ଜାତି ବିବାହିତ/ଅବିବାହିତ ପୁଅ ଦରକାର। 7381460017. D-60833

automobile

**SALE**

Hyundai I10 sportz model 2010 run 22,000k.m. in excellent condition. 7008129593. D-12485

real estate

**SALE**

Jupiter Science back side, Per sqft. 300/- possession plot. 9777544478. D-56642

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Fully furnished 700sqft flat for sale at 2nd floor, Daru brahma apartment, Laxmi Talkies road, Ramachandi sahi, Puri. 09674665535, 9861032518. D-64769

New 1BR flat 597sqft. furnished with 4 wheeler garage near ITER, Khandagiri for sale. Contact: 9439331053. D-66522

Now Matrimonial ads. only on Wednesday & Sunday Book 1 Get 1 FREE

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366

to-let

Ground floor 2BHK, 2 wheeler potico, Bomikhal, Santoshi Kalyan Mandap, Bhubaneswar. 7978730629. D-12454

25,000 sqft of land near Dhauli on rent for any commercial use/marriage/function/events etc. For long term lease basis. Contact: 8917576258. D-12462

17'x10', 25'x21', 50'x21' shops, fully furnished, mainroad, Sahidnagar, Bhubaneswar. 9438344444. D-12482

Independent fully furnished house. 3BHK 1st floor parking, Kalpana family or Job Bachelors. Rent 18,000/- 9348888914. D-12486

Shop at NH-16, 260 sqft., Rasulgarh, Bhubaneswar. Phone: 9861031002, 8480830749. D-12489

healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66517

Experience full body massage with us (expert). Call: 7377048581, 0674-2597822. D-66518

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754. D-66520

Summer special mesmerizing offer expert therapeutic refreshing massage appointment. 9668374480. D-66521


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**AFFIDAVIT**

It is notified for the information that my original qualifying examination certificate of senior secondary examination of year 2017 and roll no. 6601014 issued by CBSE has been actually destroyed. Name of the candidate Samar Sekher Pattanayak full address:- At/Po-Azimabad Balasore 756001, phone No. 8637211379. D-12490

By virtue of an affidavit before the Notary Public Purushottampur (Ganjam), I Nirupama Nahak, D/o- Purushottam Nahak. I have married to one Gangadhara Pradhan. That after my marriage the surname has been changed from Nahak to Pradhan. I shall be known as Nirupama Pradhan for all purpose. D-12491

**EDUCATION**

MBBS (Clinical Medicine in English) at Kunming Medical University, China. Contact: School of Chinese Language, Kolkata. 7596011781-5, Dr. Dash-8249817936. D-12499

### ଜନ୍ମଦିନ ଶୁଭେଚ୍ଛା


(ରାନି)
**ଅର୍ଚ୍ଚିତା ପ୍ରିୟଦର୍ଶିନୀ**
ଝାରପଡ଼ା, ଭୁବନେଶ୍ୱର

ଆଜି ତୋର ୧୩ତମ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଦୀର୍ଘାୟୁ କାମନା କରୁଛୁ। ତୋର ଚଲାପଥ କୁସୁମିତ ହେଉ, ଏହାହିଁ କାମନା।

ଶୁଭେଚ୍ଛା ସହ
ବାବା, ମାମା, ବାବୁ, ବବୁଲୁ, ମାନସ, ଚିକୁନୁ, ବିକାଶ, ଲିଜା, ଲିନା, ଲକି, ପିଙ୍କି, ରିଙ୍କି, ସୋନି, ଲୋନି, ସ୍ନେହା, ନେହା, ଅଂଶୁ, ଗୁଲୁ।
ଧ-୧୨୪୮୪

### ଜନ୍ମଦିନ ଶୁଭେଚ୍ଛା


**ତ୍ରିଷ୍ଣା ତଲିନା (ମାମୁନ)**
କଣ୍ଟି, ଗୋପ, ପୁରୀ

ଆଜି ତୋର ଦଶମ ଜନ୍ମବାର୍ଷିକ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବିନମ୍ର ନିବେଦନ ତୋର ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁ ସଦା ସୁଖୀ ଓ ଦୀର୍ଘ ନିରାମୟ ଜୀବନଯାପନ କର ସର୍ବଦା ଖୁସି ରୁହ।
ଶୁଭେଚ୍ଛା ସହ: ଜେଜେ ବାପା, ଜେଜେ ମା, ସବୁ ଅଙ୍କଲ ଆଣ୍ଟି, ଭାଇ, ଅଜା, ଆଇ, ମାମୁ, ମାଇଁ, ଲିକି, ଲକି, ଗୁଡୁ, ଚିଣ୍ଟୁ, ଟ୍ୱିଙ୍କିଲ, ବାବା, ମାମା, ଏବଂ ସମସ୍ତ ପରିବାରବର୍ଗ। ଧ-୬୪୦୫୯

### ୧୩ତମ ଜନ୍ମଦିନ ଶୁଭେଚ୍ଛା


**କାହ୍ନୁଚରଣ ଦାସ (କାହ୍ନା)**
ମା ଭଗବତୀ ବସ୍ତି, ଭୁବନେଶ୍ୱର-୨

ଆଜି ତୁମର ୧୩ତମ ଜନ୍ମବାର୍ଷିକ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭେ ପ୍ରାର୍ଥନା କରୁଛୁ କି ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଦୀର୍ଘାୟୁ କରନ୍ତୁ ଏବଂ ସର୍ବଦା ବିଦ୍ୟା ବୁଦ୍ଧି ପ୍ରଦାନ କରନ୍ତୁ।

ଶୁଭେଚ୍ଛା ସହ
ଅଜା, ଆଇ, ମାମୁ, ମାଇଁ, ମୁନ୍ନା, ବୋଉ, ବିନୋଦ, ଗୁରୁଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୪୮୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

# ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

**(ଭାରତ ସରକାରଙ୍କ ଏକ ଉପକ୍ରମ)**

# ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

**କ୍ଷେତ୍ରୀୟ କାର୍ଯ୍ୟାଳୟ:** ବି/୨ ପର୍ଶ୍ଚିମ, ୨ୟ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ୨୫୪୫୧୭୦, ୨୫୪୨୭୧୧, ଇ-ମେଲ: 0815ro@iobnet.co.in & 0815law@iob.in
**ମଣ୍ଡଳ କାର୍ଯ୍ୟାଳୟ:** କୋଲକାତା, ୧୧୯, ହ୍ୱାଇଟ୍ ହାଉସ୍ ପାର୍କ ଷ୍ଟ୍ରିଟ୍, କୋଲକାତା-୭୦୦୦୧୬

## ସ୍ଥାବର/ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି

(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସର ରୁଲ୍ ୮(୬) ଓ ୯(୧) ଅନୁଯାୟୀ)

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) ଓ ୯(୧)ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି)**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ରଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ରଣଦାତାଙ୍କ ନିକଟରେ ବନ୍ଧକ ରହିଛି, ନିମ୍ନରେ ବର୍ଣ୍ଣିତ ରଣଗ୍ରହୀତା ଓ ଜାମିନ୍‌ଦାରମାନେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟକୁ ଅସୁଲ କରିବା ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ସୁରକ୍ଷିତ ରଣଦାତା) ର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଗଠନମୂଳକ ଦଖଲ ନେଇ **"ଯାହାବି ସେଠାରେ ଅଛି", "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି । ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା, ସମ୍ପତ୍ତି ବିବରଣୀ ଏବଂ ଅନ୍ୟାନ୍ୟ ବିବରଣୀ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ | ଶାଖାର ନାମ/ ରଣଗ୍ରହୀତା/ ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ |
|---|---|---|
| ୧. | **ଯୋବ୍ରା ଶାଖା, ଫୋନ୍: ୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ରଣଗ୍ରହୀତା: ମେସର୍ସ ମହାଲକ୍ଷ୍ମୀ ପେଟ୍ ଇଣ୍ଡଷ୍ଟ୍ରିଜ, ସତ୍ତ୍ୱାଧିକାରୀ: ଶ୍ରୀ ବିଶ୍ୱଜିତ୍ ପରିଡା, ପିତା-କ୍ଷେତ୍ରମୋହନ ପରିଡା, ସା:ଏସ୍-୩/୫, ନିଉ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଜଗତପୁର, କଟକ-୭୫୪୦୨୧, ବାସସ୍ଥାନ ଠିକଣା: ସା-ଗୋପାଳ ସାହି, ମଙ୍ଗଳାବାଗ, ଜିଲ୍ଲା-କଟକ, **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତି**, ପିତା-ଚନ୍ଦ୍ରମଣୀ ମହାନ୍ତି, ସା-ଗୋପାଳ ଜିଉ ଲେନ୍, ମଠ ସାହି, ତେଲେଙ୍ଗା ବଜାର, ଜିଲ୍ଲା: କଟକ-୭୫୩୦୦୯ । | **ଶ୍ରୀ ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କ** ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ଯାହା ପ୍ଲଟ ନଂ.୧୧୨୪, ଖାତା ନଂ.୮୭୦/୭, ମୌଜା-କଟକ ସହର, ୟୁନିଟ୍-୧୪, ଏରିଆ-୦.୦୨୭ ଡିସିମିଲି, ଗୃହ ଏରିଆ-୯୨୫ ବର୍ଗଫୁଟ, ଘର ନଂ.-୩୮୯, ଗୋପାଳ ଜିଉ ଲେନ୍, ମଠ ସାହି, ଜିଲ୍ଲା-କଟକ, ଓଡିଶାରେ ଅବସ୍ଥିତ । ଚଉହଦି: ଉତ୍ତର-ରତ୍ନାକର ଘଡେଇ, ପୂର୍ବ-ରାସ୍ତା, ପଶ୍ଚିମ-ବଂଶୀଧର ସ୍ୱାଇଁ, ଦକ୍ଷିଣ-ରମେଶ ଚନ୍ଦ୍ର ମହାନ୍ତି । |
| ୨. | **ଯୋବ୍ରା ଶାଖା, ଫୋନ୍: ୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ରଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜି ଏଜେନ୍ସିସ୍, ସତ୍ତ୍ୱାଧିକାରୀ:ଶ୍ରୀମତୀ ସୁଧା ତିବ୍ରେୱାଲ, ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ମନୋଜ କୁମାର ତିବ୍ରେୱାଲ, ପ୍ଲଟ ନଂ.: ୧୦୯୬, ରାଜେନ୍ଦ୍ର ନଗର, ପୋ-ମଧୁପାଟଣା, କଟକ-୭୫୩୦୧୦, ବାସସ୍ଥାନ ଠିକଣା: ପ୍ଲଟ ନଂ.୧୨୨୮, ମହାନଦୀ ବିହାର, କଟକ-୭୫୩୦୦୪ । | **ଶ୍ରୀ ମନୋଜ କୁମାର ତିବ୍ରେୱାଲଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହା ଫ୍ଲାଟ ନଂ.୧୮୩ ଏବଂ ୧୮୪, ୩ୟ ମହଲା, ଷ୍ଟଡ଼ିୟମ କମ୍ପ୍ଲେକ୍ସ, ଅନୁରୂପ ରେଭିନ୍ୟୁ ପ୍ଲଟ ନଂ.-୨୮୨, ଖାତା ନଂ.-୪୧, ମୌଜା-ଫଇକ୍ ନଗର, ଥାନା-ମଙ୍ଗଳାବାଗ, ତହସିଲି-କଟକ ସଦର, ଏରିଆ-୨୦୦୦ ବର୍ଗଫୁଟ, ଜିଲ୍ଲା-କଟକରେ ଅବସ୍ଥିତ । ଚଉହଦି: ଉତ୍ତର-ଜୟ ନଟିଆ, ପୂର୍ବ-ଭେଣ୍ଡର, ପଶ୍ଚିମ-ବକ୍ସବାଟି ରୋଡ, ଦକ୍ଷିଣ-ରାସ୍ତା । |
| ୩. | **ଯୋବ୍ରା ଶାଖା, ଫୋନ୍:୦୬୭୧-୨୫୪୮୦୩୨, ମୋ-୯୪୩୮୨୯୫୩୩୪** ରଣଗ୍ରହୀତା: ମେସର୍ସ ଜୀବଦାନୀ ଏଣ୍ଟରପ୍ରାଇଜେସ୍, ସତ୍ତ୍ୱାଧିକାରୀ: ସତ୍ୟଜିତ ପରିଡା, ପିତା-କ୍ଷେତ୍ରମୋହନ ପରିଡା, ଜାମିନ୍‌ଦାରମାନେ: (୧)ପୁଷ୍ପଲତା କବି, (୨)ସୁଲୋଚନା କବି/ପରିଡା, ଉଭୟଙ୍କ ବାସଗୃହ ଠିକଣା: ସା-ଗୋପାଳ ସାହି, ମଙ୍ଗଳାବାଗ୍, କଟକ । | **ସୁଲୋଚନା କବି ଏବଂ ପୁଷ୍ପଲତା କବିଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା- କଟକ ସହର, ୟୁନିଟ୍ ନଂ.-୨୨, ମିର୍‌କମଲ ପାଟଣା, ତହସିଲ୍ ନଂ.-୫, ଖାତା ନଂ.-୧୦୬୮/୪୩, ପ୍ଲଟ ନଂ.-୧୦୧୭, ଏରିଆ-ଏକର୦.୪୨ ଡିସିମିଲି, ଏହାର ଚଉହଦି: ପୂର୍ବ-ରାସ୍ତା, ପଶ୍ଚିମ-କୈଳାସ କବି (ଏସି ଷ୍ଟ୍ରିଟ୍), ଉତ୍ତର- ରାଜେଶ କବି, ଦକ୍ଷିଣ- ନର୍ସିଂ ହୋମ୍ । |
| ୪. | **ବାରବାଟି ଷ୍ଟାଡିଅମ୍ ଶାଖା, ଫୋନ୍: ୦୬୭୧-୨୩୦୦୨୭୦, ମୋ-୯୯୬୭୯୧୩୯୨୫** ରଣଗ୍ରହୀତା: ମେସର୍ସ ସାର୍କ ଫାର୍ମାସ୍ୟୁଟିକାଲ୍ସ, ସତ୍ତ୍ୱାଧିକାରୀ: ଶ୍ରୀ ନିରଞ୍ଜନ ପାତ୍ର, ପିତା-ନନ୍ଦ କିଶୋର ପାତ୍ର, ସା-ସାଇଲୋ ଝାରପଡା, ଝାରପଡା, କଟକ-୭୫୪୦୦୩, **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଚିରଞ୍ଜନ ସିଂହ**, ସା-ମହିଦାସ ବଜାର, ଚାନ୍ଦିନୀ ଚୌକ, ଜିଲ୍ଲା-କଟକ, ଓଡିଶା-୭୫୩୦୦୨ । | **ଶ୍ରୀ ଚିରଞ୍ଜନ ସିଂହଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହା ମୌଜା ନଂ.-୫, କଟକ ସହର ୟୁନିଟ୍ ନଂ.-୩୭, ବାଦାମବାଡି, ଥାନା-ମଧୁପାଟଣା, ଜିଲ୍ଲା-କଟକ, ଖାତା ନଂ.-୧୬୦, ପ୍ଲଟ ନଂ.-୩୧୯/୭୯୬, ହାଲ/ସାବକ ଖାତା ନଂ.-୩୯୧, ପ୍ଲଟ ନଂ.-୧୨୦୭, ୧୨୦୮, ଏରିଆ- ଏକର ୦.୦୫୧ ଡିସିମିଲିରେ ଅବସ୍ଥିତ । ଚଉହଦି: ଉତ୍ତର- ପ୍ଲଟ ନଂ.୩୨୦, ପୂର୍ବ-ରାସ୍ତା, ପଶ୍ଚିମ- ପ୍ଲଟ ନଂ.୨୯୧, ଦକ୍ଷିଣ-୭୯୭ (କ୍ରିମେସନ୍ ପଡିଆ) । |
| ୫. | **ବାରବାଟି ଷ୍ଟାଡିଅମ୍ ଶାଖା, ଫୋନ୍: ୦୬୭୧-୨୩୦୦୨୭୦, ମୋ-୯୯୬୭୯୧୩୯୨୫** ରଣଗ୍ରହୀତା: ମେସର୍ସ ଭାରତ ପ୍ଲାଏ ଆଣ୍ଡ ବ୍ରିକ୍ସ, ସତ୍ତ୍ୱାଧିକାରୀ: (୧)ଶ୍ରୀମତୀ ଝରଣା ରାଉତ, ସ୍ୱାମୀ: ଶ୍ରୀ ପ୍ରଶାନ୍ତ ରାଉତ, ସା-ମେଟ୍ରୋ ଗାର୍ଡେନ ଇଷ୍ଟେଟ୍, ପୋ-ତେଲେଙ୍ଗା ବଜାର, ଥାନା-ପୁରୀ ଘାଟ, କଟକ, (୨)ମହମ୍ମଦ ରଫିକ୍, ପିତା-ହାଜି ମହମ୍ମଦ ସୋହେବ, ସା-ତୁଳସୀପୁର (ଗୋରା କବର), ପୋ-ବକ୍ସି ବଜାର, ଥାନା-ବିଡାନାସୀ, କଟକ-୭୫୩୦୦୧ । | **ଶ୍ରୀ ପ୍ରଶାନ୍ତ କୁମାର ରାଉତ ଏବଂ ମହମ୍ମଦ ରଫିକ୍‌ଙ୍କ** ନାମରେ ଥିବା ଜମି ଏବଂ ଛୋଟ ଗୃହ ସହିତ କାରଖାନା ଗୃହ ଯାହାର ମୌଜା- ଅଟୁଡା, ଥାନା/ତହସିଲି- ସାଲେପୁର, ଜିଲ୍ଲା-କଟକ, ପ୍ଲଟ ନଂ.-୩୫୫୭, ଖାତା ନଂ.-୫୫୩, ଏରିଆ-ଏକର୧.୫୨୯ ଡିସିମିଲି, ଏହାର ଚଉହଦି: ପୂର୍ବ- ପ୍ଲଟ ନଂ.-୩୫୬୬, ୩୫୬୭, ୩୫୬୮, ୩୫୬୯, ପଶ୍ଚିମ- ପ୍ଲଟ ନଂ.୩୬୫୨, ୩୫୫୬, ଉତ୍ତର- ସରକାରୀ ଜଳସେଚିତ ଜମି, ଦକ୍ଷିଣ- ପ୍ଲଟ ନଂ.୩୬୫୨ । |
| ୬. | **ହରିପୁର ରୋଡ଼ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ରଣଗ୍ରହୀତା/ବନ୍ଧକଦାତା: ମେସର୍ସ ଷ୍ଟାଇଲୋ ଡ୍ରେସେସ୍, ଦୋକାନ ନଂ.-୩୪, ଆଲି ମାର୍କେଟ କମ୍ପ୍ଲେକ୍ସ, ସତ୍ତ୍ୱାଧିକାରୀ - ଶ୍ରୀ ସୁରେନ୍ଦ୍ର ସେନ୍, ପିତା-କୈଳାସ ସେନ୍, **ଜାମିନ୍‌ଦାର: ଶ୍ରୀମତୀ ବାସନ୍ତୀ ସେନ୍**, ଉଭୟଙ୍କ ବାସସ୍ଥାନ ଠିକଣା: ପ୍ଲଟ ନଂ.-୩୫୬/୩୭୪୬ ଏବଂ ୩୫୬/୩୪୦୪, ପୁରୁଣା ରାଉସପାଟଣା, ପୋ-ବକ୍ସିବଜାର, ଥାନା-ପୁରୀଘାଟ, ଜିଲ୍ଲା-କଟକ, ଓଡିଶା । | **ଶ୍ରୀ ସୁରେନ୍ଦ୍ର ସେନ୍‌ଙ୍କ** ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ପ୍ଲଟ ନଂ.-୩୫୬/୩୭୪୬ ଏବଂ ୩୫୬/୩୪୦୪, ଖାତା ନଂ.-୧୨୦୫/୮୮୩ ଏବଂ ୧୨୦୫/୫୩୪, ମୌଜା-ସାମନ୍ତ ସାହି, (ୟୁନିଟ୍-୨୩), ଥାନା-ପୁରୀଘାଟ, ତହସିଲି-କଟକ ସଦର, ଜିଲ୍ଲା-କଟକ, ଓଡିଶା, ପ୍ଲଟ ନଂ. ୩୫୬/୩୭୪୬ ର ଏରିଆ-ଏକର ୦.୦୦୭.୫ ଡିସିମିଲି ଏବଂ ପ୍ଲଟ ନଂ. ୩୫୬/୩୪୦୪ ର ଏରିଆ- ଏକର ୦.୦୧୫ ଡିସିମିଲି, ସମୁଦାୟ ଏରିଆ-ଏକର୦.୦୨୨.୫ ଡିସିମିଲିରେ ଅବସ୍ଥିତ । ଚଉହଦି: ଉତ୍ତର- ରାସ୍ତା, ପୂର୍ବ- ନାଗିନ୍ ସେନ୍, ପଶ୍ଚିମ-ସାଧାରଣ ଗଳି ରାସ୍ତା, ଦକ୍ଷିଣ- ଉପେନ୍ଦ୍ର ସେନ୍ । |
| ୭. | **ହରିପୁର ରୋଡ଼ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ରଣଗ୍ରହୀତା: ମେସର୍ସ ଗୁରୁକୃପା ବୋରୱେଲ, ସତ୍ତ୍ୱାଧିକାରୀ: ଶ୍ରୀ ବୈକୁଣ୍ଠ ବିହାରୀ ମୁଦୁଲୀ, ଜାମିନ୍‌ଦାର/ବନ୍ଧକଦାତା: ସଂଯୁକ୍ତା ମୁଦୁଲି, ସ୍ୱାମୀ-ବସନ୍ତ ମୁଦୁଲି, ଉଭୟଙ୍କ ଠିକଣା: ସା-ପ୍ଲଟ ନଂ.୩୯୬/୧୬୯୨, ଆଦିତ୍ୟ ନଗର, ପୋ-ନୂଆ ବଜାର, ଥାନା-ଚାଉଳିଆଗଞ୍ଜ, ଜିଲ୍ଲା-କଟକ, ଓଡିଶା । | **ସଂଯୁକ୍ତା ମୁଦୁଲିଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୬୫୦/୪୪, ପ୍ଲଟ ନଂ.-୩୯୬/୧୬୯୨, ଏରିଆ-ଏକର୦.୦୪୦ ଡିସିମିଲି, ମୌଜା-ପଇସା (ୟୁନିଟ୍-୨୮), ଥାନା-ଚାଉଳିଆଗଞ୍ଜ, ତହସିଲି-କଟକ ସଦର, ଜିଲ୍ଲା-କଟକ, ଓଡିଶା, ଚଉହଦି: ଉତ୍ତର-ପଙ୍କଜିନୀ ମିଶ୍ର (ପ୍ଲଟ ନଂ.-୩୯୬/୧୧୭୬), ଦକ୍ଷିଣ-ରାସ୍ତା, ପୂର୍ବ-ଊର୍ମିଳା ସାହୁ (ପ୍ଲଟ ନଂ.-୩୯୬/୧୧୭୫), ପଶ୍ଚିମ- ପଙ୍କଜିନୀ ମିଶ୍ର (ପ୍ଲଟ ନଂ.-୩୯୬/୧୧୭୭) । |
| ୮. | **ହରିପୁର ରୋଡ଼ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା: ମେସର୍ସ ବ୍ଲୁ ଇଞ୍ଜିନିୟର୍ସ ପ୍ରା.ଲି:, ପରିଚାଳନା ନିର୍ଦ୍ଦେଶକ: ବିଶ୍ୱଜିତ୍ ପୃଷ୍ଟି, ପ୍ଲଟ ନଂ.-୪୮, ଶକ୍ତି ନଗର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡିଶା, **ନିର୍ଦ୍ଦେଶକ: ମିନା ମଲ୍ଲିକ**, ପ୍ଲଟ ନଂ.-୪୭, ଶକ୍ତି ନଗର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡିଶା । | ଯନ୍ତ୍ରପାତିର ସମସ୍ତ ଅଂଶବିଶେଷ ଯାହାର ସିଏନ୍‌ସି ଲେଜ୍, ପ୍ଲାଜମା କଟିଂ, ମ୍ୟାଗ୍ନେଟିକ୍ ଡ୍ରିଲିଂ, ଅଟୋମେଟିକ୍ ୱେଲ୍ଡିଂ ସିଷ୍ଟମ, ହେଭି ଡ୍ରେଲିଂ ମେସିନ୍, ପ୍ଲେଟ ରୁଲର, ଡିଜେଲ ଜେନେରେଟର, ଅଟୋମେଟକ୍ କଟିଂ ସେଟ୍, ମେକରିଂ ଇନଷ୍ଟ୍ରୁମେଣ୍ଟସ୍, ହାଇଡ୍ରୋଲିକ୍ ଏବଂ ସ୍କ୍ରିଉ ଜ୍ୟାକ୍, ଲିଫ୍ଟିଂ ଟୁଲ୍ସ, ରେଡିଓଗ୍ରାଫି ସେଟ୍ କମ୍ପ୍ରେସର, ବ୍ଲାଷ୍ଟିଂ ମେସିନ୍, ପେଣ୍ଟି ଗନ୍ ସହିତ ମିକ୍ସଚର, ଇଲେକ୍ଟ୍ରିକାଲ୍ ଟେଷ୍ଟିଂ କିଟ୍ ଏବଂ ଆପାରେଟର୍ସ, ୬୩ କେଡବ୍ଲୁ ଟ୍ରାନ୍ସଫର୍ମର, ହାଇଡ୍ରୋଲିକ୍ ପ୍ରେସ୍ ବ୍ରେକ୍ ଗଜ ସହିତ ଡିଆରଓ, ଇଞ୍ଜିନ୍‌କଟ ସିଏନ୍‌ସି ପ୍ଲାଜମା ପ୍ରୋଫାଇଲ୍ କଟିଂ ସିଷ୍ଟମ୍ । ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ହରିପୁର ରୋଡ଼ ଶାଖାରେ ବନ୍ଧକପ୍ରାପ୍ତ । |
| ୯. | **ହରିପୁର ରୋଡ଼ ଶାଖା, ଫୋନ୍: ୦୬୭୧-୨୪୨୩୮୦୯, ମୋ-୯୪୩୯୦୭୮୩୯୦** ରଣଗ୍ରହୀତା/ବନ୍ଧକଦାତା: ମେସର୍ସ ମାମା ଏଜେନ୍ସି, ସତ୍ତ୍ୱାଧିକାରୀ: ଶ୍ରୀ ବୃନ୍ଦାବନ ପ୍ରହରାଜ, ପିତା-ଉପେନ୍ଦ୍ର ପ୍ରହରାଜ, **ଜାମିନ୍‌ଦାର/ବନ୍ଧକଦାତା: ଶ୍ରୀମତୀ ସଞ୍ଜିବନୀ ସୁଧା ଷଡଙ୍ଗୀ**, ସ୍ୱାମୀ-ଶ୍ରୀ ବୃନ୍ଦାବନ ପ୍ରହରାଜ, ସା/ପୋ-ଦୋଳମୁଣ୍ଡାଇ, ଥାନା/ଜିଲ୍ଲା-କଟକ, ଓଡିଶା-୭୫୩୦୦୧, ସ୍ଥାୟୀ ଠିକଣା: ସା-ଖରିବିଲ୍, ପୋ-ଏରଞ୍ଚ, ଥାନା- ନିଆଳି, ଜିଲ୍ଲା-କଟକ-୭୫୪୧୦୫, ଓଡିଶା, ବର୍ତ୍ତମାନ ଠିକଣା: ମାର୍ଫତ ପି.ସି ମଙ୍ଗରାଜ, ସା-କଡେଇ ସାହି, ରାଜା ବଗିଚା, ତଳତେଲେଙ୍ଗା ବଜାର, ଜିଲ୍ଲା-କଟକ-୭୫୩୦୦୯, ଓଡିଶା, ପିନ୍-୭୫୩୦୦୧ । | **(କ)ଶ୍ରୀମତୀ ସଞ୍ଜିବନୀ ସୁଧା ଷଡଙ୍ଗୀଙ୍କ** ନାମରେ ଥିବା ସରକାରୀ ଜମିର ସମସ୍ତ ଅଂଶବିଶେଷ ଯାହର ମୌଜା-ବାସୁଘାଇ, ଥାନା-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୩୯୦/୨୧୬, ପ୍ଲଟ ନଂ.-୨୫୧/୯୩୪, ଏରିଆ- ଏକର ୦.୦୩୦ ଡିସିମିଲି, ଏହର ଚଉହଦି: ପୂର୍ବ- ଚିନ୍ମୟୀ ତ୍ରିପାଠୀ, ପଶ୍ଚିମ- ଡ୍ରେନ୍, ଉତ୍ତର- ସବ୍ ପ୍ଲଟ ନଂ.୪୮୫, ଦକ୍ଷିଣ-ରାସ୍ତା । **(ଖ) ଶ୍ରୀ ବୃନ୍ଦାବନ ପ୍ରହରାଜଙ୍କ** ନାମରେ ଥିବା ଘରବାରୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା-ବାସୁଘାଇ, ଥାନା-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୩୯୦/୨୧୫, ପ୍ଲଟ ନଂ.-୨୫୧/୯୩୪/୧୦୩୫, ଏରିଆ-ଏକର୦.୦୩୫ ଡିସିମିଲି, ଏହର ଚଉହଦି: ପୂର୍ବ- ଚିନ୍ମୟୀ ତ୍ରିପାଠୀ, ପଶ୍ଚିମ- ଡ୍ରେନ୍, ଉତ୍ତର- ସବ୍ ପ୍ଲଟ ନଂ.୪୮୫, ଦକ୍ଷିଣ-ରାସ୍ତା । |
| ୧୦. | **ନନ୍ଦପୁର ଶାଖା, ଫୋନ୍: ୦୬୭୫୬-୨୫୦୨୨୦, ମୋ-୮୪୩୮୫୦୪୨୯୧** ରଣଗ୍ରହୀତା:ଶ୍ରୀ ଦେବାଶିଷ ମହାପାତ୍ର, ପିତା-ରାମଚନ୍ଦ୍ର ମହାପାତ୍ର, ଜାମିନ୍‌ଦାର/ବନ୍ଧକଦାତା: ଶ୍ରୀ ରାମଚନ୍ଦ୍ର ମହାପାତ୍ର, ଜାମିନ୍‌ଦାର: ଶ୍ରୀ ଶ୍ରୀକାନ୍ତ ମହାପାତ୍ର ଏବଂ ଝିନା ମହାପାତ୍ର, ସା-ଅଳାଇଡିହ, ପୋ-ବାଲୁଗାଁ, ଜିଲ୍ଲା-ଖୋର୍ଦ୍ଧା, ଓଡିଶା-୭୫୨୦୩୦ । | **ଶ୍ରୀ ରାମଚନ୍ଦ୍ର ମହାପାତ୍ରଙ୍କ** ନାମରେ ରେକର୍ଡ଼ଭୁକ୍ତ ଥିବା ଜମି ଏବଂ ଗୃହ ର ସମସ୍ତ ଅଂଶବିଶେଷ ଯାହା ମୌଜା-ଗୋପିକାନ୍ତପୁର, ଥାନା-ବାଣପୁର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.- ୧୩୪, ପ୍ଲଟ ନଂ.-୪୦୫, ଏରିଆ-ଏକର୦.୦୩୨ ଡିସିମିଲି, ପ୍ଲଟ ନଂ.-୪୦୬, ଚକ ନଂ.-୭୬, ଏରିଆ-ଏକର୦.୮୭୯ ଡିସିମିଲିରେ ଅବସ୍ଥିତ । ଚଉହଦି: ପୂର୍ବ-କଣ୍ଠ ମଙ୍ଗରାଜ, ପଶ୍ଚିମ-ନରସିଂହ ପ୍ରଧାନ, ଉତ୍ତର-ନରସିଂହ ପ୍ରଧାନ, ଦକ୍ଷିଣ- ରାମଚନ୍ଦ୍ର ମହାପାତ୍ର । |
| ୧୧. | **ନୟାଗଡ ଶାଖା, ଫୋନ୍: ୦୬୭୫୩-୨୫୨୪୬୫,୨୫୨୪୭୫** ରଣଗ୍ରହୀତା/ବନ୍ଧକଦାତା: ମେସର୍ସ ଜେନା ଟାୟାର ହାଉସ୍, ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଜେନା, ପିତା-ଶ୍ରୀ ସୁଦର୍ଶନ ଜେନା, ସୋ/ପୋ-ବସ୍‌ଷ୍ଟାଣ୍ଡ ରୋଡ, ନୟାଗଡ, ପିନ୍-୭୫୨୦୬୯, ଓଡିଶା, **ବନ୍ଧକଦାତା/ଜାମିନ୍‌ଦାର: ଶ୍ରୀମତୀ ବିଦ୍ୟୁଲତା ଜେନା**, ସ୍ୱାମୀ- ସୁଦର୍ଶନ ଜେନା, ସା/ପୋ-ଛାୟାପଥ ଲେନ୍, ନୟାଗଡ-୭୫୨୦୬୯, ଓଡିଶା । | **ଶ୍ରୀମତୀ ବିଦ୍ୟୁଲତା ଜେନାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ମୌଜା-ନୟାଗଡ, ଇଣ୍ଡିଆନ୍ ବ୍ୟାଙ୍କ ନିକଟ, ଜିଲ୍ଲା-ନୟାଗଡ, ପିନ୍-୭୫୨୦୬୯, ଖାତା ନଂ.-୧୨୧୯/୧୩୮, ପ୍ଲଟ ନଂ.-୧୩୫୦, ଏରିଆ-ଏକର୦.୧୪ ଡିସିମିଲି, ଚଉହଦି: ପୂର୍ବ-ରାସ୍ତା, ପଶ୍ଚିମ-ଅନ୍ୟମାନଙ୍କ ଜମି ଏବଂ ଘର, ଉତ୍ତର- ଖାଲି ଜାଗା, ଦକ୍ଷିଣ-ଖାଲି ଯାଗା । |
| ୧୨ | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ରଣଗ୍ରହୀତା: ଶ୍ରୀ ସ୍ୱରାଜ କୁମାର ଜେନା, ଜାମିନ୍‌ଦାର: ଶ୍ରୀ ଉମାକାନ୍ତ ଜେନା, ଉଭୟଙ୍କ ଠିକଣା: ସା-ମାନସଦା(କାଳିବାଗ), ପୋ-କଟିକଟା, ଭାୟା-ରାମବାଗ, ଜିଲ୍ଲା-ଯାଜପୁର-୭୫୫୦୧୪, ଓଡିଶା । | **ଶ୍ରୀ ଉମାକାନ୍ତ ଜେନାଙ୍କ** ନାମରେ ଥିବା ଜମି ଯାହାର ମୌଜା-ମନସଦା, ଥାନା/ଜିଲ୍ଲା-ଯାଜପୁର, ଖାତା ନଂ.-୨୫୩, ପ୍ଲଟ ନଂ.-୧୮୦୨, ୧୮୦୩, ଏରିଆ-ଏକର୦.୨୬ ଡିସିମିଲି । |
| ୧୩. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ରଣଗ୍ରହୀତାମାନେ: (୧)ଶ୍ରୀ ଭାରତ ରତ୍ନ ଜେନା, (୨)ଶ୍ରୀ ଦୁର୍ଯ୍ୟୋଧନ ଜେନା, ପିତା-ଏବାଇଧର ଜେନା, ଜାମିନ୍‌ଦାର: ଶ୍ରୀ ଦୁର୍ଯ୍ୟୋଧନ ଜେନା, ପିତା-ଏବାଇଧର ଜେନା, ସମସ୍ତଙ୍କ ଠିକଣା: ସା-ଚାନ୍ଦପୁର, ପୋ-ରାମବାଗ, ଜିଲ୍ଲା-ଯାଜପୁର । | **ଶ୍ରୀ ଦୁର୍ଯ୍ୟୋଧନ ଜେନାଙ୍କ** ନାମରେ ଥିବା ଜମି ଯାହାର ମୌଜା-ଚାନ୍ଦପୁର, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁର, ଖାତା ନଂ.-୨୧୨, ପ୍ଲଟ ନଂ.-୨୯୮, ଏରିଆ-ଏ.୦.୨୨ଡିସିମିଲି । |
| ୧୪. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ରଣଗ୍ରହୀତା: ଶ୍ରୀ ଅରୁଣ କୁମାର ମହାପାତ୍ର, ପିତା-ଶ୍ରୀ ଅଲେଖ ମହାପାତ୍ର, ଠିକଣା: ସା-ମିର୍ଜାପୁର, ପୋ-ନନ୍ଦିପୁର, ଜିଲ୍ଲା-ଯାଜପୁର, ଓଡିଶା । | **ଶ୍ରୀ ଅରୁଣ କୁମାର ମହାପାତ୍ରଙ୍କ** ନାମରେ ଥିବା ଜମି ଯାହାର ମୌଜା-ମିର୍ଜାପୁର, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁର, ଖାତା ନଂ.-୨୪୦, ପ୍ଲଟ ନଂ.-୧୮୧୨, ଏରିଆ-ଏକର୦.୦୪ ଡିସିମିଲି । |
| ୧୫. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ରଣଗ୍ରହୀତା: ଶ୍ରୀ ତପନ କୁମାର ବେହୁରିଆ, ପିତା-ଶ୍ରୀ ସୁରେନ୍ଦ୍ର ବେହୁରିଆ, ଠିକଣା: ସା-ଉଦୟପୁର, ପୋ-ଦଶରଥପୁର, ଜିଲ୍ଲା-ଯାଜପୁର, ଓଡିଶା । | **ଶ୍ରୀ ତପନ କୁମାର ବେହୁରିଆଙ୍କ** ନାମରେ ଥିବା ଜମି ଯାହାର ମୌଜା-ଉଦୟପୁର, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁର, ଖାତା ନଂ.-୩୯୩/୩୨, ପ୍ଲଟ ନଂ.-୬୫୬/୧୦୯୬, ଏରିଆ-ଏ.୦.୦୩ ଡିସିମିଲି । |
| ୧୬. | **ଦଶରଥପୁର ଶାଖା, ଫୋନ୍: ୦୬୭୨୮-୨୫୪୯୯୯, ମୋ-୭୦୦୮୨୮୨୮୫୧** ରଣଗ୍ରହୀତା: ଶ୍ରୀ ସୁବାସ ଚନ୍ଦ୍ର ରାଉତ, ପିତା-ଶ୍ରୀ ଭରତ ଚନ୍ଦ୍ର ରାଉତ, ଜାମିନ୍‌ଦାର: ଶ୍ରୀ ଭରତ ଚନ୍ଦ୍ର ରାଉତ, ଯାହାଙ୍କ ପୁତ୍ର ସୁବାସ ଚନ୍ଦ୍ର ରାଉତ, ଉଭୟଙ୍କ ଠିକଣା: ସା-ବିହିପୁର, ପୋ-ରାମବାଗ, ଜିଲ୍ଲା-ଯାଜପୁର, ଓଡିଶା । | **ଶ୍ରୀ ଭରତ ଚନ୍ଦ୍ର ରାଉତଙ୍କ** ନାମରେ ଥିବା ଜମି ଯାହାର ମୌଜା-ବିହିପୁର, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁର, ଖାତା ନଂ.-୧୪୭, ପ୍ଲଟ ନଂ.-୪୦୪, ଏରିଆ-ଏ.୦.୦୫ ଡିସିମିଲି । |
| ୧୭ | **ଚଣ୍ଡିଖୋଲ ଶାଖା, ଫୋନ୍: ୦୬୭୨୫-୨୨୬୨୫୬, ମୋ-୯୧୭୮୫୩୦୭୭୦** ରଣଗ୍ରହୀତା: ମେସର୍ସ କେ.ଆର୍. ମୋଟର୍ସ, ପାର୍ଟନରମାନେ: (୧)ଶ୍ରୀ ରଶ୍ମୀ ରଞ୍ଜନ ସୁଆର, ପିତା-ଏନୃସିଂହ ଚରଣ ସୁଆର, ସା-ଶ୍ୟାମଗୁଡିଆ, ପୋ-ବଗଡା, (ଏନ୍‌ଏଚ୍ ୫ଏ ନିକଟ), ଜିଲ୍ଲା-କେନ୍ଦ୍ରାପଡା, ପିନ୍-୭୫୪୨୧୨, (୨)କୁମୁଦ ରଞ୍ଜନ ସୁଆର, ପିତା-ଏନୃସିଂହ ଚରଣ ସୁଆର, (୩)କମଳା ସୁଆର, ସ୍ୱାମୀ:ଏନୃସିଂହ ଚରଣ ସୁଆର, ସା-ବଡବାରଙ୍ଗ, ପୋ-ବଳଦେବ ଜିଉ, ଜିଲ୍ଲା-କେନ୍ଦ୍ରାପଡା, ପିନ୍-୭୫୪୨୧୧ । | **କମଳା ସୁଆରଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୧୮୭୭, ପ୍ଲଟ ନଂ.-୮୨୭, ଏରିଆ-ଏ.୦.୧୯୦ ଡିସିମିଲି, ଏବଂ ଖାତା ନଂ.-୧୦୮୬, ପ୍ଲଟ ନଂ.-୮୨୯, ଏରିଆ-ଏ.୦.୬୪୫ ଡିସିମିଲି ଏବଂ ଶ୍ରୀ କୁମୁଦ ରଞ୍ଜନ ସୁଆରଙ୍କ ନାମର ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୯୮୭, ପ୍ଲଟ ନଂ.-୮୩୦, ଚକ ନଂ.-୭୮, ଏରିଆ-ଏ.୦.୩୨୦ ଡିସିମିଲି, ଉଭୟ ସମ୍ପତ୍ତିର ମୌଜା-ସାମଗୁଡିଆ, ଥାନା/ଜିଲ୍ଲା-କେନ୍ଦ୍ରାପଡା । |
| ୧୮. | **ଭୁବନେଶ୍ୱର ଶାଖା, ଫୋନ୍: ୦୬୭୪-୨୫୩୬୨୩୪/୪୪୩/୨୪୯** ରଣଗ୍ରହୀତା: ମେସର୍ସ ଆଶା ଏଣ୍ଟରପ୍ରାଇଜେସ୍, ସତ୍ତ୍ୱାଧିକାରୀ: ଶ୍ରୀ ଜ୍ୟୋତିପ୍ରକାଶ ନାୟକ, ପ୍ଲଟ ନଂ.-୧୩୨୪/ ୩୧୪୪, ଲିଙ୍ଗିପୁର, ପ୍ରଥମ ମହଲା, ଶ୍ରୀ ଗଣେଶ ହସ୍ପିଟାଲ ନିକଟ, ଭୁବନେଶ୍ୱର-୭୫୧୦୦୨, ଜାମିନ୍‌ଦାରମାନେ: (୧)ଶ୍ରୀମତୀ ସରସ୍ୱତୀ ପଟ୍ଟନାୟକ, ସ୍ୱାମୀ-ଜ୍ୟୋତିପ୍ରକାଶ ପଟ୍ଟନାୟକ, ପ୍ଲଟ ନଂ.-୧୩୨୪/୩୧୪୪, ଲିଙ୍ଗିପୁର, ପ୍ରଥମ ମହଲା, ଶ୍ରୀ ଗଣେଶ ହସ୍ପିଟାଲ ନିକଟ, ଭୁବନେଶ୍ୱର-୭୫୧୦୦୨, [illegible] | **(କ)ଶ୍ରୀ ଜ୍ୟୋତିପ୍ରକାଶ ନାୟକଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-[illegible], ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୪୦୦/୧୦୦, [illegible] ଏରିଆ-ଏକର୦.୧୦୦ ଡିସିମିଲି, **(ଖ)ଶ୍ରୀ ଜ୍ୟୋତିପ୍ରକାଶ ନାୟକଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-[illegible], ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୫୪୩୦/୪୭୦, [illegible] |
| ୧୯. | **ବାଲୁଗାଁ ଶାଖା, ଫୋନ୍: ୦୬୭୫୬-୨୫୧୧୭୪, ମୋ-୯୯୩୭୩୩୫୨୨୩** ରଣଗ୍ରହୀତା/ବନ୍ଧକଦାତା: କେ.କେ ସାହୁ ଆଣ୍ଡ କୋ. ପାର୍ଟନରସିପ ଫାର୍ମ, ସତ୍ତ୍ୱାଧିକାରୀ: ଶ୍ରୀ କେଦାର କୁମାର ସାହୁ, [illegible] | **ଶ୍ରୀ କେଦାର କୁମାର ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-[illegible] |
| ୨୦. | **ମଙ୍ଗଳପୁର ଶାଖା, ମୋ-୯୪୩୭୩୪୮୭୭୩** ରଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସତ୍ୟ ନାରାୟଣ ମଲ୍ଲିକ, [illegible] | **ଶ୍ରୀ ସତ୍ୟ ନାରାୟଣ ମଲ୍ଲିକଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା-[illegible], ଦକ୍ଷିଣ-ରାସ୍ତା । |
| ୨୧. | **ଯାଜପୁର ରୋଡ଼ ଶାଖା, ଫୋନ୍: ୦୬୭୨୬-୨୨୦୮୧୦, ମୋ-୭୦୭୭୦୭୫୧୫୮୪** ରଣଗ୍ରହୀତା: ମେସର୍ସ ଶର୍ମିଷ୍ଠା ଇଣ୍ଡଷ୍ଟ୍ରି, ସତ୍ତ୍ୱାଧିକାରୀ: ଶ୍ରୀମତୀ ଶର୍ମିଷ୍ଠା ମଞ୍ଜରୀ [illegible] | ଶ୍ରୀମତୀ ଶର୍ମିଷ୍ଠା ମଞ୍ଜରୀ [illegible] ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି [illegible] |
| ୨୨. | **ଯାଜପୁର ରୋଡ଼ ଶାଖା, ଫୋନ୍: ୦୬୭୨୬-୨୨୦୮୧୦, ମୋ-୭୦୭୭୦୭୫୧୫୮୪** [illegible] | [illegible] |
| ୨୩. | **ବାରିପଦା ଶାଖା, ଫୋନ୍: ୦୬୭୯୨-୨୫୭୭୯୭, ମୋ-୮୮୯୫୨୩୩୨୯୦** ରଣଗ୍ରହୀତା/ବନ୍ଧକଦାତା: ଗୋପିନାଥ ହେମ୍ବ୍ରମ, ସା/ପୋ-କଖାରୁ ସୋଲ, ଭାୟା/ଥାନା-ଚାନ୍ଦୁଆ, ଜିଲ୍ଲା-ମୟୁରଭଞ୍ଜ, ଓଡିଶା, ପିନ୍-୭୫୭୦୧୪ । | **ଗୋପିନାଥ ହେମ୍ବ୍ରମଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୨୬୬/୧୦୩, ପ୍ଲଟ ନଂ.-୧୫୫୫/୧୮୮୫, ଏରିଆ-ଏକର୦.୧୫୦ଡିସିମିଲି, କିସମ-ଘରବାରୀ, ମୌଜା-ଚାନ୍ଦୁଆ, ଥାନା-ଚାନ୍ଦୁଆ, ଜିଲ୍ଲା-ମୟୁରଭଞ୍ଜ, ଏହାର ଚଉହଦି: ପୂର୍ବ/ଉତ୍ତର-ଖୋଲା ଥିବା ଜମି, ପଶ୍ଚିମ-ରାସ୍ତା, ଦକ୍ଷିଣ-ରାସ୍ତା ଏବଂ ନଗେନ୍ଦ୍ର ନାଥ ମହନ୍ତ, *ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି କେବଳ ଏସ୍‌ଟି (ଅନୁସୂଚିତ ଜନଜାତି)ଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ । |
| ୨୪. | **ଢେଙ୍କାନାଳ ଶାଖା, ଫୋନ୍: ୦୬୭୬୨-୨୨୬୪୩୬, ମୋ-୯୪୩୭୦୮୧୪୭୭** ରଣଗ୍ରହୀତା: ମେସର୍ସ ମେଟ୍ରୋ ଗାର୍ଡେନ, ସତ୍ତ୍ୱାଧିକାରୀ-ଶ୍ରୀ ସରୋଜ କୁମାର ସାହୁ, ପିତା-ଶ୍ରୀ ମାୟାଧର ସାହୁ, ସା-ରତନପ୍ରଭା (ପୋଡପଡା, ପୋ-ହିନ୍ଦୋଳ ରୋଡ, ଥାନା-ମୋଟଙ୍ଗା, ଜିଲ୍ଲା-ଢେଙ୍କାନାଳ, ପିନ୍-୭୫୯୦୧୯ । | **ଶ୍ରୀ ସରୋଜ କୁମାର ସାହୁଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୧୮୮/୪୯୪୨, ଖାତା ନଂ.-୨୭୨/୧୩୬, ଏରିଆ-ଏକର୦.୨୯ ଡିସିମିଲି, ଥାନା-ମୋଟଙ୍ଗା, ଜିଲ୍ଲା-ଢେଙ୍କାନାଳ, ଏହାର ଚଉହଦି: ପୂର୍ବ-ଶ୍ରୀ ଜଗା ନାୟକ, ପଶ୍ଚିମ-ଶ୍ରୀ ପ୍ରହଲ୍ଲାଦ ବାରିକ, ଉତ୍ତର-ରେଙ୍ଗାଲି ରାଇଟ୍ କେନାଲ, ଦକ୍ଷିଣ-ଏନ୍‌ଏଚ୍-୪୨ । |
| ୨୫. | **ଧୁରୁକୁଡିଆ ଶାଖା, ମୋ-୭୮୯୮୬୧୩୧୩୯, ୭୩୫୪୧୬୨୨୨୪** ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା: ମେସର୍ସ ସର୍ପେଶ୍ୱର ଡାଲ୍ ମିଲ୍, ସତ୍ତ୍ୱାଧିକାରୀ-ଶ୍ରୀ ବିଜୟ କୁମାର ସ୍ୱାଇଁ, ସା-ଶ୍ରୀରଙ୍ଗାପୁର, ପୋ-ଧୁରୁଶିଆ, ଥାନା-ଖୁଣ୍ଟୁଣି, ଜିଲ୍ଲା-କଟକ-୭୫୪୦୨୭, ଓଡିଶା । | **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ ନଂ.୦୧, ଖାତା ନଂ.୦୧, ମୌଜା-ଶ୍ରୀରଙ୍ଗାପୁର, ଥାନା-ଗୁରୁଡିଝାଟିଆ, ପୋ-ଧୁରୁଶିଆ, ଏରିଆ-ଏକର୦.୮୩ ଡିସିମିଲି (୩୬୧୫୪ ବର୍ଗଫୁଟ), ଜିଲ୍ଲା-କଟକ, ପିନ୍-୭୫୪୦୨୭, ଓଡିଶା, ଏହାର ଚଉହଦି: ଉତ୍ତର-ପ୍ଲଟ ନଂ.୦୨, ପୂର୍ବ-ରାସ୍ତା, ପଶ୍ଚିମ-ପ୍ଲଟ ନଂ.୦୨, ଦକ୍ଷିଣ-ପ୍ଲଟ ନଂ.୦୧, ଏବଂ ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ ନାମରେ ଥିବା କଳକବଜା ଏବଂ ଯନ୍ତ୍ରପାତୀ (କଳକବଜା ଏବଂ ଯନ୍ତ୍ରପାତୀ ବିବରଣୀ: ଫଟକା, ୱ୍ରର୍ମ, ପୋକୁଲାର ମେସିନ୍ ସହିତ ମେସିନ୍, ପୋକୁଲାର କନେକ୍ଟ ଏଲିମିଟର, ଷ୍ଟୋନର, ଡ୍ରାୟର ସେକ୍ସନ, ଏଲିମିଟର ୫ଟି, ବ୍ରଫଲର, ବ୍ଲୋଓର, ରୋଜା ସହିତ ମୋଟର (୧୦ ଏଚ୍‌ପି)ଥିବାର ଚଲା ସହିତ ମୋଟର, ୪ଟି ଚଲା ସହିତ ମୋଟର)ଯାହାକି ପ୍ଲଟ ନଂ.୦୧, ଖାତା ନଂ.୦୧, ମୌଜା-ଶ୍ରୀରଙ୍ଗାପୁର, ଥାନା-ଗୁରୁଡିଝାଟିଆ, ପୋ-ଧୁରୁଶିଆ, ଜିଲ୍ଲା-କଟକ, ଓଡିଶା-୭୫୪୦୨୭ରେ ଅବସ୍ଥିତ । |

| କ୍ର. ନଂ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡ଼ିମାଣ୍ଡ/ ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତଅଧିକାରୀ/ସେବା ପ୍ରଦାନକାରୀଙ୍କ ନିକଟରେ ବିଡ୍ /ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ/ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡ଼ାକ କରିଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ ।) |
|---|---|---|---|---|---|---|---|
| ୧. | ଟ.୩୦,୯୫,୦୦୦/- | ଟ.୩,୦୯,୫୦୦/- | ଟ.୫୨,୪୬,୧୬୦/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୫.୦୪.୨୦୧୭ / ୦୫.୦୯.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨. | ଟ.୪୨,୫୪,୦୦୦/- | ଟ.୪,୨୫,୪୦୦/- | ଟ.୩୭,୦୧,୬୨୭/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୭.୦୪.୨୦୧୭ / ୧୯.୦୭.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୩. | ଟ.୫୯,୧୨,୨୦୦/- | ଟ.୫,୯୧,୨୨୦/- | ଟ.୩୫,୩୩,୪୭୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୩.୧୨.୨୦୧୬ / ୨୨.୦୩.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୪. | ଟ.୪୫,୯୦,୦୦୦/- | ଟ.୪,୫୯,୦୦୦/- | ଟ.୨୯,୫୧,୨୩୭.୫୬ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୫.୦୭.୨୦୧୭ / ୦୯.୧୦.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୫. | ଟ.୪୯,୮୯,୦୦୦/- | ଟ.୪,୮୯,୯୦୦/- | ଟ.୪୪,୭୬,୪୫୫/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୯.୦୬.୨୦୧୫ / ୧୦.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୬. | ଟ.୩୭,୪୫,୦୦୦/- | ଟ.୩,୭୪,୫୦୦/- | ଟ.୨୧,୧୫,୬୯୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୫.୦୭.୨୦୧୭ / ୨୦.୧୧.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୭. | ଟ.୨୯,୮୦,୦୦୦/- | ଟ.୨,୯୮,୦୦୦/- | ଟ.୪୨,୫୫,୭୫୭.୩୮ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୪.୦୪.୨୦୧୭ / ୧୧.୧୦.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୮. | ଟ.୧୧,୭୪,୦୦୦/- | ଟ.୧,୧୭,୪୦୦/- | ଟ.୧,୦୯,୭୭,୪୬୯.୭୪ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୨.୧୨.୨୦୧୭ / ୨୧.୦୮.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୯ (କ). | ଟ.୧୦,୭୫,୦୦୦/- | ଟ.୧,୦୭,୫୦୦/- | ଟ.୩୨,୮୭,୦୨୫.୩୩ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୦.୧୦.୨୦୧୮ / ୦୭.୦୨.୨୦୧୯ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୯ (ଖ). | ଟ.୧୨,୬୦,୦୦୦/- | ଟ.୧,୨୬,୦୦୦/- | | | | | |
| ୧୦. | ଟ.୩୪,୮୦,୦୦୦/- | ଟ.୩,୪୮,୦୦୦/- | ଟ.୯,୧୫,୨୮୪.୦୮ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୦.୦୭.୨୦୧୮ / ୨୦.୧୧.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୧. | ଟ.୨୮,୦୦,୦୦୦/- | ଟ.୨,୮୦,୦୦୦/- | ଟ.୨୦,୨୮,୯୮୫.୦୬ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୯.୦୧.୨୦୧୮ / ୦୪.୦୫.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୨. | ଟ.୬,୦୦,୦୦୦/- | ଟ.୬୦,୦୦୦/- | ଟ.୭,୫୦,୭୧୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୧.୦୩.୨୦୧୬ / ୦୮.୦୬.୨୦୧୬ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୩. | ଟ.୮,୦୦,୦୦୦/- | ଟ.୮୦,୦୦୦/- | ଟ.୪,୪୩,୪୬୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୫.୦୫.୨୦୧୬ / ୨୬.୦୭.୨୦୧୬ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୪. | ଟ.୫,୦୦,୦୦୦/- | ଟ.୫୦,୦୦୦/- | ଟ.୬,୪୫,୭୭୭/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୫. | ଟ.୫,୦୦,୦୦୦/- | ଟ.୫୦,୦୦୦/- | ଟ.୫,୩୮,୫୯୯/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୬. | ଟ.୭,୦୦,୦୦୦/- | ଟ.୭୦,୦୦୦/- | ଟ.୫,୨୫,୩୩୪/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୭.୦୬.୨୦୧୫ / ୧୧.୦୯.୨୦୧୫ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୭. | ଟ.୧,୮୭,୮୦,୦୦୦/- | ଟ.୧୮,୭୮,୦୦୦/- | ଟ.୧,୮୮,୭୮,୯୦୩.୪୮ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୨.୦୬.୨୦୧୨ / ୨୫.୦୮.୨୦୧୨ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୮ (କ). | ଟ.୬୧,୬୧,୭୦୦/- | ଟ.୬,୨୦,୦୦୦/- | ଟ.୧,୨୩,୨୯,୭୯୧.୮୭ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୨୧.୦୪.୨୦୧୭ / ୧୮.୦୭.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୧୮ (ଖ). | ଟ.୧୬,୦୦,୦୦୦/- | ଟ.୧,୬୦,୦୦୦/- | | | | | |
| ୧୯. | ଟ.୩୪,୫୫,୦୦୦/- | ଟ.୩,୪୫,୫୦୦/- | ଟ.୯,୬୨,୭୨୨/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୧୮ / ୨୦.୧୧.୨୦୧୮ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨୦. | ଟ.୯,୪୦,୦୦୦/- | ଟ.୯୪,୦୦୦/- | ଟ.୬,୩୮,୩୦୧/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୩୦.୧୦.୨୦୧୮ / ୦୫.୦୨.୨୦୧୯ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨୧. | ଟ.୭,୩୦,୦୦୦/- | ଟ.୭୩,୦୦୦/- | ଟ.୮,୬୬,୮୭୧/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୩୦.୦୧.୨୦୧୪ / ୩୦.୦୭.୨୦୧୪ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨୨ (କ). | ଟ.୬,୮୫,୦୦୦/- | ଟ.୬୮,୫୦୦/- | ଟ.୫,୫୧,୮୦୪/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୧୪.୦୫.୨୦୧୪ / ୩୦.୦୭.୨୦୧୪ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨୨ (ଖ). | ଟ.୬,୪୦,୦୦୦/- | ଟ.୬୪,୦୦୦/- | | | | | |
| ୨୩. | ଟ.୧୨,୯୦,୦୦୦/- | ଟ.୧,୨୯,୦୦୦/- | ଟ.୧୧,୪୦,୨୫୫/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୬.୦୨.୨୦୧୭ / ୨୬.୦୪.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨୪. | ଟ.୧,୨୧,୨୧,୩୦୦/- | ଟ.୧୨,୧୨,୧୩୦/- | ଟ.୧,୧୫,୫୦,୪୪୩/- +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୭.୦୬.୨୦୧୬ / ୧୯.୦୨.୨୦୧୬ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |
| ୨୫. | ଟ.୫୨,୭୮,୦୦୦/- | ଟ.୫,୨୭,୮୦୦/- | ଟ.୩୩,୨୮,୧୫୪.୫୭ +ସେବାବଦ ସୁଧ,ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | ୦୮.୦୬.୨୦୧୭ / ୦୫.୦୯.୨୦୧୭ | ୦୪.୦୬.୨୦୧୯ ପର୍ଯ୍ୟନ୍ତ | ୦୭.୦୬.୨୦୧୯ ଅପରାହ୍ଣ ୫ ଘଟିକା ପର୍ଯ୍ୟନ୍ତ | ୧୦.୦୬.୨୦୧୯ ପୂର୍ବାହ୍ଣ ୧୧.୦୦ ଘଟିକାରୁ ଅପରାହ୍ଣ ୧.୦୦ ଘଟିକା |

### ନିୟମ ଏବଂ ସର୍ତ୍ତାବଳୀ:

(୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ: **M/s. e-Procurement Technologies Ltd. (Auction Tiger)** ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ (୨) ଇ-ନିଲାମ ବିଡ୍ ଫାର୍ମ, ଘୋଷଣାନାମା, ଅନ୍‌ଲାଇନ୍ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବ ପୋର୍ଟାଲ **https://iob.auctiontiger.net** ରେ ଉପଲବ୍ଧ । (୩)ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟ୍‌ରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜୀକରଣ କରିବା ଦରକାର । ସେମାନଙ୍କୁ ସେବାପ୍ରଦାନକାରୀ ୟୁଜର ଆଇଡ଼ି ଏବଂ ପାସୱାର୍ଡ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରିପାରିବେ । (୪)ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ୍" ମାଧ୍ୟମରେ ପୋର୍ଟାଲ **https://iob.auctiontiger.net** କିମ୍ବା ବ୍ୟାଙ୍କର ମେଲ୍ ଆଇଡ଼ି **0815ro@iobnet.co.in & 0815law@iob.in** ରେ ଅମାନତ ରାଶି (**UTR** ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡ଼ି କାର୍ଡ଼/ଡ୍ରାଇଭିଂ ଲାଇସେନ୍ସ/ ପାସ୍‌ପୋର୍ଟ/ପ୍ୟାନ କାର୍ଡ଼/ଆଧାର କାର୍ଡ଼ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତପ୍ରାପ୍ତ ଅଧୀକାରୀଙ୍କଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରେ ବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ । (୫)ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକି **EFT/NEFT/RTGS** ମାଧ୍ୟମରେ **"IOB E-Auction EMD Account" ସହୀଦ ନଗର ଶାଖା, ଭୁବନେଶ୍ୱର** ଆକାଉଣ୍ଟ ନଂ. **087302000001058**, **(IFSC Code- IOBA0000873)** ସପକ୍ଷରେ ପଇଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ । ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ । (୬) ଅମାନତ ରାଶି ବିନା ପ୍ରସ୍ତାବଗୁଡ଼ିକ ବାତିଲ କରାଯିବ (୭) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡ଼ାକ ଦ୍ୱାରା ସମ୍ପନ୍ନ ହେବ । ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ ନଂ.୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ । ଇ-ନିଲାମ ବନ୍ଦ ହେବାର ପୂର୍ବ ୫ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ମିନିଟ୍ ବୃଦ୍ଧି ପାଇବ । (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ । କ୍ଷମତାପ୍ରାପ୍ତ ଅଧୀକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବାପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତି କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ । ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ । ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପଇଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ରଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ । (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ/ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ ପ୍ରଦାନ କରାଯିବ । (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା: ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ । (୧୧) କ୍ଷମତାପ୍ରାପ୍ତ ଅଧୀକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି । (୧୨) ସମ୍ପତ୍ତିଗୁଡ଼ିକ **"ଯାହାବି ସେଠାରେ ଅଛି", "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି"** ଭିତିରେ ବିକ୍ରୟ କରାଯିବ । ବ୍ୟାଙ୍କ ସମସ୍ତ ଜ୍ଞାତ ଏନକମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱକି ସେ ନିଲାମରେ ଅଂଶ ଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ । (୧୩) ଉପର ଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧୀକାର ଦିଆଯିବ । ଏହାବ୍ୟତିତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟୀତ୍ୱ ରହିବ ନାହିଁ । (୧୪) ସୁରକ୍ଷିତ ରଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ । (୧୫) ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କର ଇ-ମେଲ ଆଇଡ଼ି ମାଧ୍ୟମରେ ଜଣାଇଦିଆଯିବ । (୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ । କ୍ଷମତାପ୍ରାପ୍ତ ଅଧୀକାରୀ/ସୁରକ୍ଷିତ ରଣଦାତା କୌଣସି ତୃତୀୟ ପକ୍ଷର ଦାବୀ/ଅଧୀକାର/ଦେୟ ନିମନ୍ତେ ଦାୟୀ ରହିବେ ନାହିଁ । (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ ନମ୍ବରରେ ଜମା କରାଯିବ । ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ । (୧୮) ଇ-ନିଲାମ/ ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସମ୍ପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Authorized officer, Sri Lingaraj Gouda, Mob.: 9437141805, 7978370113,& Sri Siba Prasad Rath, Mob.: 8758623041, Indian Overseas Bank, Regional Office, Bhubaneswar, Phone No.: 0674-2540032, mail ID- 0815ro@iobnet.co.in & 0815law@iob.in** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ: **M/s. e-Procurement Technologies Ltd. (Auction Tiger), Contact Person- Ram Sharma - 08000023297, Rakesh Nayak - 9937220319, Land Line No. 079- 40230821/823/824/826/827/816/806, Toll free no. 18001035342, E-mail ID: orissa.auctiontiger.net, ramprasad@auctiontiger.net & support@auctiontiger.net, Website: https://iob.auctiontiger.net** . (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି : **ଟ.୩୦,୦୦୦/-** ରଖାଯାଇଛି । (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ଉପରେ ବର୍ଣ୍ଣିତ ରଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନିମନ୍ତେ **୧୫ ଦିନିଆ** ନୋଟିସ୍ ଅଟେ ।

ସ୍ଥାନ-ଭୁବନେଶ୍ୱର
ତାରିଖ- ୧୩.୦୫.୨୦୧୯

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ନୈତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି।

-ଶ୍ରୀଅରବିନ୍ଦ

# ଅବିଶ୍ୱସନୀୟ ଦୃଷ୍ଟାନ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଏକ ହିନ୍ଦୀ ଟେଲିଭିଜନ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ୧୯୮୭-୮୮ରେ ସେ ଡିଜିଟାଲ କ୍ୟାମେରା ବ୍ୟବହାର କରୁଥିଲେ। ଏପରି କି ଗୁଜରାଟର ବିରାମଗାମରେ ଏକ ସାଧାରଣ ସଭାରେ ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡ୍‌ଭାନୀଙ୍କ ରଙ୍ଗିନ ଡିଜିଟାଲ ଫଟୋ ଉଠାଇ ସେ ଦିଲ୍ଲୀକୁ ପଠାଇଥିଲେ। ପରଦିନ ଖବରକାଗଜରେ ରଙ୍ଗିନ ଫଟୋ ଦେଖି ଆଡ୍‌ଭାନୀ ଆଶ୍ଚର୍ଯ୍ୟ ହୋଇ ଏହା କିଭଳି ଆସିଲା ବୋଲି ପଚାରିଥିଲେ। ଏହି ସାକ୍ଷାତ୍‌କାର ପ୍ରସାରଣ ହେବା ପରେ ମୋଦିଙ୍କ ଦାବିକୁ ସମାଲୋଚନା କରାଯାଇଛି। ବିରୋଧୀ ତାଙ୍କୁ ମିଛର ଆଶ୍ରୟ ନେଉଥିବା ଜଣେ ନେତା କହୁଥିବା ବେଳେ ବୁଦ୍ଧିଜୀବୀ ଭାରତରେ ଯେତେବେଳେ ଡିଜିଟାଲ ବୈଷୟିକ ଜ୍ଞାନ ଆସି ନ ଥିଲା, ସେତେବେଳେ ସେ ଡିଜିଟାଲ ଫଟୋ କିଭଳି ଉଠାଇଲେ ବୋଲି ପ୍ରଶ୍ନ ଉଠାଇଛନ୍ତି।

ଇତିହାସ ଦେଖିଲେ, ଡିଜିଟାଲ କ୍ୟାମେରା ଚିନ୍ତା ୧୯୭୫ରେ ବୈଷୟିକବିତ୍‌ଙ୍କ ମୁଣ୍ଡକୁ ଜୁଟିଥିଲା। ଜାପାନର ଫୁଜି କମ୍ପାନୀ ପ୍ରଥମେ ୧୯୮୯ରେ ଡିଜିଟାଲ କ୍ୟାମେରା ବିକ୍ରି କରିଥିଲା। ତେଣୁ ମୋଦି କିଭଳି ଏଭଳି ଅତ୍ୟାଧୁନିକ କ୍ୟାମେରା ୧୯୮୭-୮୮ରେ ବ୍ୟବହାର କଲେ, ଏହା ଅଦ୍ଭୁତ ଲାଗିବା ସ୍ୱାଭାବିକ ଏବଂ ତାହା କେଉଁ କମ୍ପାନୀ ଦ୍ୱାରା ନିର୍ମିତ ଚିନ୍ତା କରିବା କଷ୍ଟକର। ଅନୁରୂପ ଭାବେ ପ୍ରଥମେ ଆମେରିକାର ପ୍ରତିରକ୍ଷା ବିଭାଗ ଆଡଭାନ୍ସଡ୍ ରିସର୍ଚ୍ଚ ପ୍ରୋଜେକ୍ଟସ୍ ଏଜେନ୍ସି ନେଟ୍‌ୱର୍କ (ଅର୍ପାନେଟ୍) ୧୯୭୩ରେ ଇ-ମେଲ୍ ବ୍ୟବହାର କରିଥିଲା। ଭାରତରେ ଏଜୁକେଶନାଲ ରିସର୍ଚ୍ଚ ନେଟ୍‌ୱର୍କ (ଇର୍‌ନେଟ୍) ୧୯୮୬ରେ ଇଣ୍ଟରନେଟ୍ ବ୍ୟବହାର କରିଥିଲା। କିନ୍ତୁ ଜନସାଧାରଣଙ୍କ ନିକଟରେ ଏହି ସୁବିଧା ଉପଲବ୍ଧ ଲାଗି ଏକ ଦଶନ୍ଧି ଲାଗିଯାଇଥିଲା। ଅର୍ଥାତ୍ ପ୍ରାୟ ୧୯୯୬ ମସିହା ବେଳକୁ ଭାରତୀୟମାନେ ଏହାର ଉପଯୋଗ ଲାଗି ସୁଯୋଗ ପାଇଥିଲେ। ହେଲେ ପ୍ରଧାନମନ୍ତ୍ରୀ ମୋଦି ଦାବି କରୁଛନ୍ତି ଯେ, ୧୯୮୭-୮୮ରେ ସେ ଆଡ୍‌ଭାନୀଙ୍କ ଫଟୋ ଗୁଜରାଟରୁ ଦିଲ୍ଲୀକୁ ଇ-ମେଲ୍ କରିଥିଲେ। ଉଭୟ କଥାର ସମୟଖଣ୍ଡକୁ ତୁଳନା କଲେ ମୋଦିଙ୍କ ମନ୍ତବ୍ୟ ଅସତ୍ୟ ମନେହେଉଛି। ସୋସିଆଲ ମିଡିଆରେ ତାଙ୍କ ଉକ୍ତିକୁ ବହୁଳ ଭାବେ ଟ୍ରୋଲ (ନିନ୍ଦା) କରାଯାଉଛି। କଂଗ୍ରେସ ନେତା ତେହସିନ ପୁନାୱାଲା ଟୁଇଟ୍ କରି କହିଛନ୍ତି ଯେ, ଡିଜିଟାଲ କ୍ୟାମେରା କିମ୍ବା ଇ-ମେଲ୍‌କୁ ନେଇ ମୋଦିଙ୍କୁ ତାଚ୍ଛଲ୍ୟ କରିବେ ନାହିଁ। ଯଦି ୧୯୮୭-୮୮ରେ ଜଣେ ଗରିବ ଚା ବାଲା ନିଜ ବିଳାସ ପାଇଁ ଏସବୁ କିଣିପାରିଛନ୍ତି, ତେବେ ରାଜୀବ ଗାନ୍ଧୀ କିଭଳି ବିକାଶ ଆଣିଥିଲେ ତାହା ଏଥିରୁ ଚିନ୍ତା କରାଯାଉ। ଏଥିରୁ ବୁଝିବାକୁ ହେବ ଯେ, ମୋଦି ଏବେ ଯେଉଁ ବିକାଶ କଥା କହୁଛନ୍ତି, ଯଥେଷ୍ଟ ପୂର୍ବରୁ ସମ୍ଭବତଃ ଏ ଦେଶ ପ୍ରଯୁକ୍ତିବିଦ୍ୟାରେ ବହୁ ଆଗରେ ରହିଥିଲା। ତେବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ନେଇ ମୋଦିଙ୍କ ଏବର ଦାବି ନୂଆ ନୁହେଁ ବୋଲି କୁହାଯାଇପାରିବ। କେନ୍ଦ୍ରରେ କ୍ଷମତାସୀନ ହେବା ପରେ ମୋଦି କହିଥିଲେ, ଭାରତୀୟଙ୍କୁ ଆବହମାନ କାଳରୁ ପ୍ଲାଷ୍ଟିକ୍ ସର୍ଜରି ଜଣାଥିଲା। ଏହାର ଦୃଷ୍ଟାନ୍ତ ଦେବାକୁ ଯାଇ ଗଣେଶଙ୍କ କାନ୍ଧରେ ହାତୀ ମୁଣ୍ଡ ଲଗାଯିବା ବିଷୟ ଅବତାରଣା କରିଥିଲେ।

ଆଜିର ଅତ୍ୟାଧୁନିକ ବିଜ୍ଞାନଯୁଗରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଗବେଷଣା ଓ ବାସ୍ତବ ଅନୁଧ୍ୟାନ କରି ନୂତନ ଉଦ୍ଭାବନ କରିବାରେ ବ୍ୟସ୍ତ ଥିବା ବେଳେ ଆମ ଦେଶର ରାଜନୈତିକ ନେତୃତ୍ୱ ଅବାସ୍ତବ ଓ ମନଗଢ଼ା କାହାଣୀକୁ ବିଜ୍ଞାନସମ୍ମତ କରିବାକୁ ଚାହୁଁଥିବା ଆଦୌ ଗ୍ରହଣୀୟ ହେଉନାହିଁ। ଏହାଦ୍ୱାରା ଅନ୍ଧବିଶ୍ୱାସ ପ୍ରସାରଲାଭ କରିବା ସହ ଦେଶବାସୀଙ୍କୁ ପଛକୁ ନେଇଯିବାର ପ୍ରୟାସ କରାଯାଉଛି ବୋଲି କୁହାଯାଇପାରେ। ଯେଉଁ ଜାତି ବୈଜ୍ଞାନିକ ମିଜାଜ୍ ନେଇ ଆଗକୁ ବଢ଼ିବ ନାହିଁ, ତାହା ବିଶ୍ୱ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବ ନାହିଁ। ଗୋଟିଏ ପଟେ ପୌରାଣିକ ଚିନ୍ତାଧାରା ଉପରେ ବିଶ୍ୱାସ କରିବାକୁ କୁହାଯାଉଥିବା ବେଳେ ଅନ୍ୟପଟେ ସୁପରପାୱାର ହେବାର ସ୍ୱପ୍ନ ଦେଖାଇବା ବିରୋଧାଭାସ ସ୍ଥିତି ସୃଷ୍ଟି କରୁଛି। ଏଭଳି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଉଥିବା ବ୍ୟକ୍ତି ବାସ୍ତବଧର୍ମୀ ହେବା ସହ ସତ୍ୟବାଦୀ ହେବା ବାଞ୍ଛନୀୟ।

## ଚିରନ୍ତନୀ

ପାହାଡ କଟିରେ ଉଡଇ ବିହଗ ଦୁଇ
ନ ପାରଇ ତା'ର ତୁଙ୍ଗ ଶିଖର ଛୁଇଁ।
ପ୍ରତୀଚୀ ଗଗନେ ବୁଲାଏ ପଥିକ ଆଖି
ଆଉ ବେଳ କେତେ ରହିଚି ତା' ପାଇଁ ବାକି ?
ମାନସେ ନାଚଇ ପାହାଡ ସେପାଖ ଛବି
କେଉଁ ଘରବାଡେ ହସୁଥିବ ଏହି ରବି!
କେଉଁ ଗ୍ରାମପଥେ କୁଟିର ଆଠ କି ଦଶ
ଡାହାଣିଆ ଖରା ହସୁଥିବ ଶେଷ ହସ।

(ଏହି ଯେ ପାହାଡ଼)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | D | 1 | | | A | | 3 | | |
| 6 | | | | 0 | 2 | | E | | 9 | | | | | 1 |
| 2 | 9 | | | | B | | | | | | E | | | 5 |
| | | D | | | 1 | | | B | | | | 7 | 0 | 2 |
| | | | | | | 9 | | 2 | | 4 | | | C | |
| 9 | 5 | | 8 | | 6 | | 3 | | | B | 2 | | | |
| | | 4 | 1 | A | 9 | | | | | E | | | B | |
| | 3 | 8 | | | 7 | A | 5 | | 0 | | | | 6 | |
| C | | | | | | 8 | | | | | | | | A |
| | | | | 3 | | 2 | | | | 9 | | | | D |
| A | | 3 | 2 | | | 7 | | | 6 | | | | | |
| | 4 | 0 | C | | | 6 | A | 3 | | | | 8 | 5 | |
| | | | | 4 | A | | 0 | | | 8 | 1 | | | C |
| | | 6 | | 5 | 8 | | | 4 | | D | | 9 | | |
| | | 9 | B | 6 | D | | 2 | | E | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | C | D | 4 | 8 | B | 1 | 7 | 6 | 0 | 9 | E | A | 2 | 3 |
| 3 | 6 | 8 | 5 | E | A | D | 4 | 2 | B | C | 1 | 0 | 9 | 7 |
| 2 | 1 | 9 | 0 | 7 | D | 5 | A | C | 3 | 4 | 6 | 8 | E | B |
| 4 | 0 | A | 2 | 9 | 6 | 3 | E | B | 5 | 7 | 8 | D | C | 1 |
| 7 | E | B | 3 | C | 1 | 9 | 8 | 0 | A | 2 | D | 4 | 6 | 5 |
| E | A | 2 | 1 | 3 | 0 | C | B | 7 | 6 | D | 4 | 5 | 8 | 9 |
| 1 | 8 | 7 | E | 5 | C | 6 | 9 | 4 | 2 | A | 3 | B | 0 | D |
| 6 | B | C | 7 | A | 2 | 0 | 5 | D | E | 8 | 9 | 3 | 1 | 4 |
| 0 | D | 4 | 8 | B | 9 | E | 2 | 3 | 7 | 1 | 5 | C | A | 6 |
| 9 | 5 | 3 | D | 6 | 4 | A | 1 | 8 | C | B | 0 | 2 | 7 | E |
| A | 4 | E | B | 1 | 3 | 7 | D | 9 | 8 | 0 | C | 6 | 5 | 2 |
| 8 | 9 | 6 | A | D | E | 2 | 0 | 5 | 4 | 3 | 7 | 1 | B | C |
| B | 7 | 5 | C | 0 | 8 | 4 | 3 | E | 1 | 6 | 2 | 9 | D | A |
| C | 2 | 1 | 9 | 4 | 5 | 8 | 6 | A | D | E | B | 7 | 3 | 0 |
| D | 3 | 0 | 6 | 2 | 7 | B | C | 1 | 9 | 5 | A | E | 4 | 8 |

ଗତକାଲିର ଉତ୍ତର

# ସଜ ସମ୍ପତ୍ତି - ବାସି ସମ୍ପତ୍ତି



ନାରାୟଣ ପଣ୍ଡା

କୌଣସି ଏକ ଜନପଦରେ ଜନୈକ ଧନୀ ବ୍ୟବସାୟୀ ବାସକରୁଥିଲେ। ଅଚଳାଚଳ ସମ୍ପତ୍ତିର ମାଲିକ ଥିବା ବ୍ୟବସାୟୀଙ୍କର ନିକଟବର୍ତ୍ତୀ ଗ୍ରାମପୁଞ୍ଜରେ ଥିଲା ଯଥେଷ୍ଟ ସମ୍ମାନ ଓ ପ୍ରତିଷ୍ଠା। ଘରେ ତାଙ୍କର ସ୍ତ୍ରୀ ଓ ଏକମାତ୍ର ପୁତ୍ର। ଦାସଦାସୀ ତଥା ବନ୍ଧୁ ଓ କୁଟୁମ୍ବଙ୍କ ସହିତ ସୁଖଶାନ୍ତିରେ ଅତିବାହିତ ହେଉଥିଲା ତାଙ୍କ ଜୀବନ। ସବୁଦିନ ସମାନ ଯାଏନାହିଁ। ଏକ ଭୟଙ୍କର ରୋଗରେ ପୀଡିତ ହୋଇ ସେ ସଂସାର ତ୍ୟାଗକରନ୍ତି। ତାଙ୍କ ବିଧବା ସ୍ତ୍ରୀ ଓ ପୁତ୍ର ଅତି ଆଡମ୍ବର ସହକାରେ ଧନିକଙ୍କର ଅନ୍ତ୍ୟେଷ୍ଟି ଓ ଦଶାହକ୍ରିୟା ସମ୍ପାଦନ କଲେ। କିଛିଦିନ ପରେ ଗୃହପତ୍ନୀ ଜଣେ ସୁନ୍ଦରୀ ଓ ଉଚ୍ଚକୁଳସମ୍ଭୂତା କନ୍ୟା ସହିତ ପୁତ୍ରର ବିବାହ ସମ୍ପାଦନ କରାଇଲେ। ନବବଧୂର ଆଗମନରେ ପୂରିଉଠିଲା ଗୃହାଙ୍ଗନ। କିନ୍ତୁ ପୁତ୍ରଜଣକ ପିତାଙ୍କର ବ୍ୟବସାୟରେ ମନୋଯୋଗୀ ନ ହେବା ଓ ଭୂସମ୍ପତ୍ତିର ରକ୍ଷଣାବେକ୍ଷଣରେ ଉଦାସୀନ ହେବା ଲକ୍ଷ୍ୟକରି ଦୁଃଖୀତା ହେଲେ ମା'। ଅବଶ୍ୟ ତାଙ୍କର ସ୍ୱାମୀ ଯେତେ ସମ୍ପତ୍ତି ସଞ୍ଚୟ କରିଯାଇଥିଲେ ତାହା ତାଙ୍କର ଆଗାମୀ ଦୁଇତିନିପୁରୁଷ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ। ତଥାପି ରୋଜଗାର କରିବା ବୟସରେ ତାଙ୍କର ଏକମାତ୍ର ଯୁବକ ପୁତ୍ର ବ୍ୟବସାୟରେ ଧ୍ୟାନ ନ ଦେଇ ଆଳସ୍ୟରେ ସମୟ ଅତିବାହିତ କରିବା ଯୋଗୁ ମା' ଚିନ୍ତିତା ହୋଇପଡିଲେ। କିନ୍ତୁ ପୁତ୍ରଙ୍କ ପ୍ରତି ତାଙ୍କର ବ୍ୟବହାରରେ କୌଣସି ବ୍ୟତିକ୍ରମ ପରିଲକ୍ଷିତ ହେଲାନାହିଁ। ପୂର୍ବରୁ ପୁତ୍ରଙ୍କୁ ଯେଭଳି ଭଲପାଉଥିଲେ, ଆନନ୍ଦରେ ଖୁଆଉଥିଲେ- ସେଥିରୁ ସାମାନ୍ୟ ବିଚ୍ୟୁତ ମଧ୍ୟ ହେଲେନାହିଁ ସେ। ପ୍ରତିଦିନ ଖାଇବା ସମୟ ହେଲେ ଆଦରରେ ପୁଅକୁ ଡାକନ୍ତି,- ''ବାବୁ, ଖାଇବା ସମୟ ହେଲାଣି, ବାସି ଗଣ୍ଡିଏ ଖାଇଦେଇଯାଅ।'' କିନ୍ତୁ ପ୍ରକୃତରେ ପୁଅକୁ ସେ କୌଣସି ବାସି ଖାଦ୍ୟ ପରଷୁ ନ ଥିଲେ। ପୂର୍ବପରି ଦୁଧଘିଅ, ଖିରିପିଠା, ତଥା ସୁସ୍ୱାଦୁ ଅନ୍ନବ୍ୟଞ୍ଜନ ଖୁଆଇବାରେ ମା'ଙ୍କର ଆଦୌ ହେଳା ନ ଥିଲା। ମାତ୍ର ପ୍ରତିଦିନ 'ବାସି ଗଣ୍ଡେ ଖାଇଦିଅ' କହିବାକୁ ଭୁଲୁ ନ ଥିଲେ ସେ। ପୁଅ ବେଳେବେଳେ ଭାବନ୍ତି, ମା' ପୂର୍ବପରି ଉତ୍ତମ ଖାଦ୍ୟ ପ୍ରସ୍ତୁତ କରୁଥିବା ବେଳେ 'ବାସି' ଶବ୍ଦଟି କାହିଁକି ବ୍ୟବହାର କରନ୍ତି। ଥରେ କୌଣସି କାରଣବଶତଃ ଦୂର ଗାଁର ବନ୍ଧୁଙ୍କ ଘରକୁ ଯିବାକୁ ପଡିଲା ମା'ଙ୍କୁ। ଯିବା ପୂର୍ବରୁ ପୁଅର ଉପଯୁକ୍ତ ଯତ୍ନନେବାକୁ ଓ ତାହାର ଖାଇବା ସମୟରେ 'ବାସି ଗଣ୍ଡେ ଖାଇନିଅ' କହିବାକୁ ନ ଭୁଲିବାପାଇଁ ନିର୍ଦ୍ଦେଶ ଦେଇଗଲେ। ଶାଶୁଙ୍କର ପ୍ରବାସ ଆରମ୍ଭ ହେଲା। ଏଣେ ଘରେ ଖାଇବା ସମୟ ହେଲେ ଗୃହବଧୂ 'ବାସି ଗଣ୍ଡେ ଖାଇନିଅ' କହି ସ୍ୱାମୀଙ୍କୁ ଭୋଜନ ପାଇଁ ଆହ୍ୱାନ କରନ୍ତି। ମା'ଙ୍କ ଭାଷା ସ୍ତ୍ରୀଙ୍କ ମୁଖରୁ ଶୁଣି ଆଶ୍ଚର୍ଯ୍ୟଚକିତ ପୁଅଙ୍କ ମୁଖମଣ୍ଡଳରେ ବିରକ୍ତିର ରେଖା ପ୍ରକାଶ ପାଇଲା। ସଜ ଓ ସୁସ୍ୱାଦୁ ଖାଦ୍ୟ ଦେଇ ମା'ଙ୍କ ପରି ବାସି ବୋଲି କହିବା ପଛରେ କି ରହସ୍ୟ ଅଛି ବୋଲି ଜିଜ୍ଞାସା କଲେ ଯୁବକ। ଏପରି କହିବାକୁ ଶାଶୁଙ୍କର ନିର୍ଦ୍ଦେଶ ରହିଥିବା ସ୍ତ୍ରୀ ବିନମ୍ର ଭାବେ ପ୍ରକାଶକଲେ। ପୁଅ ଏହି ଉତ୍ତରରେ ସନ୍ତୁଷ୍ଟ ନ ହୋଇ ମା' ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସ୍ଥିରକଲେ। ନିର୍ଦ୍ଧାରିତ ଦିନରେ ଫେରିଆସିଲେ ମା', ପୁନଶ୍ଚ, 'ବାସି ଗଣ୍ଡେ' ଖାଇବା ପାଇଁ ପୁଅକୁ ସ୍ନେହରେ ଡାକିଲେ। ପୂର୍ବରୁ କୌଣସି ପ୍ରଶ୍ନ ନ କରି ଖାଉଥିବା ପୁତ୍ର ଆଜି କିନ୍ତୁ ଅତି ନମ୍ରତାର ସହିତ ପଚାରିଲେ- ମା', ସବୁଦିନ ମୋତେ ତୁମେ ସୁସ୍ୱାଦୁ ଓ ସଦ୍ୟ ପ୍ରସ୍ତୁତ ଖାଦ୍ୟ ଦେଇ, ଏହାକୁ ବାସି ବୋଲି କାହିଁକି କହୁଛ ? ମା'ଙ୍କ ମୁହଁରେ ସ୍ମିତହାସ୍ୟଟିଏ ଉଙ୍କିମାରିଲା। ସତେଯେପରି ଦୀର୍ଘଦିନ ଧରି ଏହି ପ୍ରଶ୍ନଟି ଶୁଣିବା ପାଇଁ ସେ ଆତୁରତାର ସହିତ ଅପେକ୍ଷା କରିଥିଲେ। ବର୍ତ୍ତମାନ ସେହି ମାହେନ୍ଦ୍ର ମୁହୂର୍ତ୍ତ ଉପସ୍ଥିତ। ଧୀର କଣ୍ଠରେ ସେ କହିଲେ,- ବାବୁ, ତୋ ପିତାଙ୍କ ନିଧନ ପରଠାରୁ ମୁଁ ଏହି ବାସି ଶବ୍ଦଟି ବ୍ୟବହାର କରିଆସୁଛି। ତୁମେ ଜାଣ, ଯାହା ସଦ୍ୟ ନୁହେଁ ତାହା ହିଁ ବାସି। ଯାହା ସଦ୍ୟ ପ୍ରସ୍ତୁତ ତାହା ସଜ। ଖାଇବାରେ ଯେପରି ସଜ ଓ ବାସିର ପ୍ରଶ୍ନ ରହିଛି, ସମ୍ପତ୍ତି ଉପଭୋଗରେ ମଧ୍ୟ ଏହି ଉକ୍ତିର ପ୍ରାସଙ୍ଗିକତା ନିହିତ। ଆମେ ଯେଉଁ ସମ୍ପତ୍ତି ବର୍ତ୍ତମାନ ଭୋଗକରୁଛେ, ତାହା ତୁମ ପିତାଙ୍କଦ୍ୱାରା ଅର୍ଜିତ। ତୁମେ ନିଜେ ଆଜି ପର୍ଯ୍ୟନ୍ତ କୌଣସି ଧନ ଅର୍ଜନ କରି ପିତାଙ୍କ ସମ୍ପତ୍ତିରେ ଯୋଗ କରିନାହଁ। କିନ୍ତୁ ତାଙ୍କ ସମ୍ପତ୍ତି ଭୋଗ କରିଚାଲିଛ, ଯାହାକି ବାସ୍ତବରେ 'ବାସି' ସମ୍ପତ୍ତି। ତୁମେ ତୁମ ସାମର୍ଥ୍ୟ ଓ ପୁରୁଷାକାରର ଉପଯୋଗ କରି ପିତାଙ୍କ ସମ୍ପତ୍ତିର ଅଭିବୃଦ୍ଧି ସାଧନ କରିପାରିଲେ, ତାହା 'ସଜ' ସମ୍ପତ୍ତି ତୁଲ୍ୟ ହେବ। ପୁରୁଷଟିଏ ପାଇଁ ତାହାର ସମୟ ଓ ସାମର୍ଥ୍ୟର ଉପଯୋଗ କରିବାର ପ୍ରକୃଷ୍ଟ ସମୟ ହିଁ ଯୌବନକାଳ। ଆମ ସଂସ୍କୃତିରେ ଗୃହସ୍ଥର ଚତୁରାଶ୍ରମ ଗୁରୁଗୃହ ବାସ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ- ମଧ୍ୟରେ ଉକ୍ତ ଗୃହସ୍ଥାଶ୍ରମ ହିଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ଜୀବନର ସେଇ ସମୟଟି ତା'ର ସମସ୍ତ ପ୍ରଗତିର ଆଧାରଶିଳା। ଉକ୍ତ ସମୟର ସଦୁପଯୋଗ ନ ହେଲେ ମଣିଷଜୀବନ ଦିଗହରା ହୋଇଥାଏ। ପୁଅ ବର୍ତ୍ତମାନ 'ବାସି' ର ଯଥାର୍ଥ ଅର୍ଥ ବୁଝିପାରି ଏକ ନବଚେତନାର ଉତ୍ତରଣ ଅନୁଭବକଲା, ଦେହମନପ୍ରାଣକୁ ଆଚ୍ଛନ୍ନକଲା ଏକ ନୂତନ ଭାବନା। ଏହା ଏକ ଗଳ୍ପ ହୋଇପାରେ, କିନ୍ତୁ ଏହାର ଅନ୍ତରାଳରେ ସମାଜ ପାଇଁ ଉତ୍ତମ 'ମଣିଷ' ସୃଷ୍ଟି କରିବାକୁ ଯଥେଷ୍ଟ ସନ୍ଦେଶ ରହିଛି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ପିତା ଯେତେ ଧନୀ ହେଲେ ମଧ୍ୟ ଉପାର୍ଜନ କରିବାର ସମୟ ଉପଗତ ହେଲେ ପୁତ୍ରକନ୍ୟାମାନେ ନିଶ୍ଚୟ ନିଯୁକ୍ତି ସନ୍ଧାନରେ ରହିଥାନ୍ତି। ଏପରି କି ସେମାନେ ନିଜ ପିତାଙ୍କ କମ୍ପାନୀରେ କର୍ମଚାରୀରୂପେ ଯୋଗଦେବାକୁ କୁଣ୍ଠା ପ୍ରକାଶକରି ନ ଥାନ୍ତି। ବର୍ତ୍ତମାନ ଆମ ସମାଜରେ ଏହାର ଘୋର ବ୍ୟତିକ୍ରମ ଦେଖାଯାଇଛି। ବିତ୍ତଶାଳୀ ଗୃହସ୍ଥଙ୍କ ସନ୍ତାନମାନେ ନିଜେ ନିଯୁକ୍ତିରହିତ ଥାଇ ବିଳାସବ୍ୟସନରେ ପିତାଙ୍କର ସମ୍ପତ୍ତିକୁ ଯୌବନର ଉନ୍ମାଦନାରେ ଅକାତରେ ବ୍ୟୟ କରିଚାଲିଥିବା ଦୃଶ୍ୟ ବିରଳ ନୁହେଁ। ଏହି ପରାଙ୍ଗପୁଷ୍ଟ ସନ୍ତାନମାନଙ୍କ ପାଇଁ ଗୌରବ ମଧ୍ୟ ଅନୁଭବ କରିଥାନ୍ତି ମାତାପିତା। ପରିଶେଷରେ ଏହା ବିଷମୟଫଳ ପ୍ରସବ କରିଥାଏ। ମାତାପିତାଙ୍କର ରୋଜଗାର ଓ ଉତ୍ପାଦନ କରିବା କ୍ଷମତା ସମୟକ୍ରମେ ନିଃଶେଷ ହୋଇଯାଏ। ଅସମର୍ଥ ସନ୍ତାନମାନେ ସଞ୍ଚିତ ସମ୍ପତ୍ତି ବ୍ୟୟ କରିସାରି ''କ'ଣ କରିବି'' ପଞ୍ଚାକ୍ଷର ଜପକରିବା ସହିତ ବୋଝ ହୋଇପଡନ୍ତି ମାତାପିତାଙ୍କ ଉପରେ। କାହାରି କାହାରି ଜୀବନରେ ଅପରାଧର ପଙ୍କିଳ ରାସ୍ତାକୁ ଆପଣେଇବାକୁ ପଡିଥାଏ। ସୁତରାଂ ସନ୍ତାନମାନଙ୍କର ଉତ୍ତର ଜୀବନ ପ୍ରତି ମାତାପିତା ଯେତିକି ଧ୍ୟାନଶୀଳ ହେବେ, ସନ୍ତାନମାନେ ମଧ୍ୟ ଅନୁରୂପ ଭାବେ ନିଜ ଉତ୍ତର ଜୀବନ ପ୍ରତି ଯତ୍ନଶୀଳ ହୋଇ ଜୀବନକୁ ସ୍ୱଚ୍ଛଳ ଓ ପୁଷ୍କଳ କରିବା ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରିବେ। ସନ୍ତାନମାନଙ୍କ ଜୀବନର ପ୍ରଥମାର୍ଦ୍ଧରେ ସେମାନଙ୍କ ଚରିତ୍ର ଗଠନପ୍ରତି ଅମନଯୋଗୀ ହୋଇ ପରିଣତ ବୟସରେ ନୀରବରେ ଅଶ୍ରୁମୋଚନ କରୁଥିବା ମାତାପିତା ଆଜି ଆମ ସମାଜରେ ବହୁ ସଂଖ୍ୟାରେ ଅଛନ୍ତି। କୁହାଯାଏ, ବିବାହ ଉପଯୋଗୀ କନ୍ୟା ଓ ରୋଜଗାର କରୁ ନ ଥିବା ପୁତ୍ର ଘରେ ରହିଲେ ଗୃହସ୍ଥଙ୍କ ପ୍ରତି ଅଭିଶାପ ସାବ୍ୟସ୍ତ ହୁଅନ୍ତି। ସନ୍ତାନମାନଙ୍କୁ ଯୋଗ୍ୟ କରିବା ମାତାପିତାଙ୍କର ସର୍ବୋଚ୍ଚ ଦାୟିତ୍ୱ। ପିଲାମାନଙ୍କୁ ଉପଯୁକ୍ତ ଭାବେ ନ ଗଢି ସେମାନଙ୍କୁ ସଂସାରଭାର ଅର୍ପଣକରିବା ଅବା ନିଜର ଆର୍ଥିକ ଓ ବ୍ୟବସାୟିକ ସାମ୍ରାଜ୍ୟକୁ ତାଙ୍କ ହାତରେ ଟେକିଦେବା, ନିଜର ଦୁର୍ଭାଗ୍ୟକୁ ନିମନ୍ତ୍ରଣ କରିବା ସହିତ ସମାନ। ବର୍ତ୍ତମାନ ରାଜନୀତି କ୍ଷେତ୍ରରେ ମଧ୍ୟ ଏହି ପରମ୍ପରା କେଉଁଠି କେଉଁଠି ଦୃଷ୍ଟିଗୋଚର ହୋଇଥାଏ। ବୟସ ଓ ସ୍ୱାସ୍ଥ୍ୟ ଦୃଷ୍ଟିରୁ ପ୍ରତିକୂଳ ଅବସ୍ଥାରେ ଗତିକରୁଥିବା ରାଜନୈତିକ ବ୍ୟକ୍ତିମାନେ ନିଜର ରାଜନୀତି ଅନଭିଜ୍ଞ ସନ୍ତାନମାନଙ୍କୁ ଉତ୍ତରାଧିକାରୀରୂପେ ଘୋଷଣା କରିଥାନ୍ତି। ନିଜର କର୍ମସକାଶେ ସମାଜରେ କଳଙ୍କିତ ଓ ଲଜ୍ଜିତ ଭାବମୂର୍ତ୍ତି ରଖୁଥିବା କେତେକ ରାଜପୁରୁଷ କ୍ଷମତାକୁ ପୁରୁଷାନୁକ୍ରମେ ଉପଭୋଗ କରିବାର ଆଶା ରଖି, ନିଜେ ପରଦା ଅନ୍ତରାଳରେ ରହି, ସମାଜ ପାଇଁ ବିଶେଷ ଅବଦାନ ରଖି ନ ଥିବା ସନ୍ତାନମାନଙ୍କୁ ନିର୍ବାଚନ ରଣକ୍ଷେତ୍ରରେ ଯୋଦ୍ଧାରୂପେ ଅବତୀର୍ଣ୍ଣ କରାଇଥାନ୍ତି। ସନ୍ତାନମାନଙ୍କୁ ସବୁଦିନେ 'ସଜ' ଖୋଇବାର ନିଶା ସେମାନଙ୍କୁ ପ୍ରଲୁବ୍ଧକରେ। ଏମାନଙ୍କ ମଧ୍ୟରୁ କେହିକେହି ଜୀବନଯୁଦ୍ଧରେ ବିଜୟଲାଭ କରନ୍ତି, କେତେକ ପରାଜୟର ଅନ୍ଧକାରରେ ନିଶ୍ଚିହ୍ନ ହୋଇ ଗଚ୍ଛିତଥିବା 'ବାସି' ଖାଦ୍ୟରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହୁଅନ୍ତି।

ନୂଆବନ୍ଧସାହି, ନବରଙ୍ଗପୁର,
ମୋ- ୯୪୩୭୦୧୧୮୯୬୨

# ଅଧାଗଢ଼ା ଡଙ୍ଗରିଆ



ଦ୍ୟୁତୀ ଚନ୍ଦ୍ର ସାହୁ

ବିରାଟକାୟ କାନ୍ଥ ଭଳି ଠିଆହୋଇଛି ନିୟମଗିରି ପାହାଡ଼। ତା'ରି ପାଦଦେଶରେ ଡଙ୍ଗରିଆ ଗାଁ ରାଇଲିମା। ବିନା ଦ୍ୱିଧାରେ ଗାଁରେ ପହଞ୍ଚିବା ଲାଗି ଆମନ୍ତ୍ରଣ ମୁଦ୍ରାରେ ରାସ୍ତାଟିଏ ଲମ୍ବିଛି ଆଗକୁ। ଦି'କଡ଼ରେ ଥିବା ଜଙ୍ଗଲ ସରି ସରି ଆସୁଛି ଅଧା ଚନ୍ଦାମୁଣ୍ଡ ପରି। ହାତଗଣତି କେତୋଟି ଗଛ ନିଜର ସ୍ଥିତି ଜାହିର କରୁଛନ୍ତି। କିଛି ଦୂର ଗଲାପରେ ଆଉ ସେଇ ରାସ୍ତା ଦେଇ ଗାଡି ଯିବା ସମ୍ଭବ ହେଲାନାହିଁ। ରାସ୍ତା ମଝିରେ ବର୍ଷାଜଳ ଯାଇ ଆଁ ହୋଇଯାଇଛି ଠିକ୍ ମୁହଁରେ ଥିବା ଅଳିଭା କଟାଦାଗ ପରି। ଆବୁ ଭଳି ସ୍ଥାନେ ସ୍ଥାନେ ମୁଣ୍ଡିଆ ପାହାଡ଼ର କିଛି ଅଂଶ ରାସ୍ତା ଦଖଲ କରି ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ରାସ୍ତାଟି ନିଜର ସ୍ଥିତି ଜାହିର କରୁଛି ଅଥଚ ଉପର ଦେଇ ଗାଡ଼ି ଯିବା ଲାଗି ମନା କରୁଛି ଯେମିତି। ଗାଡ଼ି ରଖି ସେଇଠୁ ଚାଲି ଚାଲି ଆଗକୁ ବଢ଼ିଲୁ। ମାଓବାଦୀ ଇଲାକା ଭାବେ ପରିଚିତ ସେଇ ଅଞ୍ଚଳ ସାଧାରଣ ଅପରିଚିତ ଲୋକଙ୍କ ପାଇଁ ଆଦୌ ସୁରକ୍ଷିତ ନୁହେଁ, ଏ କଥା ବହୁପୂର୍ବରୁ ବୁଝି ସାରିଥିଲୁ। କିନ୍ତୁ ଆଦିବାସୀଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସକୁ ନେଇ ଏକ ପ୍ରାମାଣିକ ଚିତ୍ର ପ୍ରସ୍ତୁତ ପାଇଁ ସ୍ଥିତି ଅନୁଧ୍ୟାନ ଲାଗି ଗାଁକୁ ଯିବା ଥିଲା ଆମ ଉଦ୍ଦେଶ୍ୟ। ତୀଖ ରାସ୍ତାରେ ଉପରକୁ ଉଠି ଉଠି ଗାଁରେ ପହଞ୍ଚିଲାବେଳକୁ ସରି ଆସୁଥିଲା ସମସ୍ତ ଶକ୍ତି। ଗାଁର ପ୍ରବେଶପଥ କଡ଼ର ପଣସ ଗଛ ମୂଳେ ଥିବା ପଥର ମୂଳେ ଲଥ୍‌କରି ବସିପଡ଼ିଲୁ। ପହିଲି ଖରାର ପ୍ରକୋପ ସେତେ ନ ଥିଲେ ବି ଅସହ୍ୟ ଗୁଳୁଗୁଳି ହେତୁ ଦେହରେ ଝାଳ ଭର୍ତ୍ତି ହୋଇସାରିଥିଲା। ରେଳ ଲାଇନ ଭଳି ଦୁଇଟି ଧାଡିରେ ଥିବା ଘରଗୁଡିକ ଗାଁର ଚିତ୍ରକୁ ଉପସ୍ଥାପିତ କରୁଥିଲା। ପାରମ୍ପରିକ ଘର ସ୍ଥାନରେ ଥିଲା ଟିଣଘର- ସରକାରଙ୍କ ବିକାଶର ଚିହ୍ନ।

କଦର୍ଯ୍ୟ ଦିଶୁଥିବା ବସନ୍ତମୁହଁ ପରି ଗାଁ ମୁଣ୍ଡ ପ୍ରବେଶ ପଥରୁ ସାହି ଭିତରକୁ ଲମ୍ବିଥିଲା ମଝିରେ ମଝିରେ ଉଠିଯାଇଥିବା ସିସି ରୋଡ। ସାହିର ଦାଢ଼ରେ ବିରାଟ ପଣସ ଗଛରେ ବସିଥିଲେ ଗାଁ ଲୋକେ। ପାରମ୍ପରିକ ଡଙ୍ଗରିଆ ପୋଷାକରେ କିଛି ବୟସ୍କ ଲୋକ ନିଜ ଗାଁରେ ପରଦେଶୀ ଭଳି ଲାଗୁଥିଲେ। ଯୁବକମାନଙ୍କ ନିକଟରେ ବିରଳ ଜନଜାତିର କୌଣସି ଚିହ୍ନବର୍ଣ୍ଣ ବାରି ହେଉ ନ ଥିଲା ତାଙ୍କ ବେଶଭୂଷାରୁ। କେତେକ ଲୁଙ୍ଗି, ଗଞ୍ଜି ଓ ଗାମୁଛା ଭିତରେ ସୀମିତ ଥିଲେ। ଆଉ କିଛି ଗଜା ଭେଣ୍ଡିଆ ପ୍ୟାଣ୍ଟ ଓ ଶାର୍ଟ ପିନ୍ଧି ଶିକ୍ଷିତ ହୋଇଥିବାର ସୂଚନା ଦେଉଥିଲେ ଯେମିତି। କେଶବିନ୍ୟାସ ବି ବଦଳିଯାଇଥିଲା। ମୁଣ୍ଡରେ ପାରମ୍ପରିକ ଖୋସା ନ ଥିଲା। ନାକରେ ଫାଶା ବି ପିନ୍ଧି ନ ଥିଲେ। ଡଙ୍ଗରିଆଙ୍କ ବିକାଶର ଏଇ ଚିତ୍ର କିଛି ମାତ୍ରାରେ ଆମୋଦିତ କଲା। କିଛି ଘର ସାମ୍ନାରେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ଥିବା ଡଙ୍ଗରିଆ ରମଣୀମାନେ ତଥାପି ପାରମ୍ପରିକ ବେଶଭୂଷାରେ ଶୋଭା ପାଉଥିଲେ। ସାଥିରେ ଥିବା ସ୍ଥାନୀୟ ଯୁବକ ଆସିବାର ଉଦ୍ଦେଶ୍ୟ ଜଣାଇଲେ। ବୟସ୍କ ଡଙ୍ଗରିଆ ନିଜ ଭାଷାରେ କ'ଣ କହିଲେ। ଅନ୍ୟମାନେ ହସିଲେ ଜୋରରେ। ପଚାରିବା ପୂର୍ବରୁ ସ୍ଥାନୀୟ ଯୁବକ କହିଲା, ମୁଖିଆଙ୍କ ଅଭିପ୍ରାୟ- ''ସେମିତି ଖାଲିରେ ସିନେମା କରିଦେବୁ କି! ହବନି। ଆମକୁ କିଛି ପଇସା ଦେବାକୁ ପଡ଼ିବ।'' ଯୁବକ ଜଣକ କହିଲା- ''ସିନେମା ଶୁଟିଂ ବେଳେ ଭୋଜି କରି ଖାଇବା।'' ସମସ୍ତେ ଖୁସି ହୋଇଯାଇଥିଲେ।

ଡଙ୍ଗରିଆଙ୍କ ଭିତରେ ଏମିତି ପ୍ରବଣତା ବଢ଼ାଇ ଦିଆଯାଇଛି। ପର୍ଯ୍ୟଟକଙ୍କୁ ଧରି ଆସୁଥିବା ଗାଇଡ୍‌ମାନେ ଚିତ୍ର ଉତ୍ତୋଳନ ଲାଗି ଅନିଚ୍ଛୁକ ଡଙ୍ଗରିଆ ରମଣୀମାନଙ୍କ ହାତରେ କିଛି ପଇସା ଗୁଞ୍ଜି ନିଜ ପସନ୍ଦ ମୁତାବକ ଚିତ୍ର ଉତ୍ତୋଳନ କରି ନିଅନ୍ତି। ପରବର୍ତ୍ତୀ ସମୟରେ ଦେଶ ବିଦେଶରେ ଘୂରି ବୁଲେ ଆମ ଡଙ୍ଗରିଆଙ୍କ ଚିତ୍ର ସହ ଅନେକ ମନଗଢ଼ା ଅଜବ କାହାଣୀ ବଖାଣନ୍ତି। ଏହା ଅନେକ ସମୟରେ ସମସ୍ୟା ସୃଷ୍ଟି କରି ଆସିଛି। ଡଙ୍ଗରିଆ ବସ୍ତ୍ର କାପାଡା ଗୁଣ୍ଡି, ହାତରେ ଓ ବେକରେ ପିନ୍ଧୁଥିବା ଅଳଙ୍କାରର ଚାହିଦା ସ୍ଥାନୀୟ ହାଟରେ ଢେର ଅଧିକ। ଡଙ୍ଗରିଆଙ୍କ ନାମରେ ଡୋକ୍ରା କଳାର ସାମଗ୍ରୀ ବେଶ୍ ଆଗ୍ରହର ସହ କିଣି ନିଅନ୍ତି ଦେଶୀ ବିଦେଶୀ ପର୍ଯ୍ୟଟକ।

କିଛି ଯୁବକମାନଙ୍କ ହାତରେ ଦେଖିଲି ମୋବାଇଲ। ନିଜ ମୋବାଇଲର ସିଗ୍ନାଲକୁ ପରଖିଲି ଓ ବୁଝିଗଲି ତୁରନ୍ତ। ପଚାରିଲି ମୋବାଇଲରେ କ'ଣ କରୁଛ ? ଯୁବକ ଜଣକ ହସି ଉତ୍ତର ଦେଲା- ବେଶି ସମୟ ଗୀତ ଶୁଣୁଛୁ ଆଜ୍ଞା ! କେବେ କେବେ ବାହାରକୁ ଗଲେ ଫୋନ୍ ବ୍ୟବହାର କରୁଛୁ। ତା' କଥା ନ ସରୁଣୁ ଜଣେ ମଧ୍ୟବୟସ୍କ ଡଙ୍ଗରିଆ ସିମିରି ଜାକସିକା କହିଲା- ଏ ମୋବାଇଲ ଏମାନଙ୍କୁ ନଷ୍ଟ କରିଦେଲା ଆଜ୍ଞା ! ଦିନରାତି ଏଥିରେ ମାତିଲେ। କାମଧନ୍ଦା ନାହିଁ। ପାଠଶାଠ ତ ପଢ଼ିଲେ ନାହିଁ। ନା ଆମ ଡଙ୍ଗର କାମକୁ ପାରିଲେ ନା ଚାକିରିବାକିରି କଲେ। କଥାଟା ତୀର ଭଳି ହୃଦୟକୁ ଛୁଇଁଗଲା। ଏହା ବିକାଶର ଅନ୍ୟ ଦିଗକୁ ଜଣାଇଦେଲା। ଅଧିକ ଆଲୋଚନା କଲି। ଯାହା ନିଷ୍କର୍ଷ ତାହା ବାସ୍ତବିକ ସାଂଘାତିକ। ଡଙ୍ଗରିଆ ଗାଁରେ ଥିବା 'ଅଧାଗଢ଼ା ମୂର୍ତ୍ତି'ଗୁଡ଼ିକ ଏବେ ସେମାନଙ୍କ ପରିବାର ପାଇଁ ପାଲଟିଛନ୍ତି ବୋଝ। ଅଧିକାଂଶ ଡଙ୍ଗରିଆ ପିଲା ମାଟ୍ରିକ୍ ଛୁଇଁ ପାରୁନାହାନ୍ତି। ଅଧାରୁ ପାଠ ଛାଡି ଗାଁରେ ଆଡ୍ଡା ଜମାଉଛନ୍ତି। ପାଠପଢ଼ା ବେଳେ ସେମାନଙ୍କ ଭିତରେ ବୃଦ୍ଧି ପାଇଥିବା ମାନସିକତା ପାରମ୍ପରିକ ଚାଷ ପ୍ରତି ବିମୁଖ କରୁଛି। ଅଧାପଢୁଆ ହେତୁ କିଛି କାମରେ ଆସୁନି ଏମିତି ଅଲୋଡା ପାଠ। ନା ଏ କୁଳର ହୋଇପାରୁଛନ୍ତି ନା ସେ କୁଳର। ମଝିରେ ରହି ନିଜେ ଦହଗଞ୍ଜ ହେବା ସହ ପରିବାର ପାଇଁ ବୋଝ ହୋଇପଡୁଛନ୍ତି। ସୀମିତ ପାରିବାରିକ ଆୟ ଭିତରେ ଏ ଅର୍ଦ୍ଧଶିକ୍ଷିତ ଯୁବକମାନଙ୍କ ଆଧୁନିକ ଆବଶ୍ୟକତା ମେଣ୍ଟାଇବା ଭାରି କଷ୍ଟକର ହୋଇପଡୁଛି ପରିବାରକୁ। ଏଇ କାରଣରୁ ସେମାନେ ଭିନ୍ନ ମାର୍ଗକୁ ଆପଣେଇବାକୁ ଏକରକମ ବାଧ୍ୟ ହେଉଛନ୍ତି। ବିଭିନ୍ନ ଯୋଜନା ଜରିଆରେ ଡଙ୍ଗରିଆଙ୍କ ବିକାଶ ଦିଗରେ ସରକାରୀ ଉଦ୍ୟମ ଜାରି ରହିଥିଲେ ମଧ୍ୟ ଦିନତମାମ ମୋବାଇଲ ଭିତରେ ବୁଡ଼ିରହି କର୍ମକୁଣ୍ଠ ହେବା ଚିନ୍ତାର କାରଣ। ମିଳିଗଲା ପ୍ରାମାଣିକ ଚିତ୍ର ପାଇଁ ଭଲ ମସଲା। ମନେ ମନେ ସ୍ଥିର ହୋଇଯାଇଥିଲା ଚିତ୍ର, ଚରିତ୍ର ଓ କଥାବସ୍ତୁ। ଫେରିବାକୁ ଉଦ୍ୟମ କଲି। କିନ୍ତୁ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଲା। ଦରସିଝା ଖାଦ୍ୟ, ଦରଗଢ଼ା ଘର, ଅଧାଗଢ଼ା ମୂର୍ତ୍ତି ଯେପରି ନିଜର ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ରୂପେ ଜାହିର କରିପାରେନା, ଲାଗିଲା ଅଧାଗଢ଼ା ଏଇ ଯୁବ ଡଙ୍ଗରିଆଙ୍କ ଭବିଷ୍ୟତ ମଧ୍ୟ ଠିକ୍ ଅଧାପନ୍ତରିଆ ଓ ଲକ୍ଷ୍ୟଚ୍ୟୁତ ଦୋ ଛକିରେ ଥିବା ମଣିଷ ପରି ଅସ୍ଥିର। ପୂର୍ଣ୍ଣାଙ୍ଗ ମୂର୍ତ୍ତି ଗଢ଼ିବା ଏବେକାର ସମୟର ଆହ୍ୱାନ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା,
ମୋ-୯୫୫୬୨୮୭୭୭୫

## ଏଇ ଭାରତରେ

ଦାନକଲେ ପୁଣ୍ୟ ଅର୍ଜନ ହୋଇଥାଏ। ଅର୍ଥଦାନ, ଅନ୍ନଦାନ, କନ୍ୟାଦାନ, ଗୋ-ଦାନ ଏବଂ ଭୂମିଦାନ ଆଦି ଅନେକ ପ୍ରକାର ଦାନ କରାଯାଉଥିବା ବେଳେ କେଶଦାନ କରିବା ନୂଆ ନିଶ୍ଚୟ। ଉତ୍ତରାଖଣ୍ଡର ରୁର୍କୀ ଅଞ୍ଚଳର ଜଣେ ମହିଳା କ୍ୟାନ୍‌ସର ପୀଡ଼ିତଙ୍କ ସହାୟତା ଲାଗି ନିଜର ସୁନ୍ଦର କେଶ ଦାନ କରିଛନ୍ତି। ସ୍ଥାନୀୟ ରାମନଗରର ସୋନମ୍ ଭଟେଜା ଏଭଳି କରି ଏକ ନିଆରା ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। କ୍ୟାନ୍‌ସର ରୋଗୀଙ୍କୁ ସହାୟତା ନିମନ୍ତେ କେଶ ଦାନ ସମ୍ପର୍କରେ ସେ ମୁମ୍ବାଇର 'ମଦଦ' ନାମକ ଏକ ସଂସ୍ଥାର ୱେବସାଇଟ୍‌ରୁ ଜାଣିବାକୁ ପାଇଥିଲେ। ତେବେ ଏଥିପାଇଁ ୧୨ରୁ ୧୩ ଇଞ୍ଚ ଲମ୍ବ କେଶର ଆବଶ୍ୟକତା ଥିବା ୱେବ୍‌ସାଇଟ୍‌ରେ ସୂଚନା ଦିଆଯାଇଥିଲା। ଏହାପରେ ସୋନମ୍ ଯତ୍ନର ସହିତ କେଶ ବଢ଼ାଇ ସମ୍ପୃକ୍ତ ୱେବ୍‌ସାଇଟ୍‌କୁ ସୂଚନା ଦେଇଥିଲେ। ୱେବ୍‌ସାଇଟ୍ କର୍ମଚାରୀ ଏକ ବିୟୁଟି ପାର୍ଲରରେ ସୋନମ୍‌ଙ୍କ କେଶ କଟାଇଥିଲେ। କ୍ୟାନ୍‌ସର ରୋଗୀଙ୍କର କେମୋଥେରାପି ଚିକିତ୍ସା ସମୟରେ ମୁଣ୍ଡର କେଶ ଉପୁଡ଼ି ଯାଇଥାଏ। ୱେବ୍‌ସାଇଟ୍ ଦ୍ୱାରା ସଂଗୃହୀତ କେଶରେ ୱିଗ୍ ପ୍ରସ୍ତୁତ କରାଯାଇ ରୋଗୀଙ୍କୁ ଯୋଗାଇଦେବାର ବ୍ୟବସ୍ଥା ରହିଛି। କ୍ୟାନ୍‌ସର ରୋଗୀଙ୍କ ନିମନ୍ତେ ସୋନମ୍‌ଙ୍କ କେଶଦାନ ଅନ୍ୟମାନଙ୍କ ପାଇଁ ଉଦାହରଣ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ମେ ୧୯୯୪

- ସର୍ବିୟା ଓ ମୋଣ୍ଟେନେଗ୍ରୋ ଉପରୁ ରୁଷିଆ ତା'ର କଟକଣା ଉଠାଇନେଇ ପୁଣି ଦୁଇଦେଶ ସହିତ ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ତଥା କୂଟନୈତିକ ସମ୍ପର୍କ ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛି।
- ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ୭ ଦିନିଆ ଆମେରିକା ଗସ୍ତରେ ଯାତ୍ରାରମ୍ଭ କଲେ।
- ଓଡ଼ିଶାର ୩ଟି ଯାକ ମେଡିକାଲ କଲେଜ ଡାକ୍ତରଖାନାରେ ବିଭିନ୍ନ ବିଭାଗର ପ୍ରଫେସର ଓ ଅନ୍ୟ ଉଚ୍ଚ ପଦବୀରେ ଡାକ୍ତରମାନେ ଦିନରେ କରୁଥିବା ଚିକିତ୍ସା କାର୍ଯ୍ୟ ସହିତ ରାତିରେ ଘଣ୍ଟାକ ପାଇଁ ବାଧ୍ୟତାମୂଳକ ଭାବେ ଇନଡୋର ରୋଗୀମାନଙ୍କ ଚିକିତ୍ସା କରିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ।

## ପାଠକ ଶ୍ରେଷ୍ଠ ବିଚାରକ

### ବିନା ଡାକ୍ତରରେ ମାଗଣା ସ୍ୱାସ୍ଥ୍ୟସେବା

ମହାଶୟ,

ଜଣେ ରୋଗୀକୁ ଆବଶ୍ୟକ ହେଲେ ମାଗଣା ଚିକିତ୍ସା ପାଇଁ ଓଡ଼ିଶା ସରକାର ବାର୍ଷିକ ସାତଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରିଛନ୍ତି। ଅପରପକ୍ଷରେ ଡାକ୍ତରଖାନାଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଡାକ୍ତର ନାହାନ୍ତି। ଅନେକ ଡାକ୍ତରଖାନାରେ କମ୍ପାଉଣ୍ଡର ଓ ନର୍ସମାନେ ରୋଗୀ ଚିକିତ୍ସା କରୁଛନ୍ତି। ସବୁ ଔଷଧ ମାଗଣାରେ ରୋଗୀଙ୍କୁ ଦିଆଯିବ ବୋଲି କୁହାଯାଉଥିବାବେଳେ ବାସ୍ତବ କ୍ଷେତ୍ରରେ ତାହା ଦେଖିବାକୁ ମିଳୁନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଅସ୍ତ୍ରୋପଚାର ପାଇଁ ସବୁ ବ୍ୟବସ୍ଥା ଥିଲେ ମଧ୍ୟ ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନା କିମ୍ବା ନର୍ସିଂହୋମ୍‌କୁ ପଠାଇ ଦିଆଯାଉଛି। ନର୍ସିଂହୋମ୍‌ଗୁଡ଼ିକରେ ରୋଗୀ ଶୋଷଣର ଶିକାର ହେଉଛନ୍ତି। ଏହାର ବାସ୍ତବିକତା ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ବଡ଼ପଣ୍ଡାମାନେ ଓ ଖୋଦ୍ ମନ୍ତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଯାଇ ତନଖି କରିବା ଦରକାର। ତାହା ନ ହେଲେ ଏହା ପ୍ରହସନରେ ପରିଣତ ହେବ।

ଡା. ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### ସଙ୍କଟରେ ଭାଇ ସାହା

ଏରିକମ୍ କମ୍ପାନୀର ବକେୟା ବାବଦକୁ ସାନ ଭାଇ ଅନିଲ ଅମ୍ବାନୀଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସି ବଡ଼ଭାଇ ମୁକେଶ ଅମ୍ବାନୀ ୫୫୮ କୋଟି ଟଙ୍କା ସୁଧମୂଳ ଫେରସ୍ତ କରିବା ଖବର ପ୍ରକାଶ ପାଇଛି। ମୁକେଶ ଅମ୍ବାନୀ ପୃଥିବୀର ସର୍ବୋଚ୍ଚ ଧନିକ ମଧ୍ୟରେ ସପ୍ତମ ସ୍ଥାନରେ ରହିଥିବା ବେଳେ ସାନଭାଇ ବକେୟା ପରିଶୋଧ କରି ନ ପାରି ଜେଲ ଯାଇଥିଲେ ମୁକେଶଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଥାନ୍ତା। ତେଣୁ ସାନଭାଇର ଏପରି ବିପର୍ଯ୍ୟୟରେ ବଡ଼ଭାଇ ସହାୟତାର ହାତ ବଢ଼ାଇ କିଛି ବଡ଼ କାମ କରିନାହାନ୍ତି। ଏହାଦ୍ୱାରା ସେ ନିଜକୁ ବଦନାମରୁ ରକ୍ଷା କରିଛନ୍ତି। ନ ହେଲେ ଲୋକେ କ'ଣ କହିଥାନ୍ତେ ?

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନିଟ୍ ପାଇଁ ପୁଣି ଘୁଞ୍ଚିଲା ବିପିୟୁଟି ପରୀକ୍ଷା

ଭୁବନେଶ୍ୱର,୧୪।୫(ବ୍ୟୁରୋ): ବିଜୁ ପଟ୍ଟନାୟକ ୟୁନିର୍ଭସିଟି ଅଫ୍ ଟେକ୍ନୋଲୋଜି(ବିପିୟୁଟି)ର ସେମିଷ୍ଟର ପରୀକ୍ଷାକୁ ପୁଣିଥରେ ସ୍ଥଗିତ ରଖାଯାଇଛି। ଏହି ପରୀକ୍ଷା ମେ ୨୦ରୁ ଆରମ୍ଭ ହେବାର ଥିଲା। କିନ୍ତୁ ୨୦ତାରିଖରେ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ଥିବାରୁ ବିପିୟୁଟି ତା'ର ପରୀକ୍ଷା ତାରିଖକୁ ଘୁଞ୍ଚାଇଦେଇଛି। ଜୁନ୍ ୧୩ରୁ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ ବୋଲି ବିପିୟୁଟି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଥାଉ କି, ପୂର୍ବରୁ ମେ ୫ରୁ ସେମିଷ୍ଟର ପରୀକ୍ଷା କରିବାକୁ ବିପିୟୁଟି ଘୋଷଣା କରିଥିଲା। ହେଲେ ବାତ୍ୟା 'ଫନୀ'ରେ ବ୍ୟାପକ କ୍ଷୟକ୍ଷତି ଯୋଗୁ ପରୀକ୍ଷା ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା।

### ଡିପ୍ଲୋମା ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର,୧୪।୫(ବ୍ୟୁରୋ): ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ଅଧୀନରେ ଆସନ୍ତା ୨୦ତାରିଖରେ ହେବାକୁ ଥିବା ସମସ୍ତ ଡିପ୍ଲୋମା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। କେବେ ଓ କେଉଁ ସମୟରେ ପରୀକ୍ଷା ହେବ, ସେ ନେଇ ଖୁବ୍‌ଶୀଘ୍ର ସୂଚନା ଦିଆଯିବ। ଏ ନେଇ ମଙ୍ଗଳବାର ପରିଷଦ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ତେବେ ୨୧ତାରିଖରୁ ହେବାକୁ ଥିବା ପରୀକ୍ଷାଗୁଡ଼ିକ ହେବ ବୋଲି କୁହାଯାଇଛି।

### ବରୀ ବ୍ଲକ ବିଜେଡି ସଭାପତି ନିଲମ୍ବିତ

ଭୁବନେଶ୍ୱର,୧୪।୫(ବ୍ୟୁରୋ): ଦଳ ବିରୋଧୀ କାର୍ଯ୍ୟ ପାଇଁ ଯାଜପୁର ଜିଲା ବରୀ ବ୍ଲକ ବିଜେଡି ସଭାପତି ଏସ୍.କେ. ସଫିକୁଦ୍ଦିନ୍ (ଟାଲି)ଙ୍କୁ ଦଳ ନିଲମ୍ବନ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଟାଲିଙ୍କୁ ନିଲମ୍ବନ କରାଯାଇଛି। ବରୀ ବିଧାନସଭାରେ ଦଳୀୟ ପ୍ରାର୍ଥୀ ହୋଇଥିବା ସୁନନ୍ଦା ଦାସଙ୍କ ବିରୋଧରେ ସେ ପ୍ରଚାର କରୁଥିବା ଅଭିଯୋଗ ମିଳିଥିଲା। ଏହା ଦ୍ୱାରା ସ୍ଥାନୀୟ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଫାଇଦା ହୋଇଥିଲା। ତେଣୁ ଟାଲିଙ୍କ ଉପରେ କାର୍ଯ୍ୟାନୁଷ୍ଠାନର ଯଥାର୍ଥତା ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

■ ଗରମ ପାଣି ଫିଙ୍ଗିଲେ ସହାୟିକା

# ଅଙ୍ଗନୱାଡି ଶିଶୁ ଗୁରୁତର

ସୋନପୁର/ବୀରମହାରାଜପୁର, ୧୪।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟିଆପାଲି ଅଙ୍ଗନୱାଡି କେନ୍ଦ୍ରରେ ମଙ୍ଗଳବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। କେନ୍ଦ୍ରର ସହାୟିକା ବେଦମତୀ ମହାକୁର ଶିଶୁକନ୍ୟା ପ୍ରୀତିମୟୀ ମହାକୁର(୩)ଙ୍କ ଉପରକୁ ଗରମ ପାଣି ଫିଙ୍ଗି ଦେବାରୁ ତାଙ୍କ ଶରୀରର ୬୦ ପ୍ରତିଶତ ପୋଡିଯାଇଛି। ପେଟ ଓ ଛାତିରେ ଚମଡା ଉଠିଯାଇଛି। ପରିବାର ଲୋକେ ଶିଶୁକନ୍ୟାକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଳୟରେ ପୋଡା ଘା ଚିକିତ୍ସା ପାଇଁ ସ୍ୱତନ୍ତ୍ର କକ୍ଷ ନଥିବାରୁ ପ୍ରାଥମିକ ଚିକିତ୍ସା ପରେ ଶଲ୍ୟ ବିଶେଷଜ୍ଞ ଡାକ୍ତର ଦୁର୍ଗାଦତ୍ତ ଦାଶଙ୍କ ପରାମର୍ଶକ୍ରମେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସୂଚନା ପାଇ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ପଣ୍ଡା ଏବଂ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁକନ୍ୟାକୁ ଭେଟିଥିଲେ। ଅତିରିକ୍ତ ଜିଲାପାଳ ଚିକିତ୍ସା ପାଇଁ ରେଡ଼କ୍ରସ୍‌ରୁ ୩୦ ହଜାର ଟଙ୍କା ମଞ୍ଜୁର କରିବା ସହିତ ବୁର୍ଲାରେ ଶିଶୁର ଚିକିତ୍ସା ପାଇଁ ଦାୟିତ୍ୱରେ


ଆହତ ଶିଶୁ କନ୍ୟା ପ୍ରୀତିମୟୀ ମହାକୁର।

**ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ**

ଥିବା ଡାକ୍ତରଙ୍କ ସହିତ ଫୋନରେ କଥା ହୋଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଜିଲାପାଳ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସନ୍ଧ୍ୟାରେ ଜଟିଆପାଲିରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଅଙ୍ଗନୱାଡି ସୁପରଭାଇଜର ମମତାମୟୀ ପଧାନ ତାଙ୍କର ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ବୀରମହାରାଜପୁର ଉପଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରିଥିବା ରିପୋର୍ଟରେ ପ୍ରୀତିମୟୀ ପରିଶ୍ରା ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ଅଙ୍ଗନୱାଡି କେନ୍ଦ୍ରର ସହାୟିକା ବେଦମତୀ ଅଣ୍ଡା ସିଝା ହୋଇ ରହିଥିବା ଗରମ ପାଣିକୁ ରୋଷେଇ ଘର ଝରକା ଦେଇ ଶିଶୁ ଉପରକୁ ଫିଙ୍ଗି ଦେଇଥିବା ଉଲ୍ଲେଖ କରିଛନ୍ତି। ତେବେ ମାନବିକତା ଦୃଷ୍ଟିରୁ କେନ୍ଦ୍ରର କର୍ମୀ ଓ ସହାୟିକା ଶିଶୁକନ୍ୟାର ଚିକିତ୍ସା ପାଇଁ ଉଦ୍ୟମ କରି ନ ଥିବା ଶିଶୁକନ୍ୟାର ମା ପ୍ରିୟଦର୍ଶିନୀ ଓ ବାପା ପଞ୍ଚାନନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅସ୍ତେରିଆ କର୍କେଟା କୁହନ୍ତି, ପ୍ରାଥମିକ ତଦନ୍ତରୁ ଉଭୟ ଅଙ୍ଗନୱାଡି କର୍ମୀ ମମତା ମୁନା ଓ ସହାୟିକା ମହାକୁରଙ୍କ ଗୁରୁତର ତ୍ରୁଟି ଥିବା ପରିଲକ୍ଷିତ ହେଉଛି। କର୍ତ୍ତବ୍ୟରେ ଅବହେଳା ଯୋଗୁଁ ଉଭୟଙ୍କୁ ଚାକିରିରୁ ଅନ୍ତର କରାଯିବ। ଅତିରିକ୍ତ ଜିଲାପାଳ ପଣ୍ଡା କହିଥିଲେ ଆମେ ପ୍ରଥମେ ଶିଶୁର ଚିକିତ୍ସା କଥା ଚିନ୍ତା କରୁଛୁ। ସେ ଶୀଘ୍ର ଭଲ ହୋଇ ଫେରି ଆସୁ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ସିଡିପିଓଙ୍କ ତଦନ୍ତ ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

କେନ୍ଦ୍ରକୁ ଓଡ଼ିଶାର ଅନୁରୋଧ

# ଏଫ୍‌ସିଆର୍‌ଏ ମଞ୍ଜୁରୀ ତ୍ୱରାନ୍ୱିତ କର

ନୂଆଦିଲ୍ଲୀ,୧୪।୫

ବାତ୍ୟା ଫନୀ ଯୋଗୁ ଓଡ଼ିଶାର ନାହିଁ ନ ଥିବା କ୍ଷତି ହୋଇଛି। ରାଜ୍ୟରେ ଥଇଥାନ ଓ ପୁନରୁଦ୍ଧାର ଲାଗି ଦେଶର ବିଭିନ୍ନ ପ୍ରାନ୍ତରରୁ ସହାୟତା ମିଳିବାରେ ଲାଗିଛି। ତେବେ ବିଦେଶୀ ସହାୟତା ପାଇବା ଲାଗି ଫରେନ୍ କଣ୍ଟ୍ରିବ୍ୟୁଶନ ରେଗୁଲେଶନ ଆକ୍ଟ(ଏଫ୍‌ସିଆର୍‌ଏ) ଅନୁଯାୟୀ ଅନୁମତି ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି।

ନୂଆଦିଲ୍ଲୀସ୍ଥିତ ରେସିଡେଣ୍ଟ କମିଶନର ସଞ୍ଜୀବ କୁମାର ମିଶ୍ର କହିଛନ୍ତି ଯେ, ଓଡ଼ିଶାର ପୁନରୁଦ୍ଧାର କାର୍ଯ୍ୟରେ ସହାୟତା ଲାଗି ବିଦେଶରେ ଥିବା ଓଡ଼ିଆଙ୍କ ପକ୍ଷରୁ ପ୍ରସ୍ତାବ ଆସୁଛି। ସେମାନେ ଏ ସମ୍ପର୍କରେ ପଚାରି ବୁଝୁଛନ୍ତି। କିନ୍ତୁ ଏଥିପାଇଁ ଉକ୍ତ ଆଇନ ବାଧକ ସାଜିଛି। ତାଙ୍କର କହିବାନୁଯାୟୀ, ଏଫ୍‌ସିଆର୍‌ଏ ଅନୁମୋଦନ ପ୍ରଦାନ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସାଧାରଣତଃ ୨ ମାସରୁ ଅଧିକ ସମୟ ନେଇଥାଏ। କିନ୍ତୁ ଓଡ଼ିଶା ପାଇଁ ୨ରୁ ୩ଦିନ ମଧ୍ୟରେ ଅନୁମୋଦନ ମିଳିଯିବ ବୋଲି ଆଶା କରାଯାଉଛି। ସୂଚନାଥାଉ କି, ରାଷ୍ଟ୍ରହିତରେ ଉକ୍ତ ଆଇନ ଲାଗୁ କରାଯାଇଛି। ଫଳରେ ବିଦେଶରୁ କୌଣସି ବ୍ୟକ୍ତି, ସଂଗଠନ, କମ୍ପାନୀ ଦେଶକୁ ସିଧାସଳଖ ଅର୍ଥ ପଠାଇପାରିବେ ନାହିଁ। ଏଥିଲାଗି ଉକ୍ତ ମନ୍ତ୍ରଣାଳୟର ପ୍ରାକ୍ ମଞ୍ଜୁରୀ ନେବାକୁ ପଡିଥାଏ। ରେଡିଡେଣ୍ଟ କମିଶନର ମିଶ୍ର କହିଛନ୍ତି ଯେ, ବାତ୍ୟା ଫନୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟର ସଡ଼କ ତଥା ଭିତ୍ତିଭୂମିର ନିର୍ମାଣ ଲାଗି କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ଅଧୀନରେ ଆସୁଥିବା ଅର୍ଥକୁ ସିଧାସଳଖ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟକୁ କେନ୍ଦ୍ର ସରକାର ପଠାନ୍ତୁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ଇତିମଧ୍ୟରେ ନୂଆଦିଲ୍ଲୀରୁ ୭୦ ଟନ୍ ଔଷଧ ଓଡ଼ିଶାକୁ ପଠାଯାଇଛି ଏବଂ ଆଗାମୀ ଦିନରେ ଆହୁରି ପଠାଯିବ ବୋଲି ସେ କହିଛନ୍ତି। ସେ କହିଛନ୍ତି, ନ୍ୟାଶନାଲ କ୍ରାଇସିସ୍ ମ୍ୟାନେଜମେଣ୍ଟ କମିଟିର ୧୦ ଥର ବୈଠକ ବସିଥିବା ବେଳେ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଏଥିରେ ଯୋଗ ଦେଇ ଆସୁଛନ୍ତି। ସେମାନେ କେନ୍ଦ୍ର ସରକାରଙ୍କ ଅଧୀନ ସମସ୍ତ ବିଭାଗ ସହ ନିରନ୍ତର ସମ୍ପର୍କରେ ରହିଛନ୍ତି ବୋଲି ମିଶ୍ର ପ୍ରକାଶ କରିଛନ୍ତି।

# ସ୍ୱାସ୍ଥ୍ୟ ସଂକ୍ରାନ୍ତ ସୂଚନା ମିଳିଲେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ଗଣମାଧ୍ୟମରେ ପ୍ରକାଶିତ ଯେକୌଣସି ଖବରକୁ ଗୁରୁତ୍ୱ ଦେଇ ସମନ୍ୱିତ ରୋଗ ସର୍ବେକ୍ଷଣ ସେଲ୍ ସେ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶିତ ଖବର ଉପରେ ଅନୁଧ୍ୟାନ କରି ରୋଗର କାରଣ ଏବଂ ନିରାକରଣ ଲାଗି ନିଆଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ତୁରନ୍ତ ଜଣାଇବାକୁ କୁହାଯାଇଛି। ଏହା ଯେଭଳି ମହାମାରୀର ରୂପ ନ ନିଏ, ସେ ଦିଗରେ ଦୃଷ୍ଟି ଦେବାକୁ ସଚିବ କହିଛନ୍ତି। ମଙ୍ଗଳବାର ରାଜ୍ୟ ସଚିବାଳୟଠାରେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ ଆଲୋଚନା ସମୟରେ ସେ ଏହି ନିର୍ଦ୍ଦେଶ ଦେଇଛନ୍ତି।

ବାତ୍ୟା ପରେ ପରେ ସାଧାରଣତଃ କେତେକ ସ୍ଥାନରେ ମ୍ୟାଲେରିଆ, ଝାଡ଼ାବାନ୍ତି, ଥଣ୍ଡାଜ୍ୱର ଭଳି ରୋଗ ଦେଖିବାକୁ ମିଳିଥାଏ। ବିଭିନ୍ନ ସ୍ଥାନରୁ ଏ ସଂକ୍ରାନ୍ତ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥାଏ। ଏସବୁ ଖବର ବିଷୟରେ ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ସମନ୍ୱିତ ରୋଗ ସର୍ବେକ୍ଷଣ ସେଲ୍ ସଜାଗ ରହିବା ଆବଶ୍ୟକ। କେବଳ ଗଣମାଧ୍ୟମ ନୁହେଁ, ଅନ୍ୟ ଯେକୌଣସି ସୂତ୍ରରୁ ଖବର ପାଇବା ମାତ୍ରେ ଏହି ସେଲ୍ ତାହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ସଚିବ କହିଛନ୍ତି। କେଉଁ ଅଞ୍ଚଳରେ କି ପ୍ରକାର ରୋଗ କେଉଁ ପରିସ୍ଥିତିରେ ଦେଖାଦେଇଛି ଓ ତାହାର ନିରାକରଣ ଲାଗି କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି, ତୁରନ୍ତ ତାହାର ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ପାଇବା ପରେ ବିଭାଗ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ରୋଗଠାରୁ ଦୂରେଇ ରହିବା ଲାଗି ବାତ୍ୟାଞ୍ଚଳଗୁଡ଼ିକରେ ଲୋକେ କିଭଳି ପରିଷ୍କାର ପରିଚ୍ଛନ୍ନ ରହୁଛନ୍ତି, ବିଶେଷକରି ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ଭଲ ଭାବେ ହାତକୁ ପରିଷ୍କାର କରିବା, ବିଶୁଦ୍ଧ ପାନୀୟଜଳ ବ୍ୟବହାର କରିବା, ବିଶୋଧିତ ଜଳରେ ସ୍ନାନ କରିବା, ମଶାଙ୍କଠାରୁ ଦୂରେଇ ରହିବା, ତଟକା ଖାଦ୍ୟ ଖାଇବା ଆଦି ଉପରେ ସେମାନଙ୍କୁ ସଚେତନ କରିବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ବାତ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ପାନୀୟଜଳ ବିଶୋଧନ ପାଇଁ ଲୋକଙ୍କୁ ପ୍ରଚୁର ପରିମାଣରେ ହାଲୋଜିନ୍ ଓ କ୍ଲୋରିନ ବଟିକା ବଣ୍ଟନ କରାଯାଉଛି। ଗାଁ କଲ୍ୟାଣ ସମିତି ସହଯୋଗରେ ସଫେଇ କାର୍ଯ୍ୟ ଜାରି ରହିଛି। ଏଥିସହିତ ମୁକ୍ତ ଜଳାଶୟଗୁଡ଼ିକୁ ମଧ୍ୟ ବିଶୋଧନ କରାଯାଉଛି। ଗାଁ ଗହଳରେ ମଶାବଂଶ ନିୟନ୍ତ୍ରଣ ଲାଗି ସ୍ଥାନୀୟ ସାମାଜିକ କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଆଲୋଚନାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଲିନୀ ପଣ୍ଡିତ, ସ୍ୱତନ୍ତ୍ର ସଚିବ ଶରତ ଚନ୍ଦ୍ର ମିଶ୍ର, ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ଯୁଗ୍ମ ସଚିବ ଯାମିନୀ ଷଡ଼ଙ୍ଗୀ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

**୧୯ରେ ୩୪ ବୁଥରେ ସାନି ମତଦାନ**

# ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

ଗତ ନିର୍ବାଚନ ସମୟରେ ତୃତୀୟ (ଏପ୍ରିଲ୍ ୨୩) ଓ ଚତୁର୍ଥ (ଏପ୍ରିଲ୍ ୨୯) ପର୍ଯ୍ୟାୟରେ ମନୁଷ୍ୟାକୃତ ତ୍ରୁଟି ଏବଂ ଅନିୟମିତତା ଯୋଗୁ ସ୍ଥଗିତ ରହିଥିବା ୩୪ଟି ବୁଥ୍‌ରେ ଆସନ୍ତା ୧୯ ତାରିଖରେ ପୁନଃ ମତଦାନ ହେବ। ଏ ନେଇ ମଙ୍ଗଳବାର କଟକ, ଦେବଗଡ, ପୁରୀ, ଅନୁଗୋଳ, କେନ୍ଦୁଝର, ଖୋର୍ଦ୍ଧା, ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ ଏବଂ ଜଗତ୍‌ସିଂହପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଚିଠି ଲେଖି ଜଣାଇଛନ୍ତି। । ସାନି ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ କରିବା ସହ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଓ ସେମାନଙ୍କର ଏଜେଣ୍ଟମାନଙ୍କୁ ନିର୍ବାଚନର ତାରିଖ, ସମୟ ଓ ସ୍ଥାନ ବିଷୟରେ ଜଣାଇବାକୁ କୁହାଯାଇଛି। ଏନେଇ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ସମ୍ପୃକ୍ତ ଅଞ୍ଚଳରେ ମତଦାନ ତାରିଖ ଓ ସମୟ ବିଷୟରେ ମତଦାତାଙ୍କୁ ଜଣାଇବା ପାଇଁ ସମସ୍ତ ପଦକ୍ଷେପ ନେବାକୁ କୁହାଯାଇଛି। ଏଥିସହିତ ସେହି ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସର ଏବଂ ଅବଜରଭରମାନଙ୍କୁ ସୂଚନା ଦେବା ସହ ତୁରନ୍ତ ଏ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ସାନି ନିର୍ବାଚନ ପରେ ଇଭିଏମ୍ ଓ ଭିଭିପିଏଟି ଷ୍ଟ୍ରଙ୍ଗ ରୁମ୍‌ରେ ରଖିବା ବେଳେ ଉପସ୍ଥିତ ରହିବା ପାଇଁ ପ୍ରାର୍ଥୀମାନଙ୍କୁ ଅବଗତ କରାବାକୁ ରିଟର୍ନିଂ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ପାଇଁ ସମସ୍ତ ସୁରକ୍ଷା ବନ୍ଦୋବସ୍ତ କରିବାକୁ ଜିଲାପାଳଙ୍କୁ ସିଇଓ ନିର୍ଦ୍ଦେଶ ଦେଇଛନ୍ତି। ମକ୍‌ପୋଲ, ମତଦାନ ଏବଂ ଅନ୍ୟାନ୍ୟ ବିଷୟରେ ମେସେଜ ଜରିଆରେ ସିଇଓଙ୍କ କାର୍ଯ୍ୟାଳୟକୁ ଅବଗତ କରିବାକୁ କୁହାଯାଇଛି।

ଆସନ୍ତା ୧୯ ତାରିଖରେ ତୃତୀୟ ପର୍ଯ୍ୟାୟର ୧୨ଟି ଓ ଚତୁର୍ଥ ପର୍ଯ୍ୟାୟର ୨୨ଟି ବୁଥ୍‌ରେ ମତଦାନ ଅନୁଷ୍ଠିତ ହେବ। ବଡ଼ମ୍ବା ବିଧାନ ସଭା ନିର୍ବାଚନ ମଣ୍ଡଳୀର ୧୯୬, ଦେବଗଡ଼ ନିର୍ବାଚନ ମଣ୍ଡଳୀର ୧୮୩, ବ୍ରହ୍ମଗିରିର ୨୨୨ ଓ ୬୨, ସତ୍ୟବାଦୀର ୭୮, ତାଳଚେରର ୮୫, ଆଠଗଡ଼ର ୯୦, ୧୦୦, ୧୩୭ ଓ ୧୩୮, ଘସିପୁରା ୧୭୧, ଭୁବନେଶ୍ୱର ମଧ୍ୟ ୧୨୭, ବିଞ୍ଝାରପୁର ୧୩୫ ଓ ୧୯୧ ଏବଂ ବରୀ ବିଧାନସଭା ନିର୍ବାଚନମଣ୍ଡଳୀର ୮୨, ୧୮୫, ୧୬୨, ୧୬୩ ଓ ୧୯୪ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ସେହିପରି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୧୪୮, ସୁକିନ୍ଦା ୧୯୬, ଜଳେଶ୍ୱର ୧୮୭ ଓ ୧୮୯, ବାଙ୍ଗିରିପୋଷି ୧୦୪, ବାରିପଦା ୧୬, ୧୯, ୧୬୬ ଓ ୨୪୮, ମାହାଙ୍ଗାର ୫୭, ୫୮, ୧୪୪ ଓ ୧୫୭, ସାଲେପୁର ୮୭, ୩୯ ଏବଂ ପାରାଦୀପ ବିଧାନସଭାର ୩୯ ନମ୍ବର ବୁଥ୍‌ରେ ପୁଣି ମତଦାନ ହେବ। ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ। ଏହି ବୁଥ୍‌ଗୁଡ଼ିକର ଫଳାଫଳ ମଧ୍ୟ ଆସନ୍ତା ୨୩ ତାରିଖରେ ପ୍ରକାଶ ପାଇବ ବୋଲି ସେ କହିଛନ୍ତି।

■ ମଦ ନିଶା ନେଲା ଜୀବନ

# ଯୁବକଙ୍କୁ ପଥରରେ ଛେଚି ହତ୍ୟା

ନୂଆଗାଁ,୧୪।୫ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ବଡଧୋଡା ତ୍ରିନାଥ ମଣ୍ଡପଠାରେ ସୋମବାର ରାତିରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ କୋରଡା ଗ୍ରାମ ମଠସାହିର ଜିତୁ ନାହକ (୩୫)। ଜିତୁଙ୍କ ସ୍ତ୍ରୀ ତୁଳସୀ ନାହକଙ୍କ କହିବା ମୁତାବକ ଝିଅପୁଅ ସହ ଆମେ ତିନିଦିନ ହେଲା ବାପଘର ଖାଲମଡାରେ ରହୁଥିଲୁ। ଜିତୁ ଜଣେ ଦିନମଜୁରିଆ ହୋଇଥିବାରୁ ସେଠାରୁ ସେ କାମକୁ ଯାଉଥିଲେ। ସୋମବାର କାମରୁ ଫେରିବା ପରେ ସନ୍ଧ୍ୟାରେ କୋରଡା ଗ୍ରାମର ଗଙ୍ଗା ସେଠୀ ଓ ବାବୁଲା ପ୍ରଧାନ ଫୋନ କରି ଜିତୁଙ୍କୁ ନୂଆଗାଁ ଆସିବା ପାଇଁ କହିଥିଲେ। ତେଣୁ ସେ ନିଜ ବାଇକ୍‌ରେ ନୂଆଗାଁ ଯାଇଥିଲେ। ହେଲେ ରାତିରେ ଆଉ ଘରକୁ ଫେରି ନ ଥିଲେ। ଫୋନ ଲଗାଇବାରୁ ସୁଇଚ୍ ଅଫ୍ ଥିଲା। ସକାଳୁ ସ୍ଥାନୀୟ ଲୋକେ ତ୍ରିନାଥ ମଣ୍ଡପରେ ଏକ ମୃତଦେହ ରକ୍ତାକ୍ତ ଅବସ୍ଥାରେ ପଡିଥିବାବେଳେ ନିକଟରେ ବଡ ପଥର ପଡିଥିବା ଦେଖି ଥାନାକୁ ଖବର ଦେଇଥିଲେ। ଥାନା ଆଇଆଇସି ମନୋରମା ମଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ସ୍ଥାନୀୟ ଲୋକେ ମୃତ ଯୁବକ କୋରଡା ଗ୍ରାମର ବୋଲି କହିବା ପରେ ପରିବାର ଲୋକେ ଆସି ଜିତୁଙ୍କୁ ଚିହ୍ନିଥିଲେ। ତୁଳସୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ. ୩୭/୧୯) ରୁଜୁ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଗଙ୍ଗାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ବେଳେ ବାବୁଲା ଫେରାର ଥିବାରୁ ତାଙ୍କ ବାପା ମାଟିଆ ପ୍ରଧାନଙ୍କୁ ଅଟକ ରଖିଛି। କିନ୍ତୁ ଜିତୁଙ୍କୁ ସେ ତିନିଦିନ ହେଲା ଦେଖି ନାହାନ୍ତି, ତାଙ୍କ ନାମରେ ମିଥ୍ୟା ଅଭିଯୋଗ ହୋଇଥିବା କହିଛନ୍ତି ଗଙ୍ଗା। ଜିତୁଙ୍କ ବାଇକ୍‌ଟିକୁ ପୋଲିସ ଜବତ କରିଛି। ଘଟଣାସ୍ଥଳରେ ନୟାଗଡ଼ ଏସଡିପିଓ ନିରଞ୍ଜନ ପାଢୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ନିଶା ସେବନ ପରେ ଜିତୁଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଜଣାପଡିଛି। ହତ୍ୟାର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା କହିଛନ୍ତି ଆଇଆଇସି ମଲିକ।


ଶୋକାକୁଳ ପରିବାରବର୍ଗ।


## ଜାତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପୁରସ୍କାର ୨୦୧୯

National Foundation for Communal Harmony

**ଜାତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ଫାଉଣ୍ଡେଶନ୍ (ଏନ୍‌ଏଫ୍‌ସିଏଚ୍)**
(ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ସ୍ୱୟଂଶାସିତ ସଂଗଠନ)

ଏନ୍‌ଏଫ୍‌ସିଏଚ୍ ଯୋଗ୍ୟ ବ୍ୟକ୍ତିବିଶେଷ ଏବଂ ସଂଗଠନଗୁଡ଼ିକଠାରୁ ସାମ୍ପ୍ରଦାୟିକ ସଦ୍‌ଭାବନା ଏବଂ ଜାତୀୟ ସଂହତିର ପ୍ରସାରରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ **ଜାତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପୁରସ୍କାର ୨୦୧୯** ଲାଗି ନାମାଙ୍କନ ଆହ୍ୱାନ କରୁଛି। ପୁରସ୍କାରରେ ପ୍ରତ୍ୟେକଙ୍କ ପାଇଁ ଏକ ମାନପତ୍ର ଏବଂ ବ୍ୟକ୍ତିବିଶେଷଙ୍କ ପାଇଁ ଦଶବର୍ଷ ଓ ସଙ୍ଗଠନଗୁଡ଼ିକ ପାଇଁ ପାଞ୍ଚବର୍ଷ ଅବଧିରେ ଉଲ୍ଲେଖନୀୟ ଅବଦାନ ଭିତ୍ତିରେ 'ବ୍ୟକ୍ତିବିଶେଷ'ଙ୍କ ପାଇଁ ପାଞ୍ଚ ଲକ୍ଷ ଟଙ୍କା ଏବଂ 'ସଙ୍ଗଠନ'ଗୁଡ଼ିକ ପାଇଁ ଦଶ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଅନ୍ତର୍ଭୁକ୍ତ। ଏହା ହେଉଛି ଉକ୍ତ ପୁରସ୍କାର ପାଇଁ ଜରୁରୀ ପ୍ରାକ୍–ଯୋଗ୍ୟତା ସର୍ତ୍ତାବଳୀ।

ନାମାଙ୍କନ ଯେକୌଣସି କ୍ଷମତାପ୍ରାପ୍ତ ପ୍ରସ୍ତାବକ ଯଥା ରାଜ୍ୟ ସରକାର/କେନ୍ଦ୍ର ଶାସିତ ଅଞ୍ଚଳ ପ୍ରଶାସନ; ପୌର ନିଗମ/ପୌର ପରିଷଦ/ଜିଲ୍ଲା ପଞ୍ଚାୟତ (ରାଜ୍ୟରେ ଏହା ଯେକୌଣସି ନାମରେ ପରିଚିତ ହେଉନା କାହିଁକି); ଲୋକ ସଭା/ରାଜ୍ୟ ବିଧାନସଭାର ବାଚସ୍ପତି; ସଂସଦ ଓ ରାଜ୍ୟ ବିଧାନସଭା ସଦସ୍ୟ; ଜାତୀୟ ସଂହତି ପରିଷଦ/ଜାତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ଫାଉଣ୍ଡେଶନ୍‌ର ଅନୁଶାସନ ପରିଷଦ କିମ୍ବା କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ; ବିଶ୍ୱବିଦ୍ୟାଳୟର କୁଳପତି; ଜାତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପୁରସ୍କାର ବିଜେତା ଏବଂ ସାମ୍ପ୍ରଦାୟିକ ସଦ୍‌ଭାବନା ଓ ଜାତୀୟ ସଂହତି ପାଇଁ ସମର୍ପିତ ପ୍ରତିଷ୍ଠିତ ସଂଗଠନଗୁଡ଼ିକ ମାଧ୍ୟମରେ ପଠାଯାଇପାରିବ।

**ଦ୍ରଷ୍ଟବ୍ୟ:**
- ପୁରସ୍କାର ପାଇଁ ଆବେଦନ କରିବା ପୂର୍ବରୁ, ଫାଉଣ୍ଡେଶନ୍‌ର ୱେବ୍‌ସାଇଟ୍‌ରେ ନିଜର ଯୋଗ୍ୟତା ସମ୍ପର୍କରେ ସୁନିଶ୍ଚିତ ହେବା ପାଇଁ ଆବେଦନକାରୀମାନଙ୍କୁ ଅନୁରୋଧ କରାଯାଉଛି।
- କେବଳ ସବୁ ଦିଗରୁ ସମ୍ପୂର୍ଣ୍ଣ ତଥା ନିର୍ଦ୍ଧାରିତ ସମୟସୀମା (**ଅର୍ଥାତ୍ ୩୦ ଜୁନ୍, ୨୦୧୯**) ମଧ୍ୟରେ ପ୍ରାପ୍ତ ନାମାଙ୍କନଗୁଡ଼ିକୁ ବିଚାରକୁ ନିଆଯିବ।
- ଜାତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ପୁରସ୍କାର ପାଇଁ କେବଳ ଆବେଦନ କରିଦେବା ହିଁ କୌଣସି ବ୍ୟକ୍ତିବିଶେଷ/ସଙ୍ଗଠନକୁ ଏହି ପୁରସ୍କାର ପାଇଁ ହକ୍‌ଦାର କରେ ନାହିଁ।
- ଏହି ପୁରସ୍କାର ସଂକ୍ରାନ୍ତରେ ବିଚାରକମଣ୍ଡଳୀର ଆଲୋଚନା, ବିଚାରବିମର୍ଶ, ମତାମତ ଓ କାର୍ଯ୍ୟଧାରାକୁ ସର୍ବସାଧାରଣରେ ପ୍ରକାଶିତ କିମ୍ବା ଅନ୍ୟ କୌଣସି ଆକାରରେ ପ୍ରକଟ କରାଯିବ ନାହିଁ।
- ବିଚାରକମଣ୍ଡଳୀର ନିଷ୍ପତ୍ତି ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ଅନୁମୋଦନ ଉପରେ ନିର୍ଭର କରିବ ନାହିଁ ଏବଂ ସେମାନଙ୍କ ବିରୋଧରେ କୌଣସି ନିବେଦନ କିମ୍ବା ପ୍ରତିବାଦ କରାଯାଇପାରିବ ନାହିଁ।
- ଏନ୍‌ଏଫ୍‌ସିଏଚ୍ ନିକଟରେ ଦାଖଲ କରାଯାଇଥିବା ନାମାଙ୍କନ/କାଗଜପତ୍ର ଇତ୍ୟାଦି ଅଣ–ଫେରସ୍ତଯୋଗ୍ୟ। ଆବଶ୍ୟକ ହେଲେ, ଏହାକୁ ସର୍ବସାଧାରଣରେ ପ୍ରକାଶିତ କରାଯାଇପାରେ।

ସବୁ ଦିଗରୁ ସମ୍ପୂର୍ଣ୍ଣ ନାମାଙ୍କନଗୁଡ଼ିକୁ **ସେକ୍ରେଟାରୀ, ଏନ୍‌ଏଫ୍‌ସିଏଚ୍‌ଙ୍କ** ନିକଟକୁ ନିମ୍ନଲିଖିତ ଠିକଣାରେ **୩୦ ଜୁନ୍, ୨୦୧୯** ସୁଦ୍ଧା ପଠାଯିବା ଆବଶ୍ୟକ। ବିବରଣୀ ୱେବ୍‌ସାଇଟ୍ www.nfch.nic.inରେ ଦେଖାଯାଇପାରିବ କିମ୍ବା ଫାଉଣ୍ଡେଶନ୍ କାର୍ଯ୍ୟାଳୟରୁ ହାସଲ କରାଯାଇପାରିବ।

**ଠିକଣା: ୯ମ ମହଲା, 'ସି' ୱିଙ୍ଗ, ଲୋକନାୟକ ଭବନ, ଖାନ୍ ମାର୍କେଟ୍, ନୂଆଦିଲ୍ଲୀ–୧୧୦୦୦୩**
ଇମେଲ୍: nfch@mha.gov.in, ଟେଲି.: ୦୧୧–୨୪୬୪୩୦୫୨, ୨୪୬୪୬୧୩୯ ଫାକ୍ସ: ୨୪୬୧୦୫୨୪
davp 19128/11/0001/1920



## ପୂର୍ବ ତଟ ରେଳପଥ
### ଇଞ୍ଜିନିୟରିଂ କାର୍ଯ୍ୟ

ଟେଣ୍ଡର ସୂଚନା ସଂ. 02/ET/SBP/ENGG/ 2019-20, ତା. : 06.05.2019ରିଖ

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.06-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଖରିଆର-ରହେନବଟା ସେକ୍ସନରେ କ୍ଷତିଗ୍ରସ୍ତ ସାଇକ୍ ହ୍ରେନ୍‌ଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 2,59,10,832.55, EMD : 2,79,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 10,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 12 ମାସ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.07-eT-SDENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଲାଖୋଲି (Ex)-ଖରିଆର ରୋଡ୍ ସେକ୍ସନରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକଠାରେ ସେସ୍ (Cess) ଏବଂ କ୍ଷତିଗ୍ରସ୍ତ ହ୍ରେନ୍‌ଗୁଡ଼ିକର ମରାମତି ତଥା ପ୍ରଶସ୍ତୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,17,91,120.01, EMD: 2,09,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 08 ମାସ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.08-eT-SDENW-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ଲାଖୋଲି (Ex)-ରହେନବଟା (In) ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,61,76,989.08, EMD: 2,30,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.09-eT-SDENW-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ରହେନବଟା(Ex)-ଖେତୁଆଲି (In) ଏବଂ ଲାଞ୍ଜିଗଡ଼(Ex)-କୁକଗଡ଼ ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,81,97,635.70, EMD: 2,41,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.04-eT-DENC-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ଝାରସୁଗୁଡ଼ା (Ex)-ବରଗଡ଼ ରୋଡ୍ (In) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମାଦନ(ପୋଲ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 88,73,031.42, EMD: 1,77,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(6)ଇ-ଟେଣ୍ଡର ବିଜ୍ଞପ୍ତି ସଂ.05-eT-DENC-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ସମ୍ବଲପୁର ଅଧୀନସ୍ଥ ସମ୍ବଲପୁର ରୋଡ୍ (In)- ସମ୍ବଲପୁର (In) ସେକ୍ସନ ବ୍ୟତୀତ ଝାରସୁଗୁଡ଼ା (Ex)-ବରଗଡ଼ ରୋଡ୍ (In) ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,65,66,189.71, EMD: 2,32,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(7)ଇ-ଟେଣ୍ଡର ବିଜ୍ଞପ୍ତି ସଂ.06-eT-DENC-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ (ସେଣ୍ଟେଲମେଣ୍ଟ)/ ସମ୍ବଲପୁର ପରିସୀମା ଅଧୀନସ୍ଥ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ, ଷ୍ଟେସନ ବିଲ୍ଡିଂ କମ୍ପ୍ଲେକ୍ସ, ORC, ଅଧିକାରୀ ବିଶ୍ରାମ ଗୃହ (ORH), ଅଧସ୍ତନ ବିଶ୍ରାମ ଗୃହ(SRH), DRH, ରେଳବାଇ ମିନି ଷ୍ଟାଡିୟମ ଇତ୍ୟାଦି ସହିତ ସମସ୍ତ ସର୍ଭିସ ବିଲ୍ଡିଂଗୁଡ଼ିକ ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,29,11,777.18, EMD: 2,14,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(8)ଇ-ଟେଣ୍ଡର ବିଜ୍ଞପ୍ତି ସଂ.07-eT-DENC-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ ସେଟେଲମେଣ୍ଟ/ସମ୍ବଲପୁର ପରିସୀମା ଅଧୀନସ୍ଥ ସମ୍ବଲପୁର ଠାରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଆବାସିକ ବିଲ୍ଡିଂଗୁଡ଼ିକ ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,30,74,761.70, EMD: 2,15,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି : 30.06.2020।

(9)ଇ-ଟେଣ୍ଡର ବିଜ୍ଞପ୍ତି ସଂ.03-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନସ୍ଥ ବରଗଡ଼ ରୋଡ୍(Ex)-ଟିଟିଲାଗଡ଼(Ex) ସେକ୍ସନରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,14,39,030.14, EMD: 2,07,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(10)ଇ-ଟେଣ୍ଡର ବିଜ୍ଞପ୍ତି ସଂ.04-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ସମ୍ବଲପୁର(Ex)-ଅନଗୁଳ(Ex) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,39,79,042.58, EMD: 2,19,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(11)ଇ-ଟେଣ୍ଡର ବିଜ୍ଞପ୍ତି ସଂ.05-eT-SDENE-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ସମ୍ବଲପୁର(Ex)-ଅନଗୁଳ(Ex) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମାଦନ (ବ୍ରିଜ୍ ମରାମତି କାର୍ଯ୍ୟଗୁଡ଼ିକ ପାଇଁ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 69,86,125.20, EMD: 1,39,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(12)ଇ-ଟେଣ୍ଡର ବିଜ୍ଞପ୍ତି ସଂ.06-eT-SDENE-SBP-19
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ୍ (Ex)-ଟିଟିଲାଗଡ଼ (Ex) ସେକ୍ସନ ମଧ୍ୟରେ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମାଦନ (ବ୍ରିଜ୍ ମରାମତି କାର୍ଯ୍ୟଗୁଡ଼ିକ ପାଇଁ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 40,42,325.59, EMD: 80,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 3,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(13)ଇ-ଟେଣ୍ଡର ବିଜ୍ଞପ୍ତି ସଂ.01-eT-BRIDGE-SBP-19
କାର୍ଯ୍ୟର ନାମ: ସମ୍ବଲପୁର-ସମ୍ବଲପୁର ରୋଡ୍ ଷ୍ଟେସନଗୁଡ଼ିକ ମଧ୍ୟରେ କି.ମି.561/15-16 ଠାରେ ଅନୁମୋଦିତ ଡ୍ରଇଂ (ଡ୍ରଇଂ ନଂ.RDSO/B-16014/RI) ଅନୁଯାୟୀ ନୂଆ ୱେଲ୍ଡେଡ୍ ଟାଇପ ବ୍ରିଜ୍ ଗର୍ଡ଼ର (12.2m) ସହିତ କ୍ଷତିଗ୍ରସ୍ତ ଗର୍ଡ଼ରଗୁଡ଼ିକର ରିଗର୍ଡ଼ରିଂ ଦ୍ୱାରା ବ୍ରିଜ୍ ନଂ.67(L-1)1X12.2ମି ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 24,61,338.38, EMD: 49,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 3,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ।

(14)ଇ-ଟେଣ୍ଡର ବିଜ୍ଞପ୍ତି ସଂ.02-eT-BRIDGE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଞ୍ଜିନିୟର/ବ୍ରିଜ/ ସମ୍ବଲପୁର ପରିସୀମା ଅଧୀନରେ ବର୍ଷ 2019-20 ନିମନ୍ତେ ବଳକା ଥିବା ନିମ୍ନ ବର୍ଣ୍ଣିତ ବ୍ରିଜ୍‌ଗୁଡ଼ିକର T/R, M/R, ସିଡ଼ି ଏବଂ ଗ୍ରୁପ୍ ଗାର୍ଡ଼(67,L-1 ଠାରୁ L-5 ପର୍ଯ୍ୟନ୍ତ) ସହିତ ସମ୍ବଲପୁର ରୋଡ୍-ସମ୍ବଲପୁର ମଧ୍ୟରେ କି.ମି.561/15-16 ଠାରେ ବ୍ରିଜ୍ ନଂ.67(1X12.20m ପ୍ରତ୍ୟେକ L-1 ଠାରୁ L-5 ପର୍ଯ୍ୟନ୍ତ), ସମ୍ବଲପୁର-ହୀରାକୁଦ ଷ୍ଟେସନ ମଧ୍ୟରେ କି.ମି.567/1-568/1 ଠାରେ ବ୍ରିଜ୍ ନଂ.76(25X30.5m), ସମ୍ବଲପୁର-ହୀରାକୁଦ ଷ୍ଟେସନ ମଧ୍ୟରେ କି.ମି.568/7-8 ଠାରେ ବ୍ରିଜ୍ ନଂ.77(2X45.72m) ଏବଂ ଅତାବିରା-ବରଗଡ଼ ରୋଡ୍ ଷ୍ଟେସନ ମଧ୍ୟରେ କି.ମି.598/1-3 ଠାରେ ବ୍ରିଜ୍ ନଂ.160 (2X18.30m+6X24.38m) ର ଥ୍ରୁ ମେଟାଲାଇଜିଙ୍ଗ ଏବଂ ପେଣ୍ଟିଙ୍ଗ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 1,69,35,556.72, EMD: 2,34,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 10 ମାସ।

(15)ଇ-ଟେଣ୍ଡର ବିଜ୍ଞପ୍ତି ସଂ.03-eT-BRIDGE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଞ୍ଜିନିୟର, ବ୍ରିଜ୍/ଟିଟିଲାଗଡ଼ ଅଧୀନସ୍ଥ ବ୍ରିଜ୍‌ଗୁଡ଼ିକ ପାଇଁ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 58,57,024.80, EMD: 1,17,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

(16)ଇ-ଟେଣ୍ଡର ବିଜ୍ଞପ୍ତି ସଂ.05-eT-BRIDGE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଞ୍ଜିନିୟର(ବ୍ରିଜ୍)/ ସମ୍ବଲପୁର ଅଧୀନସ୍ଥ ବ୍ରିଜ୍‌ଗୁଡ଼ିକ ପାଇଁ 30.06.2020 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 74,73,932.51, EMD: 1,49,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/-+ 18% GST, କାର୍ଯ୍ୟ ଶେଷ ହେବା ଅବଧି: 30.06.2020।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.30.05.2018ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫ୍ୟାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥାଏ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ପ୍ରକାର ବିଚାର ବିମର୍ଶ ରୂପେ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର
PR-75/K/19-20

## ସଂକ୍ଷେପରେ

### କ୍ଷୟକ୍ଷତି ଆକଳନ ସମୀକ୍ଷା କଲେ ବିଧାୟିକା

ବିରିଡ଼ି,୧୪।୫(ଡି.ଏନ.ଏ.): ଫନୀରେ ବିରିଡ଼ି ତହସିଲ ଅନ୍ତର୍ଗତ ୮୧ଟି ରାଜସ୍ୱ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ତେବେ ଘରଭଙ୍ଗା କ୍ଷୟକ୍ଷତି ଆକଳନ ଓ ବିଦ୍ୟୁତ୍ ଯୋଗାଣରେ ବିଳମ୍ବ ହେଉଥିବାରୁ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମଙ୍ଗଳବାର ବିରିଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସେ ଏ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ସୂଚନା ଅନୁଯାୟୀ, ୧୧ ଦିନରେ ମାତ୍ର ୨୩ଟି ରାଜସ୍ୱ ଗ୍ରାମର ଘରଭଙ୍ଗା ସର୍ଭେ କରାଯାଇ ୩୨୦ ଜଣଙ୍କୁ ପଲିଥିନ ବଣ୍ଟନ କରାଯାଇଛି। ଆହୁରି ଅନେକ ଲୋକ ଖୋଲା ଆକାଶ ତଳେ ପଡିରହିଛନ୍ତି। ଏହାର କାରଣ ସମ୍ପର୍କରେ ବିଧାୟିକା ତହସିଲଦାରଙ୍କୁ ପଚାରିଥିଲେ। ୭ଟି ରାଜସ୍ୱ ସର୍କଲରେ ଜଣେ ଲେଖାଏ କର୍ମଚାରୀ କାର୍ଯ୍ୟ କରୁଥିବାରୁ ସର୍ଭେରେ ବିଳମ୍ବ ହେଉଥିବା ତହସିଲଦାର ସାଗରିକା ପ୍ରିୟଦର୍ଶିନୀ କହିଥିଲେ। ସ୍ଥାନୀୟ ରାଜସ୍ୱ କର୍ମଚାରୀଙ୍କୁ ସର୍ଭେ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ସହଯୋଗ କରିବାକୁ ଡେପୁଟେଶନରେ ୨୧ଜଣ ରାଜସ୍ୱ କର୍ମଚାରୀ ବିରଡ଼ି ତହସିଲକୁ ଆସିଥିବା ତହସିଲଦାର ସୂଚନା ଦେଇଥିଲେ। ଚଳିତ ସପ୍ତାହରେ ସର୍ଭେ ସରିବ ବୋଲି କୁହାଯାଇଥିଲା। ସେହିପରି ବିଦ୍ୟୁତ୍ ଯୋଗାଣରେ ବିଳମ୍ବ ହେଉଥିବା କୁହାଯାଇଥିଲା। ହେଲେ ସେସୁ ଓ ଏନ୍‌ଜେଏନ୍‌ର କୌଣସି କର୍ମଚାରୀ ବୈଠକରେ ଉପସ୍ଥିତ ନ ଥିଲେ। ବିଡିଓ ଗିରିଜା ପ୍ରସାଦ ବାରିକ, ଅତିରିକ୍ତ ତହସିଲଦାର ସୌମ୍ୟା ପଟ୍ଟନାୟକ, ସରପଞ୍ଚ ଚନ୍ଦ୍ରଶେଖର ଦାଶ, ସମିତି ସଭ୍ୟ ରାଜକିଶୋର ଭୋଇ, କଂଗ୍ରେସ ନେତା ଦେବୀପ୍ରସାଦ ତ୍ରିପାଠୀ, ବିଜେଡି ବ୍ଲକ ସଭାପତି ରବୀନ୍ଦ୍ର କୁମାର ରାଉଳ, ବିଧାନଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଦୀନବନ୍ଧୁ ଏକାଡେମୀରେ ମାତୃ ଦିବସ




କୁଜଙ୍ଗ,୧୪।୫(ସ୍ୱ.ପ୍ର.): କୁଜଙ୍ଗ ବ୍ଲକ୍ ୧୫ ନମ୍ବର ସ୍ଥିତ ଶିକ୍ଷାନୁଷ୍ଠାନ ଦୀନବନ୍ଧୁ ଏକାଡେମୀ ପକ୍ଷରୁ ବିଶ୍ୱ ମାତୃ ଦିବସ ପାଳିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ରଜତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ୍ ଅନଙ୍ଗ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ତଥା ମା'ର ମହନୀୟତା ସମ୍ପର୍କରେ କହିଥିଲେ। ପ୍ରଶାନ୍ତ କୁମାର ପ୍ରଧାନ, ପଣ୍ଡିତ ବାମନ ଷଡ଼ଙ୍ଗୀ, ସୁଧାକର ବିଶ୍ୱାଳ ପ୍ରମୁଖ ପିତାମାତାଙ୍କ ଉପଦେଶ ମାନି ଚଳିବାକୁ ଶପଥପାଠ କରାଇଥିଲେ। ଏହି ଅବସରରେ ମା'ଙ୍କ ଉପରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପପୁନ ତରାଇ, ଜୀବନ ସେଠୀ, ଶୁଭରଞ୍ଜନ ଛୋଟରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିବାକର ଓଝା ସଙ୍ଗୀତ ପରିବେଷଣ କରିଥିଲେ।

### ସଦ୍‌ଭାବନା ସତ୍‌ସଙ୍ଗ ସମାରୋହ

କୁଜଙ୍ଗ,୧୪।୫(ସ୍ୱ.ପ୍ର.): ମାନବ ଉତ୍ଥାନ ସେବା ସମିତି କୁଜଙ୍ଗ ଶାଖା ପକ୍ଷରୁ ପାରାଦୀପ ଗଡ଼ ହାଇସ୍କୁଲ ପଡ଼ିଆରେ ଦୁଇଦିନିଆ ସଦ୍‌ଭାବନା ସତ୍‌ସଙ୍ଗ ସମାରୋହ ଅନୁଷ୍ଠିତ ହୋଇଛି। ସ୍ୱାମୀ ସଦ୍‌ଗୁରୁ ମହାରାଜଙ୍କ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହରିଦ୍ୱାରର ମହାତ୍ମା ଶ୍ରୀ ଶରଣାନନ୍ଦଜୀ, ସୁଶ୍ରୀ କେତକୀ ବାଇଜୀ, ଶ୍ରୀ ଅଜପାନନ୍ଦଜୀ ପ୍ରମୁଖ ଯୋଗଦେଇ ମାନବ ଜୀବନର ଲକ୍ଷ୍ୟ ଓ ମହାନ ସନାତନ ଧର୍ମ ବିଷୟରେ ବ୍ୟାପକ ଆଲୋଚନା କରିଥିଲେ। ଅଶୋକ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୃସିଂହ ଚରଣ ସ୍ୱାଇଁ, ପ୍ରଭାସ ରଞ୍ଜନ ଗୋଚ୍ଛାୟତ, ଚକ୍ରଧର ମହାନ୍ତି, ଶିବ କେଶବ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସୁନାକର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଦ୍ୟୁତ୍ ପାଇଁ ତାରପୁରରେ ରାସ୍ତାରୋକୋ

ରଘୁନାଥପୁର, ୧୪।୫ (ଡି.ଏନ.ଏ.)



ଆନ୍ଦୋଳନକାରୀମାନେ ସେସୁ ଓ ଏନ୍‌ଜେଏନ୍ ଏସ୍‌ଡିଓଙ୍କ ସହ ଆଲୋଚନା କରୁଛନ୍ତି।

ଫନୀ ବାତ୍ୟା ପରେ ସୁଧୁରୁନି ବିଦ୍ୟୁତ୍ ସମସ୍ୟା। ୧୧ କେଭି ଖୁଣ୍ଟ ଓ ତାର ମଧ ସମାନ ଅବସ୍ଥାରେ ପଡି ରହିଛି। ସେସୁ ଓ ଏନଜେନ୍ କମ୍ପାନୀ କର୍ମଚାରୀଙ୍କ ଦେଖା ମିଳୁନି। ଅନ୍ୟପକ୍ଷରେ ଅସହ୍ୟ ଗ୍ରୀଷ୍ମ ପ୍ରଭାବ ଓ ପ୍ରବଳ ତାତିରେ ଜନଜୀବନ ଆଉଟପାଉଟ ହୋଇଯାଉଛନ୍ତି। ମଙ୍ଗଳବାର ସକାଳ ସାଢେ ୬ଟାରେ ତାରପୁର, ଟିକିଣିଆ ଓ ଗୁଆଳିପୁର ପଞ୍ଚାୟତର ଲୋକେ ରଘୁନାଥପୁର ବ୍ଲକ କଟକ-ପାରାଦୀପ ରାସ୍ତାର ତାରପୁର ବାଇପାସ୍‌ଠାରେ ରାସ୍ତାରୋକୋ କରି ପ୍ରତିବାଦ କରିଥିଲେ। ସେମାନଙ୍କ କହିବା କଥା ହେଲା ରଘୁନାଥପୁରଠରୁ ଖଣ୍ଡତରୀ ପର୍ଯ୍ୟନ୍ତ ୧୦ କିମି ଦୂର। ସେସୁ ୧୧ କେଭି ଦାୟିତ୍ୱରେ ଏବଂ ଏନ୍‌ଜେଏନ କମ୍ପାନୀ ଗ୍ରାମାଞ୍ଚଳର ଏଲଟି ଲାଇନ୍

## ଦୁଇ ଏସ୍‌ଡିଓ ଦେଲେ ଲିଖିତ ପ୍ରତିଶ୍ରୁତି

ଦାୟିତ୍ୱରେ ରହିଛନ୍ତି। ଯେଉଁ ପରିମାଣରେ ଖୁଣ୍ଟ ଓ ତାର ବିକ୍ଷିପ୍ତ ଭାବେ ପଡି ରହିଛି ତା'ର ପୁନରୁଦ୍ଧାର କାର୍ଯ୍ୟ କରିବାକୁ ଏନଜେଏନ୍ କମ୍ପାନୀ ଖାମ ଖିଆଲ କରୁଛି। ଅବସ୍ଥା ସୁଧୁରିବା ପରିବର୍ତ୍ତେ ଜଟିଳ ଆଡକୁ ଗତି କରୁଛି। ହଜାରରୁ ଊର୍ଦ୍ଧ୍ୱ ଜନତା ରାସ୍ତାରୋକୋ କରିବା ପରେ ତିର୍ତ୍ତୋଲ ଏସ୍‌ଡିପିଓ ଡି.ଆର. ଜେନା ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ସେସୁ ଜୋନ ଭବାନୀ ପ୍ରସାଦ ମହାନ୍ତି ପହଞ୍ଚି ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଜନତାଙ୍କ ଦାବି ଅନୁଯାୟୀ ସେସୁ ଏସଡିଓ ବିଶ୍ୱରଞ୍ଜନ ଦେହୁରି ଓ ଏନ୍‌ଜେଏନ ଏସଡିଓ ସୁନୀଲ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ସେସୁ ଏସ୍‌ଡିଓ ଦେହୁରି ୪ ଦିନ ମଧ୍ୟରେ ତାରପୁର ବାଇପାସ୍‌ରେ ଲାଇନ୍ ଜଳିବା ଏବଂ ଏସଡିଓ ସାହୁ ବୁଧବାରଠାରୁ ପ୍ରତି ପଞ୍ଚାୟତରେ ୨ ଟି ଲେଖାଏ ଟିମ୍ କାମ କରିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋରୁ ହଟିଥିଲେ। ଯଦି ଏଥିରେ ବ୍ୟତିକ୍ରମ ଦେଖାଯାଏ ତାହା ହେଲେ ପୁନର୍ବାର ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ଏଥିପାଇଁ ଉଭୟ ଏସ୍‌ଡିଓ ଦାୟୀ ରହିବେ ବୋଲି ଅବରୋଧକାରୀମାନେ ଚେତାବନୀ ଦେଇଥିଲେ। ଅନ୍ତର୍ଯ୍ୟାମୀ ରାଉତ, ଚୌଧୁରୀ ଇନ୍ଦୁଭୂଷଣ ଲେଙ୍କା, ପ୍ରତାପ ଚନ୍ଦ୍ର ରାଉତ, ଅଶୋକ ନାୟକ, ଜଗନ୍ନାଥ ବାରିକ, ପ୍ରଫୁଲ୍ଲ ମହାପାତ୍ର, ଦେବେନ୍ଦ୍ର ବରାଳ, ନବନିର୍ମାଣ କୃଷକ ସଙ୍ଗଠନର ଦେବୀ ପ୍ରସାଦ ମହାରଣା, ପୁରନ୍ଦମ ଦାସ, ଉମା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ବାତ୍ୟାରେ ଭାଙ୍ଗିଗଲା ଘର: ତହସିଲ ବାରଣ୍ଡାରେ ବିପନ୍ନ ପରିବାର

ନାଉଗାଁ,୧୪।୫(ସ୍ୱ.ପ୍ର.)

ଫନୀକୁ ଇତିମଧ୍ୟରେ ୧୨ ଦିନ ବିତିଲାଣି। କିନ୍ତୁ ବାତ୍ୟାରେ ଘର ଭାଙ୍ଗିଯାଇଥିବା ଲୋକଙ୍କ ନିକଟରେ ଏଯାବତ୍ ପ୍ରଶାସନ ତ ଦୂରର କଥା ପଲିଥିନ୍ ଖଣ୍ଡେ ପହଞ୍ଚିପାରିଲାନି। ତେଣୁ ବାଧ୍ୟହୋଇ ବିପନ୍ନ ପରିବାର ତହସିଲ କାର୍ଯ୍ୟାଳୟ ବାରଣ୍ଡାରେ ପଡ଼ିରହିଛନ୍ତି। ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ନାଉଗାଁ ତହସିଲ କାର୍ଯ୍ୟାଳୟରେ। ଏହି ତହସିଲ ଅଧୀନ ତିରୁଣା ଗ୍ରାମର ଅଞ୍ଜନା ସାମଲ ନିଜର ଦୁଇ ପିଲା ଓ ଶ୍ୱଶୁରଙ୍କୁ ଧରି ତହସିଲ କାର୍ଯ୍ୟାଳୟ ଉପର ମହଲା ବାରଣ୍ଡାରେ ବସିରହିଛନ୍ତି। ଅଞ୍ଜନା କହିଛନ୍ତି ଯେ, ତାଙ୍କ ସ୍ୱାମୀ ରଞ୍ଜିତ ସାମଲ ହାଇଦ୍ରାବାଦରେ ଏକ କମ୍ପାନୀରେ କାମ କରୁଛନ୍ତି। ଘରେ ଶ୍ୱଶୁର, ଗୋଟିଏ ପୁଅ ଓ ଗୋଟିଏ ଝିଅଙ୍କୁ ନେଇ ସେ ରହୁଛନ୍ତି। ବାତ୍ୟାରେ ତାଙ୍କର ୨ ବଖରା ଘରର ଛପର ଉଡିଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ପଲିଥିନ ଖଣ୍ଡେ ମିଳିନାହିଁ। ତେଣୁ ସେ ତହସିଲ କାର୍ଯ୍ୟାଳୟକୁ ଆସିଛନ୍ତି। ସକାଳୁ ଆସି ଦିନ ଦି'ପହର ହେଲାଣି, କିନ୍ତୁ ତାଙ୍କ କଥା ବାବୁମାନେ ଶୁଣୁନାହାନ୍ତି। ମୁଣ୍ଡ ଗୁଞ୍ଜିବାକୁ ଜାଗା ନ ଥିବାରୁ ସେ ୬ କି.ମି. ଦୂର ତହସିଲ କାର୍ଯ୍ୟାଳୟକୁ ଆସିଛନ୍ତି। ଦିନରେ ଉଦୁଉଦିଆ ଖରାରେ ଭଙ୍ଗା ଘରେ କେମିତି ରହିବେ। ସରକାରଙ୍କ ତରଫରୁ ବାତ୍ୟା ବିପନ୍ନଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ଅଞ୍ଜନାଙ୍କ ପରିବାର ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି। ଯଥା ଶୀଘ୍ର ଅଞ୍ଜନାଙ୍କୁ ପଲିଥିନ ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଜେ.କଳ୍ପନାଙ୍କୁ ପଚାରିବାରେ ଶୀଘ୍ର ତଦନ୍ତ କରାଯାଇ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ମିଳୁନି ପଲିଥିନ



ତହସିଲ କାର୍ଯ୍ୟାଳୟ ବାରଣ୍ଡାରେ ଅଞ୍ଜନାଙ୍କ ପରିବାର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମା ଖୋଜେ ପେଟ,**
**ମାଇପ ଖୋଜେ କରାଟ ।**

ମା' ସ୍ନେହମୟୀ, ମମତାମୟୀ । ସବୁବେଳେ ପିଲାର ଭଲ ଚାହେଁ। ପିଲାଟି ଖାଇଛି କି ନାହିଁ ବୁଝେ। ପେଟ ଦେଖି ପିଲାର ମନ କଥା ବେଶ୍ ଭଲ ଭାବେ ଜାଣିପାରେ। ଟଙ୍କା ପଇସା ଅପେକ୍ଷା ପିଲାର ଦେହ ପା' ତା' ପାଇଁ ବେଶି ଗୁରୁତ୍ୱ ରଖିଥାଏ। ପରନ୍ତୁ ସ୍ତ୍ରୀ ସ୍ୱାମୀର ରୋଜଗାରକୁ ବେଶି ପ୍ରାଧାନ୍ୟ ଦେଇଥାଏ। ସ୍ୱାମୀଠାରୁ ତା'ର ଟଙ୍କା ପଇସାରେ ବେଶି ଲୋଭ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଲ୍ଲୀଫୁଲ ମଉଳିଲା,**
**କେଉଁ ରସିକକୁ ଅନେଇଥିଲୁ,**
**ଓଦାଲୁଗା ଶୁଖିଗଲା ।**

ମନର ମଣିଷ ସହ ଭେଟ ନ ହୋଇପାରିଲେ ପ୍ରେମୀ ମନ ଭାଙ୍ଗିଯାଏ। ମନ ଊଣା ହେବାସହ ରାଗ ରୋଷ ବଢ଼ିଯାଏ। ପ୍ରେମରେ ପ୍ରତୀକ୍ଷା ସାଧାରଣତଃ ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ମନର ମଣିଷ ସହ ଭେଟ ହେବା ନେଇ ମନରେ ଅଙ୍କୁରନ୍ତି ଆଶା କିନ୍ତୁ ତାହା ଫଳପ୍ରସୂ ହୋଇ ନ ପାରିବା ଯୋଗୁ ପ୍ରେମୀ ହତାଶ ହୋଇପଡ଼ିଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ଫନୀରେ ଉପକୂଳବାସୀ ଭୟଭୀତ

# ଲୁଣା ଘେରିବନ୍ଧ ନିର୍ମାଣ ପାଇଁ ସର୍ଭେ

ମହାକାଳପଡା, ୧୪।୫ (ଡି.ଏନ୍.ଏ.)

ଫନୀ ବାତ୍ୟାରେ ମହାକାଳପଡା ବ୍ଲକର ଉପକୂଳବର୍ତ୍ତୀ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଛି। ଏହି ବ୍ଲକ ଅନ୍ତର୍ଗତ ରାମନଗର ପଞ୍ଚାୟତର ବାହାକୁଦସ୍ଥିତ ମହାନଦୀ ଫେରିଘାଟରୁ କାଜୁ ଜଙ୍ଗଲ ପର୍ଯ୍ୟନ୍ତ କୌଣସି ବନ୍ଧ ନ ଥିବାରୁ ସମୁଦ୍ରର ଉଚ୍ଚ ଜୁଆରରେ ବହୁ ବାଲିସ୍ତୂପ ଭାସିଯାଇଛି। ଏଥିରେ ବହୁ କାଜୁ ଗଛ ମଧ୍ୟ ଭାସିଯାଇଛି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଛନ୍ତି। ଏଠାରେ ଏକ ନଦୀ ବନ୍ଧ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ସର୍ଭେ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବାତ୍ୟାପରେ କ୍ଷତିଗ୍ରସ୍ତ ଅଞ୍ଚଳଗୁଡିକ ଦେଖିବା ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ସଚିବ ପ୍ରଦୀପ କୁମାର ଜେନା ମହାକାଳପଡା ବ୍ଲକର ବାହାକୁଦ ଓ ପିତାଗ୍ରାମ ଗସ୍ତ କରିଥିଲେ। ରାମନଗର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ବିକାଶ ଚନ୍ଦ୍ର ଦେବନାଥ ଓ ସ୍ଥାନୀୟ ଲୋକେ ଏଠାରେ ଏକ ନଦୀ ବନ୍ଧ ନିର୍ମାଣ କରିବାକୁ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଳିସ୍ଥିତ ନଦୀତଟବନ୍ଧ ବିଭାଗର ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ କହିଛନ୍ତି ଯେ, ବାହୁକୁଦସ୍ଥିତ ମହାନଦୀ ଫେରିଘାଟ ପାର୍ଶ୍ୱରେ ୨୦୦ମିଟର ଲମ୍ବର ଘେରି ବନ୍ଧ ନିର୍ମାଣ ପାଇଁ ସର୍ଭେ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାବିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

Dharitri : 15, 16, 17, 18, 19, 20 & 21 May 2019
SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

EDUCATION

She made earth her home, for whom heaven was too small. Savitri 11 – Sri Aurobindo.
SRI AUROBINDO INTEGRAL SCHOOL
Managed by Sri Aurobindo Mission Trust, Matrupuram, Ashram (A public Charitable Trust) Matrupuram, Markona At-Bhagia, Po-Markona, Via/PS-Simulia, Dist-Balasore-756126, Mob-9438412353, ESTD.– 1980, Regd. No.-03/2005(Sub-Register, Simulia)
Ref/Letter No RTE Act-2009
Date – 30.03.2019
ADMISSION NOTICE FOR THE EDUCATION YEAR – 2019-2020
(Ref : COR for Academic Session-2017-18 to 2021-22) Letter No-4150/Pvt- Dated 29.03.19, DEO, Balasore
- There is no Admission Fees for school admission for all
- There is no Tuition Fees also.
- The School will take on admission of students belonging to weaker sections and disadvantageous group against 25% quota under RTE Act. 2009 as required under Section -12.I.C. of RTE Act.

(Ku. Manjulata Nayak)
PRINCIPAL


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ, ୧୪।୫(ସ୍ୱ.ପ୍ର.): ଗତ ୭ ତାରିଖ ଠାରୁ ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧୀନ ଚାନ୍ଦୋଳ ପଞ୍ଚାୟତ ମା' କନ୍ତେଇଙ୍କ ପୀଠରେ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞ ସୋମବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି । ଏହି ଯଜ୍ଞ ଦେଖିବା ପାଇଁ ଦୀର୍ଘ ୭ ଦିନ ଧରି ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ପ୍ରତ୍ୟେହ ସନ୍ଧ୍ୟାରେ ଭଜନ କୀର୍ତ୍ତନ ,ସଂକୀର୍ତ୍ତନ ସହ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯଜ୍ଞର ଶେଷ ସନ୍ଧ୍ୟାରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର, ବିଜେଡି ମହିଳା ନେତ୍ରୀ ସାବିତ୍ରୀ ଅଗ୍ରୱାଲ. କଂଗ୍ରେସ ନେତା ଜୟନ୍ତ ମହାନ୍ତି, ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ବହୁ ରାଜନେତା ଯୋଗଦେବା ସହ ମା'ଙ୍କ ଦର୍ଶନ କରିଥିଲେ । ସେହିପରି ବାଲିଆ ପଞ୍ଚାୟତ ମାଣିଖଣ୍ଡି ମହାପୁରୁଷଙ୍କ ପୀଠରେ ୭ ଦିନ ଧରି ଅନୁଷ୍ଠିତ ହୋଇଥିବା ମହାଯଜ୍ଞ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଅପରପକ୍ଷେ ବ୍ଲକ ଅଧୀନ ଚାଟରାଚକଡା ପଞ୍ଚାୟତର ପ୍ରସିଦ୍ଧ ଶୈବପୀଠ ଚାଟେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଛି । ପ୍ରତ୍ୟେକ ଯଜ୍ଞସ୍ଥଳରେ ଅନୁଷ୍ଠିତ ଧାର୍ମିକ କାର୍ଯ୍ୟକ୍ରମ ପରିବେଶକୁ ଭକ୍ତିମୟ କରିଥିଲା ।

### ପାଟକୁରା ବିଧାନସଭା ବିଜେଡି ପ୍ରାର୍ଥୀ ସାବିତ୍ରୀ ବାତ୍ୟା ବିପନ୍ନଙ୍କୁ ଭେଟିଲେ



ଡେରାବିଶ, ୧୪।୫(ସ୍ୱ.ପ୍ର.): ବାତ୍ୟା ଫନୀ ପ୍ରଭାବରେ ପାଟକୁରା ନିର୍ବାଚନମଣ୍ଡଳୀରେ ବହୁ କ୍ଷୟକ୍ଷତି ହୋଇଛି । ବହୁ କଚ୍ଚାଘର ଓ ଗୁହାଳ ଭାଙ୍ଗିଯିବା ସହ ବିଦ୍ୟୁତ୍ ସରବରାହ ଦୀର୍ଘ ୭ ଦିନ ଧରି ବନ୍ଦ ରହିଥିଲା । ତେବେ ପାଟକୁରା ବିଧାନସଭା କ୍ଷେତ୍ର ପାଇଁ ବିଜେଡ଼ି ପକ୍ଷରୁ ପ୍ରାର୍ଥୀ ହୋଇଥିବା ସାବିତ୍ରୀ ଅଗ୍ରୱାଲ୍ ବାତ୍ୟା ପରବର୍ତ୍ତୀ ଅବସ୍ଥାରେ ବିପନ୍ନ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି । ଇତିମଧ୍ୟରେ ସେ ଡେରାବିଶ ବ୍ଲକ ଅଧୀନ କୁଶିଆପାଳ, ଗୁଆଲସିଂ, ନହଙ୍ଗ, ମଙ୍ଗଳପୁର, ବାରିମୂଳ, ହରିଅଙ୍କ, ଇନ୍ଦାଲୋ, ଯଅଁରାବାରିମୂଳ, ମୁକୁନ୍ଦପୁର ପ୍ରଭୃତି ପଞ୍ଚାୟତ ବୁଲି ବିପନ୍ନ ଲୋକଙ୍କୁ ଭେଟିଥିଲେ । ଏହି ଅବସରରେ ସେ ଅଧିକ କ୍ଷୟକ୍ଷତି ହୋଇଥିବା କେତେଜଣ ବାତ୍ୟା ପ୍ରପୀଡିତ ପରିବାରଙ୍କୁ ପାଲ ଓ ରିଲିଫ ପ୍ରଦାନ କରିଥିଲେ । ସାବିତ୍ରୀଙ୍କ ସହ ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟ, ଭବାନୀ ପ୍ରସାଦ ଓଝା, ଗଣେଶ୍ୱର ବେହେରା, ନହଙ୍ଗ ସରପଞ୍ଚ ଉମାକାନ୍ତ ନାୟକ, ଗୁଆଲସିଂ ସରପଞ୍ଚ ବଟକୃଷ୍ଣ ସେଠୀ, ମୁକୁନ୍ଦପୁର ସରପଞ୍ଚ ଯୋଗାନନ୍ଦ ମହାନ୍ତି, ଯଅଁରାବାରିମୂଳ ସରପଞ୍ଚ କବିତା ରାଉତ, ଯୁବନେତା ରଜତ ବଳ, ଇନ୍ଦାଲୋ ସମିତି ସଭ୍ୟ ସୁଜିତ ସାମନ୍ତରାୟ, ପ୍ରଶାନ୍ତ ସାମନ୍ତରାୟ, ମଙ୍ଗଳପୁର ସରପଞ୍ଚ ପ୍ରଭାତ କୁମାର ମଲ୍ଲିକ ପ୍ରମୁଖ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଥିଲେ ।

### ଶନି ଗୋସାଇଁ ପୀଠରେ ୮ମ ବାର୍ଷିକ ଉତ୍ସବ

ପାଟକୁରା, ୧୪।୫(ଡି.ଏନ୍.ଏ. ): ଗରଦପୁର ବ୍ଲକ୍ ତେଣ୍ଡାକୁଡ଼ା ପଞ୍ଚାୟତ ଅନ୍ତର୍ଗତ ଜୟତଳଙ୍ଗ ଗ୍ରାମରେ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ଶନି ଗୋସାଇଁ ପୀଠର ୮ମ ବାର୍ଷିକ ଉତ୍ସବ ଓ ଜଳାଭିଷେକ କାର୍ଯ୍ୟକ୍ରମ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାର୍ଷିକ ମେଳା ଆୟୋଜିତ ହୋଇଥିଲା। ମେଳାରେ ବୁଢ଼ୀଜାଗୁଳାଇ ଲଉଡ଼ି ଦଳର ଗୋପାଳ ଭାଇମାନେ କାଠି ଖେଳ ପରିବେଷଣ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ ଏହାକୁ ଉପଭୋଗ କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ପ୍ରତ୍ୟୁଷରେ ଶ୍ରୀ ଶ୍ରୀ ଶନିଦେବଙ୍କ ଜନ୍ମ ପୂଜା ଅନୁଷ୍ଠିତ ହୋଇଥିଲା । ତାଙ୍କ ପ୍ରତିମାଙ୍କୁ ରାଜା ବେଶରେ ସଜ୍ଜିତ କରାଯାଇଥିଲା। ପରେ ପୂଜକ ପୁଷ୍କରିଣୀରେ ଗଙ୍ଗାଜଳ ପକାଇଥିଲେ । ଏହାପରେ ବହୁ ଭକ୍ତ ଶନି ଦେବଙ୍କୁ ଜଳାଭିଷେକ କରିଥିଲେ। ପରେ ଧୂପ, ଦୀପ, ପୁଷ୍ପମାଲ୍ୟ ଅର୍ପଣ କରି ଭୋଗ କରିଥିଲେ । ଶନିଦେବ ପୂଜନ କମିଟି ପକ୍ଷରୁ ଖେଚୁଡ଼ି ଭୋଗ ଓ କଳା ରାଶିଲଡୁ ଭୋଗ କରାଯାଇ ବିତରଣ କରାଯାଇଥିଲା । ମୁଗୁରିଆ ଗ୍ରାମର ମା' ଜାଗୁଳାଇ ଅର୍କେଷ୍ଟ୍ରା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା ।

■ ଜିଲାରେ ନାହାନ୍ତି ସ୍ଥାୟୀ ଅଧିକାରୀ

# କା'ରେ ଚାଲିଛି ଜିଲା ପର୍ଯ୍ୟଟନ ବିଭାଗ

■ କଟକରୁ କରାଯାଉଛି ପରିଚାଳନା

■ ଅତିରିକ୍ତ ୨ଟି ଜିଲା ଦାୟିତ୍ୱରେ ରହିଛନ୍ତି ଅଧିକାରୀ

କେନ୍ଦ୍ରାପଡା ଅଫିସ, ୧୪।୫

ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ ହୋଇଥିବା ଖର୍ଚ୍ଚର ହିସାବ ବୁଧବାର ରାଜ୍ୟ ପର୍ଯ୍ୟଟନ ବିଭାଗକୁ ଦେବାକୁ ହେବ। ଏନେଇ ଗତ ୮ ରେ ବିଭାଗର ନିର୍ଦ୍ଦେଶକ ବିଭୂତିଭୂଷଣ ପଟ୍ଟନାୟକ କେନ୍ଦ୍ରାପଡା ଜିଲା ପର୍ଯ୍ୟଟନ ଅଧିକାରୀଙ୍କୁ ଚିଠି(ନଂ-୪୨୪୯)ରେ ଉଲ୍ଲେଖ କରିଛନ୍ତି । ତେବେ ଏଠାରେ ନିୟମିତ ପର୍ଯ୍ୟଟନ ଅଧିକାରୀ ନିଯୁକ୍ତି ପାଇ ନ ଥିବାରୁ ଚିଠିର ଉତ୍ତର ଦେଇହେବ କି ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୨୦୧୮ ନଭେମ୍ବରରୁ ଜିଲା ପର୍ଯ୍ୟଟନ ବିଭାଗରେ ଏପରି ସ୍ଥିତି ଲାଗି ରହିଛି। ଏଠାରେ କେବଳ ନାମକୁ ମାତ୍ର ପର୍ଯ୍ୟଟନ ବିଭାଗ ଚାଲିଛି ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ଗତ ଅକ୍ଟୋବରରେ ଜିଲା ପର୍ଯ୍ୟଟନ ଅଧିକାରୀ ବିଜୟ ମହାନ୍ତି ଅବସର ନେଇଛନ୍ତି । ତାଙ୍କ ସ୍ଥାନରେ ନିରୋଜ କୁମାର ସାହୁଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ମାତ୍ର ସେ ଏବେ ଯାଜପୁର ଓ ଜଗତ୍‌ସିଂହପୁର ଜିଲା ଦାୟିତ୍ୱରେ ରହିଛନ୍ତି । ସେ ୨ଟି ଅତିରିକ୍ତ ଜିଲା ଦାୟିତ୍ୱରେ ଥିବାରୁ କେନ୍ଦ୍ରାପଡା ପ୍ରତି ଯଥେଷ୍ଟ ଧ୍ୟାନ ଦେଇପାରୁ ନ ଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।



ଗୋପସ୍ଥିତ ଜିଲା ପର୍ଯ୍ୟଟନ ବିଭାଗ କାର୍ଯ୍ୟାଳୟ।

କଟକ କାର୍ଯ୍ୟାଳୟରୁ କେନ୍ଦ୍ରାପଡା ଜିଲା ପର୍ଯ୍ୟଟନ ବିଭାଗ ଚାଲିଥିବା ଜାଣିବାକୁ ମିଳିଥିବା ବେଳେ ଜିଲା ପାଇଁ କୌଣସି କିରାଣିଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇନାହିଁ । କେନ୍ଦ୍ରାପଡା ଜିଲାରେ ଭିତରକନିକା ଜାତୀୟ ଉଦ୍ୟାନ ରହିଛି । ଏଥିସହ ଆଳି, ଅନ୍ଧବର, ବଳଦେବଜୀଉ ମନ୍ଦିର, ଗଦାଧର ପୀଠ, ଗର୍ଗେଶ୍ୱର, କୁଦାନଗରୀ, ସନ୍ଥପୁରା, ସଖୀବଟ, ତମାଳଶାସନ, ଲକ୍ଷ୍ମଣଜୀଉ ମନ୍ଦିର, ଗୋବିନ୍ଦଜୀଉ ମନ୍ଦିର, ରାମଚଣ୍ଡୀ ଆଦି ସ୍ଥାନ ରାଜ୍ୟ ଓ ଜିଲାର ପର୍ଯ୍ୟଟନ କ୍ଷେତ୍ରରେ ମାନ୍ୟତା ପାଇଛି । ସେହିପରି ସାତଭାୟାର ବନ୍ୟ ପର୍ଯ୍ୟଟନ, ହୁକିଟୋଲା ଓ ବଟୀଘର ଐତିହାସିକ ସ୍ଥଳ ଓ ପେଣ୍ଠର ସାମୁଦ୍ରିକ ବେଳାଭୂମି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ କେନ୍ଦ୍ରବିନ୍ଦୁ ସାଜିଛି । ମାତ୍ର ଜିଲାରେ ପର୍ଯ୍ୟଟନ ଅଧିକାରୀଙ୍କ ସ୍ଥାୟୀ ନିଯୁକ୍ତି ନ ଥିବାରୁ ଏଠାକାର ପର୍ଯ୍ୟଟନ କ୍ଷେତ୍ରରେ ଉନ୍ନୟନ କାର୍ଯ୍ୟ ଆବଶ୍ୟକ ଅନୁସାରେ ହୋଇପାରୁନାହିଁ । ଏହି ପର୍ଯ୍ୟଟନ କ୍ଷେତ୍ରଗୁଡିକ ଜିଲାର ଅର୍ଥନୀତିକୁ ବେଶ୍ ପ୍ରଭାବିତ କରିଥାଏ । ପର୍ଯ୍ୟଟକଙ୍କ ରହିବା, ଯାତାୟାତ ବ୍ୟବସ୍ଥା ଓ ଆନୁଷଙ୍ଗିକ ବ୍ୟବସ୍ଥା ସୁବିଧା ହୋଇପାରିଲେ ଏହି ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି।

ବିଭାଗୀୟ ଅଧିକାରୀଙ୍କ ମାଧ୍ୟମରେ ଏସବୁ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନା କରାଯାଏ । ମାତ୍ର ସ୍ଥାୟୀ ଅଧିକାରୀ ନ ଥିବାରୁ ପର୍ଯଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ବଦଳରେ କମିବାରେ ଲାଗିଛି। ଫଳରେ ପର୍ଯ୍ୟଟନ ଶିଳ୍ପରୁ ଜିଲାବାସୀ ଫାଇଦା ଉଠାଇ ପାରୁନାହାନ୍ତି । ଏନେଇ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ କୁହନ୍ତି ଯେ, ଏହି ପଦବୀର ସ୍ଥାୟୀ ଅଧିକାରୀଙ୍କ ନିଯୁକ୍ତି ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି ।

## ବାତ୍ୟା ବିପନ୍ନ ଚାଷୀଙ୍କୁ କ୍ଷତିପୂରଣ ଦାବି



ଓଡିଶା ଜନସେବା ସଂଗଠନ ପକ୍ଷରୁ ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କେନ୍ଦ୍ରାପଡା ଅଫିସ, ୧୪।୫

ବାତ୍ୟା ବିପନ୍ନ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଓଡିଶା ଜନସେବା ସଂଗଠନ କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ଦାବି ହୋଇଛି। ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ସହକାରୀ ଜିଲାପାଳ ଡ. ବିରଜା ରାଉତରାୟଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି । ଏ ସମ୍ପର୍କରେ ସଂଗଠନ ସଭାପତି ଶୋଭନ ଆଚାର୍ଯ୍ୟ କୁହନ୍ତି ଯେ, କେନ୍ଦ୍ରାପଡା ଜିଲାରେ ଅସମୟରେ ଆସିଥିବା ବାତ୍ୟା ଚାଷୀଙ୍କ ଆଶା ଓ ସ୍ୱପ୍ନକୁ ଉଜାଡି ଦେଇଛି । ଫଳରେ ଜିଲାର ହାରାହାରି ୧୩୭୦ ହେକ୍ଟର ଡାଲୁଅ ଧାନ, ୨୧୬୧ ହେକ୍ଟର ଖରାଦିନିଆ ପରିବା, ୧୦୨ ହେକ୍ଟର ପାନ ଚାଷ, ୧୯୩୧ ହେକ୍ଟର ମୁଗ ଚାଷ ନଷ୍ଟ ହୋଇଛି । ମାତ୍ର ଚାଷୀଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ଏଥିଯୋଗୁ ଋଣଗ୍ରସ୍ତ ଚାଷୀ ବହୁ କ୍ଷତି ସହିବାକୁ ପଡିଛି। ତୁରନ୍ତ ସରକାରୀସ୍ତରରେ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ କର୍ମକର୍ତ୍ତା ଭରତ ଜେନା, ରଶ୍ମିରଞ୍ଜନ ସ୍ୱାଇଁ, ପୃଥ୍ୱୀରାଜ ମଣ୍ଡଳ, ସାହେବସାହିଲ ରାଉତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

■ ଜିଲା ଭାଜପାର ଖବରଦାତା ସମ୍ମିଳନୀ

## ବିଜେଡି ଅକ୍ତିଆରକୁ ଚାଲିଯାଇଛି ଫନୀ ବାତ୍ୟା ରିଲିଫ



ଖବରଦାତା ସମ୍ମିଳନୀରେ ସୁଧାଂଶୁ ଶେଖର ରାଏ ଓ ଭୁବନମୋହନ ଜେନା ।

କେନ୍ଦ୍ରାପଡା ଅଫିସ, ୧୪।୫

କେନ୍ଦ୍ରାପଡା ଜିଲାରେ ଫନୀ ବାତ୍ୟା ରିଲିଫ ବିଜେଡି ଅକ୍ତିଆରକୁ ଚାଲିଯାଇଛି । ଏପରି ଅଭିଯୋଗ ଆଣି ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା । ସହରର ଗୋପସ୍ଥିତ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟ ଉପସଭାପତି ଭୁବନମୋହନ ଜେନା ଓ ସୁଧାଂଶୁ ଶେଖର ରାଏ ଯୋଗଦେଇ କହିଥିଲେ ଯେ, ଏହା ଫଳରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହୋଇଛି । ଗତ ୩ରେ ସାମୁଦ୍ରିକ ଝଡ ଫନୀ କେନ୍ଦ୍ରାପଡା ଜିଲା ସମେତ ରାଜ୍ୟର ୧୪ଟି ଜିଲାରେ ପ୍ରଭାବ ପକାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ରିଲିଫ ଘୋଷଣା ପରେ ଫନୀ ବାତ୍ୟା ପ୍ରଭାବିତ ହୋଇଥିବା କେନ୍ଦ୍ରାପଡା ଜିଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ସାମଗ୍ରୀ ଓ ଅର୍ଥ ପ୍ରଦାନ କରାଯାଉଛି । ଏହି ସାମଗ୍ରୀ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବିଜେଡି ନେତାମାନେ ବଣ୍ଟନ କରୁଛନ୍ତି । ପାଟକୁରା ବିଧାନସଭା ପାଇଁ ନିର୍ବାଚନ ହୋଇ ନ ଥିବା ବେଳେ ବିଜେଡି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲ ନହଙ୍ଗ ପଞ୍ଚାୟତରେ ରାଶନ ସାମଗ୍ରୀ ଓ ଟଙ୍କା ବଣ୍ଟନ କରିଛନ୍ତି। ଏହି ସମୟରେ ଡେରାବିଶ ବିଡିଓ ଗୋପବନ୍ଧୁ ଭୋସାଗର ଉପସ୍ଥିତ ଥିଲେ । ଏନେଇ ସାମାଜିକ ଗଣମାଧ୍ୟମରେ ଫଟୋ ଆସିବା ପରେ ପାଟକୁରା ରିଟର୍ନିଂ ଅଫିସର ଓ ସିଇଓଙ୍କ ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗ ଆସିବା ପରେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା ହୋଇ ନ ଥିଲା ବୋଲି ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ ଅଭିଯୋଗ ହୋଇଛି । ବାତ୍ୟା ପାଇଁ ଆସିଥିବା ରିଲିଫ ସାମଗ୍ରୀ ବଣ୍ଟନ ସମୟରେ କୌଣସି ରାଜନେତା ନ ରହିବାକୁ ନିର୍ବାଚନ କମିଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏହି ଘଟଣାରେ ଅଦ୍ୟାବଧି କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। । ଏହି ଘଟଣାରେ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କୁ ତୁରନ୍ତ ବଦଳି କରିବାକୁ ସେମାନେ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇ ବଜାର ଟ୍ରାଫିକ୍ ସମସ୍ୟା ସୁଧାରିବା ପାଇଁ ବୈଠକ

ପଟ୍ଟାମୁଣ୍ଡାଇ,୧୪।୫ (ସ୍ୱ.ପ୍ର)

ଦିନକୁ ଦିନ ପଟ୍ଟାମୁଣ୍ଡାଇ ବଜାର ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହେବାକୁ ଲାଗିଛି । କେତେବେଳେ କେଉଁଠି ରାସ୍ତା ଜାମ୍ ହୋଇଯିବାରୁ ଘଣ୍ଟା ଘଣ୍ଟା ଧରି ଲୋକଙ୍କୁ ଖରାରେ ଅପେକ୍ଷା କରିବାକୁ ପଡୁଛି । ଏଥିନେଇ ଜନ ଅସନ୍ତୋଷ ବଢି ଚାଲିଛି। ଏହି ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୦ଟା ବେଳେ ଥାନା ଅଭ୍ୟର୍ଥନା କକ୍ଷରେ ବ୍ୟବସାୟୀମାନଙ୍କୁ ଡକାଇ ଏକ ବୈଠକ କରିଥିଲେ । ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ବଜାର ଭିତରେ ଥିବା ଜବରଦଖଲ ଓ ଫୁଟ୍‌ପାଥ୍ ଉପରେ ବେପାର କରୁଥିବା ଉଠା ଦୋକାନୀମାନଙ୍କୁ ଅନ୍ୟତ୍ର ବେପାର କରିବା ପାଇଁ କହିଥିଲେ । ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ପକ୍ଷରୁ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇ ପ୍ରାୟ ୫୪ଜଣ ଉଠାଦୋକାନୀଙ୍କୁ ଥଇଥାନ କରାଯାଇଛି ବୋଲି ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି । ଆବଶ୍ୟକ ପଡିଲେ ପରିବା ମଣ୍ଡି ନିର୍ମାଣ କରାଯିବ ବୋଲି ପୌର କର୍ତ୍ତୃପକ୍ଷ କହିଥିବା ଆଇଆଇସି ବୈଠକରେ କହିଥିଲେ । ବହୁ ସ୍ଥାନରେ ସ୍ଥାୟୀ ଦୋକାନୀମାନେ ରାସ୍ତା ଉପରକୁ ଦୋକାନ ବଢାଇ ବିକ୍ରୀ ସାମଗ୍ରୀ ସଜାଇ ରଖୁଛନ୍ତି । ଯଦ୍ୱାରା ରାସ୍ତା ସଂକୀର୍ଣ୍ଣ ହୋଇ ଯାତାୟାତ ବାଧାପ୍ରାପ୍ତ ହେଉଛି । ଏପରି କି ପଟ୍ଟାମୁଣ୍ଡାଇ ବଜାର ଭିତରେ ମେଡିକାଲ ଥିବା ବେଳେ ରାସ୍ତା ଜାମ୍ ଯୋଗୁ ଅନେକ ସମୟରେ ରୋଗୀମାନେ ରାସ୍ତାରେ ଅଟକି ରହି ହନ୍ତସନ୍ତ ହେଉଛନ୍ତି । ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ବୟସ୍କ ବ୍ୟକ୍ତିମାନେ ଅସୁବିଧାରେ ପଡୁଛନ୍ତି । ଏଣୁ ଟ୍ରାଫିକ୍ ସମସ୍ୟା ସୁଧାରିବାରେ ସମସ୍ତ ବ୍ୟବସାୟୀ ଓ ଜନସାଧାରଣ ସହଯୋଗ କରିବା ଏକାନ୍ତ ଜରୁରୀ ହୋଇ ପଡିଛି ବୋଲି ଆଇଆଇସି ତ୍ରିପାଠୀ କହିଥିଲେ । ଏହି ବୈଠକରେ ସ୍ଥାୟୀ ବ୍ୟବସାୟୀ, ବଣିକ ସଂଘ, ଉଠା ଦୋକାନୀ ସଂଘ ଓ କ୍ଷୁଦ୍ର ବ୍ୟବସାୟୀମାନେ ଯୋଗ ଦେଇ ସେମାନଙ୍କ ସମସ୍ୟା ସମ୍ପର୍କରେ ମତ ରଖିଥିଲେ । ତେବେ ବିପର୍ଯ୍ୟସ୍ତ ହୋଇ ପଡିଥିବା ଟ୍ରାଫିକ୍ ବ୍ୟବସ୍ଥା ସୁଧାରିବା ଦିଗରେ ଆଇଆଇସି ଗୁରୁତ୍ୱାରୋପ କରିଥିଲେ । ଆଗାମୀ ୪ ଦିନ ମଧ୍ୟରେ ଉଠା ଦୋକାନୀଙ୍କ ସମେତ ଫୁଟ୍‌ପାଥ ଉପରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ସେମାନଙ୍କ ଦୋକାନ ହଟାଇ ନେବାକୁ ସେ କହିଥିଲେ । ଟ୍ରାଫିକ୍ ସମସ୍ୟା ସୁଧାରିବା ପାଇଁ ଆବଶ୍ୟକ ପଡିଲେ ପୋଲିସ ବାଧ୍ୟ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଆଇଆଇସି ତ୍ରିପାଠୀ କହିଥିଲେ ।



ବୈଠକରେ ଥାନା ଆଇଆଇସି ଓ ବ୍ୟବସାୟୀମାନେ।

## ରିଲିଫ ଚାଉଳ ବଣ୍ଟନକୁ ନେଇ ବିବାଦ, ଥାନାରେ ୨ ମାମଲା

ରାଜନଗର,୧୪।୫(ଡିଏନଏ)

ଫନୀ ଦ୍ୱାରା ପ୍ରଭାବିତ ବିପନ୍ନ ଲୋକଙ୍କୁ ଗତ ୬ ତାରିଖରେ ରିଲିଫ ଚାଉଳ ବଣ୍ଟନ ସମୟରେ ରାଜନଗର ବ୍ଲକ ସୁବର୍ଣ୍ଣପୁର ଗାଁରେ ବିବାଦ ଦେଖା ଦେଇଥିଲା । ଏ ନେଇ ମଙ୍ଗଳବାର ତାଲଚୁଆ ସାମୁଦ୍ରିକ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଅଙ୍ଗନୱାଡିଙ୍କ ଏତଲା ଉପରେ ଗୋଟିଏ ମାମଲା ରୁଜୁ ହୋଇଥିବା ବେଳେ ରିଲିଫ ଚାଉଳ ନେବାକୁ ଆସି ମାଡ ଖାଇଥିବା ମହିଳାଙ୍କ ଏତଲା ଉପରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି।

ବାତ୍ୟା ଫନୀ ପରେ ରାଜନଗର ବ୍ଲକରେ ୩ଦିନ ପାଇଁ ରିଲିଫ ଯୋଗାଇ ଦିଆଯାଇଥିଲା। ସୁବର୍ଣ୍ଣପୁର ବାତ୍ୟା ଆଶ୍ରୟସ୍ଥଳରେ ଅଙ୍ଗନୱାଡି କର୍ମୀ କବିତା ଜାନା ଓ ୱାର୍ଡସଭ୍ୟ ଘନଶ୍ୟାମ ଜେନା ରିଲିଫ ଚାଉଳ ବଣ୍ଟନ କରୁଥିଲେ। ବଡଲୋକଙ୍କୁ ୩ କିଲୋ ବଦଳରେ କାହାକୁ ଅଢେଇ କିଲୋ ଓ ଆଉ କାହାକୁ ୨ କିଲୋ ଏବଂ ଛୋଟପିଲାଙ୍କୁ ଦେଢ କେଜି ବଦଳରେ ଏକ କିଲୋ ଚାଉଳ ବଣ୍ଟନ କରାଯାଇଥିଲା । ରିଲିଫ ଚାଉଳ ନେବାକୁ ଆସିଥିବା ସେହି ଗାଁର ସବିତା ରାୟ, ଭଗବତୀ ରାୟ ଓ ମିନତୀ ବେରା କମ୍ ଚାଉଳ କାହିଁକି ନେବୁ କହି ପ୍ରତିବାଦ କରିଥିଲେ। ଏନେଇ ଉଭୟ ପକ୍ଷ ମଧ୍ୟରେ ବିବାଦ ହେବା ପରେ ମିନତୀ ତାଲଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ରିଲିଫ ଚାଉଳ ବଣ୍ଟନ ବେଳେ ତାଙ୍କୁ ମାଡ ମରାଯାଇଥିବା ନେଇ ୱାର୍ଡସଭ୍ୟ ଓ ଅଙ୍ଗନୱାଡି କର୍ମୀ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଆଜି ତାଲଚୁଆ ସାମୁଦ୍ରିକ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କୁ ପଚାରିବାରୁ ସେ କହିଥିଲେ ୬ ତାରିଖରେ ଦୁଇଟି ଅଭିଯୋଗ ହୋଇଥିଲା। ଉଭୟ ପକ୍ଷ ନିଜ ନିଜ ଭିତରେ ସମାଧାନ କରିବେ କହିଥିଲେ। ମାତ୍ର ଆଜି ୮/୨୦୧୯ ଓ ୨୦/୨୦୧୯ ନଂରେ ଦୁଇଟି ମାମଲା ରୁଜୁ ହୋଇଛି।

■ ଯୁଥ ଡାଇବେଟିକ ଏଡୁକେଟରଙ୍କ ନିଯୁକ୍ତି ଦାବି

## ଆନ୍ଦୋଳନ ଲାଗି ଚେତାବନୀ



ନିଯୁକ୍ତି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଶାୟୀ ଛାତ୍ରୀଛାତ୍ର ।

କେନ୍ଦ୍ରାପଡା ଅଫିସ, ୧୪।୫

ଆଇଏନ୍‌ଡିସିପି (ଇଣ୍ଟିଗ୍ରେଟେଡ ନ୍ୟାଶନାଲ ଡାଇବେଟିକ ପ୍ରିଭେଣ୍ଟ କଣ୍ଟ୍ରୋଲ ଆଣ୍ଡ ପ୍ରୋଜେକ୍‌ସନ) ପ୍ରୋଗ୍ରାମରେ କେନ୍ଦ୍ରାପଡା ଜିଲାର ତାଲିମପ୍ରାପ୍ତ ୟୁଥ ଡାଇବେଟିକ ଏଡୁକେଟରଙ୍କ ନିଯୁକ୍ତି ଦାବି କରାଯାଇଛି। ଏନେଇ ଜିଲାପାଳଙ୍କ ନିକଟରେ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି । ତୁରନ୍ତ ନିଯୁକ୍ତି ନ ମିଳିଲେ ବୁଧବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ହେବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନକାରୀ ରାଜଶ୍ରୀ ଦାସଙ୍କ କହିବାନୁସାରେ ଗତ ଆର୍ଥିକ ବର୍ଷରେ ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ନର୍ଥ ଇଣ୍ଡିଆନ ଏଡୁକେଶନାଲ ପକ୍ଷରୁ ଏନେଇ ବିଜ୍ଞାପନ ବାହାରିଥିଲା । ଏହାପରେ ସହରର ସାନ୍ତସାହିସ୍ଥିତ ରେସୱା ମାଧ୍ୟମରେ ୨୦୧୭ ଡିସେମ୍ବର ୨୨ରୁ ୨୦୧୮ ଏପ୍ରିଲ ୯ ପର୍ଯ୍ୟନ୍ତ ଟ୍ରେନିଂ ଦିଆଯାଇ ଅନଲାଇନ ପରୀକ୍ଷା ହୋଇଥିଲା । ଏହି ପରୀକ୍ଷାରେ ପାସ ହେବାର ବର୍ଷେ ବିତିଯାଇଥିଲେ ମଧ୍ୟ ନିଯୁକ୍ତି ମିଳି ନାହିଁ। ରେସୱା କର୍ମକର୍ତ୍ତା ଏହି ନିଯୁକ୍ତିରେ ଅବହେଳା କରିଥିବା ସେ ଦର୍ଶାଇଥିଲେ । ଏହି ଦାବିପତ୍ର ପ୍ରଦାନ ସମୟରେ ପ୍ରଭାତ କୁମାର ରାଉତ, ମଧୁସ୍ମିତା ସିଂହ, ଶୁଭଶ୍ରୀ କାଜଲ ବାରିକ, ବିକାଶ ଚନ୍ଦ୍ର ଜେନାଙ୍କ ସମେତ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ସାମିଲ ହୋଇଥିଲେ । ଏସମ୍ପର୍କରେ ରେସୱାର କର୍ମକର୍ତ୍ତା ଲିଆକତ ହୋସେନ କୁହନ୍ତିଯେ, କେନ୍ଦ୍ରାପଡାରେ କାଉନସେଲିଂ ସେଣ୍ଟର ଖୋଲିବା ପାଇଁ ମାର୍ଚ୍ଚ ୧୦ରେ ଏନଆଇଇଟି ପକ୍ଷରୁ ଚିଠି ହୋଇଛି । ଏହି ସମୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ସେଣ୍ଟର ଖୋଲିବାରେ ବିଳମ୍ବ ହୋଇଛି ।

## ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା

ରାଜନଗର,୧୪।୫(ଡିଏନଏ)

ରାଜନଗର ବ୍ଲକ ସାତଭାୟା ପଞ୍ଚାୟତ ବଗପାଟିଆ ଗାଁରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୪ ବଖରା ପୋଡିଯାଇଛି। ଗାଁର ନିତ୍ୟାନନ୍ଦ ମଣ୍ଡଳଙ୍କ ଘରେ ସକାଳ ପ୍ରାୟ ୮ଟା ସମୟରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିତ୍ୟାନନ୍ଦଙ୍କ ପରିବାର ଲୋକେ ଏକ ବାହାଘର ଉତ୍ସବରେ ଯୋଗ ଦେବାକୁ ଯାଇଥିବା ବେଳେ ଘରେ ତାଙ୍କର ବୋହୂ ଥିଲେ। ଗ୍ରାମବାସୀଙ୍କ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇଥିଲା।

## ଟ୍ରଲରରୁ ଚୋରି କରୁଥିବା ବେଳେ ଚୋର ଗିରଫ

ରାଜନଗର, ୧୪।୫(ଡିଏନଏ)

ସୋମବାର ରାତିରେ ଏକ ଟ୍ରଲରରୁ ଡିଜେଲ ଚୋରି କରିବାକୁ ଯାଇ ଚୋର ଧରାପଡିଛି । ପ୍ରକାଶ ଯେ, ତାଲଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ବେଙ୍ଗମାରି ଠାରେ ଗୌତମ ମଣ୍ଡଳଙ୍କ ଟ୍ରଲର ନଦୀ କୂଳରେ ଥିଲା। କିନ୍ତୁ ରାତିରେ ଭଦ୍ରକ ଜିଲା ବାଁଶଡା ଥାନା ଅନ୍ତର୍ଗତ ଶରତ ଦାସ ନାମକ ଜଣେ ଯୁବକ ଏକ ଭୁଟ୍‌ଭୁଟିରେ ଆସି ଟ୍ରଲରରୁ ଡିଜେଲ ଓ ବଡ ବ୍ୟାଟେରୀ ଚୋରି କରୁଥିଲେ। ଏହି ସମୟରେ ଶବ୍ଦ ଶୁଣି ପାଖ ଟ୍ରଲରରେ ଥିବା କର୍ମଚାରୀମାନେ ଉଠି ପଡି ଚୋର ଜଣକୁ କାବୁ କରି ନେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚୋରକୁ ଗିରଫ କରିଥିଲା।

## ଦୁମୁକା ରାଜସ୍ୱ ଗ୍ରାମର ୪୦୦ ଜମି ମାଲିକ ପାସ୍‌ବୁକ୍‌ରୁ ବଞ୍ଚିତ

ମାର୍ଶାଘାଇ,୧୪।୫ (ଡି.ଏନ୍.ଏ.)

ମାର୍ଶାଘାଇ ତହସିଲ ଅଧୀନ ୨୮୬ ଗ୍ରାମ ମଧ୍ୟରୁ ଦୁମୁକା ରାଜସ୍ୱ ଗ୍ରାମର ପ୍ରାୟ ୪୦୦ ଜମି ମାଲିକ ପାସ୍‌ବୁକ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହି ଗ୍ରାମରେ ବନ୍ଦୋବସ୍ତ ଓ ଚକବନ୍ଦୀ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବାରୁ ଏହି ସମସ୍ୟା ଦେଖାଦେଇଛି । ଭୂସଂସ୍କାର ଆଇନ ଅନୁଯାୟୀ ଜମିଜମା ରେକର୍ଡ ସଂଶୋଧନ ପରେ ତହସିଲ ମାଧ୍ୟମରେ ଜମି ମାଲିକମାନଙ୍କୁ ପାସ୍‌ବୁକ୍ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏହି ପାସ୍‌ବୁକରେ କେଉଁ ପରିବାରର କେଉଁ କିସମର କେତେ ଜମି ଅଛି ଏବଂ ପରିବାରର ପୂର୍ଣ୍ଣ ବିବରଣୀ,ବାର୍ଷିକ ଆୟବ୍ୟୟ ଆଦି ଉଲ୍ଲେଖ କରାଯାଇଥାଏ । ଏହା ଜରିଆରେ ଜାତିଗତ, ବାସସ୍ଥାନ ଏବଂ ଆୟବ୍ୟୟ ବିବରଣୀ ଆଦି ତଥ୍ୟ ତହସିଲ ତରଫରୁ ମିଳିବାର ବ୍ୟବସ୍ଥା ଅଛି। ମାତ୍ର ଦୁମୁକା ଗ୍ରାମର ଜମି ମାଲିକମାନେ ପାସ୍‌ବୁକ୍ ପାଇବାରୁ ବଞ୍ଚିତ ହେବା ଫଳରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଇଂରେଜ ଶାସନ ସମୟରେ ଜମିଜମା ଖର୍ଦ୍ଦି ବିକ୍ରିର ଦାଖଲ ଖାରଜ କରାଯାଇ ୧୯୩୦ ମସିହାରେ ପଟ୍ଟା ମିଳିଥିଲା। ୧୯୬୫ ମସିହାରେ ବନ୍ଦୋବସ୍ତ କାର୍ଯ୍ୟକ୍ରମର କିସ୍ତିୱାରୀ ଓ ଖାନାପୁରି ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ ତହସିଲକୁ ରେକର୍ଡ ହସ୍ତାନ୍ତର କରାଯାଇ ନାହିଁ। ଏହାପରେ ୧୯୭୨ ମସିହାରେ ମାର୍ଶାଘାଇ ତହସିଲରେ ଚକବନ୍ଦୀ ଯୋଜନା ଲାଗୁ କରାଗଲା। ମାତ୍ର ଦୁମୁକା ଗ୍ରାମରେ ୯ମ ଓ ୧୦ମ ଧାରା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଆଖପାଖ କେତେକ ଗ୍ରାମର ଗ୍ରାମ କମିଟି ସଭ୍ୟ ଏବଂ ଚକବନ୍ଦୀ କର୍ମଚାରୀଙ୍କ ଅସାଧୁମେଣ୍ଟ ଯୋଗୁ ଏହି ରାଜସ୍ୱ ଗ୍ରାମରେ କାମ ଅଧାରୁ ଅଟକି ରହିଲା। କେତେକ କ୍ଷତିଗ୍ରସ୍ତ ଚାଷୀ ଏ ନେଇ କୋର୍ଟ ଦ୍ୱାରସ୍ଥ ହୋଇଥିଲେ। ଫଳରେ ଚକବନ୍ଦୀର ୧୦ମ ଧାରା ଠାରୁ ଏଠାରେ ଚକବନ୍ଦୀ କାର୍ଯ୍ୟ ବନ୍ଦ ରହିଛି। ଅନ୍ୟ କେତେକ ଗ୍ରାମରେ ଚକବନ୍ଦୀର ୧୩ ଧାରା ମୁତାବକ ଚକକଟା ପରିବର୍ତ୍ତେ ରେକର୍ଡ ସଂଶୋଧନ କରାଯାଇ ଚାଷୀମାନଙ୍କୁ ପାସ୍‌ବୁକ୍ ମିଳିଛି। ମାତ୍ର କର୍ତ୍ତୃପକ୍ଷଙ୍କ ଉଦାସୀନତାରୁ ଏଠାରେ ଏହି ଧାରା ଲାଗୁ କରାଯାଇନାହିଁ। ଏଣୁ ଦୁମୁକା ଗ୍ରାମର ଚାଷୀ ପରିବାରଙ୍କୁ ଉକ୍ତ ଧାରା ମୁତାବକ ଚକକଟା ପରିବର୍ତ୍ତେ ରେକର୍ଡ ସଂଶୋଧନ କରାଯିବାକୁ ଗ୍ରାମବାସୀଙ୍କ ତରଫରୁ ବିଭିନ୍ନ ସମୟରେ ରାଜସ୍ୱ ପର୍ଷଦ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏ ଯାବତ୍ ସୁଫଳ ମିଳିନାହିଁ। ତେଣୁ ବନ୍ଦୋବସ୍ତ କରା ନ ଯାଇ ୧୩ ଧାରା ମୁତାବକ ରେକର୍ଡ ସଂଶୋଧନ କରାଯାଇ ପାସ୍‌ବୁକ ମିଳିବାର ବ୍ୟବସ୍ଥା କରିବାକୁ ଗ୍ରାମର ଚାଷୀ ଅକ୍ଷୟ କୁମାର ଜେନା, ଭାବଗ୍ରାହୀ ବେଉରା, ଶ୍ରୀଧର ବେଉରା, ପର୍ଶୁରାମ ନାୟକ, ନିରଞ୍ଜନ ଚୌଧୁରୀ ପ୍ରମୁଖ ଦାବି କରିଛନ୍ତି। ଏ ଦିଗରେ ଯଥାଶୀଘ୍ର ବିହିତ ପଦକ୍ଷେପ ନିଆଯିବ ବୋଲି ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ସମ୍ପତ୍ତି ପାଇଁ ହତ୍ୟା ଅଭିଯୋଗ

ବାଲିକୁଦା,୧୪।୫(ସ୍ୱ.ପ୍ର.): ଶ୍ୱଶୁର ଘର ଜମିବାଡ଼ି ଓ ସମ୍ପତ୍ତି ପାଇଁ ଜଣେ ବ୍ୟକ୍ତି ନିଜ ଶଳାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ବାଲିକୁଦା ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ନଂ.୭୬/୧୯ ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅନନ୍ତପୁର ଫାଣ୍ଡି ଅଧୀନ ଓଷକଣା ପଞ୍ଚାୟତ ବଡ଼କଣ ଗ୍ରାମର ଫଗୁ ଚରଣ ଚଣ୍ଡଙ୍କ ୫ ପୁଅ ଓ ୪ ଝିଅ ଅଛନ୍ତି। ସେମାନେ ବିବାହ କରି ବାହାରେ ରହୁଛନ୍ତି। ତୃତୀୟ ପୁଅ ନରେନ୍ଦ୍ର ମୂକ ଓ ବଧିର। ସେ ବାପାଙ୍କ ସହ ଘରେ ରହୁଥିଲେ। ସାନ ଝିଅ ଝରଣା ଓଟିନ୍ଦା ଗ୍ରାମର ମନୋରଞ୍ଜନ ତ୍ରିପାଠୀଙ୍କୁ ବିବାହ କରିଥିଲେ। ତେବେ ମନୋରଞ୍ଜନ ଶ୍ୱଶୁରଙ୍କ ୫୫ ଡିସିମିଲ ଜମି ସ୍ତ୍ରୀ ଝରଣାଙ୍କ ନାମରେ କରିନେଇଥିଲେ। ପରେ ଏ କଥା ମନୋରଞ୍ଜନଙ୍କ ଅନ୍ୟ ଶଳାମାନେ ଜାଣିବା ପରେ କୋର୍ଟରେ ମାମଲା ଦାୟର କରି କରିଥିଲେ। ଏହି ମାମଲା ଏବେ ବିଚରାଧୀନ ଅଛି। ଏ ସମ୍ପର୍କରେ ସାକ୍ଷୀ ଦେବାକୁ ମନୋରଞ୍ଜନ ନରେନ୍ଦ୍ରଙ୍କୁ ନିଜ ପାଖରେ ରଖିଥିଲେ। ଫଗୁଙ୍କୁ ତାଙ୍କ ଅନ୍ୟ ପୁଅମାନେ ପାରାଦୀପରେ ରଖିଥିଲେ। ଗତ ସୋମବାର ବିଳମ୍ବିତ ରାତିରେ ମନୋରଞ୍ଜନ ଓ ତାଙ୍କ ପରିବାର ମିଶି ନରେନ୍ଦ୍ରଙ୍କୁ ହତ୍ୟା କରି ଫଗୁଙ୍କ ଘର ଚାବି ଭାଙ୍ଗି ଭିତରେ ଶୁଆଇ ଦେଇଥିବା ଅଭିଯୋଗ ହୋଇଛି। ରାତି ୨ଟାରେ ମନୋରଞ୍ଜନ ଫୋନ୍ କରି ନରେନ୍ଦ୍ରଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଥିଲେ। ତାଙ୍କ କହିବା ଅନୁଯାୟୀ ନରେନ୍ଦ୍ରଙ୍କ ଶ୍ୱାସରୋଗ ଥିଲା। ହଠାତ୍ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଜଗତ୍‌ସିଂହପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଫଗୁଙ୍କ ଅନ୍ୟ ଝିଅପୁଅମାନେ କହିଛନ୍ତି ଯେ, ସେମାନେ ମଙ୍ଗଳବାର ପହଞ୍ଚିଲାବେଳକୁ ନରେନ୍ଦ୍ରଙ୍କ ମୃତଦେହ ଯେଉଁ ଘରେ ପଡ଼ିଥିଲା ସେଠାରେ ସପ ଓ ଲୁଗାରେ ରକ୍ତ ଲାଗିଥିବା ଦେଖିବାକୁ ପାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

■ ଫନୀ ଉଜାଡ଼ିଦେଲା ପାନ ବରଜ

# ସହାୟତାକୁ ଚାହିଁ ରହିଛନ୍ତି ଚାଷୀ

ନାଉଗାଁ,୧୪।୫(ସ୍ୱ.ପ୍ର.)

ବାତ୍ୟା ଫନୀ ପ୍ରଭାବରେ ନାଉଗାଁ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କେଉଁଠି କଚ୍ଚା ଘର ତ ଆଉ କେଉଁଠି ଗଛ ଭାଙ୍ଗିପଡିଛି। ବିଦ୍ୟୁତ ଖୁଣ୍ଟ ମଧ୍ୟ ତଳେ ପଡିଛି। ତେବେ ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ପାନଚାଷୀ। ଶିଖର ପଞ୍ଚାୟତ ଦେବୀନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମ ପାରିଶିଖର, ବରଦା, ବାଇଁଆପଡ଼ାରେ ଚାଷୀମାନେ ପାନ ଚାଷ କରନ୍ତି। ବାତ୍ୟାରେ ପାନ ବରଜ କ୍ଷତିଗ୍ରସ୍ତ ହେବା ପରେ ଏହି ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଚାଷୀଙ୍କ କହିବା ଅନୁଯାୟୀ, ୭୦ରୁ ୮୦ ଗଛ ପାଇଁ ୫ରୁ ୬ଗୁଣ୍ଠ ଜମି ଦରକାର ହେଉଥିବାବେଳେ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ। ପାରିଶିଖର ଗ୍ରାମର ପାନଚାଷୀ ଅଭୟ ସ୍ୱାଇଁ, ତ୍ରିଲୋଚନ ସ୍ୱାଇଁ, ବାବାଜୀ ସ୍ୱାଇଁ ପ୍ରମୁଖ କହିଛନ୍ତି ଯେ, ଏହି ଗ୍ରାମରେ ୨୫ରୁ ଊର୍ଦ୍ଧ୍ୱ ପାନବରଜ ହୋଇଛି। ମାସକୁ ୨ ଥର ପାନ ପତ୍ର ତୋଳାଯାଉଥିବା ବେଳେ ୩୦ରୁ ୪୦ ହଜାର ଟଙ୍କା ରୋଜଗାର ହୋଇଥାଏ। ଥରେ ପାନ ଚାଷ ଆରମ୍ଭ କଲେ ବର୍ଷ ବର୍ଷ ଧରି ଉତ୍ପାଦନ ହୋଇଥାଏ। ଗ୍ରାମର ଅନେକ ଚାଷୀ ଉଦ୍ୟାନ ବିଭାଗରୁ ଋଣ ଆଣି ପ୍ରଥମ କରି ପାନ ଚାଷ କରିଥିଲେ। ସାହାଜି ସ୍ୱାଇଁ, ତ୍ରିଲୋଚନ ସ୍ୱାଇଁ, ରବୀନ୍ଦ୍ର ବାରିକ ପ୍ରମୁଖ ୬ ଜୁଲାଇ ୨୦୧୭ରେ ୮୦ହଜାର ଟଙ୍କା ଋଣ ଓ ୨ ଲକ୍ଷ ଟଙ୍କାର ହାତ ଉଧାରି କରି ପାନ ଚାଷ ଆରମ୍ଭ କରିଥିଲେ। ତେବେ ପତ୍ର ତୋଳା ହେବା ସମୟରେ ବାତ୍ୟା ହେବାରୁ ପାନ ବରଜ ଉଜୁଡ଼ିଯାଇଛି। ତେଣୁ ଋଣ ଟଙ୍କା କିପରି ସୁଝିବେ ବୋଲି ସେମାନେ ଚିନ୍ତାରେ ପଡ଼ିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଗ୍ରାମ ନିକଟବର୍ତ୍ତୀ ପୁରୀ ଜିଲାର ମହାଦେବସ୍ତ ଗ୍ରାମରେ ପାନଚାଷୀଙ୍କୁ ସମ୍ପୂର୍ଣ୍ଣ ବାତ୍ୟା ସହାୟତା ଦିଆଯାଉଥିବା ବେଳେ ନାଉଗାଁ ବ୍ଲକରେ ଏପର୍ଯ୍ୟନ୍ତ କ୍ଷୟକ୍ଷତି ଆକଳନ କରାଯାଇନାହିଁ। ଉଦ୍ୟାନ କୃଷି ବିଭାଗ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କେହି ଜଣେ ହେଲେ ମଧ୍ୟ ତଦନ୍ତ କରିବାକୁ ଆସି ନ ଥିବା ଚାଷୀମାନେ କହିଛନ୍ତି। ସେହିପରି ଧାନ, ମୁଗ, ବିରି ଓ ପରିବା ଚାଷୀମାନେ ମଧ୍ୟ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଆଶିଷ ମହାନ୍ତି କହିଛନ୍ତି ଯେ, କ୍ଷୟକ୍ଷତି ଆକଳନ କାର୍ଯ୍ୟ ତହସିଲର। ସେହିପରି ତହସିଲଦାର ଜେ.କଳ୍ପନା କହିଛନ୍ତି ଯେ, ରାଜସ୍ୱ ନିରୀକ୍ଷକଙ୍କ ଅଭାବ ଯୋଗୁ କ୍ଷୟକ୍ଷତି ଆକଳନ କରିବାରେ ବିଳମ୍ବ ହେଉଛି।




ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପାନ ବରଜ ନିକଟରେ ଉପସ୍ଥିତ ଚାଷୀ।

■ ଧାର କରଜ କରି ଚିନ୍ତାରେ ଚାଷୀ

■ କ୍ଷୟକ୍ଷତି ଆକଳନ କରିବାକୁ ଆସୁନାହାନ୍ତି ଅଧିକାରୀ

# ପାରାଦୀପ-ହାଇଦ୍ରାବାଦ ପାଇପଲାଇନ୍ ପ୍ରସଙ୍ଗ: ବିଫଳ ହେଲା ଆଲୋଚନା

ପାରାଦୀପ, ୧୪।୫ (ସ୍ୱ.ପ୍ର.)

ଭାରତୀୟ ତୈଳ ନିଗମର ପ୍ରସ୍ତାବିତ ପାରାଦୀପ-ହାଇଦ୍ରାବାଦ୍ ପାଇପଲାଇନ୍ ପ୍ରକଳ୍ପକୁ ଢ଼ିଙ୍କିଆ ଅଞ୍ଚଳର ଗ୍ରାମବାସୀ ଦୀର୍ଘଦିନ ହେଲା ବିରୋଧ କରୁଛନ୍ତି। ଏହାର ସମାଧାନ ପାଇଁ ଗତ ସୋମବାର ସନ୍ଧ୍ୟାରେ ଆଇଓସିଏଲ୍ ପାଇପ ଲାଇନ୍ କର୍ତ୍ତୃପକ୍ଷ ଓ ଢ଼ିଙ୍କିଆ ଗ୍ରାମବାସୀଙ୍କ ମଧ୍ୟରେ ମଧୁବନଠାରେ ଆଲୋଚନା ହୋଇଥିଲା। ଦୀର୍ଘ ସମୟ ଆଲୋଚନାରେ ଉଭୟପକ୍ଷ ନିଜ ନିଜ ସପକ୍ଷରେ ଯୁକ୍ତି କରିବା ଯୋଗୁ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ବୈଠକ ପରେ ଗ୍ରାମବାସୀ କହିଲେ ଯେ, ସେମାନେ ପୂର୍ବଭଳି ପାଇପଲାଇନ୍ ପ୍ରକଳ୍ପକୁ ବିରୋଧ କରିବେ। ଯାହା ଜମିରେ ଏହି ପାଇପଲାଇନ୍ ଯିବ ସେମାନଙ୍କ ପରିବାରକୁ ନିଯୁକ୍ତି, ଗ୍ରାମ ପାଇଁ ସିଏସ୍ଆର ଅର୍ଥ ଠିକ୍ ଭାବେ ବିନିଯୋଗ, ପରିବେଶ ପ୍ରତି ଧ୍ୟାନ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ପ୍ରସଙ୍ଗରେ କମ୍ପାନୀର ବରିଷ୍ଠ ଯନ୍ତ୍ରୀ ଆଦିତ୍ୟ ପ୍ରସାଦ ମିଶ୍ର କହିଛନ୍ତି ଯେ, ଏହି ପ୍ରକଳ୍ପ ଦ୍ୱାରା ଜମି ପ୍ରଭାବିତ ହେବ ନାହିଁ। କାରଣ ପାଇପଲାଇନ୍ ମାଟି ତଳେ ଯିବା ପରେ ପୂର୍ବବତ୍ ଚାଷୀମାନେ ଚାଷ କରିପାରିବେ। ଜମିର ମାଲିକାନା ବଦଳିବ ନାହିଁ। ଏହା ଏକ ବୃହତ୍ ପ୍ରକଳ୍ପ। ଏହାଦ୍ୱାରା ଉତ୍ପାଦିତ ତୈଳ ସହଜ ସୁଗମ ବ୍ୟବସ୍ଥାରେ ପରିବହନ ହୋଇପାରିବ। ବୈଠକରେ ହୋଇଥିବା ଆଲୋଚନା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। ପରେ ସେମାନେ ଯାହା ନିଷ୍ପତ୍ତି ନେବେ ବୋଲି ମିଶ୍ର କହିଛନ୍ତି।

# ବସ୍ତି ସଫେଇ, ରିଲିଫ ବଣ୍ଟନ

ଜଗତ୍‌ସିଂହପୁର ଅଫିସ,୧୪।୫

ନିଳେ ଝଣ୍ଡେ ୱାଲେ ରୋଭର ଓ ରେଞ୍ଜର ୟୁନିଟ୍, ସମାଜ ବିକାଶ ମିଶନ ଓ ସାମାଜିକ ସଙ୍ଗଠନ ଗୁଞ୍ଜନର ମିଳିତ ସହଯୋଗରେ ସ୍ଥାନୀୟ ସୋମନାଥ ହାଟବସ୍ତି, ଆଳିପିଙ୍ଗଳ, ମଙ୍ଗଳପୁର ଓ ମଣ୍ଡାସାହିରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏଥିସହ ସମ୍ପୃକ୍ତ ଅଞ୍ଚଳରେ ରିଲିଫ ବଣ୍ଟନ ହୋଇଛି। ପ୍ରଥମେ ସୋମନାଥ ହାଟ ବସ୍ତି ସଫେଇ ହୋଇଥିଲା। ପରେ ବସ୍ତିର ୫୫ ବାସିନ୍ଦାଙ୍କୁ ରିଲିଫ ବଣ୍ଟନ କରାଯାଇଥିଲା। ସେହିପରି ଆଳିପିଙ୍ଗଳର ୧୫, ମଙ୍ଗଳପୁରର ୧୪ ଏବଂ ମଣ୍ଡାସାହିର ୧୫ ଜଣ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ ଦିଆଯାଇଥିଲା। ନିଳେ ଝଣ୍ଡେୱାଲେର ରୋଭର ଲିଡର ବିଜୟ କୁମାର ରଥ, ରୋଭର ମେଟ୍ ଆଶୁତୋଷ ପଣ୍ଡା, ସ୍କାଉଟ ମାଷ୍ଟର ଅମୂଲ୍ୟ କୁମାର ମିଶ୍ର, ଅତିରିକ୍ତ ରୋଭର ଲିଡର ସରିତ ମହାପାତ୍ରଙ୍କ ସମେତ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଜୟ କୁମାର ଗୋଛାୟତ ଓ ଗାଇଡ କ୍ୟାପଟେନ୍ ସସ୍ମିତା ଶତପଥୀଙ୍କ ତତ୍ତ୍ୱାବଧାନରେ ରିଲିଫ ବଣ୍ଟନ କରାଯାଇଥିଲା। ରିଲିଫ ବାବଦରେ ଶୁଖିଲା ଖାଦ୍ୟ, ପଲିଥିନ, ଖେଳଣା, ତେଲ, ମହମବତୀ, ଦିଆସିଲ, ପୋଷାକ, ନାପକିନ୍ ଆଦି ଥିବା କିଟ୍ ପ୍ରଦାନ କରାଯାଇଥିଲା। ଜୟଦେବ ସ୍ୱାଇଁ, ସତ୍ୟବ୍ରତ ଜେନା, ରାକେଶ କୁମାର ସାହୁ, ଲକ୍ଷ୍ମୀଧର ଲେଙ୍କା, ମଧୁସ୍ମିତା ବେହେରା, ପ୍ରଜ୍ଞା ପରମିତା ସେଠୀ, ସୀମା ଦାଶ, ଅବିସ୍ମରା ମିଶ୍ର, ଦୀପଶିଖା ମିଶ୍ର ଓ ଶୁଭଲକ୍ଷ୍ମୀ ସିଂ ପ୍ରମୁଖ ସହାୟତା କରିଥିଲେ।

# ୪ କ୍ୟାବିନ ଜାଳିଦେଲେ ଦୁର୍ବୃତ୍ତ

କୁଜଙ୍ଗ,୧୪।୫(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ୍ ମାଳହୁଙ୍କା ବଜାରରେ ସୋମବାର ମଧ୍ୟରାତ୍ରରେ ଦୁର୍ବୃତ୍ତମାନେ ୪ଜଣ ମାଛ ବ୍ୟବସାୟୀଙ୍କ ଦୋକାନ ଘର ଜାଳିଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମଙ୍ଗଳବାର ବଜାରରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ବଜାରର କେତେଜଣ ବ୍ୟବସାୟୀଙ୍କ ସହ ପାଟିତୁଣ୍ଡ କରିଥିଲେ। ବଜାରରେ ପୂର୍ବରୁ ଏକ ସ୍କୁଟି ପୋଡ଼ିଦିଆଯିବା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟିଥିବା ସନ୍ଦେହ କରାଯାଉଛି। ସେହିପରି କେତେଜଣ ଚୋରାମଦ ବ୍ୟବସାୟୀଙ୍କୁ ଧରାଇବା ଓ ରାଜନୈତିକ ଶତ୍ରୁତାରୁ ମଧ୍ୟ ଏପରି ହୋଇଥିବା କୁହାଯାଉଛି। ତେବେ ଘଟଣା ପରେ ସ୍ଥାନୀୟ ବ୍ୟବସାୟୀମାନେ କୁଜଙ୍ଗ ଥାନା ସମ୍ମୁଖରେ ପ୍ରତିବାଦ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ଦୁଇ ପକ୍ଷରୁ ଦୁଇଟି ଏତଲା ଥାନାରେ ଦିଆଯାଇଛି। ପୋଲିସ ଉଭୟ ପକ୍ଷଙ୍କୁ ଡାକି ପଚରାଉଚରା କରୁଛି। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ। ସ୍ଥାନୀୟ ଅଞ୍ଚଳର କେତେଜଣ ରାଜନେତା ଓ ମୁରବୀ ଶ୍ରେଣୀୟ ଲୋକ ଘଟଣାର ଆପୋସ ସମାଧାନ କରିବାକୁ ଉଦ୍ୟମ ଚଳାଇଛନ୍ତି।



ପୋଡ଼ିଯାଇଥିବା ଦୋକାନ ଗୃହ।

# ଉଜୁଡ଼ା ସବୁଜିମା ସଜାଡୁଛି ଆଦର୍ଶ ପ୍ରୟାସ



ସ୍ୱେଚ୍ଛାସେବୀମାନେ ଗଛରେ ପାଣି ଦେଉଛନ୍ତି।

ପାରାଦୀପ,୧୪।୫(ସ୍ୱ.ପ୍ର.)

ଫନୀ ପ୍ରଭାବରେ ଉପକୂଳ ଅଞ୍ଚଳର ସବୁଜିମା ନଷ୍ଟ ହୋଇଯାଇଛି। କେଉଁଠି ଗଛ ଉପୁଡିଯାଇଛି ତ ଆଉ କେଉଁଠି ଡାଳ ଭାଙ୍ଗିପଡ଼ିଛି। ଆଉ କେତେକ ଗଛ ବାତ୍ୟାରୁ ବର୍ତ୍ତିଯାଇଥିଲେ ମଧ୍ୟ ସେଥିରୁ ପତ୍ର ଝଡ଼ିଯାଇଛି। ସେହିଭଳି ଅଧାମରା ଗଛକୁ ବଞ୍ଚାଇବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ପାରାଦୀପ ଶିଳ୍ପ ସହରରେ ଥିବା ସଙ୍ଗଠନ ଆଦର୍ଶ ପ୍ରୟାସ ଓ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ। ସଙ୍ଗଠନର ସଦସ୍ୟମାନେ ଭାଙ୍ଗିଯାଇଥିବା ଡାଳ ସଫା କରିବା ସହ ଗଛ ମୂଳରେ ପାଣି ଦେଉଛନ୍ତି। ଏଭଳି ପ୍ରୟାସ ଫଳରେ କେତେକ ଗଛରେ ନୂଆପତ୍ର କଅଁଳିଲାଣି। ବାବା ବାଲୁଙ୍କେଶ୍ୱର ଗ୍ରାମ ବିକାଶ ପରିଷଦ ପକ୍ଷରୁ ପ୍ରତିବର୍ଷ ୩ରୁ ୫ଟି ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରାଯାଉଛି। ସେହି ଜଙ୍ଗଲରେ ୨ରୁ ୩ ବର୍ଷ ତଳେ ଲାଗିଥିବା କେତେକ ଗଛର ପତ୍ର ଓ ଡାଳ ନଷ୍ଟ ହୋଇଯିବାରୁ ସେଗୁଡିକ ଥୁଣ୍ଟା ହୋଇ ରହିଥିଲା ବୋଲି ପରିଷଦର ପ୍ରତିଷ୍ଠାତା ଅମରେଶ ନରେଶ ସାମନ୍ତ କହିଛନ୍ତି। ବାତ୍ୟା ପରଠାରୁ ଦିନେ ଛଡା ଦିନେ ପାଣି ଦେବା ଫଳରେ ଗଛଗୁଡିକ ପୁନର୍ଜନ୍ମ ପାଇଛି। କଲେଜ ପରିସରରେ ଗତବର୍ଷ ଶତାଧିକ ଗଛ ଲଗାଯାଇଥିଲା। ସେହି ଗଛରେ ପାଣି ଦେବା ପରେ ତାହା ଜୀବିତ ହୋଇଛି। ପାଣି ସଙ୍କଟ ହେବାରୁ କଲେଜ ପରିସରରେ ବୋରିଂ କରାଯାଇଛି ବୋଲି ସଙ୍ଗଠନର ଦେବକଲ୍ୟାଣ ମହାପାତ୍ର କହିଛନ୍ତି। କେତେକ ସ୍ଥାନରେ ଗଛ ଅଳ୍ପ ଭାଙ୍ଗିଥିଲେ ହେଁ ସେଗୁଡିକ ଲୋକେ ମୂଳରୁ କାଟି ନେଉଛନ୍ତି। ଫଳରେ ବାତ୍ୟାଠାରୁ ଅଧିକ ଗଛ ମନୁଷ୍ୟକୃତ ଭାବେ ନଷ୍ଟ ହେଉଛି। ସବୁଲୋକ ନିଜ ଉଦ୍ୟମରେ ଆଖପାଖରେ ଥିବା ଗଛର ଯତ୍ନ ନେଲେ, ପୁଣି ସବୁଜିମା ଫେରିଆସିବ ବୋଲି କହିଛନ୍ତି ଅମରେଶ ମଣ୍ଡଳ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

WALK-IN-INTERVIEW
1. Marketing Executive (4 Persons), 2. Stewards (4 Persons-Male)3. Captain (1 Person), 4. Reception (4 Persons), 5. House Keeping (4 Persons)
All candidates are requested keep your complete CV towards Educational Certificates, Hospitality Experience Certificate, 2 Nos. of Passport Photo. Salary best in Industry.
Date of Interview : 20.05.2019 (Monday) from 11 AM to 5 PM
Contact : HOTEL TAZZ ODISHA, 126/A, Ashok Nagar, Bhubaneswar-751009
Mob : 9040698560, 7978982455

REQUIRED
LADY BEAUTICIAN FOR M/S PUJA LADY PARLOUR
AT- BAPUJI NAGAR, BBSR
CONTACT- 7205846924 6371332743

Contact: 9938414918
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

REQUIRED A leading distribution house of Bhubaneswar requires.
1. Sales Manager : Graduate with 5 to 7 years of experience in Sales & Marketing having leadership quality.
2. Sales Executive : Graduate with 2 to 3 years of experience in Sales & Marketing under a distributor.
3. Account Executive : B.Com with 2 to 3 years of experience in Accounts having knowledge of Tally. Salary : Negotiable
Interested candidates can mail their resume with fresh photograph to
E-mail : hr.rctpl@gmail.com or
Mob.: 9437329938, 9853399288 (10 A.M. to 8 P.M.)

DIRECT JOINING
Customer Service (A-D2H), Data Entry, Back Office, Receptionist (ଓଡିଆ)
Salary : Rs.8000 To Rs.15000
9090658710, 6372928855

ଆବଶ୍ୟକ
ଭୁବନେଶ୍ୱରରେ ଥିବା ହୋଟେଲ ପାଇଁ ହେଲପର ଓ ସପ୍ଲାୟର ଆବଶ୍ୟକ
ଯୋଗାଯୋଗ
9040566755
9437353936

OFFICE OF THE DISTRICT JUDGE, RAYAGADA
150 YEARS OF CELEBRATING THE MAHATMA
Advt No.01/15.05.2019
Applications in the prescribed format are invited from intending candidates for recruitment of various base level vacant posts of Junior Clerk/Copyist, Junior Typist, Stenographer Grade-III and Salaried Amin in Group- 'C' cadre of Rayagada Judgeship for the year, 2019 is hereby notified for general information as follows:

| Name of Post | Scale of Pay | Scheduled Tribe | Scheduled Caste | S.E.B.C | UR | Total |
|---|---|---|---|---|---|---|
| Junior Clerk/ Copyist | As per *level-04 in pay Matrix (First Schedule) of ORSP Rules, 2017* with usual D.A. and other allowances as admissible from time to time | 2 (2-Female) | 2 (1-Female) | -- | -- | 4 |
| Junior Typist | | 1 (1-Female) | -- | -- | -- | 1 |
| Stenographer Grade-III | As per *level-07 in pay Matrix (First Schedule) of ORSP Rules, 2017* with usual D.A. and other allowances as admissible from time to time | -- | 1 | -- | -- | 1 |
| Salaried Amin | As per *level-05 in pay Matrix (First Schedule) of ORSP Rules, 2017* with usual D.A. and other allowances as admissible from time to time | -- | -- | -- | 1 | 1 |
| Grand Total | | 3 | 3 | -- | 1 | 7 |

Reservation and age relaxation in respect of reserved categories of candidates shall be in accordance with the provisions of the Acts, Rules, Orders or Instructions for the time being in force, for the respective reserved categories. Last date of receipt of application form is **15.06.2019, 5.00 P.M.**
For details please visit: https://districts.ecourts.gov.in/rayagada
BY ORDER OF THE DISTRICT JUDGE
Sd./- Registrar, Civil Courts, Rayagada

URGENT REQUIREMENT
For Male HELPERS to work in Hyderabad and Visakhapatnam
Good Salary and Accommodation.
Ph: 6305484850

କାର ଡ୍ରାଇଭର
ଜଗତପୁର ଅଫିସ ପାଇଁ ଆବଶ୍ୟକ
ଯୋଗାଯୋଗ
Mob No.- 7381075901 9437496020

See Career Appointment on every Wednesday & Saturday

A Leading Consultancy Group requires the following personnel urgently

| Sl | Name of the post | Qualification & Experience |
|---|---|---|
| 1 | Manager – HR | MBA (HR) with 8 - 12 yrs or above experience, preference will be given to candidates having experience in hotel industry |
| 2 | Asst. Mgr. – HR | MBA (HR) with 5-7 yrs or above experience, preference will be given to candidates having experience in hotel industry |
| 3 | HR Executive | MBA (HR) with 3 - 5 yrs or above experience, preference will be given to candidates having experience in hotel industry |
| 4 | Sales Mgr. | MBA Mktg / Hotel Mgmt with More than 7 yrs of experience |

Candidates having experience in Hotel Industry will be given preference. The posting will be within Odisha.
Salary will commensurate with Qualification, Experience & Efficiency
Candidates may apply within seven days to Email:cservicesbbsr@gmail.com

URGENT REQUIRED
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। ଦରମା: 27,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭000/- ରୁ ୩୫000/-
7894509327

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
M : 8895725158, 6370827728

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ଆବଶ୍ୟକ
ହୋଟେଲ୍ ତାଜ୍ ପ୍ୟାଲେସ୍, ଭୁବନେଶ୍ୱରରେ ରୁମ୍ ବଏ ଏବଂ ସୁଇପର ଆବଶ୍ୟକ। ସମୟ :- ସକାଳ ୧୦.୦୦ଟା ରୁ ରାତି ୮.୦୦ଟା ରହିବା ଓ ଖାଇବା ସୁବିଧା ଅଛି।
ଯୋଗାଯୋଗ
୯୪୩୮୧୪୩୨୦୮

WANTED
ଧରିତ୍ରୀ DHARITRI Oriya daily
is looking for
SENIOR ACCOUNTS EXECUTIVES
- The candidate should have at least 5 years+ experience in the field of Accounts.
- Experience includes day to day accounting, preparation of all statutory reports and returns like VAT, Excise, Internal Audit, MIS, Service Tax return submission, verification of Bills.
- Proficiency in MS Excel, MS Word & Tally is a must.

SENIOR OFFICE EXECUTIVES (ADVERTISEMENT)
- Graduates with 5 years+ experience in back office work.
- Responsibility will include maintaining data, billing and schedule of advertisements.
- Candidates should be well equipped with Excel, MS Office & should have basic knowledge of Tally.

Apply immediately to : recruitment@dharitri.com
Attractive salary commensurate with experience

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ■ ଏମ୍‌ପିସି ଅଟୋନୋମସ କଲେଜ

# ମୋବାଇଲ ଟର୍ଚ୍ଚରେ ଯୁକ୍ତ ଦୁଇ ଖାତାଦେଖା

ବାରିପଦା ଅଫିସ,୧୪।୫

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଅଟୋନମସ କଲେଜ (ଏମପିସି )ରେ ମଙ୍ଗଳବାର ମୋବାଇଲ ଟର୍ଚ୍ଚରେ ଯୁକ୍ତ ଦୁଇ ଖାତା ଦେଖା ହୋଇଛି। ବାରିପଦା ସହର ଓ ତା'ର ଆଖପାଖ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୩ ଟା ବେଳେ କାଳବୈଶାଖୀ ଯୋଗୁ ପ୍ରବଳ ଝଡ ତୋଫାନ ସହ ବର୍ଷା ହୋଇଥିଲା। ସହରରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ, ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡିବାରୁ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଥିଲା।

### କାଳବୈଶାଖୀ ପ୍ରଭାବ

ଏମପିସି ଅଟୋନୋମସ କଲେଜରେ ଏହି ସମୟରେ ଯୁକ୍ତ ଦୁଇ ଖାତା ଦେଖା ଚାଲିଥିଲା। ମୋବାଇଲର ଟର୍ଚ୍ଚ ଜାଳି ଅଧ୍ୟାପକମାନେ ଖାତା ଦେଖିଥିଲେ। କଲେଜ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା କରି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କେତେ ଜଣ ଅଧ୍ୟାପକ କହିଛନ୍ତି। ଏ ନେଇ କଲେଜ ଅଧକ୍ଷ ଦୁର୍ଗାଚରଣ ପାତ୍ରଙ୍କୁ ପଚାରିବାରୁ ପ୍ରବଳ ବର୍ଷା ଓ ଝଡ଼ ତୋଫାନ ହେବାରୁ କଲେଜର କର୍ମଚାରୀମାନଙ୍କ ଦ୍ୱାରା ଜେନେରେଟର ଚଳାଇବା ସମ୍ଭବ ହୋଇ ନ ଥିଲା। ମୋବାଇଲ ଟର୍ଚ୍ଚରେ ଖାତାଦେଖା ଅଳ୍ପ ସମୟ ପାଇଁ ହୋଇଥିଲା। ପରେ ଖାତା ଦେଖା ବନ୍ଦ କରିଦିଆଯାଇଥିଲା ବୋଲି ସେ କହିଛନ୍ତି।

**PARADIP PORT TRUST**

**CORRIGENDUM TO E-TENDER CALL NOTICE NO. EM/MM/P/FIRE/02/2019/532,DT. 23.04.2019 FOR SUPPLY OF AQUEOUS FILM FORMING FOAM (AFFF)**

The price in BOQ should be quoted on FOR Paradip basis including packing & forwarding charges, freight, insurance and excluding GST as per clause no. 14 under Annexure-V of the e-tender.
**(1). Last Date of submission of tender up to 5.30 PM of Dt. 22.05.2019.**
**(2). Opening of Technical Bid at 3.30 PM of Dt. 24.05.2019.** However, all other terms and conditions of the e-tender remained unchanged.

**Sr. Dy. Materials Manager**
**PPT/PR/51/2019-20, Dt.14.05.2019**

**PARADIP PORT TRUST**

**CORRIGENDUM TO TENDER CALL NOTICE NO. EM/MM/P/STEEL/07/2018 (Pt)/1904TDR71. DT. 11/04/2019 FOR SUPPLY OF STEEL MATERIALS**

The due date of submission of Tender & opening of Technical Bid is hereby further extended as below.
1. Last Date of submission of tender up to 13.30 hour of **Dt. 21/05/2019.** 2. Opening of Technical Bid at 15.30 hour of **Dt. 21/05/2019.** All other terms and conditions in the original tender remained unaltered. For details of the tender interested bidders may log on to our website www.paradipport.gov.in or contact the office of the undersigned.

**Sr. Dy. Materials Manager**
**Paradip Port Trust**
PPT/PR/45/19-20 Dt. 14/05/2019

**PARADIP PORT TRUST**

**e-Tendering Notice**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from bidders for supply of **Different type of nut & bolt.** The last date and time of submission of the tender is **17.15 hrs. on 04.06.2019.** For details, log on to website : **https://eprocure.gov.in/eprocure/app**

Sr. Dy. Materials Manager
PPT/PR/56/19-20 Dt : 14.05.19

**PARADIP PORT TRUST**

**CORRIGENDUM-III TO E-TENDER CALL NOTICE NO. EM/MM/PE/04/2018/1902TDR41, DT. 28.02.2019 FOR SUPPLY OF ELECTRICAL ITEMS**

The due date of submission of Tender & opening of EMD Bid is hereby further extended as below: **1.** Last Date of submission of tender up to **5.00 PM of Dt. 22.05.2019. 2.** Opening of EMD Bid at **3.30 PM of Dt. 24.05.2019.** All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned.

**Sr. Dy. Materials Manager**
PPT/PR/49/2019-20, Dt. 14.05.2019

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**No. 1249 /** **NOTIFICATION** **Date: 14.05.19**

It is for the information of all concerned that Shikshashastri Entrance Test (S.S.E.T), 2019 conducted by this Vishvavidyalaya which was scheduled to be held on 05.05.2019 has been rescheduled to be held on 26.05.2019 from 10.00 AM to 12.00 Noon in the centres as notified earlier.

By order of Vice-Chancellor
**Sd./-**
**Controller of Examinations**

**Indian Red Cross Society**
**(District Branch, Cuttack)**

**Notice No.1123/RC.** **Dt: 09.05.2019**

Sealed tender from intending bidders are initiated for procurement and installation of HBOT machine at City Hospital, Cuttack. Tenderers may visit District Website- www.cuttack.nic.in for DTCN.

Sd./- Honorary Secretary IRCS,
District Red Cross Branch, Cuttack

**ODISHA ADARSHA VIDYALAYA SANGATHANA**

No.05-n

**N-1/9, NAYAPALLI, PO.- SAINIK SCHOOL, BHUBANESWAR-751005**

**Recruitment of Principals and Teachers in Odisha Adarsha Vidyalayas (OAVs) in Odisha, 2019.**

**Announcement for Computer Based Test (CBT)- Revised schedule for CBT**

Due to administrative reasons, the timing & shift of examination date has been changed only for 2nd shift of 21.05.2019 (Tuesday) of three teaching posts i.e. PGT (Physics), TGT (English) and Computer Teacher. Now Computer based text/examination for these posts will be conducted in 1st shift on 22.05.2019 (Wednesday). However, computer based test/ examination for the remaining posts remain unchanged.

There is no change in examination centre as allotted to the candidates earlier. The candidates for the post of PGT physics, TGT English & Computer Teacher have been intimated through sms and e-mail and they are required to download new admit card for 22.05.2019. The admit card downloaded for 21.05.2019 will not be valid.

All candidates are advised to visit OAVS website i.e. www.oavs.in regularly to know the updates.

Sd./- 14.05.2019
State Project Director
OAVS

27029/11/0002/1920

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

**No. 1245 /** **NOTIFICATION** **Date: 14.05.19**

In continuation to this office Notice No. 1221 dated 01.05.2019, it is hereby notified that the Shikshashastri Ist Year and IInd Year Examinations, 2019 are rescheduled as follows.

PROGRAMME

| Shikshashastri Ist Year | | Shikshashastri IInd Year | |
|---|---|---|---|
| 22.05.2019 | Paper-I | 23.05.2019 | Paper-VII |
| 24.05.2019 | Paper-II | 25.05.2019 | Paper-VIII |
| 27.05.2019 | Paper-III | 28.05.2019 | Paper-IX |
| 29.05.2019 | Paper-IV | 30.05.2019 | Paper-X |
| 31.05.2019 | Paper-V | | |

By order of Vice-Chancellor
**Sd./-**
**Controller of Examinations**

**MAHANADI COALFIELDS LIMITED**
(A Subsidiary of Coal India Limited)
JAGRUTI VIHAR, BURLA-768020, DIST : SAMBALPUR (ODISHA)
Tel. Phone (EPABX) : 0663-2542461 to 469, Website : www.mahanadicoal.in

**GENERAL TENDER NOTICE FOR e-PROCUREMENT**

**Mahanadi Coalfields Limited (MCL)** is inviting its Tenders having estimated value of ₹ 2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL **(https://coalindiatenders.nic.in)** as well as on the Central Public Procurement portal of Govt. of India **(http://eprocure.gov.in)**. Bids are to be submitted ONLINE on the above e-Procurement portal of CIL by enrolled Bidders. EMD can also be submitted online. Enrollment of Bidders on the e-Procurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders.**[Contact details: Tel.-0663-2542264/2542695** (available during office hours only); **email- hip-eproc.mcl@nic.in]** **R-4908**

*Give a missed call on toll free number 1800 200 3004 to get our apps.*

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

# ପାଠ୍ୟପୁସ୍ତକ ବିକ୍ରୟ ବିଜ୍ଞାପନ (ଶିକ୍ଷାବର୍ଷ: ୨୦୧୯-୨୦)

**No. 06-n:-** ଏତଦ୍ୱାରା ରାଜ୍ୟର ବିଭିନ୍ନ ଅଣଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ତଥା ଅଭିଭାବକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ପ୍ରଚଳିତ ସମସ୍ତ ଜାତୀୟକରଣ ପାଠ୍ୟପୁସ୍ତକ ନିର୍ଦ୍ଧାରିତ ମୂଲ୍ୟରେ ପ୍ରତ୍ୟେକ ଜିଲ୍ଲାର ନିମ୍ନଲିଖିତ ସ୍ଥାନମାନଙ୍କରେ ବିକ୍ରୟ କରାଯାଉଛି। ବହି କିଣିବା ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ସହି ମୋହର ପରଖି ବହିକୁ ଉଚିତ ମୂଲ୍ୟରେ କିଣନ୍ତୁ। ବହିଗୁଡ଼ିକର ମୂଲ୍ୟସୂଚୀ ଏଥିସହିତ ଜଣାଇ ଦିଆଯାଉଅଛି। ଏହାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଅଛି।

### ବିକ୍ରୟ କେନ୍ଦ୍ରର ନାମ

| କ୍ର.ନଂ. | ଜିଲ୍ଲାର ନାମ | ବିକ୍ରୟ କେନ୍ଦ୍ର ସଂ. | ବିକ୍ରୟ କେନ୍ଦ୍ରର ନାମ |
|---|---|---|---|
| ୧ | ଅନୁଗୁଳ | ୨ | ବି.ଆର.ସି. କାର୍ଯ୍ୟାଳୟ, ଅନୁଗୁଳ<br>ବି.ଆର.ସି. କାର୍ଯ୍ୟାଳୟ, ତାଳଚେର |
| ୨ | ବାଲେଶ୍ୱର | ୨ | ବି.ଆର.ସି. କାର୍ଯ୍ୟାଳୟ, ସଦର ବାଲେଶ୍ୱର<br>ବି.ଆର.ସି. କାର୍ଯ୍ୟାଳୟ, ବାଲିଆପାଳ |
| ୩ | ବରଗଡ଼ | ୨ | ବି.ଆର.ସି. କାର୍ଯ୍ୟାଳୟ, ବରଗଡ଼<br>ବି.ଆର.ସି. କାର୍ଯ୍ୟାଳୟ, ପଦ୍ମପୁର |
| ୪ | ଭଦ୍ରକ | ୩ | ପୋପଜିଙ୍ଗ ପ୍ରାଇମେରୀ ସ୍କୁଲ, ଜଗନ୍ନାଥପୁର ବ୍ରହ୍ମପୁର<br>ନୋଡ଼ାଲ ଉପ୍ରା ସ୍କୁଲ, ବ୍ରହ୍ମପୁର<br>ବି.ଆର.ସି. କାର୍ଯ୍ୟାଳୟ,ଚାନ୍ଦବାଲି |
| ୫ | ବଲାଙ୍ଗୀର | ୨ | ଡି.ପି.ଓ., ଏସ୍.ଏସ୍.ଏ., ବଲାଙ୍ଗୀର<br>ବି.ଆର.ସି. କାର୍ଯ୍ୟାଳୟ,ଟିଟିଲାଗଡ଼ |
| ୬ | ବୌଦ୍ଧ | ୧ | ଡି.ପି.ଓ., ଏସ୍.ଏସ୍.ଏ., ବୌଦ୍ଧ |
| ୭ | କଟକ | ୩ | ୟୁ.ଆର.ସି. ମର୍କତନଗର ପ୍ରାଇମେରୀ ସ୍କୁଲ, ସେକ୍ଟର-୭<br>ବି.ଆର.ସି. କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି |
| ୮ | ଦେଓଗଡ଼ | ୧ | ବି.ଆର.ସି. କାର୍ଯ୍ୟାଳୟ, କଟକ ସଦର<br>ବାଳକ ପ୍ରାଇମେରୀ ସ୍କୁଲ, ଦେଓଗଡ଼ |
| ୯ | ଢେଙ୍କାନାଳ | ୨ | ମୁଖ୍ୟ କାର୍ଯ୍ୟାଳୟ, ଜର୍ଜ ଉପ୍ରା ସ୍କୁଲ, ଢେଙ୍କାନାଳ<br>ବି.ଆର.ସି. କାର୍ଯ୍ୟାଳୟ, କାମାକ୍ଷାନଗର |
| ୧୦ | ଗଜପତି | ୨ | ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି<br>ଚନ୍ଦ୍ରଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି |
| ୧୧ | ଗଞ୍ଜାମ | ୩ | ବି.ଆର.ସି. କାର୍ଯ୍ୟାଳୟ, ଛତ୍ରପୁର<br>ବି.ଆର.ସି. କାର୍ଯ୍ୟାଳୟ, ଆସିକା<br>ବି.ଆର.ସି. କାର୍ଯ୍ୟାଳୟ, ଭଞ୍ଜନଗର |
| ୧୨ | ଜଗତ୍‌ସିଂହପୁର | ୨ | ମୁଖ୍ୟ କାର୍ଯ୍ୟାଳୟ, ବଡ଼ବାଗ କୋ. ଅପରେଟିଭ ଉପ୍ରା ସ୍କୁଲ, ଜଗତ୍‌ସିଂହପୁର<br>ବି.ଆର.ସି. କାର୍ଯ୍ୟାଳୟ, ତିର୍ତ୍ତୋଲ ବ୍ଲକ୍ |
| ୧୩ | ଯାଜପୁର | ୨ | ବି.ଆର.ସି. କାର୍ଯ୍ୟାଳୟ, ଯାଜପୁର<br>ବି.ଆର.ସି. କାର୍ଯ୍ୟାଳୟ, ଯାଜପୁର ରୋଡ଼ (ବ୍ୟାସନଗର) |
| ୧୪ | ଝାରସୁଗୁଡ଼ା | ୧ | ଗଣ୍ଡଘୋରା ଏନ.ୟୁ.ପି.ସି., ଝାରସୁଗୁଡ଼ା |
| ୧୫ | କଳାହାଣ୍ଡି | ୩ | ବି.ଆର.ସି. କାର୍ଯ୍ୟାଳୟ, ଭବାନୀପାଟଣା<br>ବି.ଆର.ସି. କାର୍ଯ୍ୟାଳୟ, ଜୁନାଗଡ଼<br>ବି.ଆର.ସି. କାର୍ଯ୍ୟାଳୟ, କେସିଙ୍ଗା |
| ୧୬ | କନ୍ଧମାଳ | ୧ | ବି.ଆର.ସି. କାର୍ଯ୍ୟାଳୟ, ଫୁଲବାଣୀ |
| ୧୭ | କେନ୍ଦ୍ରାପଡ଼ା | ୨ | ବି.ଆର.ସି. କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ<br>ବି.ଆର.ସି. କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା |
| ୧୮ | କେନ୍ଦୁଝର | ୩ | ବି.ଆର.ସି. କାର୍ଯ୍ୟାଳୟ, ସଦର ବ୍ଲକ୍, କେନ୍ଦୁଝର<br>ବି.ଆର.ସି. କାର୍ଯ୍ୟାଳୟ, ଯୋଡ଼ା<br>ବି.ଆର.ସି. କାର୍ଯ୍ୟାଳୟ, ଆନନ୍ଦପୁର |
| ୧୯ | ଖୋର୍ଦ୍ଧା | ୫ | ବି.ଆର.ସି. କାର୍ଯ୍ୟାଳୟ, ଖୋର୍ଦ୍ଧା<br>ବି.ଆର.ସି. କାର୍ଯ୍ୟାଳୟ, ଖଣ୍ଡଗିରି ନୋଡ଼ାଲ ଉପ୍ରା ବିଦ୍ୟାଳୟ, ଭୁବନେଶ୍ୱର<br>ବି.ଆର.ସି. କାର୍ଯ୍ୟାଳୟ, ବାଣପୁର<br>ସରକାରୀ ପ୍ରାଥମିକ ବିଦ୍ୟାଳୟ, ୟୁନିଟ୍-୨, ଭୁବନେଶ୍ୱର<br>ଚନ୍ଦ୍ରଶେଖରପୁର, ଏଚ୍.ବି.ସି. ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରଶେଖରପୁର, ଫେଜ୍-୧, ଭୁବନେଶ୍ୱର |
| ୨୦ | କୋରାପୁଟ | ୩ | ପୋଲିସ ପ୍ରାଇମେରୀ ସ୍କୁଲ<br>ସି.ଆର.ସି.ସି. କାର୍ଯ୍ୟାଳୟ, କୋରାପୁଟ<br>ବି.ଆର.ସି. କାର୍ଯ୍ୟାଳୟ, ସିମିଳିଗୁଡ଼ା<br>ଜୟପୁର ବି.ଆର.ସି. କାର୍ଯ୍ୟାଳୟ, ଜୟପୁର, କୋରାପୁଟ |
| ୨୧ | ମାଲକାନଗିରି | ୧ | ଡି.ପି.ଓ., ଏସ୍.ଏସ୍.ଏ., ମାଲକାନଗିରି |
| ୨୨ | ମୟୂରଭଞ୍ଜ | ୩ | ବି.ଆର.ସି. କାର୍ଯ୍ୟାଳୟ, ବାରିପଦା<br>ବି.ଆର.ସି. କାର୍ଯ୍ୟାଳୟ, ରାଇରଙ୍ଗପୁର<br>ବି.ଆର.ସି. କାର୍ଯ୍ୟାଳୟ, କରଞ୍ଜିଆ |
| ୨୩ | ନବରଙ୍ଗପୁର | ୨ | ବି.ଆର.ସି. କାର୍ଯ୍ୟାଳୟ, ଉମରକୋଟ<br>ବି.ଆର.ସି. କାର୍ଯ୍ୟାଳୟ, ନବରଙ୍ଗପୁର |
| ୨୪ | ନୟାଗଡ଼ | ୨ | ବି.ଆର.ସି. କାର୍ଯ୍ୟାଳୟ, ନୟାଗଡ଼ ବ୍ଲକ୍<br>ବି.ଆର.ସି. କାର୍ଯ୍ୟାଳୟ, ଦଶପଲ୍ଲା ବ୍ଲକ୍ |
| ୨୫ | ନୂଆପଡ଼ା | ୨ | ବି.ଆର.ସି. କାର୍ଯ୍ୟାଳୟ, ନୂଆପଡ଼ା<br>ବି.ଆର.ସି. କାର୍ଯ୍ୟାଳୟ, ଖରିଆର |
| ୨୬ | ପୁରୀ | ୨ | ଏଲ.ଆଇ.ସି. କଲୋନୀ, ୟୁ.ଜି.ୟୁ.ପି, ସ୍କୁଲ, ପୁରୀ<br>ବି.ଆର.ସି. କାର୍ଯ୍ୟାଳୟ, ନିମାପଡ଼ା |
| ୨୭ | ରାୟଗଡ଼ା | ୨ | ବି.ଆର.ସି. କାର୍ଯ୍ୟାଳୟ, ରାୟଗଡ଼ା<br>ବି.ଆର.ସି. କାର୍ଯ୍ୟାଳୟ, ଗୁଣୁପୁର |
| ୨୮ | ସମ୍ବଲପୁର | ୨ | ଆଶାପଲ୍ଲୀ ନୋଡ଼ାଲ ଉପ୍ରା ସ୍କୁଲ, ସମ୍ବଲପୁର<br>ବି.ଆର.ସି. କାର୍ଯ୍ୟାଳୟ, କୁଚିଣ୍ଡା |
| ୨୯ | ସୋନପୁର | ୧ | ଡି.ପି.ଓ., ଏସ୍.ଏସ୍.ଏ., ସୋନପୁର |
| ୩୦ | ସୁନ୍ଦରଗଡ଼ | ୨ | ଡି.ପି.ଓ., ଏସ୍.ଏସ୍.ଏ., ସୁନ୍ଦରଗଡ଼<br>ଜିଲ୍ଲା ନିରୀକ୍ଷକଙ୍କ କାର୍ଯ୍ୟାଳୟ, ରାଉରକେଲା |

### ପାଠ୍ୟପୁସ୍ତକଗୁଡ଼ିକର ମୂଲ୍ୟସୂଚୀ

| କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|
| | **ପ୍ରଥମ ଶ୍ରେଣୀ** | |
| ୧ | ହସଖେଳ ଭାଗ-୧ | ଟ.୧୧.୦୦ |
| ୨ | ହସଖେଳ ଭାଗ-୨ | ଟ.୧୨.୦୦ |
| | **ଦ୍ୱିତୀୟ ଶ୍ରେଣୀ** | |
| ୩ | ଗଣିତ ଖେଳ | ଟ.୧୬.୦୦ |
| ୪ | ହସଖୁସି | ଟ.୧୯.୦୦ |
| | **ତୃତୀୟ ଶ୍ରେଣୀ** | |
| ୫ | ଗଣିତ ମଜା | ଟ.୧୬.୦୦ |
| ୬ | ଆମଭାଷା ଆମ ସାହିତ୍ୟ | ଟ.୧୨.୦୦ |
| ୭ | ଜଣା ଅଜଣା | ଟ.୧୬.୦୦ |
| ୮ | ମାଇଁ ଇଂରାଜୀ ବୁକ୍ | ଟ.୨୦.୦୦ |
| | **ଚତୁର୍ଥ ଶ୍ରେଣୀ** | |
| ୯ | ଗଣିତ କୁହୁକ | ଟ.୨୨.୦୦ |
| ୧୦ | ସାହିତ୍ୟ କଳିକା | ଟ.୧୨.୦୦ |
| ୧୧ | ଆମେ ଓ ଆମ ପରିବେଶ | ଟ.୨୨.୦୦ |
| ୧୨ | ମାଇଁ ଇଂରାଜୀ ବୁକ୍ | ଟ.୧୪.୦୦ |
| | **ପଞ୍ଚମ ଶ୍ରେଣୀ** | |
| ୧୩ | ମାଇଁ ଇଂରାଜୀ ରିଡର | ଟ.୧୪.୦୦ |
| ୧୪ | ଗଣିତ ଧାରା | ଟ.୨୨.୦୦ |
| ୧୫ | ସାହିତ୍ୟ କୁସୁମ | ଟ.୧୫.୦୦ |
| ୧୬ | ପରିବେଶ ଓ ବିଜ୍ଞାନ | ଟ.୨୨.୦୦ |
| | **ଷଷ୍ଠ ଶ୍ରେଣୀ** | |
| ୧୭ | ଭାଷା କଳିକା | ଟ.୧୪.୦୦ |
| | | |
| ୧୮ | ଗଣିତ | ଟ.୨୩.୦୦ |
| ୧୯ | ବିଜ୍ଞାନ | ଟ.୧୧.୦୦ |
| ୨୦ | ଆମ ସାହିତ୍ୟ | ଟ.୧୨.୦୦ |
| ୨୧ | ମାଇଁ ଇଂରାଜୀ | ଟ.୧୫.୦୦ |
| ୨୨ | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୪.୦୦ |
| ୨୩ | ଭୂଗୋଳ | ଟ.୧୧.୦୦ |
| ୨୪ | ମେରି ହିନ୍ଦୀ କିତାବ | ଟ.୦୮.୦୦ |

| କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|
| | **ସପ୍ତମ ଶ୍ରେଣୀ** | |
| ୨୫ | ଗଣିତ | ଟ.୨୩.୦୦ |
| ୨୬ | ଇଂରାଜୀ ରିଡର | ଟ.୧୪.୦୦ |
| ୨୭ | ସାହିତ୍ୟ ସୌରଭ | ଟ.୧୬.୦୦ |
| ୨୮ | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୪.୦୦ |
| ୨୯ | ଭୂଗୋଳ | ଟ.୧୩.୦୦ |
| ୩୦ | ବିଜ୍ଞାନ | ଟ.୨୩.୦୦ |
| ୩୧ | ମେରି ହିନ୍ଦୀ ପୁସ୍ତକ | ଟ.୦୯.୦୦ |
| ୩୨ | ଭାଷା କଳିକା ଭାଗ-୨ | ଟ.୧୧.୦୦ |
| | **ଅଷ୍ଟମ ଶ୍ରେଣୀ** | |
| ୩୩ | ସାହିତ୍ୟିକା | ଟ.୧୩.୦୦ |
| ୩୪ | ଆମ ବ୍ୟାକରଣ | ଟ.୧୩.୦୦ |
| ୩୫ | ହିନ୍ଦୀ ପାଠ ୮ (ମାତୃଭାଷା) | ଟ.୧୨.୦୦ |
| ୩୬ | ଏ ନିଉ ଆପ୍ରୋଚ ଟୁ ଇଂଲିସ୍ | ଟ.୧୬.୦୦ |
| ୩୭ | ଷ୍ଟୋରିଜ୍ ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ | ଟ.୧୦.୦୦ |
| ୩୮ | ସରଳ ସାହିତ୍ୟ | ଟ.୦୯.୦୦ |
| ୩୯ | ନଇ ହିନ୍ଦୀ ଭାରତୀ | ଟ.୦୭.୦୦ |
| | | |
| ୪୦ | ଭାଷା ସୌରଭମ୍ | ଟ.୧୫.୦୦ |
| ୪୧ | ବିଜ୍ଞାନ | ଟ.୨୨.୦୦ |
| ୪୨ | ସରଳ ଗଣିତ (ବୀଜଗଣିତ) | ଟ.୧୮.୦୦ |
| ୪୩ | ସରଳ ଗଣିତ (ଜ୍ୟାମିତି) | ଟ.୧୨.୦୦ |
| | | |
| ୪୪ | ସରଳ ହିନ୍ଦୀ ବ୍ୟାକରଣ | ଟ.୦୬.୦୦ |
| ୪୫ | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୨.୦୦ |
| ୪୬ | ଭୂଗୋଳ | ଟ.୦୮.୦୦ |
| ୪୭ | ଶମା ଏ ଉର୍ଦ୍ଦୁ | ଟ.୦୯.୦୦ |
| ୪୮ | ଆଶାନ ଉର୍ଦ୍ଦୁ | ଟ.୧୪.୦୦ |

ଯଦି କୌଣସି ବ୍ୟକ୍ତି ସ୍ଥିରୀକୃତ ବିକ୍ରୟ କେନ୍ଦ୍ରଗୁଡ଼ିକ ବାହାରେ ଏବଂ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ପାଠ୍ୟପୁସ୍ତକ ବିକ୍ରୟ କରୁଥାଏ, ତେବେ ଏହି ତଥ୍ୟ ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱରଙ୍କ-୭୫୧୦୦୧ ନିମ୍ନଲିଖିତ ଫୋନ୍ ନମ୍ବରଗୁଡ଼ିକରେ ନିଶ୍ଚିତ ଜଣାନ୍ତୁ। ଏହା ଉପରେ ଆମେ ଅତିଶୀଘ୍ର ଉପଯୁକ୍ତ ପଦକ୍ଷେପ ନେବୁ। ଅନ୍ୟ କୌଣସି ବିଷୟରେ ସନ୍ଦେହ ଥିଲେ ଏହାର ସ୍ପଷ୍ଟୀକରଣ ପାଇଁ ଆମକୁ ଜଣାନ୍ତୁ। ପ୍ରତ୍ୟେକ ଇଚ୍ଛୁକ ଶିକ୍ଷାର୍ଥୀ/ଅଭିଭାବକ କେବଳ ୦୧ ଗୋଟି ସେଟ୍ ପୁସ୍ତକ କ୍ରୟ କରିପାରିବେ। ପିଲାମାନଙ୍କୁ ଠିକ୍ ସମୟରେ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଆପଣଙ୍କ ସହଯୋଗ କାମନା କରୁଅଛୁ। Tel. No. ୦୬୭୪-୨୩୮୦୮୭୧, Tel. No. ୦୬୭୪-୨୩୮୦୮୭୨।
Email ID: **directortbpmodisha@gmail.com**

**ନିର୍ଦ୍ଦେଶକ**
**ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର-୧**

27005/11/0001/1920

# କୃଷି ବନୀକରଣରେ ଅନ୍ତଃଫସଲ



ଗୟାଧର ଶିଆଳ

**କୃଷି ବନୀକରଣରୁ ଲାଭ ପାଇଁ ଏହାର ଅନ୍ତଃ ଫସଲ ଚାଷ ସମ୍ପର୍କରେ ଜାଣନ୍ତୁ କେତୋଟି କଥା...**





ଏକକାଳୀନ ବା ସମକାଳୀନ ଭାବେ ଦୁଇ ବା ତହିଁରୁ ଉର୍ଦ୍ଧ୍ୱ ଫସଲକୁ ଗୋଟାଏ ଜମିରେ ଜଙ୍ଗଲୀ ଗଛ ମଝିରେ ଥିବା ଶୂନ୍ୟସ୍ଥାନରେ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଚାଷ କରିବା ଫସଲକୁ ଅନ୍ତଃ ଫସଲ କହନ୍ତି। ଚାଷୀ ଭାଇମାନଙ୍କର ଯେତିକି ଜମି ଅଛି, ସେଥିରୁ କିଭଳି ସର୍ବାଧିକ ଲାଭ ହେବ, ସେଥିପ୍ରତି ସଜାଗ ରହିବା ଓ ଯୋଜନା ପ୍ରସ୍ତୁତ କରି ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି କରିବା।

**ଅନ୍ତଃ ଫସଲର ଗୁଣବତ୍ତା:** ଅନ୍ତଃ ଫସଲ ଦୀର୍ଘସ୍ଥାୟୀ ଫଳ କିମ୍ବା ଜଙ୍ଗଲୀ ବୃକ୍ଷ ମଧ୍ୟରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥାଏ।
– ମୁଖ୍ୟ ଫସଲଠାରୁ ଅଧିକ ଉଚ୍ଚା ହୋଇ ନ ଥିବ।
– ଗଛଠାରୁ ୧୨୦ ସେମି ଦୂରରେ ଅନ୍ତଃ ଫସଲ ଚାଷ କରିବା ଆବଶ୍ୟକ।
– ଯେଉଁ ଅନ୍ତଃ ଫସଲଗୁଡ଼ିକ ଅଧିକ ଖାଦ୍ୟ ସାର, ପାଣି ଆଦି ଆବଶ୍ୟକ କରୁଥିବ, ସେଗୁଡ଼ିକ ନିରୁତ୍ସାହିତ କରିବା ଜରୁରୀ। କାରଣ ସେଗୁଡ଼ିକ ମୁଖ୍ୟ ଫସଲର ଅଭିବୃଦ୍ଧିରେ ବିଘ୍ନ ଘଟାଇଥାଏ।
– ଦୀର୍ଘସ୍ଥାୟୀ ଓ ଅଧିକ ଖାଦ୍ୟ ସାର ଗ୍ରହଣ କରୁଥିବା ଅନ୍ତଃ ଫସଲ ଚାଷ କରିବା ଅନୁଚିତ। ଉଦାହରଣ ଆଖୁ, ମକା, ବାଜରା ଆଦି।
– ଅନ୍ତଃ ଫସଲର ଫୁଲ ଫୁଟୁଥିବା ଅବସ୍ଥାରେ ମୁଖ୍ୟ ଫସଲରୁ ପତ୍ରଝଡ଼ା ହେଉ ନ ଥିବ।
– ଅନ୍ତଃ ଫସଲ ମାଟିରୁ ଯବକ୍ଷାରଜାନ ଜାତୀୟ ସାର ସଂଗ୍ରହ କରି ମାଟିରେ ବିକଶିତ କରିପାରୁଥିବ।
– ମାଟି ଏବଂ ଜଳବାୟୁ ଉପରେ କୁ ପ୍ରଭାବ ପକାଉ ନ ଥିବ।

**ଉପାଦେୟତା :** ଅନ୍ତଃ ଫସଲ ଚାଷ ଦ୍ୱାରା ଜମିର ଉପଯୁକ୍ତ ବ୍ୟବହାର ହୋଇଥାଏ।
– ରୋଗ ଓ ପୋକର ପ୍ରାଦୁର୍ଭାବ କରାଏ।
– ଗଛର ବିବିଧତା ଫସଲ ଉତ୍ପାଦନ କୃଷି ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିଥାଏ।
– ମୃତ୍ତିକାର ଦୀର୍ଘସ୍ଥାୟୀ ବ୍ୟବହାର କରେ।
– ଅନିଷ୍ଟକାରୀ କୀଟ ପାଇଁ ଯନ୍ତା ଫସଲ ରୂପେ କାର୍ଯ୍ୟ କରେ।
– ମାଟିର ଭୌତିକ ଗୁଣ ବୃଦ୍ଧି ଘଟାଏ।
– ଅନ୍ତଃ ଫସଲ ମୁଖ୍ୟ ଫସଲ ବୃଦ୍ଧିର ସହାୟକ ହୋଇଥାଏ।
– ଅବ୍ୟବହୃତ ଜମିର ସୁବିନିଯୋଗ ହୁଏ।
– ଅନ୍ତଃ ଫସଲ ଏକ ଇନ୍ସୁରାନ୍ସ ଭଳି କାମ କରେ।
– ମୃତ୍ତିକାକ୍ଷୟ ମୁଖ୍ୟତଃ ଗଡ଼ାଣିଆ ଅଞ୍ଚଳରେ ରୋକେ।
– ଉପକାରୀ କୀଟଙ୍କୁ ଆକର୍ଷଣ କରେ, ଯେତେବେଳେ କି ମକରନ୍ଦ ସୃଷ୍ଟିକାରୀ ଫସଲ ଚାଷ କରାଯାଏ।
– ଗୋଟାଏ ଫସଲ ଅନ୍ୟ ଫସଲକୁ ଆଶ୍ରୟ ଯୋଗାଏ।
– ଅଳ୍ପ ସମ୍ବଳ ଥିବା କ୍ଷୁଦ୍ର ନାମମାତ୍ର ଚାଷୀ ଅଧିକ ଲାଭବାନ ହୁଅନ୍ତି।

**ଅନ୍ତଃ ଫସଲ ଚୟନ ବେଳେ କେଉଁ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...**
ଅନ୍ତଃ ଫସଲ ଚୟନ କାଳବେଳେ ଫସଲର ବୃଦ୍ଧି, ଚେର ବଢ଼ିବା, ଫସଲ ଅବଧି ଏବଂ ଉଦ୍ଭିଦର ବଂଶ ପ୍ରତି ଦୃଷ୍ଟି ଦେବା ବିଧେୟ।
–ଅଧିକ ଉଚ୍ଚା ଫସଲ ସହିତ ସ୍ୱଳ୍ପତା ଫସଲ।
– ବୁଦାଳିଆ ଫସଲ ସହିତ ସଳଖତା ଫସଲ।
–ଶୀଘ୍ର ବଢୁଥିବା ଫସଲ ସହିତ ଧିର ବଢୁଥିବା ଫସଲ।
– ଗଭୀର ଚେରଯୁକ୍ତ ଫସଲ ସହିତ ଅଗଭୀର ଚେରଯୁକ୍ତ ଫସଲ।
– ଅଳ୍ପ ଅବଧି ଫସଲ ସହିତ ଦୀର୍ଘ ଅବଧି ଫସଲ।
– ଡାଲି ଜାତୀୟ ଫସଲ ସହିତ ଅଣ ଡାଲିଜାତୀୟ ଫସଲ।
–ଫସଲକୁ ବିଭିନ୍ନ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ ବିଭିନ୍ନ ବଂଶ ଓ ପ୍ରଜାତିର ଫସଲ ରୋପଣ କରାଯାଇଥାଏ।

**ଅନ୍ତଃ ଫସଲର ପ୍ରକାର :** ମୁଖ୍ୟତଃ ଚାରି ପ୍ରକାରର ଅନ୍ତଃ ଫସଲ ଥାଏ। ଯଥା: ଧାଡ଼ିକିଆ ଅନ୍ତଃ ଫସଲ, ଚକଡ଼ା ଅନ୍ତଃ ଫସଲ, ପଟି ଅନ୍ତଃ ଫସଲ ଓ ପୁନଃଚାଷ ଅନ୍ତଃ ଫସଲ।

**ଧାଡ଼ିକିଆ ଅନ୍ତଃ ଫସଲ କ'ଣ?**
ଜମିରେ ଏକକାଳୀନ ଦୁଇ ବା ଅଧିକ ଫସଲର ଚାଷ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ହୋଇଥାଏ। ଯେଉଁଥିରେ ଅନ୍ତିକମ୍‌ରେ ଗୋଟାଏ ଫସଲ ଧାଡ଼ିରେ ଚାଷ ହୋଇଥିବ।
**ଉଦାହରଣ:** ଶସ୍ୟ ଜାତୀୟ ଫସଲ, ସପୁରି। ପ୍ରଥମ ଦୁଇବର୍ଷ ଜମି ଅନୁସାରେ ମାଣ୍ଡିଆ, ବିରି, ମୁଗ, ହରଡ଼, ରାଶି, ଚିନାବାଦାମ ଆଦି ଫସଲ ଲଗାଯାଏ। ଯେଉଁଠି ପାଣିର ସୁବିଧା ଅଛି ବିଲାତି, ବାଇଗଣ, କଲରା, ଶାଗ ଆଦି ଲଗାଯାଏ। ତୃତୀୟ/ଚତୁର୍ଥ ବର୍ଷ ପରେ ଗଛ ଛାଇରେ ଅଦା, ହଳଦୀ, ପାଳୁଅ ଆଦି ଲଗାଯାଏ।
**ଚକଡ଼ା ଅନ୍ତଃ ଫସଲ** – ବିଭିନ୍ନ ପ୍ରକାରର ଅନ୍ତଃ ଫସଲ ଭିନ ଭିନ ଚକଡ଼ାରେ ହୋଇଥାଏ।
**ପଟିଅନ୍ତଃ ଫସଲ** – ବିଭିନ୍ନ ପ୍ରକାର ଅନ୍ତଃ ଫସଲ ଭିନ ଭିନ ପଟିରେ ଅର୍ଥାତ୍ ଭିନ୍ନ ପ୍ରକାରର ଲୟ ଓ ଓସାରର ଚାଷ କରାଯାଇଥାଏ।
**ଉଦାହରଣ:** ବିନ୍ସର ଗୋଟାଏ ପଟି ଏବଂ ୧ଫୁଟ–୨ଫୁଟ ବ୍ୟବଧାନରେ ମକାର ପଟି।

*–ବନବିଜ୍ଞାନ ବିଭାଗ, ଓୟୁଏଟି, ଭୁବନେଶ୍ୱର, ମୋ: ୯୪୩୭୦୩୧୨୦୯*

## ମକା କିସମ

ଜଳସେଚନର ସୁବିଧା ଥିଲେ ବର୍ତ୍ତମାନ କଞ୍ଚା ଖାଇବା ପାଇଁ ମକା ଫସଲ ଲଗାଯାଇପାରିବ। ଉନ୍ନତ ବିହନ କିସମ ଯଥା– ନଭଜୋତ୍, ଶକ୍ତି, ଡେକାନ୍–୧୦୭, ଡେକାନ୍–୧୦୯ କିସମ ନିକଟରେ ଥିବା କୃଷି ବିଭାଗରେ ବିହନ ବିକ୍ରୟ କେନ୍ଦ୍ରରୁ ସଂଗ୍ରହ କରନ୍ତୁ। ଏକ ଏକର ଜମିରେ ୬ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଶେଷଓଡ଼ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ୩୨ କିଗ୍ରା ଯବକ୍ଷାରଜାନ, ୧୬କି.ଗ୍ରା. ଫସଫରସ ଓ ୧୬କି.ଗ୍ରା. ପଟାସ୍ ସାର ମଧ୍ୟରୁ ୩ଭାଗରୁ ଭାଗେ ଯବକ୍ଷାରଜାନ, ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ।

## ଡାଲିଜାତୀୟ ଫସଲ

ଡାଲିଜାତୀୟ ଫସଲ ଛୁଇଁ ୮୦–୮୫ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡ଼ା ୧୦ଭାଗରୁ କମ୍ ଜଳୀୟଅଂଶ ରହିବା ଦରକାର।



## ସୂଚନା

ଫନୀ ବାତ୍ୟା ଜନିତ ବର୍ଷା ପରେ ଏବେ ପନିପରିବା ଫସଲରେ ଜଉ ପୋକ ଲାଗିବାର ଆଶଙ୍କା ରହିଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬୦ଗ୍ରାମ୍ ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ. କିମ୍ବା ୪୦ଗ୍ରାମ୍ ଥାୟୋମେଥୋକ୍ସାମ୍, ୨୫ପ୍ରତିଶତ ଡବ୍ଲୁଡିଜି କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ୍ ୨୦ପ୍ରତିଶତ ଏସ୍‌ପି ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ତ୍ତମାନ ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବାର ଆଶଙ୍କା ଥିବାରୁ ପ୍ରତି ୧୦ଲିଟର ପାଣିରେ ୧.୫ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ + ୨୫ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍‌କୁ ମିଶାଇ ମୂଳ ଭାଗକୁ ସିଞ୍ଚନ କରନ୍ତୁ। ଜମିରେ ରହିଯାଇଥିବା ପନିପରିବାଗୁଡ଼ିକ ନ ସଢ଼ିବା ଲାଗି ପ୍ରତି ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁପି ମିଶାଇ ଏକର ପ୍ରତି ୨୦୦ଲିଟର ମିଶ୍ରଣ ସିଞ୍ଚନ କରନ୍ତୁ।
–ଗଛରେ ରହିଯାଇଥିବା ଆମ୍ବ ଓ କାଜୁ ଫିମ୍ପି ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ତେଣୁ ପ୍ରତି ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁପି ମିଶାଇ ସିଞ୍ଚନ କରନ୍ତୁ।

# ନଡ଼ିଆ ଫସଲରେ ଇରିଓ ଫାଇଡ୍ କୀଟ ପରିଚାଳନା



ଡ.ବିଷ୍ଣୁ ଚରଣ ଜେନା

ନଡ଼ିଆ ଚାଷ ଏକ ଅର୍ଥକରି ଫସଲ। ପୃଥିବୀର ପ୍ରାୟ ୯୩ଟି ଦେଶରେ ଏହି ଚାଷ ୧୧.୮ ନିୟୁତ ହେକ୍ଟର ଜମିରେ ହେଉଛି। ନଡ଼ିଆ ଉତ୍ପାଦନରେ ଭାରତ ପୃଥିବୀର ତୃତୀୟ ସ୍ଥାନରେ ପହଞ୍ଚିଛି। ଭାରତରେ ପ୍ରସ୍ତୁତ ହେଉଥିବା ୫୦ ପ୍ରକାରର ନଡ଼ିଆଜାତ ପଦାର୍ଥ ବିଶ୍ୱ ବଜାରରେ ଆଦୃତ ହେଉଛି।



ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଯାଜପୁର ଜିଲାଗୁଡ଼ିକରେ ଏହି ଚାଷ ବହୁ ପରିମାଣରେ ହୋଇଥାଏ। ବର୍ତ୍ତମାନ ସାମୁଦ୍ରିକ ବାତ୍ୟା ଫନୀ ପ୍ରଭାବରେ ଉପରୋକ୍ତ ଜିଲାରେ ଅସଂଖ୍ୟ ନଡ଼ିଆ ଗଛ ଭାଙ୍ଗିଯାଇଛି। ତେବେ ଯେଉଁସବୁ ଗଛ ରହିଯାଇଛି ତାହାର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ। ଅବଶ୍ୟ ନଡ଼ିଆ ଫସଲ ମନୁଷ୍ୟଙ୍କୁ ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଅନେକ ପ୍ରକାର ରୋଗ, ପୋକ ଏବଂ ସୂକ୍ଷ୍ମ ଜୀବମାନଙ୍କୁ ମଧ୍ୟ ଆକର୍ଷଣ କରିଥାଏ। ତନ୍ମଧ୍ୟରୁ ଇରିଓ ଫାଇଡ୍ ନାମକ ଚତୁଷ୍ପଦୀ କୀଟ ଅତ୍ୟନ୍ତ ମାରାତ୍ମକ, ଏହାର ଆବଶ୍ୟକ ପରିଚାଳନା ସମ୍ପର୍କରେ ସୂଚିତ କରାଯାଉଛି।

**ଚତୁଷ୍ପଦୀ କୀଟର ଉପସ୍ଥିତି:** ଏହି କୀଟ ପ୍ରଥମେ ମେକ୍ସିକୋରେ ଦେଖାଦେଲା, କ୍ରମେ ଏହା ବିଭିନ୍ନ ଦେଶରେ ଦେଖା ଦେଇଥିଲା। ୧୯୯୮ରେ ଏହି କୀଟ କେରଳ ଓ ତାମିଲନାଡୁ ରାଜ୍ୟରେ ନଡ଼ିଆ ଫସଲରେ ଆବିର୍ଭାବ ହେଲା, ୧୯୯୯ ମହାବାତ୍ୟା ସମୟରେ ଏହି କୀଟ ଓଡ଼ିଶାରେ ପ୍ରବେଶ କରି ନଡ଼ିଆ ଫସଲକୁ ବର୍ଷ ବର୍ଷ ଧରି ଆକ୍ରମଣ କରି ଆସୁଛି। ସମୁଦ୍ର ଉପକୂଳବର୍ତ୍ତୀ ଜିଲାରେ ଏହି କୀଟର ଭୟାବହତା ଜାରି ରହିଛି।

**ଚତୁଷ୍ପଦୀ କୀଟର ଜୀବନୀ:** ଏହି କୀଟର ସ୍ତ୍ରୀ କୀଟଟି ଅତ୍ୟନ୍ତ ସୂକ୍ଷ୍ମାତିସୂକ୍ଷ୍ମ। ଖାଲି ଆଖିରେ ଏମାନଙ୍କୁ ଦେଖିବା ଅତ୍ୟନ୍ତ କଷ୍ଟସାଧ୍ୟ, ଅଣୁବୀକ୍ଷଣ ଯନ୍ତ୍ର ମାଧ୍ୟମରେ ଏମାନଙ୍କୁ ଦେଖିବା ସହଜ ହୁଏ। ଅଣ୍ଡାରୁ ଅର୍ଭକ ଏବଂ ଅର୍ଭକରୁ ପୂର୍ଣ୍ଣାଙ୍ଗପ୍ରାପ୍ତ ଅବସ୍ଥା ପ୍ରାପ୍ତ ହେବାକୁ ଏହାକୁ ୧୦ ଦିନ ସମୟ ଲାଗେ। ସ୍ତ୍ରୀ କୀଟଟି ନିଜର ଜୀବନକାଳ ମଧ୍ୟରେ ହାରାହାରି ୧୯ଟି ଅଣ୍ଡା ଦେଇଥାଏ। ଏହି ଅଣ୍ଡା ସ୍ତ୍ରୀ ପୋକଟି ନଡ଼ିଆ ଗୋଟମାର ଭୁଣ୍ଡିତଳେ ଦେଇଥାଏ। ଅଣ୍ଡାରୁ ଅର୍ଭକମାନେ ବାହାରି ଭୁଣ୍ଡିତଳେ ରହି କଅଁଳ ତନ୍ତୁରୁ ରସ ଶୋଷନ୍ତି।

**କ୍ଷତିର ଲକ୍ଷଣ:** ଏହି କୀଟର ଆକ୍ରମଣ ଯୋଗୁ ଗୋଟମାର ଭୁଣ୍ଡିତଳେ ଗୋଲାପୀ ରଙ୍ଗର ଦାଗ ଦେଖାଯାଏ। କ୍ରମଶଃ ଏହା ହଳଦିଆ ରଙ୍ଗ ଧାରଣକରି ତ୍ରିକୋଣ ଆକାରରେ ପଇଡ଼ର ଅଗ୍ରଭାଗକୁ ବ୍ୟାପିଯାଏ। ପରବର୍ତ୍ତୀ ସମୟରେ ଏହା ବାଦାମୀ ରଙ୍ଗ ହୋଇ ଏବଂ ଆହୁରି ଗାଢ଼ ହୋଇ ଖଦଖଦଡ଼ିଆ ତନ୍ତୁ ସୃଷ୍ଟିକରେ। ପଇଡ଼ ଖୋଳପାରେ ଫାଟ ସୃଷ୍ଟିହୋଇ ସେଥିରୁ ଅଠା ଝରେ। ଅତ୍ୟଧିକ ଆକ୍ରମଣ ଯୋଗୁ ଗୋଟମା ଏବଂ କଷି ନଡ଼ିଆଗୁଡ଼ିକ ଶୁଖି ଗଛରୁ ଝଡ଼ିପଡ଼େ। ଆକ୍ରମିତ ନଡ଼ିଆଗୁଡ଼ିକ ବିକୃତରୂପ ଧାରଣ କରେ। ଚାଷୀମାନେ ଏହି ସବୁ ଲକ୍ଷଣ ଦେଖି ଏହାକୁ ଯାଦୁରା ରୋଗ କହି ଥାଆନ୍ତି। କୀଟ ଆକ୍ରମଣ ଯୋଗୁ ନଡ଼ିଆ ଅମଳ ବହୁ ପରିମାଣରେ ହ୍ରାସ ପାଏ। ବଜାରରେ ନଡ଼ିଆ ବିକ୍ରି କରିବାରେ ଚାଷୀମାନେ ଉପଯୁକ୍ତ ମୂଲ୍ୟ ପାଇପାରନ୍ତି ନାହିଁ। ନଡ଼ିଆ ଉପରେ ଭାତୁଡ଼ି ଆକୃତିର ଦାଗ ସହିତ ଲମ୍ବା ଲମ୍ବା ଫାଟ ସୃଷ୍ଟି ହୁଏ ଏବଂ ନଡ଼ିଆ ପାକଳ ହେବା ପୂର୍ବରୁ ଗୋଟମାଗୁଡ଼ିକ ଗଛରୁ ଝଡ଼ିପଡ଼େ। ଏହି ଚତୁଷ୍ପଦୀ କୀଟ ସରାଗ ସଂଗମକାରୀ ମହୁମାଛି ଓ ଅନ୍ୟାନ୍ୟ ପତଙ୍ଗମାନଙ୍କ ଯୋଗୁ ଏବଂ ବାୟୁ ପ୍ରବାହ ଯୋଗୁ ଗୋଟିଏ ଗଛରୁ ଅନ୍ୟ ଗଛକୁ ସ୍ଥାନାନ୍ତରିତ ହୁଅନ୍ତି।

**ପରିଚାଳନା ପ୍ରଣାଳୀ ଓ ଅମଳ ବୃଦ୍ଧି କରିବାର ଲକ୍ଷଣ:** ଏହି ନିବନ୍ଧ ମାଧ୍ୟମରେ ନଡ଼ିଆ ଚାଷୀମାନଙ୍କୁ କୀଟ ସଂଖ୍ୟା ହ୍ରାସ କରିବା ଏବଂ ନଡ଼ିଆ ଗଛରେ ଅମଳ ବୃଦ୍ଧି କରିବା ପାଇଁ କେତେକ ଉପାୟ ଦିଆଯାଉଛି...
– ନଡ଼ିଆ ବଗିଚାକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ନଡ଼ିଆ ଗଛରୁ ଶୁଖିଲା ବାହୁଙ୍ଗା ଏବଂ ଶୁଖିଲା ଚଅଁର କାଟି ଦିଅନ୍ତୁ।
– ସୁସ୍ଥ ଓ ସବଳ ନଡ଼ିଆ ଗଛରେ ଚତୁଷ୍ପଦୀ କୀଟର ଉପଦ୍ରବ ଉପଲବ୍ଧି ହୁଏନାହିଁ। ତେଣୁ ଗଛ ପ୍ରତି ୫୦ କିଲୋଗ୍ରାମ ଜୈବିକ ଖତ ବର୍ଷରେ ୨ ଥର ୨୫ କିଲୋଗ୍ରାମ ଅନୁପାତରେ ପ୍ରୟୋଗ କରନ୍ତୁ।
– ପୁନଶ୍ଚ ୧୦ କିଲୋଗ୍ରାମ ନିମ୍ବ ପିଡ଼ିଆ ବର୍ଷକୁ ୨ ଥର ୫ କିଲୋଗ୍ରାମ କରି ଗଛ ପ୍ରତି ପ୍ରୟୋଗ କରନ୍ତୁ।
– ନଡ଼ିଆ ବଗିଚାରେ ଧନିଚା ଏବଂ କୋଳଥ ବୁଣି ୪୫ ଦିନ ପରେ ସେଗୁଡ଼ିକୁ ମାଟିରେ ମିଶାଇ ମାଟିର ଉର୍ବରତା ବୃଦ୍ଧିକରି ନଡ଼ିଆ ଗଛକୁ ଅଧିକ ଅମଳକ୍ଷମକରି କୀଟ ଆକ୍ରମଣରୁ ଫସଲକୁ ରକ୍ଷା କରନ୍ତୁ।
– ୟୁରିଆ ୧ କିଲୋଗ୍ରାମ, ସୁପର ୨ କିଲୋଗ୍ରାମ ଏବଂ ପଟାସ ୨ କିଲୋଗ୍ରାମ ସାରକୁ ଏକାଠି ମିଶାଇ ଗଛପ୍ରତି ବର୍ଷକୁ ୨ ଥର ସମ ପରିମାଣରେ ପ୍ରୟୋଗ ପରେ ବଗିଚାରେ ଜଳ ସେଚନ କରନ୍ତୁ।
– ୫୦ ଗ୍ରାମ ଟାଙ୍ଗଣ କିମ୍ବା ୨୦୦ ଗ୍ରାମ ଅଣୁସାର ମିଶ୍ରଣକୁ ଏକ ଗଛପ୍ରତି ପ୍ରୟୋଗ କରନ୍ତୁ।
– ନିମାଜାଲ ୭.୫ ମିଲି ଲିଟରକୁ ୭.୫ ମିଲିଲିଟର ପାଣିରେ ମିଶାଇ ଦୁଇଟି ସଦ୍ୟଯାତ ଚେରରେ ହୋମିଓପାଥିକ ଟ୍ୟୁବ ଦ୍ୱାରା ୭.୫୦ ମିଲିଲିଟର କରି ପ୍ରୟୋଗ କରନ୍ତୁ। ଏହି ପ୍ରକ୍ରିୟା ୧ ମାସ ଅନ୍ତରରେ ୩ ଥର ପ୍ରୟୋଗ କରି ଚେରକୁ ପୋତି ଦିଅନ୍ତୁ। ଗ୍ରୀଷ୍ମ ଋତୁରେ ଏହି ପ୍ରକ୍ରିୟା ଭଲ ଭାବେ କାମ କରେ।
– ନଡ଼ିଆ ଗଛ ଛୋଟ ଅବସ୍ଥାରେ ଥିଲେ ଏବଂ ଗଛରେ କୀଟନାଶକ ସିଞ୍ଚନ କରିବାର ସୁବିଧା ଉପଲବ୍ଧ ହେଲେ ୫୦ ଗ୍ରାମ ଲୁଗାଧୁଆ ସାବୁନଗୁଣ୍ଡ ୫୦୦ ମିଲିଲିଟର ଉଷୁମ ପାଣିରେ ମିଶାନ୍ତୁ। ସେଥିରେ ୨୦୦ ମିଲିଲିଟର ନିମ୍ବତେଲ ଭଲଭାବେ ମିଶାନ୍ତୁ। ୨୦୦ ଗ୍ରାମ ଚୋପାଛଡ଼ା ରସୁଣ ବାଟି ସେଥିରେ ୩୦୦ ମିଲିଲିଟର ପାଣି ଗୋଳାନ୍ତୁ। ପତଳା କପଡ଼ାରେ ରସୁଣ ପାଣିକୁ ଛାଣି ସେଥିରୁ ଖଦା ବାହାର କରନ୍ତୁ ଏବଂ ଖଦାକୁ ଫୋପାଡ଼ି ଦିଅନ୍ତୁ। ଶେଷରେ ରସୁଣ ପାଣି ସହିତ ନିମ୍ବତେଲ, ସାବୁନ ପାଣି ମିଶାଇ କୀଟ ଆକ୍ରମିତ ଗଛକୁ ସିଞ୍ଚନ କରନ୍ତୁ।
–ନିମ୍ବତେଲ ବଦଳରେ କରଞ୍ଜ ତେଲ (୪%) କିମ୍ବା ମହୁଲ ତେଲ (୪%) ସାବୁନ ମିଶ୍ରଣ ସହିତ ମିଶାଇ ନଡ଼ିଆ ଗଛଗୁଡ଼ିକୁ ସିଞ୍ଚନ କରନ୍ତୁ।

*–ମୋ: ୯୭୭୬୪୦୪୪୦୬*

## ପ୍ରଥମ ପୃଷ୍ଠାରୁ...

### ବିଳମ୍ବ ହେବ...

ମୌସୁମୀ ନ ଛୁଇଁ ମାତ୍ର ୪ ଦିନ ପରେ ଉଭାନ ହୋଇଯାଇଥିଲା। ଜୁନ ୨୧ ତାରିଖ ଯାଏ ମୌସୁମୀ ଦୁର୍ବଳ ରହିଥିଲା। ଧାନ ଚାଷ ଉପରେ ଏହାର ପ୍ରଭାବ ପଡିଥିଲା। ପରେ ବର୍ଷା ସ୍ୱାଭାବିକ ସ୍ତରକୁ ଆସିଥିଲା।

ବାତ୍ୟା 'ଫନୀ' ଯିବା ପରେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଜନଜୀବନକୁ ବ୍ୟତିବ୍ୟସ୍ତ କରିଛି। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ପାରଦ ଉପରମୁହାଁ ରହିଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ବାୟୁମଣ୍ଡଳର ଆର୍ଦ୍ରତା ବଢ଼ିଯିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ତାପମାତ୍ରା କମ୍ ରହିଲେ ମଧ୍ୟ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଗରମ ଓ ଗୁଳୁଗୁଳିରେ ଲୋକମାନେ ଆଉଟପାଉଟ ହେଉଛନ୍ତି। ତେବେ ଏଭଳି ପରିସ୍ଥିତିରୁ ଦିନେ ଦୁଇଦିନ ମଧ୍ୟରେ ମୁକ୍ତି ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ମଙ୍ଗଳବାର ୭ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ତାଳଚେରରେ ସର୍ବାଧିକ ୪୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୪୧, ଟିଟିଲାଗଡ଼ରେ ୪୧, ସୋନପୁରରେ ୪୧, ସମ୍ବଲପୁରରେ ୪୦.୫, ବଲାଙ୍ଗୀରରେ ୪୦.୨, ଅନୁଗୋଳରେ ୪୦.୧, ହୀରାକୁଦରେ ୩୯.୭, କଟକରେ ୩୯.୫, ଭୁବନେଶ୍ୱରରେ ୩୯.୪, ଚାନ୍ଦବାଲିରେ ୩୯ ଏବଂ ଫୁଲବାଣୀରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ଼ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ଝଡ଼ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ତେବେ ଦିନେ ଦୁଇଦିନ ଗରମ କମ୍ ରହିଲେ ମଧ୍ୟ ୧୭ ତାରିଖରୁ ପଶ୍ଚିମ ଓଡ଼ିଶାରେ ପୁଣି ଗ୍ରୀଷ୍ମ ପ୍ରବାହ ହେବ ବୋଲି ଅନୁମାନ କରାଯାଉଛି।

### ସରିପାରିନି ଯୁକ୍ତ୨...

ତେଣୁ ଅଧ୍ୟାପକମାନେ ଖାତା ଦେଖିପାରି ନ ଥିଲେ। ମୂଲ୍ୟାଙ୍କନ କେନ୍ଦ୍ରରେ ବିଦ୍ୟୁତ୍, ପାଣି ସମସ୍ୟା ଦେଖାଗଲା। ଫଳରେ ଅଧିକାଂଶ ଅଧ୍ୟାପକ ଖାତାଦେଖା ବନ୍ଦ କରି ନିଜ ଘରକୁ ଫେରିଗଲେ। ତେବେ ଏହି ସମୟରେ ଅଧ୍ୟାପକମାନଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଛାଟ ମାରିଛି। ଖାତା ଦେଖିବାକୁ ଆସୁ ନ ଥିବା ଅଧ୍ୟାପିକା ଓ ଅଧ୍ୟାପକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ପରିଷଦ ନିଷ୍ପତ୍ତି ନେବାରୁ ବାଧହୋଇ ଅଧ୍ୟାପକମାନେ ପୁଣି ଖାତା ଦେଖିବା ପାଇଁ ଆସିଛନ୍ତି। ମୁହଁରେ ଝାଳ, ଗୋଟିଏ ହାତରେ ବିଞ୍ଚଣା ଓ ଆଉ ଗୋଟିଏ ହାତରେ କଲମ ଧରି ଏବେ ଖାତା ଦେଖୁଛନ୍ତି ଅଧ୍ୟାପକ। ବହୁ କଷ୍ଟରେ ବର୍ତ୍ତମାନ ଖାତାଦେଖା ଚାଲିଛି। ରାଜ୍ୟରେ ୫୮ ମାନୁଆଲ ଓ ୩୬ ଇ–ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ଚାଲିଛି। ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଭଳି ଜିଲାରେ ଖାତାଦେଖା ମନ୍ଥର ଗତିରେ ଚାଲିଛି। ତେଣୁ ଖାତାଦେଖା କେବେ ସରିବ ଏବଂ ଫଳାଫଳ କେବେ ପ୍ରକାଶ ପାଇବ, ତାହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଅନ୍ୟପକ୍ଷରେ କେବଳ ଦ୍ୱିତୀୟ ପର୍ଯ୍ୟାୟ ନୁହେଁ, ପ୍ରଥମ ପର୍ଯ୍ୟାୟରେ ମଧ୍ୟ ଖାତାଦେଖା ଠିକ୍ ଭାବେ ହୋଇ ନ ଥିଲା। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୮ରୁ ଆରମ୍ଭ ହୋଇ ୨୨ତାରିଖରେ ଶେଷ ହୋଇଥିଲା। ଏହି ସମୟରେ ରାଜ୍ୟର ବିଭିନ୍ନ ଜାଗାରେ ସାଧାରଣ ନିର୍ବାଚନ ରହିଥିଲା। ଯେଉଁ ଯେଉଁ ଜିଲାରେ ନିର୍ବାଚନ ଥିଲା, ସେଠାରେ ୪ଦିନ ଖାତାଦେଖା ବନ୍ଦ ହୋଇଯାଇଥିଲା।

ମେ ତୃତୀୟ ସପ୍ତାହରେ ବିଜ୍ଞାନ ଏବଂ ଜୁନ୍ ପ୍ରଥମ ସପ୍ତାହରେ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ପରିଷଦ ଯୋଜନା ରଖିଥିଲା। କିନ୍ତୁ ଏହି ସମୟରେ ଫଳାଫଳ ପ୍ରକାଶ ପାଇପାରିବନି ବୋଲି ଆଶଙ୍କା କରାଯାଉଛି। ଏ ନେଇ କଲେଜ ମହାସଂଘ ଅଧ୍ୟକ୍ଷ ପବିତ୍ର ମହଲା କହିଛନ୍ତି, ଅଧ୍ୟାପକମାନେ ପ୍ରତିକୂଳ ପରିସ୍ଥିତିରେ ଖାତା ଦେଖୁଛନ୍ତି। ଏଥିରେ କାହାର ଦୋଷ ନାହିଁ। ଖାତା ଦେଖିବାକୁ ଆସୁ ନ ଥିବା ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ଉଚିତ ନୁହେଁ। ସେହିପରି ଯୁକ୍ତ୩ ପଢ଼ିବା ପାଇଁ ଅନେକ ଛାତ୍ରୀଛାତ୍ର ଓଡ଼ିଶା ବାହାରେ ଥିବା ବିଶ୍ୱବିଦ୍ୟାଳୟକୁ ଯାଇଥାଆନ୍ତି। ବିଳମ୍ବରେ ରେଜଲ୍ଟ ବାହାରିଲେ ଛାତ୍ରୀଛାତ୍ର ସେଠାରେ ନାମଲେଖାରୁ ବଞ୍ଚିତ ହେବେ। ଓଡ଼ିଶା ଛାତ୍ରୀଛାତ୍ରଙ୍କ ପାଇଁ ନିଟ୍ ପରୀକ୍ଷାକୁ ଯେଉଁଭଳି ଘୁଞ୍ଚାଇ ଦିଆଗଲା, ସେହିଭଳି ଓଡ଼ିଶା ବାହାରେ ଥିବା ବିଶ୍ୱବିଦ୍ୟାଳୟରେ ଆମ ପିଲାମାନେ କିପରି ନାମ ଲେଖାଇପାରିବେ, ସେଥିପ୍ରତି ସରକାର ପଦକ୍ଷେପ ଗ୍ରହଣ କରିବା ଉଚିତ।

### ବିଜେଡିର ଆକଳନ...

ଏହା ସତ୍ତ୍ୱେ ନବରଙ୍ଗପୁର ଲୋକ ସଭା ବିଜେଡି ସପକ୍ଷରେ ଯାଇପାରେ ବୋଲି କୁହାଯାଇଛି। କଂଗ୍ରେସ ମଧ୍ୟ ଅନୁରୂପ ଭାବେ ଏହି ସିଟ୍ ହାତେଇବା ନେଇ ଦୃଢୋକ୍ତି ପ୍ରକାଶ କରିଛି। କଳାହାଣ୍ଡି ଲୋକ ସଭାରେ ତ୍ରିକୋଣୀୟ ମୁକାବିଲା ହୋଇଥିବା ଜଣାପଡିଛି। ବିଜୟୀ ପ୍ରାର୍ଥୀ ଏବଂ ପରାଜିତ ୨ ପ୍ରାର୍ଥୀଙ୍କ ମଧ୍ୟରେ ବ୍ୟବଧାନର ଅନ୍ତର ୨୦ରୁ ୬୦ ହଜାର ମଧ୍ୟରେ ହୋଇପାରେ ବୋଲି କୁହାଯାଇଛି। ବ୍ରହ୍ମପୁର ଲୋକ ସଭାରେ ଜିତିବା ନେଇ ଦଳ ନିଶ୍ଚିତ ଥିବାବେଳେ ଏହା ଅଧୀନ ଏକାଧିକ ବିଧାନସଭା ଆସନରେ ଦଳୀୟ କନ୍ଦଳ ମୁଣ୍ଡବିନ୍ଧାର କାରଣ ହୋଇଛି। ବିଜେଡି ଗୋପାଳପୁର, ପାରଳାଖେମୁଣ୍ଡି, ମୋହନା ଏବଂ ଛତ୍ରପୁରରେ କଡା ଟକ୍କରର ସମ୍ମୁଖୀନ ହୋଇଛି। ଆସିକା ଲୋକ ସଭାର ସୋରଡା ଏବଂ ପୋଲସରା ବିଧାନସଭା ଆସନରେ ଦଳ ଭାଜପାଠାରୁ କଡା ଟକ୍କର ପାଇଛି। ବରଗଡ ଲୋକ ସଭାରେ ପୂର୍ବଥର ଭଳି ବିଜୟୀ ଓ ପରାଜିତ ପ୍ରାର୍ଥୀଙ୍କ ମଧ୍ୟରେ ବ୍ୟବଧାନ କମ୍ ରହିବ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁରରୁ ପ୍ରାର୍ଥୀ ହୋଇଥିବାରୁ ଏହି ଲୋକ ସଭା ଆସନ ଦଳ ସପକ୍ଷରେ ଯିବ ବୋଲି ସର୍ଭେରେ ଦର୍ଶାଯାଇଛି। ଏହା ଅଧୀନ ପଦମ୍ପୁର ବିଧାନସଭାରେ ବିଜେଡି–ଭାଜପା ମଧ୍ୟରେ ଲଢେଇ ଜୋର ହୋଇଥିବା ଜଣାପଡିଛି। କନ୍ଧମାଳ ଲୋକ ସଭା ଆସନରେ ବିଜେଡି ଭଲ ପ୍ରଦର୍ଶନ ନେଇ ଆଶାବାଦୀ ରହିଛି। ସେହିପରି ଏହା ଅଧୀନ ଦଶପଲ୍ଲା ଓ ଭଞ୍ଜନଗରରେ ଭାଜପା, ବାଲିଗୁଡାରେ କଂଗ୍ରେସ, କଣ୍ଟାମାଳରେ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। ବଲାଙ୍ଗୀର ଲୋକ ସଭା ଆସନରେ ଦଳୀୟ ପ୍ରଦର୍ଶନ ବିଜେଡି ସପକ୍ଷରେ ଏତେଟା ଯାଇନାହିଁ। ଏହି ଆସନରେ ଭାଜପା ବହୁତ ଭଲ ଭୋଟ ହାତେଇବା ରିପୋର୍ଟ ଆସିଛି। ସେହିପରି ବଲାଙ୍ଗୀର, କଣ୍ଟାବାଞ୍ଜି, ଟିଟିଲାଗଡ ବିଧାନସଭା ଆସନରେ କଂଗ୍ରେସ ଏବଂ ପାଟଣାଗଡ ବିଧାନସଭା ଆସନରେ ଭାଜପା ସହ ମୁଖ୍ୟ ଲଢେଇ ହୋଇଥିବା ଜଣାପଡିଛି। ସୁନ୍ଦରଗଡ ଲୋକ ସଭା ଆସନରେ ତ୍ରିକୋଣୀୟ ମୁକାବିଲା ହୋଇଥିବା ସର୍ଭେରେ କୁହାଯାଇଛି। ଏହା ଅଧୀନ ତଳସରାରେ ଦଳ ଉଭୟ କଂଗ୍ରେସ–ଭାଜପା, ବଣାଇରେ ସିପିଏମ୍ ଏବଂ ଭାଜପା ସହ କଡ଼ା ମୁକାବିଲା କରିଛି।

ସମ୍ବଲପୁର ଲୋକ ସଭା ଏବଂ ଏହା ଅଧୀନ ୫ ବିଧାନସଭା ଆସନରେ ବିଜେଡି କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। ଏମିତି ଏହି ଲୋକ ସଭା ଆସନ ଦଳ ହାତରୁ ଖସିଯିବା କୁହାଯାଇଛି। ସମ୍ବଲପୁର, ରେଙ୍ଗାଲି, ଛେଣ୍ଡିପଦା, ଦେବଗଡରେ ଭାଜପା ସହ ସିଧାସଳଖ ମୁକାବିଲା ହୋଇଛି। କେବଳ ଆଠମଲ୍ଲିକରେ କଂଗ୍ରେସ ଭଲ ପ୍ରଦର୍ଶନ କରିପାରେ ବୋଲି କୁହାଯାଇଛି। ଢେଙ୍କାନାଳ ଲୋକ ସଭା ଆସନରେ ଭାଜପା ପୂର୍ବ ପ୍ରଦର୍ଶନଠାରୁ ଉତ୍ତମ ପ୍ରଦର୍ଶନ କରିଥିବା ଉଲ୍ଲେଖ କରାଯାଇଛି। ଏହା ଅଧୀନ ଅନୁଗୋଳ, ପାଲଲହଡା ଏବଂ ଢେଙ୍କାନାଳ ବିଧାନସଭାରେ ଦଳ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ଉପକୂଳ ଓଡ଼ିଶାରେ ଦୁଇ ଦଶନ୍ଧି ମଧ୍ୟରେ ବିଜେଡି ସବୁଠୁ କଡା ଟକ୍କର ପାଇଥିବା କୁହାଯାଇଛି। ଭୁବନେଶ୍ୱର ଲୋକ ସଭା ଆସନରେ ଭାଜପା ପ୍ରଦର୍ଶନ ଆଶାତୀତ ବୃଦ୍ଧି ପାଇଛି। ୧୯୯୮ରୁ ଦଳ ହାତରେ ଥିବା ଆସନ ହାତଛଡ଼ା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ଅଧୀନ ଭୁବନେଶ୍ୱର(ମଧ୍ୟ)ରେ ଭାଜପା, ଜଟଣୀ ଓ ବେଗୁନିଆରେ କଂଗ୍ରେସ ଏବଂ ଜୟଦେବରେ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। କଟକ ଲୋକ ସଭା ଆସନରେ ଭାଜପା ସହ ମୁଖ୍ୟ ଲଢେଇ ହୋଇଥିବା କୁହାଯାଉଛି। ଏହା ଅଧୀନ ବଡମ୍ବା ଓ କଟକ ସଦରରେ ଭାଜପା ବିଧାନସଭା ପ୍ରାର୍ଥୀ ଭଲ ପ୍ରଦର୍ଶନ କରିଥିବା ବେଳେ ବାଙ୍କୀ ଏବଂ ବାରବାଟୀ–କଟକରେ କଂଗ୍ରେସ ସହ ମୁକାବିଲା ହୋଇଛି। ପୁରୀ ଲୋକ ସଭା ଆସନରେ ଭାଜପା ଓ ବିଜେଡି ଭୋଟ ସଂଖ୍ୟା ପ୍ରାୟତଃ ସମାନ ମନେ ହେଉଛି। ଏହା ଅଧୀନ ବ୍ରହ୍ମଗିରି, ଚିଲିକା, ରଣପୁର ଏବଂ ନୟାଗଡରେ ଭାଜପା ବିଧାନସଭା ପ୍ରାର୍ଥୀ ବିଜେଡି ସହ ଜୋରଦାର ଲଢେଇ କରିଛନ୍ତି।

ସେହିପରି କେନ୍ଦୁଝର ଲୋକ ସଭା ଆସନରେ ବିଜେଡି ପୂର୍ବ ସଫଳତା ଦୋହରାଇବା ପାଇଁ ଆଶାବାଦୀ। ହେଲେ ତେଲକୋଇ ଏବଂ କେନ୍ଦୁଝର ବିଧାନସଭା ଆସନରେ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ମୟୂରଭଞ୍ଜ ଲୋକ ସଭା ଆସନ ମଧ୍ୟ ବିଜେଡି ସକାଶେ ମୁଣ୍ଡବିନ୍ଧାର କାରଣ ହୋଇଛି। ଏହା ଅଧୀନ ବାରିପଦା, ସାରସକଣା ଏବଂ ଯଶୀପୁରରେ ଦଳୀୟ ବିଧାୟକ ପ୍ରାର୍ଥୀ କଡା ଲଢେଇର ସମ୍ମୁଖୀନ ହୋଇଛନ୍ତି। ବାଲେଶ୍ୱର ଲୋକ ସଭା ଆସନ ମଧ୍ୟରେ ଥିବା ରେମୁଣା, ବସ୍ତା, ଭୋଗରାଇରେ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ଏହି ଲୋକ ସଭା ଆସନରେ ତ୍ରିକୋଣୀୟ ମୁକାବିଲା ହୋଇଛି, ହେଲେ ମୁଖ୍ୟ ଲଢେଇ ଭାଜପା ସହ ହୋଇଥିବା କୁହାଯାଇଛି। କେନ୍ଦ୍ରାପଡା ଲୋକ ସଭା ଆସନରେ ଭାଜପା ସହ ମୁକାବିଲା ହୋଇଥିବା ବେଳେ ବିଜେଡି ଆସନଟି ବଜାୟ ରଖିବାରେ ସଫଳ ହୋଇପାରେ ବୋଲି ସର୍ଭେରେ ଉଲ୍ଲେଖ କରାଯାଇଛି। ଏହା ଅଧୀନ କେନ୍ଦ୍ରାପଡା, ଆଳି, ରାଜନଗରରେ କଂଗ୍ରେସ ସହ ମହାକାଳପଡାରେ ଭାଜପା ସହ ମୁକାବିଲା ହୋଇଥିବା କୁହାଯାଉଛି। ଜଗତସିଂହପୁର ଓ ଯାଜପୁର ଲୋକ ସଭାରେ ଉତ୍ତମ ପ୍ରଦର୍ଶନ ନେଇ ବିଜେଡି ଆଶାବାଦୀ। ସେହିପରି ଜଗତସିଂହପୁର, ପାରାଦୀପରେ କଂଗ୍ରେସ ଏବଂ ନିଆଳିରେ ଭାଜପା ବିଧାନସଭା ପ୍ରାର୍ଥୀ କଡା ଟକ୍କର ଦେଇଥିବା କୁହାଯାଇଛି। ଭଦ୍ରକ ଲୋକ ସଭା ଆସନରେ ଭାଜପା ସହ ମୁକାବିଲା ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀଙ୍କ ଉପସ୍ଥିତି ଦଳକୁ ଫାଇଦା ଦେବ ବୋଲି କୁହାଯାଇଛି। ଏହା ଅଧୀନ ଭଣ୍ଡାରୀପୋଖରୀ, ସୋରରେ କଂଗ୍ରେସ, ଭଦ୍ରକ,ଚାନ୍ଦବାଲି, ଧାମନଗରରେ ଭାଜପା ସହ ମୁକାବିଲା ହୋଇଛି।

ଏହିପରି ଭାବେ ୬୫ଟି ଆସନରେ ବିଜେଡି ପୂର୍ବ ଅପେକ୍ଷା ବିରୋଧୀଙ୍କ କଡା ମୁକାବିଲାର ସମ୍ମୁଖୀନ ହୋଇଛି। ଏହି ସବୁ ଆସନରେ ଦଳର ହାରଜିତର ବ୍ୟବଧାନ ୫୦୦ରୁ ୫୦୦୦ ରହିବ ବୋଲି କୁହାଯାଇଛି। ସେହିପରି ୭୨ ଆସନରେ ଦଳର ଜିତିବା ସମ୍ଭାବନା ବେଶି ବୋଲି କୁହାଯାଇଛି। କଡା ମୁକାବିଲା ହୋଇଥିବା ୬୫ମଧ୍ୟରୁ ୩୦ରୁ ୪୦ ବିଧାନସଭା ବିଜେଡି ଜିତିପାରେ । ଏହାର ଅର୍ଥ ବିଜେଡି ୧୦୦ରୁ ୧୧୦ ସିଟ୍ ହାତେଇବ ବୋଲି ଆକଳନ କରାଯାଇଛି। ଲୋକ ସଭାରେ ବଲାଙ୍ଗୀର, ଭୁବନେଶ୍ୱର, କୋରାପୁଟ, ସୁନ୍ଦରଗଡ, ମୟୂରଭଞ୍ଜ, ସମ୍ବଲପୁର, ଢେଙ୍କାନାଳ ଫଳାଫଳ ନକାରାତ୍ମକ ହେବାର ଦଳ ପକ୍ଷରୁ ଆଶଙ୍କା କରାଯାଇଛି। ଅନ୍ୟପଟେ ପୁରୀ, ବାଲେଶ୍ୱରରେ କଂଗ୍ରେସ କେତେ ଭୋଟ ନେଇଛି, ତାହା ଉପରେ ବିଜେଡି ପ୍ରାର୍ଥୀଙ୍କ ବିଜୟ/ପରାଜୟ ନିର୍ଭର କରୁଥିବା କୁହାଯାଇଛି। ୨୧ ଲୋକ ସଭାରୁ ଦଳ ସର୍ବନିମ୍ନ ୧୨ରୁ ୧୪ ଏବଂ ସର୍ବାଧିକ ୧୫ରୁ ୧୬ ଆସନ ଜିତିବା ନେଇ ଆକଳନ କରିଛି।



ସ୍ନୋମ୍ୟାନ ଲଜିଷ୍ଟିକ୍ସ ନିଜର ଦକ୍ଷତା ବୃଦ୍ଧି କରି ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ଉପରେ ଅଧିକ ଜୋର୍ ଦେଉଛି। କମ୍ପାନୀର ପ୍ରଦର୍ଶନରେ ନିରନ୍ତରତା ବଜାୟ ରଖାଯିବାକୁ ଉଦ୍ୟମ ହେବା

– ପ୍ରେମ କିଷନ ଗୁପ୍ତା, ଅଧ୍ୟକ୍ଷ, ସ୍ନୋମ୍ୟାନ ଲଜିଷ୍ଟିକ୍ସ



ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଖରାପ ସମୟ ଅତିବାହିତ ହୋଇଗଲାଣି। ଆଗକୁ ବ୍ୟାଙ୍କ ଅଧିକ ଲାଭ କରିବ।

–ରାଜକିରନ ରାୟ ଜି, ଏମ୍‌ଡି ତଥା ସିଇଓ, ୟୁବିଆଇ

## ସଂକ୍ଷେପରେ

### ଏପ୍ରିଲରେ ପାଇକାରୀ ମୁଦ୍ରାସ୍ଫୀତି ୩.୦୭%

ନୂଆଦିଲ୍ଲୀ,୧୪-୫: ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଥିବା ବେଳେ ପାଇକାରୀ ମୁଦ୍ରାସ୍ଫୀତି ହାର ହ୍ରାସ ପାଇଛି। ମଙ୍ଗଳବାର କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ଦ୍ୱାରା ଜାରି ତଥ୍ୟ ଅନୁଯାୟୀ, ଏପ୍ରିଲରେ ପାଇକାରୀ ମୁଦ୍ରାସ୍ଫୀତି ୩.୦୭%କୁ ଖସିଆସିଛି, ଯାହାକି ମାର୍ଚ୍ଚରେ ୩.୧୮% ଥିଲା। ଗତବର୍ଷ ଏପ୍ରିଲରେ ଏହା ୩.୬୨% ରହିଥିଲା। ତେବେ ଗତ ମାସରେ ପେଟ୍ରୋଲ, ଡିଜେଲ ଏବଂ ପ୍ରସ୍ତୁତ ସାମଗ୍ରୀ ଦର ହ୍ରାସ ପାଇବା କାରଣରୁ ମୁଦ୍ରାସ୍ଫୀତି କମିଥିଲା। କିନ୍ତୁ ପନିପରିବା ଦର ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ପନିପରିବା ଦର ୪୦.୬୫% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ମାର୍ଚ୍ଚରେ ଏହା ୨୮.୧୩% ବଢ଼ିଥିଲା। ସିଏସ୍‌ଓ ସୂତ୍ର ଅନୁଯାୟୀ, ଏପ୍ରିଲରେ ସିପିଆଇ ୨.୯୨ ପ୍ରତିଶତ ରହିଥିଲା, ଯାହାକି ମାର୍ଚ୍ଚରେ ୨.୮୬% ମୁକାବିଲାରେ ୦.୦୬% ଅଧିକ ଥିଲା। ତେବେ ଆର୍‌ବିଆଇର ଆନୁମାନିକ ଲକ୍ଷ୍ୟଠାରୁ ଏହା କମ୍ ରହିଛି। ଏଥିଯୋଗୁ ଆସନ୍ତା ମୁଦ୍ରାନୀତିରେ ରେପୋ ରେଟ କମିବାର ଆଶା ସଞ୍ଚାର କରିଛି। ତେବେ ଏପ୍ରିଲରେ ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ହାର ୩ ଗୁଣା ବୃଦ୍ଧି ପାଇ ମାର୍ଚ୍ଚର ୦.୩%ରୁ ୧.୧ ପ୍ରତିଶତରେ ପହଞ୍ଚିଯାଇଛି। ପନିପରିବା ମୁଦ୍ରାସ୍ଫୀତି ହାର ମଧ ୨.୮୭% ବୃଦ୍ଧି ପାଇଥିବା ବେଳେ ଫଳ ଦର ହ୍ରାସ ପାଇଛି। ଇନ୍ଧନ ଓ ବିଜୁଳି ମୁଦ୍ରାସ୍ଫୀତି ହାର ମଧ ୨.୫୬%ରେ ପହଞ୍ଚିଯାଇଛି, ଯାହାକି ମାର୍ଚ୍ଚରେ ୨.୪୨% ରହିଥିଲା।

### ହ୍ୟାକିଂ ସମ୍ଭାବନା: ଅପ୍‌ଡେଟ୍ ଲାଗି ହ୍ୱାଟ୍ସଆପ୍‌ର ଚେତାବନୀ

ନୂଆଦିଲ୍ଲୀ,୧୪-୫: ସିକ୍ୟୁରିଟି ଫିଚର୍ସରେ ତ୍ରୁଟି ପରିଲକ୍ଷିତ ହେବା ପରେ ହ୍ୱାଟ୍ସଆପ୍ ଏହାର ୟୁଜରଙ୍କୁ ତୁରନ୍ତ ଏହି ଆପ୍‌କୁ ଅପ୍‌ଡେଟ୍ କରିନେବା ଲାଗି ଚେତାଇ ଦେଇଛି। କାରଣ ସିକ୍ୟୁରିଟିରେ ଥିବା ତ୍ରୁଟି ଯୋଗୁ ଯେକୌଣସି ମୁହୂର୍ତ୍ତରେ ୟୁଜରଙ୍କ ଫୋନ୍ ହ୍ୟାକ୍ ହୋଇଯିବାର ସମ୍ଭାବନା ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ସୁରକ୍ଷାରେ ଥିବା ତ୍ରୁଟିକୁ ତୁରନ୍ତ ସଜାଡିନିଆଯାଇଥିବା କମ୍ପାନୀ କହିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସିକ୍ୟୁରିଟି ଫିଚର୍ସରେ ତ୍ରୁଟିର ଫାଇଦା ଉଠାଇ ହ୍ୟାକର୍ସ ୟୁଜରଙ୍କ ମୋବାଇଲରେ ଏକ କଲ୍ କରି ଭାଇରସ୍ ଛାଡ଼ି ଦେଇପାରନ୍ତି। ୟୁଜରଙ୍କ ଫୋନ୍ କ୍ୟାମେରା ଏବଂ ମାଇକକୁ ମଧ ହ୍ୟାକ୍ କରିନିଆଯାଇପାରେ। ଏହାଛଡ଼ା ୟୁଜରଙ୍କ ଇ-ମେଲ୍‌ଠାରୁ ଆରମ୍ଭ କରି ମେସେଜ୍ ଓ ଲୋକେଶନ ଡାଟା ପର୍ଯ୍ୟନ୍ତ ସବୁକିଛି ତଥ୍ୟ ହ୍ୟାକରଙ୍କ ହାତରେ ପହଞ୍ଚିଯାଇପାରେ ବୋଲି ହ୍ୱାଟ୍ସଆପ୍ ସୂଚାଇଛି। ମିଡିଆରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ସନ୍ଦେହଘେରରେ ଥିବା ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ଏହି ସ୍ପାଇୱେର ତିଆରି କରିଛି। ଏହି ଗ୍ରୁପ୍ ମଧ୍ୟପ୍ରାଚ୍ୟରୁ ଆରମ୍ଭ କରି ମେକ୍ସିକୋ ପର୍ଯ୍ୟନ୍ତ ସରକାରୀ ଅଧିକାରୀ ତଥା ଖବରଦାତାଙ୍କ ପାଇଁ ଗୋଇନ୍ଦାଗିରିରେ ସହାୟତା କରୁଛି। ଚଳିତ ମାସରେ ହ୍ୱାଟ୍ସଆପ୍ ସିକ୍ୟୁରିଟିରେ ଥିବା ତ୍ରୁଟିକୁ ଧରିପାରିଥିଲା। ଏହା ଜାଣିବା ପରେ କମ୍ପାନୀ ତୁରନ୍ତ ଏହାକୁ ସୁଧାରିବା କାର୍ଯ୍ୟରେ ଲାଗି ପଡିଥିଲା।

### ୧୦ କୋଟିର ଅନିୟମିତତା ଧରିଲା ପେଟିଏମ୍

ନୂଆଦିଲ୍ଲୀ,୧୪-୫: ଡିଜିଟାଲ ପେମେଣ୍ଟ କମ୍ପାନୀ ପେଟିଏମ୍‌ରେ ୧୦ କୋଟି ଟଙ୍କାର ଅନିୟମିତତା ହୋଇଥିବା ଜଣାପଡିଛି। କମ୍ପାନୀର ଆଭ୍ୟନ୍ତରୀଣ ଯାଞ୍ଚରୁ ଏହା ଧରାପଡିଛି ବୋଲି ପେଟିଏମ୍‌ର ପ୍ରମୁଖ ବିଜୟ ଶେଖର ଶର୍ମା ମଙ୍ଗଳବାର କହିଛନ୍ତି। ଏହା ଜଣାପଡିବା ପରେ କମ୍ପାନୀ ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କୁ ବରଖାସ୍ତ କରିଥିବା ବେଳେ ବହୁ ସଂଖ୍ୟାରେ ବିକ୍ରେତାଙ୍କୁ ନିଜର ପ୍ଲାଟଫର୍ମରୁ ହଟାଇ ଦେଇଛି ବୋଲି ସେ କହିଛନ୍ତି।

### ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହେଲେ କୋଚରଙ୍କ କମ୍ପାନୀ

ନୂଆଦିଲ୍ଲୀ,୧୪-୫: ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ଏମ୍‌ଡି ଚନ୍ଦା କୋଚର ଏବଂ ଦୀପକ କୋଚରଙ୍କ ସହ ଜଡ଼ିତ କମ୍ପାନୀ ନିଜର ଜବତ ହୋଇଥିବା ଦସ୍ତାବିଜ ଫେରିପାଇବା ଲାଗି ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ ଆପିଲେଟ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଛି। ମାର୍ଚ୍ଚ ପହିଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପ୍ୟାସିଫିକ୍ କ୍ୟାପିଟାଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ ଏବଂ କ୍ୱାଲିଟି ଟେକ୍ନୋ ଆଡ୍‌ଭାଇଜର୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ ଚଢ଼ାଉ କରିଥିଲେ ଏବଂ ଦସ୍ତାବିଜ ଜବତ କରିଥିଲେ। ଚନ୍ଦା ଏବଂ ଦୀପକଙ୍କ ନିକଟରେ ଏହି ଦୁଇ କମ୍ପାନୀର ଶେୟାର ରହିଛି।

# ଜେଟ୍ ଏୟାରୱେଜ୍‌ରେ ଇସ୍ତଫା ଦୌଡ

- ସିଇଓଙ୍କ ସମେତ ୩ଟପ୍ ଅଧିକାରୀ କମ୍ପାନୀରୁ ଓହରିଲେ
- ଏଟିହାଦ ମାତ୍ର ୧୭୦୦ କୋଟି ନିବେଶ ପାଇଁ ଆଗ୍ରହୀ
- ବଡ଼ ନିବେଶକଙ୍କ ଆବଶ୍ୟକତା ରହିଛି

ନୂଆଦିଲ୍ଲୀ,୧୪-୫




ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ୍‌ର ପୁନଃକାର୍ଯ୍ୟକ୍ଷମ ହେବା ଆଶା ପ୍ରାୟ ଶେଷ ହୋଇଯିବା ପରେ ଟପ୍ ମ୍ୟାନେଜମେଣ୍ଟ ଅଧିକାରୀଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି। ଚିଫ୍ ଏକ୍‌ଜିକ୍ୟୁଟିଭ ଅଧିକାରୀ(ସିଇଓ) ବିନୟ ଦୁବେ, ଡେପୁଟି ସିଇଓ ତଥା ସିଏଫ୍‌ଓ ଅମିତ ଅଗ୍ରୱାଲ ଏବଂ ଚିଫ୍ ପିପୁଲ୍ସ ଅଫିସର ରାହୁଲ ତନେଜା ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ନିଜ ପଦରୁ ଇସ୍ତଫା ଦେଲେ ବୋଲି ସେମାନେ ଜଣାଇଛନ୍ତି।

ଦୁବେ ୨୦୧୭ ଅଗଷ୍ଟରେ ଜେଟ୍ ଏୟାରୱେଜ୍ ସହ ନିଜକୁ ଜଡ଼ିତ କରିଥିଲେ। ଏହାପୂର୍ବରୁ ସେ ଡେଲ୍ଟା ଏୟାରଲାଇନ୍ସ ଏବଂ ଆମେରିକାନ ଏୟାରଲାଇନ୍ସରେ କାମ କରିଥିଲେ। ଅନ୍ୟପକ୍ଷରେ ଏସାର ଗ୍ରୁପ୍‌ର ଏଚ୍‌ଆର୍ ମୁଖ୍ୟ ରହିଥିବା ତନେଜା ୨୦୧୬ ଫେବୃଆରୀରେ ଜେଟ୍‌ରେ ଯୋଗ ଦେଇଥିଲେ। ଅଗ୍ରୱାଲ ଫାଇନାନ୍ସ ମୁଖ୍ୟ ଭାବେ ୨୦୧୫ ଡିସେମ୍ବରରେ କମ୍ପାନୀରେ ସାମିଲ ହୋଇଥିଲେ। ତାଙ୍କୁ ୨୦୧୭ ନଭେମ୍ବରରେ ଡେପୁଟି ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜେଟ୍ ଏୟାରୱେଜର ବିଡ୍ ଦାଖଲ ବେଳେ ଆବୁଧାବୀର ବିମାନ କମ୍ପାନୀ ଏଟିହାଦ ଏୟାରଲାଇନ୍ସ କେତେକ ସର୍ତ୍ତାରୋପ କରିଛି। ଜେଟ୍‌ରେ କମ୍ପାନୀ ୧୭୦୦ କୋଟି ଟଙ୍କା ନିବେଶ କରିପାରିବ ବୋଲି ସ୍ପଷ୍ଟ କରିଛି। ପୁନର୍ଗଠିତ ଜେଟ୍ ଏୟାରୱେଜରେ ଏହାର ୨୪% ଅଂଶଧନ ହିଁ ରହିବ ବୋଲି ଏଟିହାଦ କହିଛି। ତେବେ ଜେଟ୍ ଉପରେ ଏବେ ୯ ହଜାର କୋଟି ଟଙ୍କାରୁ ଅଧିକ ବକେୟା ଋଣ ରହିଥିବାରୁ କମ୍ପାନୀର ପୁନରୁଦ୍ଧାର ଲାଗି ବଡ଼ ନିବେଶକଙ୍କ ଆବଶ୍ୟକତା ରହିଛି, ଯାହା କି ମିଳୁନାହିଁ। ପ୍ରମୋଟର ନରେଶ ଗୋୟଲଙ୍କ ପରେ ମ୍ୟାନେଜମେଣ୍ଟର ୩ ଶୀର୍ଷ ଅଧିକାରୀଙ୍କ ଇସ୍ତଫା ଦେବାରୁ କର୍ମଚାରୀଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି। ସେମାନେ ନିଜର ଦୁଃଖ ଓ ଅସୁବିଧା ଦୂର ଲାଗି କାହାପାଖକୁ ଯିବେ ବୋଲି କର୍ମଚାରୀମାନେ ମତପ୍ରକାଶ କରିଛନ୍ତି। ସୂଚନାଥାଉ କି, ଜେଟ୍‌ର ଅପରେଶନ ସାମୟିକ ବନ୍ଦ ହୋଇଯିବା ପରେ ଏହାର ୭୫୦ ସ୍ଲଟ୍ ଖାଲି ପଡିଥିଲା। ତନ୍ମଧ୍ୟରୁ କେନ୍ଦ୍ର ସରକାର ୪୮୦ ସ୍ଲଟ୍‌କୁ ଅନ୍ୟ ଏୟାରଲାଇନ୍ସକୁ ବାଣ୍ଟି ଦେଇଥିଲେ। ଏଥିରୁ ସ୍ପାଇସ୍‌ଜେଟ୍ ୧୩୦, ଇଣ୍ଡିଗୋ ୧୨୫, ଭିସ୍ତାରା ୧୧୦, ଗୋଏୟାର ଏବଂ ଏୟାରଏସିଆ ୪୦ରୁ ୪୫ ସ୍ଲଟ୍ ପାଇଛନ୍ତି। ଜେଟ୍ ଏୟାରୱେଜ୍‌ର ୧୧୮ ଦିଲ୍ଲୀ ସ୍ଲଟ୍ ମଧ୍ୟରୁ ଇଣ୍ଡିଗୋକୁ ୪୦ ଏବଂ ସ୍ପାଇସ୍‌ଜେଟ୍‌କୁ ୨୦୦ରୁ ୭୦ ମୁମ୍ବାଇ ସ୍ଲଟ୍ ମିଳିଛି। ଆର୍ଥିକ ସଙ୍କଟ କାରଣରୁ ଜେଟ୍ ନିଜର କର୍ମଚାରୀଙ୍କୁ ଗତ ୫ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଦରମା ଦେଇପାରିନି। ଏହା ଅର୍ଥ ଅଭାବରେ ନିଜର ଅପରେଶନ ବନ୍ଦ କରିଦେଇଛି। ଅନ୍ୟପକ୍ଷରେ ଜେଟ୍‌ର ଅଂଶଧନ ବିକ୍ରି କରିବା ପାଇଁ ଏସ୍‌ବିଆଇ ନେତୃତ୍ୱରେ ବ୍ୟାଙ୍କ କନ୍‌ସୋର୍ଟିୟମର ଉଦ୍ୟମ ଫଶର ଫାଟିଛି।

# ଆଇଟିସିର ନୂଆ ବି'ନାଚୁରାଲ ଉନ୍ମୋଚନ




ମୁମ୍ବାଇ,୧୪-୫

ପ୍ରମୁଖ କମ୍ପାନୀ ଆଇଟିସିର ଫୁଡ ଡିଭିଜନ ପକ୍ଷରୁ ଏହାର ବିନାଚୁରାଲ ରେଞ୍ଜରେ ଫ୍ରୁଟ ବେଭରେଜ ପ୍ରଡକ୍ଟ ବଜାରକୁ ଆସିଛି। ଏହା ପ୍ରିମିୟମ ଫ୍ରୁଟ ବେଭରେଜ ରେଞ୍ଜରେ ଆସୁଥିବା ବେଳେ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡାର ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ କମ୍ପାନୀର ଡେରୀ ଏବଂ ବେଭରେଜ ବିଜନେସ ସିଓଓ ସଞ୍ଜୟ ସିଂଘଲ ଏହାର ଉନ୍ମୋଚନ କରିଥିଲେ। ଏହି ବୋତଲଗୁଡିକ ପରିବେଶ ଉପଯୋଗୀ। ନୂଆ ରେଞ୍ଜରେ ହିମାଳୟାନ ମିକ୍ସ ଫ୍ରୁଟ, ରତ୍ନଗିରି ଆଲଫୋନସୋ ଏବଂ ଦକ୍ଷି ପିଙ୍କ ଗୌଭା ଭଳି ଭାରିଆଣ୍ଟ ସାମିଲ ରହିଛି। ଏହାର ବଜାର ଦର ୪୦ ଟଙ୍କା ରହିଛି। ଏହି ପ୍ରଡକ୍ଟରେଞ୍ଜ ସ୍ୱତନ୍ତ୍ର ହୋଇଥିବା ବେଳେ ଏହାକୁ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ପ୍ରସ୍ତୁତ କରାଯାଇଛି ବୋଲି ସିଓଓ ସଞ୍ଜୟ ସିଂଘଲ କହିଛନ୍ତି।

# ହୋଣ୍ଡା ଟୁହ୍ୱିଲର୍ସ-ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଚୁକ୍ତି

ଭୁବନେଶ୍ୱର,୧୪-୫




ଗ୍ରାହକଙ୍କ ଫାଇନାନ୍ସର ଅଧିକ ବିକଳ୍ପ ପ୍ରଦାନ କରିବା ଲକ୍ଷ୍ୟରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ସହ ଚୁକ୍ତିରେ ସାମିଲ ହୋଇଛି। କମ୍ପାନୀର ବିକ୍ରି ଓ ମାର୍କେଟିଂ ଉପସଭାପତି ୟଦବିନ୍ଦର ସିଂ ଗୁଲେରିଆ ଏବଂ ଆଇଡିଏଫ୍‌ସିର ରିଟେଲ ଆସେଟ ବିଭାଗ ମୁଖ୍ୟ ପ୍ରଦୀପ ନଟରାଜନଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବର୍ତ୍ତମାନ ଅଧିକରୁ ଅଧିକ ଗ୍ରାହକ ଦୁଇ ଚକିଆ ଯାନ କିଣିବା ବେଳେ ଫାଇନାନ୍ସ ବିକଳ୍ପ ଚୟନ କରୁଛନ୍ତି। ଗ୍ରାହକଙ୍କୁ ସୁଲଭ କ୍ରୟ ବିକଳ୍ପ ପ୍ରଦାନ ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଗୁଲେରିଆ କହିଛନ୍ତି।

# ହ୍ୟୁଣ୍ଡାଇ ପକ୍ଷରୁ କର୍ପୋରେଟ୍ କ୍ୟାମ୍ପେନ୍

ଭୁବନେଶ୍ୱର,୧୪-୫

ହ୍ୟୁଣ୍ଡାଇ ମୋଟର୍ସ ପକ୍ଷରୁ ସ୍ମାର୍ଟମୋବିଲିଟିକୁ ପ୍ରୋତ୍ସାହନ ସ୍ୱରୂପ ନୂଆ କର୍ପୋରେଟ କ୍ୟାମ୍ପେନ ଆରମ୍ଭ କରାଯାଇଛି। ଏହା 'ୱାନ୍ସ ଅପନ ଏ ଟାଇମ୍ ହ୍ୟୁଣ୍ଡାଇ ଏ କାର କମ୍ପାନୀ' ଭାବେ ଆରମ୍ଭ ହୋଇଛି। ଭବିଷ୍ୟତର ଶେୟାର୍ଡ ମୋବିଲିଟି, କନେକଟେଡ ଏବଂ କ୍ଲିନ ଟେକ୍ନୋଲୋଜି ଉପରେ ଏହା କ୍ୟାମ୍ପେନରେ ଗୁରୁତ୍ୱାରୋପ କରିଛି। ଗ୍ରାହକଙ୍କୁ ସର୍ବୋତ୍ତମ ଗୁଣବତ୍ତା ଯୋଗାଣ ଲକ୍ଷ୍ୟରେ ଏହା କାର୍ଯ୍ୟ କରୁଥିବା ବେଳେ ଗ୍ରାହକଙ୍କ ସନ୍ତୁଷ୍ଟି ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କହିଛି। ଏକ ଅଟୋମୋବାଇଲ ବ୍ରାଣ୍ଡରୁ ସ୍ମାର୍ଟ ମୋବିଲିଟି ସଲ୍ୟୁଶନ ପ୍ରଦାନକାରୀ କମ୍ପାନୀକୁ ପରିବର୍ତ୍ତନର ଧାରା ଏହି କ୍ୟାମ୍ପେନରେ ପ୍ରତିଫଳିତ ହୋଇଛି। ଜିରୋ ଏମିଶନ ମୋବିଲିଟି, ଶେୟାର୍ଡ, କନେକଟେଡ ଲକ୍ଷ୍ୟ ସହ ଅଗ୍ରସର ହେଉଥିବା ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏମ୍‌ଡି ତଥା ସିଇଓ ଏସ୍.ଏସ୍.କିମ୍ କହିଛନ୍ତି।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା




ଖିମଜୀ ଗ୍ରୁପ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଗ୍ରୁପ ପକ୍ଷରୁ ନିର୍ଦ୍ଦେଶକ ମିତେଶ ଖିମଜୀ ଏବଂ ସୁମୀତ ଖିମଜୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଚେକ୍ ପ୍ରଦାନ କରିଛନ୍ତି।

### ନିଶାନ ପକ୍ଷରୁ ସହାୟତା

ଫନୀ ପ୍ରଭାବିତ ଲୋକଙ୍କୁ ସହାୟତା କରିବା ଲାଗି ନିଶାନ ଇଣ୍ଡିଆ ଆଗେଇ ଆସିଛି। କମ୍ପାନୀ ପକ୍ଷରୁ କଟକ ଏବଂ ଭୁବନେଶ୍ୱରରେ ଜରୁରିକାଳୀନ ମରାମତି ଟିମ୍ ମୁତୟନ କରାଯାଇଛି। ଯାନ ମରାମତିରେ ଉନ୍ନତି ଆଣିବା ଲାଗି ଡିଲରଶିପଗୁଡିକରେ ଅତିରିକ୍ତ ତାଲିମପ୍ରାପ୍ତ ଶ୍ରମିକ ନିୟୋଜିତ କରାଯାଇଛି। ଗ୍ରାହକଙ୍କୁ ମାଗଣା ଗାଡି ଟାଣିବା ସେବା ଯୋଗାଇ ଦିଆଯାଉଛି। ନିଶାନର ତାଲିମ ପ୍ରାପ୍ତ ଟେକ୍ନିକାଲ ଟିମ୍‌ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ କରାଯାଉଛି। ଏଥିଲାଗି କମ୍ପାନୀର ହେଲପ ଲାଇନକୁ ଫୋନ କରି ଗ୍ରାହକ ସେବା ନେବାକୁ ନିବେଦନ କରାଯାଇଛି। ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ମହାପ୍ରବନ୍ଧକ ଅତୁଲ ଅଗ୍ରୱାଲ ସୂଚନା ଦେଇଛନ୍ତି।

### କ୍ଷତିଗ୍ରସ୍ତଙ୍କୁ ସହାୟତା ଲାଗି ଏଏଆଇ, ସିଆଇଆଇର ନିବେଦନ



ଫନୀ ଦ୍ୱାରା ପୁରୀ,ଖୋର୍ଦ୍ଧା,କଟକ ସମେତ ରାଜ୍ୟର ୧୪ଟି ଜିଲାର ୧୫୯ ବ୍ଲକ, ୧୮୧୬୮ ଗ୍ରାମ, ୫୨ଟି ସହରାଞ୍ଚଳ ଏବଂ ୧.୬୫ କୋଟି ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ଲୋକମାନେ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନଙ୍କୁ ରିଲିଫ ଏବଂ ଥଇଥାନ ଲାଗି ସହଯୋଗର ହାତ ବଢାଇବାକୁ ଆଲୁମିନିୟମ ଆସୋସିଏଶନ ଅଫ୍ ଇଣ୍ଡିଆ(ଏଏଆଇ) ଏବଂ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ପକ୍ଷରୁ ନାଲକୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ନିବେଦନ କରିଛନ୍ତି। ସହଯୋଗ ଲାଗି ଶିଳ୍ପ ପ୍ରତିଷ୍ଠାନ,ଜନସାଧାରଣ ଏବଂ ଅନୁଷ୍ଠାନ ଆଗେଇ ଆସିବାକୁ ଚାନ୍ଦ ଗୁରୁତ୍ୱାରୋପ କରିଛନ୍ତି। ଲୋକମାନେ ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫାଣ୍ଠି, ରିବିଲ୍ଡ ଓଡିଶା ପୋର୍ଟାଲ ଏବ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିପାରିବେ ବୋଲି ଚାନ୍ଦ କହିଛନ୍ତି।

# ଆଇବିସିରୁ ଫେରିଛି ୭୦ ହଜାର କୋଟି

**କ୍ରିସିଲ ରିପୋର୍ଟ**

ନୂଆଦିଲ୍ଲୀ,୧୪-୫

ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଜରିଆରେ ଫସିଯାଇଥିବା ଋଣ ଅସୁଲ ସୁବିଧାଜନକ ହୋଇଛି। ୨୦୧୮-୧୯ରେ ୭୦ ହଜାର କୋଟି ଟଙ୍କା ଅନାଦାୟ ଋଣ(ଏନ୍‌ପିଏ) ଫେରି ଆସିଛି। ଋଣ ଅସୁଲ ଲାଗି ପୂର୍ବରୁ ଥିବା ଅନ୍ୟ ବ୍ୟବସ୍ଥା ତୁଳନାରେ ଏହା ଅଧିକ ଫଳପ୍ରଦ ବୋଲି ଘରୋଇ ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଆର୍ଥିକ ବର୍ଷ ୨୦୧୮-୧୯ରେ ଋଣ ଅସୁଲ ନ୍ୟାୟାଧିକରଣ, ପ୍ରତିଭୂତୀକରଣ ଏବଂ ସରଫେସି ତଥା ଲୋକ ଅଦାଲତ ଜରିଆରେ ୩୫ ହଜାର କୋଟି ଟଙ୍କାର ଏନ୍‌ପିଏ ଫେରସ୍ତ ମିଳିଛି। କ୍ରିସିଲ ଅଧ୍ୟକ୍ଷ ଗୁରପ୍ରୀତ ଚଟୱାଲ କହିଛନ୍ତି ଯେ, ଆଇବିସି ଜରିଆରେ ୨୦୧୮-୧୯ରେ ୯୪ ମାମଲାରେ ସମାଧାନ ହାର ୪୩% ରହିଥିଲା। ଅନ୍ୟପକ୍ଷରେ ପୂର୍ବର ସମାଧାନ ବ୍ୟବସ୍ଥାରେ ଏହି ହାର ୨୬.୫% ରହିଛି। ଦେବାଳିଆ ଏବଂ ଋଣ ସମାଧାନ ଅକ୍ଷମତା ବୋର୍ଡ(ଆଇବିବିଆଇ)ର ୱେବସାଇଟରେ ଉପଲବ୍ଧ ରିପୋର୍ଟ ଅନୁଯାୟୀ, ପ୍ରାୟ ୨.୦୨ ଲକ୍ଷ କୋଟି ଟଙ୍କାର ୪୪୫୨ ଏନ୍‌ପିଏ ମାମଲାକୁ ଆଇବିସି ଜରିଆରେ ସମାଧାନ କରାଯାଇସାରିଛି। ଏହି କାରଣରୁ ବ୍ୟାଙ୍କଗୁଡ଼ିକର ମୋଟ୍ ଏନ୍‌ପିଏ ପରିମାଣ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ହ୍ରାସ ପାଇ ୧୦%ରେ ପହଞ୍ଚିଯାଇଛି, ଯାହାକି ପୂର୍ବବର୍ଷ ୧୧.୫% ରହିଥିଲା। ତେବେ ଆଇବିସି ଜରିଆରେ ଏନ୍‌ପିଏ ସମାଧାନ ପାଇଁ ଲାଗୁଥିବା ସମୟ ଏକ ବଡ଼ ପ୍ରସଙ୍ଗ ବୋଲି କ୍ରିସିଲ ରିପୋର୍ଟରେ କୁହାଯାଇଛି।

# ୟୁନାଇଟେଡ ବ୍ୟାଙ୍କର ଆର୍ଥିକ ଫଳାଫଳ

କଲିକତା,୧୪-୫

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବ୍ୟାଙ୍କର କାରବାର ୨.୦୮ ଲକ୍ଷ କୋଟି ଟଙ୍କା ଟପିଛି। ଶେଷ ତ୍ରୈମାସରେ ଏହା ୯୫.୧୮ କୋଟି ଟଙ୍କାର ନେଟ ଲାଭ ହାସଲ କରିଛି। ଲଗାତର ଭାବେ ସାତ ତ୍ରୈମାସ ଧରି ଏହା କ୍ଷତି ସହି ଆସୁଥିଲା। ଆଲୋଚ୍ୟ ତ୍ରୈମାସରେ ଏହା ୫୪୦ କୋଟି ଟଙ୍କାର ପରିଚାଳନା ଲାଭ ହାସଲ କରିଛି। ତୃତୀୟ ତ୍ରୈମାସ ତୁଳନାରେ ବ୍ୟାଙ୍କ ଚତୁର୍ଥ ତ୍ରୈମାସରେ ପରିଚାଳନା ଲାଭରେ ୪୧% ଅଭିବୃଦ୍ଧି ହାସଲ କରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କର ଲାଭ ୧୪୧୨ କୋଟି ଟଙ୍କା ରହିଛି,ଯାହା ୨୦୧୭-୧୮ରେ ୧୦୨୪ କୋଟି ଟଙ୍କା ରହିଥିଲା। ଏଥିରେ ୩୮% ଅଭିବୃଦ୍ଧି ହୋଇଛି। ଏହା କାସା ଜମାରେ ଉନ୍ନତି ହୋଇଛି। ବ୍ୟାଙ୍କ ୧୯୭୫ କୋଟି ଟଙ୍କାର ନେଟ ସୁଧଜନୀତ ଆୟ ଲାଭ କରିଛି। ସେହିଭଳି ଅଣସୁଧଜନୀତ ଆୟ ୨୩୮୫ କୋଟି ଟଙ୍କା ରହିଛି। ନେଟ ଏବଂ ମୋଟ ଏନ୍‌ପିଏରେ ଗତ ଚାରି ତ୍ରୈମାସ ଧରି ଏହା ଉନ୍ନତି କରୁଥିବା ସୂଚନା ଦେଇଛି।


## ଆଲ୍ଲାହାବାଦ ବ୍ୟାଙ୍କ — ଡ଼ିମାଣ୍ଡ ନୋଟିସ୍

ମଣ୍ଡଳ କାର୍ଯ୍ୟାଳୟ : ୩/୧ ବି, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ ଆଲ୍ଲାହାବାଦ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

| ଶାଖାର ନାମ/ଋଣଗ୍ରହୀତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | ଋଣ ପରିମାଣ | ବକେୟା ଦେୟ /ଏନ୍‌ପିଏ ତାରିଖ | ନୋଟିସ୍ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଫୁଲବାଣୀ ଶାଖା।** **ଋଣଗ୍ରହୀତା: ମେସର୍ସ ବଜରଙ୍ଗ ଟ୍ରାନ୍ସପୋର୍ଟସ୍, (ସତ୍ତ୍ୱାଧିକାରୀ:ଶ୍ରୀମତୀ ପ୍ରଭାତୀ ପାଣିଗ୍ରାହୀ,** ସ୍ୱା-ଶ୍ରୀ ବଳରାମ ପାଣିଗ୍ରାହୀ),**ବନ୍ଧକଦାତା ଓ ଜାମିନ୍‌ଦାର: ଶ୍ରୀମତୀ ପୁଷ୍ପାରାଣୀ ପାଣିଗ୍ରାହୀ,** ସ୍ୱା-ଶ୍ରୀ ବଳରାମ ପାଣିଗ୍ରାହୀ, **ଜାମିନ୍‌ଦାର: ଶ୍ରୀ ବଳରାମ ପାଣିଗ୍ରାହୀ,** ସମସ୍ତଙ୍କ ଠିକଣା: ସା-ଆମ୍ବପଡା, ପୋଷ୍ଟ-ଗଞ୍ଜୁଗୁଡ, ଫୁଲବାଣୀ, ଜିଲ୍ଲା-କନ୍ଧମାଳ-୭୬୨୦୨୯ । | ଟ.୧୪,୦୦,୦୦୦/- (ଚଉଦ ଲକ୍ଷ ଟଙ୍କା ମାତ୍ର) ସିସି-ଟ.୧୨ ଲକ୍ଷ ଡବ୍ଲ୍ୟୁସିଟିଏଲ୍-ଟ.୨ ଲକ୍ଷ | ଟ.୧୬,୬୪,୯୩୪/- (ଷୋହଳ ଲକ୍ଷ ଚଉଷଠି ହଜାର ନଅ ଶହ ଚଉତିରିଶି ଟଙ୍କା ମାତ୍ର) ସହିତ ତା୩୧.୧୨.୨୦୧୮ ରିଖ ଠାରୁ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ ସିସିର ବକେୟା ଦେୟ-ଟ.୧୪,୬୯,୦୧୭/- ଡବ୍ଲ୍ୟୁସିଟିଏଲର ବକେୟା ଦେୟ-ଟ.୧,୯୫,୯୧୭/- / ଏନ୍‌ପିଏ ତାରିଖ:୨୯.୦୧.୨୦୧୯ | ୩୧.୦୧.୨୦୧୯ | ଶ୍ରୀମତୀ ପୁଷ୍ପାରାଣୀ ପାଣିଗ୍ରାହୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା-ଆମ୍ବପଡା, ଥାନା-ଫୁଲବାଣୀ, ଥାନା ନଂ.-୨୦୧, ତହସିଲି/ଜିଲ୍ଲା-କନ୍ଧମାଳ, ଖାତା ନଂ.-୬୫/୩୫, ପ୍ଲଟ ନଂ.-୨୬୫, ଏରିଆ-ଏକର୦.୦୫୨ ଡିସିମିଲି । |
| **ବଡବିଲ୍ ଶାଖା।** **ଋଣଗ୍ରହୀତା: ଶ୍ରୀମତୀ ସରସ୍ୱତୀ ପଟ୍ଟନାୟକ,** ସ୍ୱା-ଶ୍ରୀ ଶରତ ଚନ୍ଦ୍ର ପଟ୍ଟନାୟକ, ସା-ସେରେଣ୍ଡା, ପୋ/ଥାନା-ବଡବିଲ୍, ଜିଲ୍ଲା-କେନ୍ଦୁଝର-୭୫୮୦୩୫, **ଜାମିନ୍‌ଦାରମାନେ: (୧)ଶ୍ରୀ ଶ୍ୟାମଳେନ୍ଦୁ ମିତ୍ର,** ମାର୍ଫତ-ଶ୍ରୀ ଏସ୍ ବି ମିଶ୍ର, ସା-ପଞ୍ଜାବୀ ଏରିଆ, ସା/ପୋ/ଥାନା-ବଡବିଲ୍, ଜିଲ୍ଲା-କେନ୍ଦୁଝର-୭୫୮୦୩୫, **(୨)ଶ୍ରୀ ଶରତ ଚନ୍ଦ୍ର ପଟ୍ଟନାୟକ,** ପିତା-ଶ୍ରୀ କଳିକେଶ୍ୱର ପଟ୍ଟନାୟକ, ସା-ସେରେଣ୍ଡା, ପୋ/ଥାନା-ବଡବିଲ୍, ଜିଲ୍ଲା-କେନ୍ଦୁଝର-୭୫୮୦୩୫ | ଟ.୨,୩୦,୦୦୦/- (ଦୁଇ ଲକ୍ଷ ତରିଶି ହଜାର ଟଙ୍କା ମାତ୍ର) ଗୃହ ଋଣ | ଟ.୨,୮୩,୫୬୫/- (ଦୁଇ ଲକ୍ଷ ତେୟାଅଶି ହଜାର ପାଞ୍ଚଶହ ପଞ୍ଚଷଠୀ ଟଙ୍କା ମାତ୍ର)ସହିତ ତା୦୧.୧୧.୨୦୧୪ ରିଖ ଠାରୁ ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ / ଏନ୍‌ପିଏ ତାରିଖ:୩୦.୧୧.୨୦୧୪ | ୨୧.୦୨.୨୦୧୯ | ଶ୍ରୀମତୀ ସରସ୍ୱତୀ ପଟ୍ଟନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା-ଭୁସୁଗାଁ, ଥାନା/ତହସିଲି- ବଡବିଲ୍, ଜିଲ୍ଲା-କେନ୍ଦୁଝର, ଖାତା ନଂ.-୧୧୭, ପ୍ଲଟ ନଂ.-୫୦୭, ବିକ୍ରୟ ଦଲିଲ୍ ନଂ.-୧୬/୪/୨୦୦୩(ଖାତା ନଂ.-୧୨୮/୨୭୫, ପ୍ଲଟ ନଂ.୫୦୭/୧, ଆରଓଆର/ପଟ୍ଟା ତାରିଖ-୭/୧୧/୨୦୦୩), ଏରିଆ-ଏକର୦.୦୫ ଡିସିମିଲି, କିସମ-ଗୃହପୋଯୋଗୀ । |

ଆପଣମାନେ ଆମ, ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଉପର ଲିଖିତ ତାରିଖରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ ।

ସ୍ଥାନ-ଭୁବନେଶ୍ୱର,ତାରିଖ- ୧୫.୦୫.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ

"ଆଣ୍ଠୁରେ କ୍ଷତ ସତ୍ତ୍ୱେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ଫାଇନାଲ ଖେଳି ଶେନ୍ ୱାଟସନ ଖେଳ ପ୍ରତି ତାଙ୍କ ଉତ୍ସର୍ଗୀକୃତ ମନୋଭାବ ଦେଖାଇଛନ୍ତି।
–ହରଭଜନ ସିଂ, ଚେନ୍ନାଇ ସୁପର କିଙ୍ଗ୍ସ ଖେଳାଳି



"ଆଇସିସି ଦିନିକିଆ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ଯଥେଷ୍ଟ ଦକ୍ଷ ଖେଳାଳି ଅଛନ୍ତି। ପରିସ୍ଥିତିକୁ ଦେଖି କମ୍ବିନେଶନ ସ୍ଥିର କରାଯିବ।
–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର କୋଚ୍



## ସଂକ୍ଷେପରେ

ଇଟାଲୀ ଓପନ୍

### ମୁଗୁରୁଜାଙ୍କ ବିଜୟ ଅଭିଯାନ

**ରୋମ, ୧୪।୫(ଏଏଫ୍‌ପି):** ପୂର୍ବତନ ଫ୍ରେଞ୍ଚ ଓପନ୍ ଚାମ୍ପିୟନ ଗାର୍ବିଏନ୍ ମୁଗୁରୁଜା ଏଠାରେ ଚାଲିଥିବା ଇଟାଲୀ ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ୧୯ତମ ସ୍ଥାନରେ ରହିଥିବା ମୁଗୁରୁଜା ୬-୩, ୬-୪ ସିଧାସଳଖ ସେଟ୍‌ରେ ଚାଇନାର ଝେଙ୍ଗ୍ ସାଇସାଇଙ୍କୁ ପରାସ୍ତ କରିଛନ୍ତି। ୨୫ ବର୍ଷୀୟା ମୁଗୁରୁଜା ଏଥିପୂର୍ବରୁ ମାଡ୍ରିଡ୍ ଓପନ୍ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ସେ ୨୦୧୬ ଓ ୨୦୧୭ରେ ଯଥାକ୍ରମେ ଫ୍ରେଞ୍ଚ ଓପନ୍ ଓ ୱିମ୍ବେଲଡନ ଚାମ୍ପିୟନ ହୋଇଥିବାବେଳେ ରୋମ୍‌ରେ ୨ଥର ଫାଇନାଲରେ ପ୍ରବେଶ କରିଛନ୍ତି। ମୁଗୁରୁଜା ୨ୟ ରାଉଣ୍ଡରେ ଡେନ୍‌ମାର୍କର କାରୋଲିନ ୱୋଜନିଆକି କିମ୍ବା ଆମେରିକାର ଡାନିଏଲ୍ କୋଲିନ୍ସଙ୍କୁ ଭେଟିବେ। ସେହିଭଳି ଅନ୍ୟ ଏକ ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିୟନ ଭିକ୍ଟୋରିଆ ଆଜାରେଙ୍କା ୬-୨, ୬-୧ ସେଟ୍‌ରେ ଚାଇନାର ଝାଙ୍ଗ୍ ସୁଆଇଙ୍କୁ ପରାସ୍ତ କରି ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପରବର୍ତ୍ତୀ ମ୍ୟାଚ୍‌ରେ ଆଜାରେଙ୍କାଙ୍କ ମୁକାବିଲା ଡିଫେଣ୍ଡିଂ ଚାମ୍ପିୟନ ଏଲିନା ସ୍ୱିତୋଲିନାଙ୍କ ସହ ହେବ। ଏଠାରେ ୪ଥର ଚାମ୍ପିୟନ ହୋଇଥିବା ତଥା ଆଘାତଜନିତ ସମସ୍ୟାରୁ ମୁକୁଳିଥିବା ସେରେନା ୱିଲିୟମ୍ସ ୬-୪, ୬-୨ ସେଟ୍‌ରେ ସ୍ୱିଡେନର ରେବେକା ପିଟରସନଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି।

### ଭାରତର ୱାର୍ମଅପ୍ ମ୍ୟାଚ୍ ପ୍ରସାରିତ ହେବ

**ନୂଆଦିଲ୍ଲୀ, ୧୪।୫:** ଆଇସିସି ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ୨ ସପ୍ତାହ ସମୟ ରହିଛି। ବିଶ୍ୱକପ୍ ପୂର୍ବରୁ ଅଂଶଗ୍ରହଣକାରୀ ସମସ୍ତ ୧୦ ଦଳ ୨ଟି ଲେଖାଏ ୱାର୍ମଅପ୍ ମ୍ୟାଚ୍ ଖେଳିବେ। ଏହି ୱାର୍ମଅପ୍ ମ୍ୟାଚ୍ ମେ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମସ୍ତ ମ୍ୟାଚ୍ ମଧ୍ୟ ସିଧାସଳଖ ପ୍ରସାରିତ ହେବ ବୋଲି ଜଣାପଡ଼ିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୱାର୍ମଅପ୍‌ରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶକୁ ଯଥାକ୍ରମେ ମେ ୨୫ ଓ ୨୮ରେ ଭେଟିବ। ଭାରତୀୟ ସମୟ ଅନୁଯାୟୀ ଅପରାହ୍ଣ ୩ଟାରୁ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହେବ। ନିୟମ ଅନୁଯାୟୀ ଅଭ୍ୟାସ ମ୍ୟାଚ୍‌ଗୁଡ଼ିକ ଅନ୍ତର୍ଜାତୀୟ ମ୍ୟାଚ୍‌ଭାବେ ଗଣାଯିବ ନାହିଁ। ପ୍ରତ୍ୟେକ ଦଳ ବୋଲିଂ ସମୟରେ ସମସ୍ତ ବୋଲରଙ୍କୁ ସୁଯୋଗ ଦେବେ। ସେହିଭଳି ବ୍ୟାଟିଂବେଳେ ବୋଲରଙ୍କ ବଦଳରେ ଟିମ୍‌ର ସମସ୍ତ ବ୍ୟାଟ୍ସମ୍ୟାନଙ୍କୁ ବ୍ୟାଟିଂ ଅଭ୍ୟାସ ପାଇଁ ଖେଳାଇ ପାରିବେ। ଭାରତରେ ଷ୍ଟାର ସ୍ପୋର୍ଟ୍ସ ଅଫିସିଆଲ ବ୍ରଡ୍‌କାଷ୍ଟର ରହିଛି।

# 'ଜୀବନରେ ନକାରାତ୍ମକ ଚିନ୍ତାର ସ୍ଥାନ ନାହିଁ'

**ନୂଆଦିଲ୍ଲୀ, ୧୪।୫(ପି.ଟି.)**



ଶିଖର ଧାୱନ

ଇଂଲଣ୍ଡର ସୁଇଂ ବୋଲିଂ କଣ୍ଡିଶନରେ ଭାରତର ଶିଖର ଧାୱନଙ୍କ ବ୍ୟାଟିଂ ଟେକ୍ନିକ୍ ସଫଳ ହେବାନେଇ ଆଶଙ୍କା ରହିଛି। ମାତ୍ର ଏହାକୁ ନେଇ ଚିନ୍ତିତ ନୁହନ୍ତି ଏହି ଭାରତୀୟ ଓପନର। ଆଇସିସି ବିଶ୍ୱକପରେ ସେ ଖେଳିବାକୁ ପ୍ରସ୍ତୁତ ହେଉଛନ୍ତି। ଏକଦିବସୀୟ କ୍ରିକେଟରେ ବିଶ୍ୱର ଅନ୍ୟତମ ସଫଳ ଓପନରଭାବେ ଧାୱନ ପରିଚିତ। ସେ ସବୁବେଳେ ବଡ଼ ଇଭେଣ୍ଟ ଗୁଡ଼ିକରେ ଭଲ ପ୍ରଦର୍ଶନ କରି ଆସିଛନ୍ତି। ୨୦୧୩ ଓ ୨୦୧୭ ଚାମ୍ପିୟନ୍ସ ଟ୍ରଫିରେ ସେ ଭଲ ଖେଳିଥିବାରୁ ଆଗାମୀ ବିଶ୍ୱକପରେ ମଧ୍ୟ ସଫଳ ହେବାନେଇ ଦୃଢ଼ ଆଶାୟୀ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ୨୦୧୫ ବିଶ୍ୱକପରେ ସେ ଭାରତର ସବୁଠାରୁ ସଫଳ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଥିଲେ।

''ଲୋକମାନେ ସବୁବେଳେ ଆଇସିସି ଇଭେଣ୍ଟ ଗୁଡ଼ିକରେ ମୋ ରେକର୍ଡକୁ ନେଇ ଆଲୋଚନା କରିଥାନ୍ତି। ସ୍ପଷ୍ଟଭାବେ କହିବାକୁ ଗଲେ ମୋର ଅଭିଳାଷ ସବୁବେଳେ ସମାନ। ସବୁବେଳେ ଯେ ମୋ ପ୍ରଦର୍ଶନ ସମାନ ଥାଏ ତା' ନୁହେଁ, ମାତ୍ର ମୋର ଫୋକସ ସର୍ବଦା ସମାନ ଥାଏ। ତେଣୁ ଆଗାମୀ ଆଇସିସି ଟୁର୍ନାମେଣ୍ଟରେ ନିଶ୍ଚିତଭାବେ ଭଲ ପ୍ରଦର୍ଶନ କରିବା ନେଇ ମୁଁ ଆଶାବାଦୀ'' ବୋଲି ଧାୱନ ପ୍ରକାଶ କରିଛନ୍ତି। ନିକଟରେ ଶେଷ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ୩୩ ବର୍ଷୀୟ ଧାୱନ ୫୨୧ ରନ ସ୍କୋର କରିଥିଲେ। ଲିଗ୍‌ରେ ଦିଲ୍ଲୀ ୪ର୍ଥ ସ୍ଥାନରେ ରହିବା ପଛରେ ତାଙ୍କର ଅନେକ ଅବଦାନ ରହିଥିଲା। ବିଶ୍ୱକପ ନିକଟ ହୋଇ ଆସିଥିବାବେଳେ ସେ କୌଣସି ଚାପରେ ନାହାନ୍ତି ବୋଲି ଧାୱନ କହିଛନ୍ତି। ''ଚାପ ଅନୁଭବ କରୁଥିବା ଖେଳାଳିଙ୍କ ଭିତରେ ମୁଁ ନାହିଁ। ମୋର ଆଭିମୁଖ୍ୟ ସବୁବେଳେ ସମାନ। ସମାଲୋଚକମାନେ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ମୁଁ ୫-୧୦ଟି ମ୍ୟାଚରେ ରନ ସ୍କୋର କରିବି ନାହିଁ ଅର୍ଥ ନୁହଁ ଯେ ସବୁକିଛି ଶେଷ ହୋଇଗଲା। ମୁଁ କିଭଳି ଖେଳାଳି ଏବଂ ମୋର କ'ଣ ଦକ୍ଷତା ରହିଛି ତାହା ମୁଁ ଭଲଭାବେ ଜାଣିଛି'' ବୋଲି ୧୨୮ଟି ଦିନିକିଆ ଅନ୍ତର୍ଜାତୀୟରେ ୧୬ ଶତକ ସହ ୫୩୫୫ ରନ କରିଥିବା ଧାୱନ ପ୍ରକାଶ କରିଛନ୍ତି। ଆଉଟ ସାଇଡ୍ ଅଫ୍ ଷ୍ଟମ୍ପ ବାହାରର ବଲ ଖେଳିବାକୁ ନେଇ ତାଙ୍କର ଟେକ୍ନିକ୍‌କୁ ନେଇ ହେଉଥିବା ଆଲୋଚନା ସମ୍ପର୍କରେ ଧାୱନ କହିଲେ ଯେ, ମୋ ସମ୍ପର୍କରେ ଏ ସବୁ କେଉଁଠି ଲେଖା ଯାଉଛି ତାହା ମୁଁ ଜାଣିବାକୁ ଚାହେଁ, ମୁଁ ସେ ଖବରକାଗଜ ପଢ଼ିବାକୁ ଚାହେଁ ଏବ ଟେଲିଭିଜନ ଦେଖିବାକୁ ଚାହେଁ। ମୁଁ ଏ ଦୁଇଟି ଯାକ କରେନାହିଁ। ତେଣୁ ମୋ ସମ୍ପର୍କରେ ଯାହାକିଛି ବି ଆଲୋଚନା ହୁଏ ତାହା ମୋତେ ବ୍ୟସ୍ତ କରେନାହିଁ। ଆଉ ସୋସିଆଲ ମିଡିଆ କଥା କହିଲେ ମୁଁ ଟୁଇଟର ଏବଂ ଫେସ୍‌ବୁକ୍‌କୁ ଖୁବ୍ କମ୍ ବ୍ୟବହାର କରେ। ''ନିୟମିତ ଟୁଇଟର ଅପ୍‌ଡେଟ୍ କିମ୍ବା ଇନ୍‌ଷ୍ଟାଗ୍ରାମ୍ ପ୍ରତିକ୍ରୀୟାକୁ ଚେକ୍ କରୁଥିବା ଖେଳାଳିଙ୍କ ମଧ୍ୟରେ ମୁଁ ନାହିଁ। ମୁଁ ଏହାକୁ ଆବଶ୍ୟକସ୍ଥଳେ ଦେଖିଥାଏ। ତେଣୁ ମୋତେ ଯିଏ ଯାହା କହୁ ନା କାହିଁକି ମୋ ଜୀବନରେ ନକାରାତ୍ମକ ଚିନ୍ତାର ସ୍ଥାନ ନାହିଁ।

ଧାୱନଙ୍କ ବ୍ୟାଟିଂ ଟେକ୍ନିକ୍‌ରେ କୌଣସି ତ୍ରୁଟି ନ ଥିବା ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାନେଜମେଣ୍ଟର ଦୁଇ କିମ୍ବଦନ୍ତୀ ଖେଳାଳି ରିକି ପଣ୍ଟିଂ ଓ ସୌରଭ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ଏହା ଧାୱନଙ୍କୁ ବେଶ୍ ଉତ୍ସାହିତ କରିଛି। ୨୦୦୪ରେ ପ୍ରଥମଶ୍ରେଣୀ ପଦାର୍ପଣ କରିଥିବା ଧାୱନ ଦୀର୍ଘ ୧୫ ବର୍ଷ ଧରି ସିନିୟର କ୍ରିକେଟରେ ସକ୍ରିୟ ଅଛନ୍ତି। ''ମୁଁ କ୍ୟାରିୟର ଆରମ୍ଭ କରିଥିବା ସମୟରେ ସଫଳତା ପାଇଁ ଯେପରି ବ୍ୟଗ୍ର ଥିଲି ଆଜି ମଧ୍ୟ ସେମିତି ଅଛି। ମୁଁ ୯ ବର୍ଷ ପ୍ରଥମଶ୍ରେଣୀ କ୍ରିକେଟ ଖେଳିବାପରେ ଟେଷ୍ଟ ପଦାର୍ପଣ କରିଥିଲି। ତେଣୁ ମୁଁ ନିଜକୁ ଭାଗ୍ୟବାନ ମନେକରେ, ମୋ ଜୀବନରେ ନକାରାତ୍ମକର ସ୍ଥାନ ନାହିଁ। ମୋ ମଧ୍ୟରେ ଆବେଗ ଏବଂ ଭୋକିଲା ମନୋବୃତ୍ତି ନ ଥିଲେ ୯ ବର୍ଷ ଘରୋଇ କ୍ରିକେଟ ଖେଳିବାପରେ କେବେହେଲେ ଅନ୍ତର୍ଜାତୀୟ କ୍ରିକେଟରେ ଭଲ ପ୍ରଦର୍ଶନ କରିପାରି ନ ଥାନ୍ତି। ୬ ବର୍ଷ ଧରି ମୁଁ ଅନ୍ତର୍ଜାତୀୟ କ୍ରିକେଟ ଖେଳି ଆସୁଛି ଏବଂ ମୋ ଯାତ୍ରା ଖୁବ୍ ସୁଖଦ ରହିଛି'' ବୋଲି ଧାୱନ କହିଛନ୍ତି।

# 'କ୍ଷତାକ୍ତ ସତ୍ତ୍ୱେ ବ୍ୟାଟିଂ କରିଥିଲେ ୱାଟସନ'



ବ୍ୟାଟିଂ ସମୟରେ ସେନ୍ ୱାଟ୍‌ସନଙ୍କ ଆଣ୍ଠୁରୁ ରକ୍ତ ବାହାରୁଛି।

**ନୂଆଦିଲ୍ଲୀ, ୧୪।୫(ପି.ଟି.)**

ଆଇପିଏଲ୍ ଫାଇନାଲରେ ଚେନ୍ନାଇ ସୁପର୍ କିଙ୍ଗ୍ସକୁ ରୋମାଞ୍ଚକ ଭାବେ ୧ ରନରେ ପରାସ୍ତ କରି ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚ୍‌ରେ ଚେନ୍ନାଇର ଓପନିଂ ବ୍ୟାଟ୍ସମ୍ୟାନ ଶେନ୍ ୱାଟସନ ୫୯ ବଲରୁ ୮୦ ରନର (୮ ଚୌକା, ୪ ଛକା) ମାରାଥନ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ତେବେ ବ୍ୟାଟିଂବେଳେ ୱାଟସନଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗି ରକ୍ତ ବାହାରୁଥିଲେ ମଧ୍ୟ ସେ ଖେଳ ଜାରି ରଖିଥିବା ଘଟଣା ଏବେ ଜଣାପଡ଼ିଛି। ପଡ଼ିଆର ଚତୁଃପାର୍ଶ୍ୱରେ ରହିଥିବା କ୍ୟାମେରାମ୍ୟାନ ଯେତେବେଳେ ଏହି ଘଟଣାକୁ ଧରି ପାରି ନ ଥିଲେ ୱାଟ୍‌ସନଙ୍କ ଟିମ୍‌ମେଟ୍ ହରଭଜନ ସିଂ ମଙ୍ଗଳବାର ଏହା ଉପରୁ ପର୍ଦ୍ଦା ଉଠାଇଛନ୍ତି। ମ୍ୟାଚ୍ ପରେ ୱାଟସନ ଆଣ୍ଠୁରେ ୬ଟି ଷ୍ଟିଚ୍ ପକାଯାଇଥିଲା। ୱାଟସନଙ୍କ ଏକ ଫଟୋକୁ ହରଭଜନ ସୋସିଆଲ ମିଡିଆରେ ଶେୟାର କରି ଉଲ୍ଲେଖ କରିଛନ୍ତି ଯେ, 'ୱାଟସନଙ୍କ ଆଣ୍ଠୁରେ ରକ୍ତକୁ ଦେଖିପାରୁଛନ୍ତି.. ମ୍ୟାଚ୍ ପରେ ତାଙ୍କ ଆଣ୍ଠୁରେ ୬ଟି ଷ୍ଟିଚ୍ ପଡ଼ିଥିଲା.. ଡ୍ରାଇଭ ମାରିଥିବାବେଳେ ସେ ଆଘାତ ହୋଇଥିଲେ ମଧ୍ୟ କାହାକୁ କିଛି ନ କହି ବ୍ୟାଟିଂ ଜାରି ରଖିଥିଲେ'। ହରଭଜନଙ୍କ ପରେ ଚେନ୍ନାଇର ଅଫିସିଆଲ ଟୁଇଟର୍ ପେଜ୍‌ରେ ମଧ୍ୟ ସମାନ ଫଟୋ ଶେୟାର କରାଯାଇଥିଲା। ଏହି ଘଟଣାରେ ପ୍ରଶଂସକମାନେ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ୱାଟ୍‌ସନଙ୍କୁ ବେଶ୍ ପ୍ରଶଂସା କରିଥିଲେ। ଆଇପିଏଲ୍‌ର ଆସନ୍ତା ସଂସ୍କରଣରେ ମଧ୍ୟ ୱାଟସନ ଓପନର ଭାବେ ପ୍ରତ୍ୟାବର୍ତ୍ତନ କରନ୍ତୁ ବୋଲି ଅନେକ ପ୍ରଶଂସକ ମତ ଦେଇଛନ୍ତି।




ପ୍ୟାରିସର ଏକ ସ୍କୁଲରେ ମଙ୍ଗଳବାର ମହିଳା ଫୁଟବଲ ବିଶ୍ୱକପ ଟ୍ରଫି ପ୍ରଦର୍ଶନ ଅବସରରେ ମାସ୍କଟ ଏଟି।

## ପଞ୍ଜାବ-ଓଡ଼ିଶା ମ୍ୟାଚ୍ ଡ୍ର

**କଟକ ଅଫିସ,୧୪।୫**

ହକି ଇଣ୍ଡିଆ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁର ଠାରେ ଚାଲିଥିବା ୯ମ ସବ୍‌ଜୁନିୟର ବାଳକ ଜାତୀୟ ଚାମ୍ପିୟନଶିପ-୨୦୧୯(ଡିଭିଜନ-ଏ)ରେ ମଙ୍ଗଳବାର ହକି ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଛି। ୨୩ତମ ମିନିଟରେ ପଞ୍ଜାବ ପକ୍ଷରୁ ଧୀରଜ ସିଂ ପ୍ରଥମ ଗୋଲ ସ୍କୋର କରିଥିଲେ। ପରେ ୪୮ତମ ମିନିଟରେ ରାଜମୋନ ଟେଲିଙ୍କ ଗୋଲ ସହାୟତାରେ ହକି ଓଡ଼ିଶା ସ୍କୋରକୁ ସମାନ ସ୍ଥିତିରେ ପହଞ୍ଚାଇଥିଲା। ପରବର୍ତ୍ତୀ ସମୟରେ କୌଣସି ଗୋଲ ନହେବା ଯୋଗୁଁ ମ୍ୟାଚ୍ ଡ୍ର ରହିବା ସହ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଛି। ୧୬ ତାରିଖରେ ତାମିଲନାଡୁ ବିପକ୍ଷରେ ହକି ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

## ଏନ୍‌ସିଏ ୨୩ବର୍ଷରୁ କମ୍ ଶିବିରରେ ସୁଶ୍ରୀ

**କଟକ ଅଫିସ,୧୪।୫**




ସୁଶ୍ରୀ ଦିବ୍ୟଦର୍ଶିନୀ

ଆସନ୍ତା ଜୁନ ୨୪ରୁ ଜୁଲାଇ ୨୩ ତାରିଖ ପଯର୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ରେ ୨୩ବର୍ଷରୁ କମ୍ ମହିଳା ଶିବିର ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ସୁଶ୍ରୀ ଦିବ୍ୟଦର୍ଶିନୀ ଯୋଗଦେବାକୁ ମନୋନୀତ ହୋଇଛନ୍ତି। ନିକଟ ଅତୀତରେ ଶେଷ ହୋଇଥିବା ମହିଳା ଆଇପିଏଲରେ ମଧ୍ୟ ସୁଶ୍ରୀ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସାମିଲ ହୋଇଥିଲେ। ସେ ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭେଲୋସିଟି ଦଳରୁ ପ୍ରତିନିଧିତ୍ୱ କରୁଥିଲେ। ଭେଲୋସିଟି ଦଳ ମହିଳା ଆଇପିଏଲରେ ରନର୍ସଅପ ହୋଇଥିଲା। ଟ୍ରାଏଲ ବ୍ଲେଜର୍ସ ବିପକ୍ଷ ମ୍ୟାଚ୍‌ରେ ସୁଶ୍ରୀ ୩ ଓଭର ବୋଲିଂ କରି ୧୪ରନ ବିନିମୟରେ ଗୋଟିଏ ଉଇକେଟ ଦଖଲ କରିବା ସହ ମ୍ୟାଚ୍ ବିଜୟୀ ସୂଚକ ରନ ସଂଗ୍ରହ ମଧ୍ୟ କରିଥିଲେ। ଢେଙ୍କାନାଳରେ ଜନ୍ମିତ ସୁଶ୍ରୀ ଡାହାଣହାତୀ ସ୍ପିନର ଓ ବ୍ୟାଟ୍ସମ୍ୟାନ ଭାବେ ଓଡ଼ିଶା ଦଳରୁ ନିୟମିତ ଖେଳାଳି ଭାବେ ପ୍ରତିନିଧିତ୍ୱ କରୁଛନ୍ତି।

# 'ପାକିସ୍ତାନ ବିପକ୍ଷରେ ରେକର୍ଡ ବଜାୟ ରଖିବ ଭାରତ'

**ନୂଆଦିଲ୍ଲୀ, ୧୪।୫**



ରାଜକୁମାର ଶର୍ମା

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆସନ୍ତା ୨୯ରୁ ଇଂଲଣ୍ଡରେ ଆରମ୍ଭ ହେବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଜୁନ୍ ୫ରେ ଖେଳାଯିବ। ତେବେ ଲିଗ୍ ପର୍ଯ୍ୟାୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇଭୋଲଟେଜ ମ୍ୟାଚ୍ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଜିତିବାର କୌଣସି ସୁଯୋଗ ନାହିଁ ବୋଲି ମଙ୍ଗଳବାର କୋହଲିଙ୍କ ପିଲାଦିନର କୋଚ୍ ରାଜକୁମାର ଶର୍ମା ଏକ ସାକ୍ଷାତକାର ଅବସରରେ କହିଛନ୍ତି। ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତ ଏହାର ଅପରାଜେୟ ଧାରା ବଜାୟ ରଖିବା ନେଇ ଏକ ପ୍ରଶ୍ନର ଉତ୍ତରରେ ରାଜକୁମାର କହିଛନ୍ତି, ଏହି ମ୍ୟାଚ୍ ଉପରେ କୌଣସି ସନ୍ଦେହ ନାହିଁ। ପାକିସ୍ତାନ ସହ ତୁଳନା କଲେ ବର୍ତ୍ତମାନ ଭାରତ ହେଉଛି ଏକ ଶକ୍ତିଶାଳୀ ଟିମ୍। କ୍ରିକେଟ ଅନିଶ୍ଚିତତାର ଖେଳ ହୋଇଥିଲେ ମଧ୍ୟ ଭାରତ ବହୁତ ଭଲ ଟିମ୍' ବୋଲି ରାଜକୁମାର ପ୍ରକାଶ କରିଛନ୍ତି। 'ବିରାଟ ପ୍ରଥମଥର ଲାଗି କ୍ରିକେଟର ଏହି ମହାକୁମ୍ଭରେ ଦଳର ନେତୃତ୍ୱ ନେଉଥିବାରୁ ଏହା ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସଦୃଶ ହେବ। ସେ ତାଙ୍କର ପୁରା ଫୋକସ୍ ବିଶ୍ୱକପ୍ ଉପରେ କରିଛନ୍ତି। ଗତ ୨ ବର୍ଷ ହେବ ବିରାଟ ଯେଉଁଠି ବି ସାକ୍ଷାତକାର ଦେଇଛନ୍ତି ବିଶ୍ୱକପ୍‌ରେ କିପରି ଖେଳାଯିବ ଓ ଟିମ୍‌ର ଷ୍ଟ୍ରାଟେଜୀ କ'ଣ ରହିବ ଏହା ଉପରେ ସେ ମତ ରଖିଛନ୍ତି। ଭାରତକୁ ବିଶ୍ୱକପ୍ ଜିତାଇବା ଲାଗି ସେ ପୁରା ସମର୍ପିତ' ବୋଲି ରାଜକୁମାର ଏହି ଅବସରରେ ପ୍ରକାଶ କରିଛନ୍ତି। ଲୋକେଶ ରାହୁଲ, ଦୀନେଶ କାର୍ତ୍ତିକଙ୍କ ଅପେକ୍ଷା ବିଜୟ ଶଙ୍କର ୪ର୍ଥ ସ୍ଥାନରେ ବ୍ୟାଟିଂ ପାଇଁ ଉପଯୁକ୍ତ ବୋଲି ସେ କହିଛନ୍ତି।

ଆଇସିସି ବିଶ୍ୱକପ୍
ଆଉ ୧୫ ଦିନ

# ୧୯୯୨ ବିଶ୍ୱକପ୍: ପାକିସ୍ତାନ ଚାମ୍ପିୟନ

ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି)ର ପଞ୍ଚମ ସଂସ୍କରଣ ୧୯୯୨ରେ ଆୟୋଜନ ହୋଇଥିଲା। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବେ ଏହି ବିଶ୍ୱକପ୍ ଆୟୋଜନ କରିଥିଲେ। ଫେବୃୟାରୀ ୨୨ରୁ ଆରମ୍ଭ ହୋଇ ଏହି ଟୁର୍ନାମେଣ୍ଟ ମାର୍ଚ୍ଚ ୨୫ ତାରିଖରେ ଶେଷ ହୋଇଥିଲା। ଇମ୍ରାନ ଖାଁଙ୍କ ନେତୃତ୍ୱରେ ପାକିସ୍ତାନ ଏହି ବିଶ୍ୱକପ୍‌ରେ ଚାମ୍ପିୟନ ହୋଇ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଫାଇନାଲ ମ୍ୟାଚ୍‌ରେ ପାକିସ୍ତାନ ୨୨ ରନରେ ଇଂଲଣ୍ଡକୁ ହରାଇ ବାଜି ମାରିଥିଲା।

ରାଉଣ୍ଡ ରବିନ୍ ଓ ନକ୍‌ଆଉଟ ଫର୍ମାଟରେ ଟୁର୍ନମେଣ୍ଟ ଖେଳାଯାଇଥିଲା। ୯ଟି ଦେଶ ଏଥିରେ ଅଂଶଗ୍ରହଣ କରିଥିଲେ। ମୋଟ ଉପରେ ୩୯ଟି ମ୍ୟାଚ୍ ଖେଳାଯାଇଥିଲା। ୪୫୬ ରନକରି ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ମାର୍ଟିନ କ୍ରୋ ସଫଳତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହେବା ସହ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ପାକିସ୍ତାନ ଦ୍ରୁତ ବୋଲର ୱାସିମ ଆକ୍ରମ ସର୍ବାଧିକ ୧୮ଟି ଉଇକେଟ ହାସଲ କରି ଟୁର୍ନାମେଣ୍ଟ ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ।

ଏହି ସଂସ୍କରଣରେ ପ୍ରଥମଥର ପାଇଁ ଏକାଧିକ ଘଟଣା ଘଟିଥିଲା। ପ୍ରଥମଥର ପାଇଁ ଖେଳାଳିମାନେ ରଙ୍ଗିନ ପୋଷାକ ପିନ୍ଧିଥିଲେ। ପ୍ରଥମଥର ପାଇଁ ଧଳା ବଲ ଓ କଳା ସାଇଟ୍‌ସ୍କ୍ରିନ ବ୍ୟବହୃତ ହୋଇଥିଲା। ପୃଥିବୀର ଦକ୍ଷିଣ ଗୋଲାର୍ଦ୍ଧରେ ପ୍ରଥମଥର ପାଇଁ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ବର୍ଣ୍ଣବୈଷମ୍ୟ ଜନିତ ବାସନ୍ଦ ପରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଆଇସିସିରେ ଟେଷ୍ଟ ପ୍ଲେଇଂ ନେସନ ଭାବେ ଯୋଗଦେଇ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲା। ଫୁଲ୍ ମେମ୍ବର ଦଳ ହିସାବରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ସାମିଲ ହୋଇଥିଲେ। ତେବେ ଆସୋସିଏଟ ମେମ୍ବର ଭାବେ ଜିମ୍ବାୱେ ଏକମାତ୍ର ଦେଶ ଭାବେ ଏହି ବିଶ୍ୱକପ୍ ଖେଳିଥିଲା। ଅଷ୍ଟ୍ରେଲିଆର ୧୧ଟି ଓ ନ୍ୟୁଜିଲାଣ୍ଡର ୭ଟି ଭେନ୍ୟୁରେ ମ୍ୟାଚ୍‌ଗୁଡିକ ଆୟୋଜିତ ହୋଇଥିଲା।

ରାଉଣ୍ଡ ରବିନ୍ ପର୍ଯ୍ୟାୟରେ ଅନ୍ୟତମ ଆୟୋଜକ ନ୍ୟୁଜିଲାଣ୍ଡ ଜବରଦସ୍ତ ଖେଳି ପ୍ରଦର୍ଶନ କରି କ୍ରମାଗତ ୭ଟି ମ୍ୟାଚ୍ ଜିତି ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନରେ ରହିଥିଲା। ମୋଟ ଉପରେ ନ୍ୟୁଜିଲାଣ୍ଡ ୮ଟି ମ୍ୟାଚ୍ ଖେଳି ୭ ବିଜୟ ଓ ଗୋଟିଏ ପରାଜୟ ସହ ୧୪ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ସେହିପରି ଇଂଲଣ୍ଡ ୮ଟି ମ୍ୟାଚ୍ ଖେଳି ୫ ବିଜୟ,୨ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକା ୫ ବିଜୟ , ୩ ପରାଜୟ ସହ ୧୦ ପଏଣ୍ଟ ପାଇ ତୃତୀୟ ଓ ପାକିସ୍ତାନ ୮ ମ୍ୟାଚ୍ ଖେଳି ୪ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲା। ତାଲିକାର ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ଭାରତ ୮ ଟି ମ୍ୟାଚ୍ ଖେଳି ୨ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।



ବିଶ୍ୱକପ୍ ଟ୍ରଫି ସହ ପାକିସ୍ତାନ ଅଧିନାୟକ ଇମ୍ରାନ ଖାଁ ଓ ଖେଳାଳିମାନେ।

ହାଇସ୍କୋରିଂ ପ୍ରଥମ ସେମିଫାଇନାଲରେ ପାକିସ୍ତାନ ଫେଭରାଇଟ ନ୍ୟୁଜିଲାଣ୍ଡକୁ ଗୋଟିଏ ଓଭର ବାକି ରଖି ୪ ଉଇକେଟରେ ପରାସ୍ତ କରିଥିଲା। ୪ ଟି ପ୍ରୟାସରେ ପାକିସ୍ତାନ ସେମିରେ ବିଜୟୀ ହୋଇ ପ୍ରଥମଥର ପାଇଁ ଫାଇନାଲକୁ ଉଠିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫୦ ଓଭରରେ ୭ ଉଇକେଟ ହରାଇ ୨୬୨ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅଧିନାୟକ ମାର୍ଟିନ କ୍ରୋ ସର୍ବାଧିକ ୯୧, କେନ୍ ରଦରଫୋର୍ଡ ୫୦ ରନ କରିଥିଲେ। ପାକିସ୍ତାନର ୱାସିମ ଆକ୍ରମ, ମୁସ୍ତାକ ଅହମ୍ମଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୪୯ ଓଭରରେ ୬ ଉଇକେଟ ହରାଇ ୨୬୪ ରନ କରି ବିଜୟୀ ହୋଇଥିଲା। ଇଞ୍ଜାମାମ ଉଲ୍ ହକ୍ ୩୭ ବଲ୍‌ରୁ ୬୦, ଜାଭେଦ ମିଆଁଦାଦ ଅପରାଜିତ ୫୭ ରନ ସଂଗ୍ରହ କରିଥିଲେ। ନ୍ୟୁଜିଲାଣ୍ଡର ୱିଲି ୱାଟସନ ୨ଟି ଉଇକେଟ ନେଇଥିଲେ।

ସେହିପରି ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ସେମିରେ ଇଂଲଣ୍ଡ ୧୯ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ୪୩ ଓଭର ପରେ ବର୍ଷା କାରଣରୁ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ପ୍ରଥମେ ୧୩ ବଲରୁ ବିଜୟ ପାଇଁ ୨୨ ରନ ସଂଗ୍ରହ କରିବାର ଆବଶ୍ୟକତା ଥିଲା। ତେବେ ପୁଣି ବର୍ଷା ହେବା କାରଣରୁ ୨ ଓଭର ନଷ୍ଟ ହୋଇଥିଲା ଓ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ଗୋଟିଏ ବଲ୍‌ରେ ୨୨ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଶେଷରେ ଦକ୍ଷିଣ ଆଫ୍ରିକାକୁ ଭାଗ୍ୟଦେବୀ ସହାୟ ହୋଇ ନ ଥିଲେ ଓ ଶେଷରେ ପରାସ୍ତ ହୋଇଥିଲା।

ଟାଇଟଲ ପାଇଁ ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡ ଓ ପାକିସ୍ତାନ ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂକରି ୬ ଉଇକେଟ ହରାଇ ୨୪୯ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଇମ୍ରାନ ଖାଁ ସର୍ବାଧିକ ୭୨, ଜାଭେଦ ମିଆଁଦାଦ ୫୮, ଇଞ୍ଜାମାମ ୪୨, ଆକ୍ରମ ୧୮ ବଲରୁ ୩୩ ରନ ସଂଗ୍ରହ କରିଥିଲେ। ଜବାବରେ ଇଂଲଣ୍ଡ ୪୯.୨ ଓଭରରେ ୨୨୭ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳ ତରଫରୁ ନେଲ ଫେୟାର ବ୍ରଦର ସର୍ବାଧିକ ୬୨ ରନ ସଂଗ୍ରହ କରିଥିଲେ। ପାକିସ୍ତାନ ତରଫରୁ ଆକ୍ରମ ଓ ମୁସ୍ତାକ ୩ଟି ଲେଖାଏ, ଆକ୍ବିବ ଜାଭେଦ ୨ ଓ ଇମ୍ରାନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଆକ୍ରମ ପ୍ଲେୟାର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲା। ବିଶ୍ୱକପ୍‌ର ଏହି ସଂସ୍କରଣ ବେଶ୍ ସଫଳତା ହାସଲ କରିଥିଲା।

“ ଆସନ୍ତା ଆଇସିସି ବିଶ୍ୱକପ୍ ପାଇଁ ମୁଁ ଚାପରେ ନାହିଁ। ଇଭେଣ୍ଟରେ ଧମାକାଦାର ପ୍ରଦର୍ଶନ କରିବି ବୋଲି ମୋର ଦୃଢ଼ ବିଶ୍ୱାସ।
–ଶିଖର ଧାୱନ, ଭାରତୀୟ କ୍ରିକେଟର



“ ଏଏଫ୍‌ସି ଏସିଆନ୍ କପ୍‌ରେ ଦୁର୍ଭାଗ୍ୟବଶତଃ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇ ପାରି ନ ଥିଲେ ମଧ୍ୟ ଆମେ ସମର୍ଥ ବୋଲି ପ୍ରମାଣିତ କରିଛୁ।
–ଉଦାନ୍ତ ସିଂ, ଭାରତୀୟ ଫୁଟ୍‌ବଲ ଖେଳାଳି



## ସଂକ୍ଷେପରେ


### ଆସନ୍ତା ସିଜନରୁ ଡଚ୍ ଫର୍ମୁଲାୱାନ ଗ୍ରାଁ ପ୍ରି

**ପ୍ୟାରିସ, ୧୪।୫ (ଏଏଫ୍‌ପି):** ଦୀର୍ଘ ୩୫ବର୍ଷ ବ୍ୟବଧାନରେ ଆସନ୍ତା ସିଜନରେ ଜାଣ୍ଡ୍‌ଭୁର୍ଟଠାରେ ଡଚ୍ ଗ୍ରାଁପ୍ରି ଅନୁଷ୍ଠିତ ହେବ। ଫର୍ମୁଲାୱାନ ଆୟୋଜକଙ୍କ ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଆମଷ୍ଟରଡାମ ନିକଟବର୍ତ୍ତୀ ଐତିହାସିକ ସମୁଦ୍ରକୂଳ ରିସୋର୍ଟଠାରେ ରେସ୍‌ର ଆୟୋଜନ ନେଇ ୩ ବର୍ଷିଆ ଚୁକ୍ତି ହୋଇଛି। ନେଦରଲାଣ୍ଡ୍‌ସକୁ ଫର୍ମୁଲା ୱାନ ପ୍ରତ୍ୟାବର୍ତ୍ତନ କରୁଥିବା ଜାଣି ମୁଁ ଖୁସି ବୋଲି କ୍ରୀଡ଼ାର ପରିଚାଳନା ସଂସ୍ଥା ଏଫ୍‌ଆଇଏ (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଅଟୋମୋବାଇଲ୍ସ) ସଭାପତି ଜିନ୍ ଟୋଡିଟ୍ ପ୍ରକାଶ କରିଛନ୍ତି। ନେଦରଲାଣ୍ଡ୍‌ସରେ ପ୍ରତିଭାସମ୍ପନ୍ନ ମାକ୍ସ ଭର୍ଷ୍ଟାପେନଙ୍କର ବହୁ ସମର୍ଥକ ରହିଛନ୍ତି।

### ଯୁବ ବାସ୍କେଟବଲ: ଓଡ଼ିଶା ବାଳିକା ପରାସ୍ତ

**କଟକ ଅଫିସ,୧୪।୫:** ତାମିଲନାଡୁରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୩୬ତମ ଜାତୀୟ ଯୁବ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ପ୍ରଥମ ମ୍ୟାଚ୍‌ରେ ପରାଜୟ ବରଣ କରିଛି । ଦଳ ପୁଡୁଚେରୀଠାରୁ ୭୪-୫୪ ପଏଣ୍ଟରେ ପରାସ୍ତ ହୋଇଛି । ଉଭୟ ବାଳକ ଓ ବାଳିକା ଦଳ ପ୍ରତିଯୋଗିତାରେ ଗ୍ରୁପ-ଏଫରେ ସ୍ଥାନ ପାଇଛନ୍ତି ।

### ଅର୍ଜୁନ ତେନ୍ଦୁଲକରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ



**ମୁମ୍ବାଇ, ୧୪।୫ (ପି.ଟି.):** ମୁମ୍ବାଇ ଟି୨୦ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଅର୍ଜୁନ ତେନ୍ଦୁଲକର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବାବେଳେ ତାଙ୍କ ଦଳ ଆକାଶ ଟାଇଗର୍ସ ମୁମ୍ବାଇ ୱେଷ୍ଟର୍ନ ସବ୍‌ଅର୍ବ ୫ ଉଇକେଟରେ ଟ୍ରିମ୍ଫ୍ ନାଇଟ୍ ମୁମ୍ବାଇ ନର୍ଥ ଇଷ୍ଟ ଦଳକୁ ହରାଇ ଦେଇଛନ୍ତି। ମୁମ୍ବାଇ ଟି୨୦ ଲିଗ୍‌ରେ ପ୍ରଥମ ଥର ଖେଳୁଥିବା କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ମ୍ୟାଚରେ ୨୩ରନ ସଂଗ୍ରହ କରିଥିବାବେଳେ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଟ୍ରିମ୍ଫ୍ ନାଇଟ୍ସକୁ ୧୪୭/୬ରେ ସୀମିତ ରଖିବା ପରେ ଆକାଶ ଟାଇଗର୍ସ ବିଜୟ ଲକ୍ଷ୍ୟକୁ ୩ଟି ବଲ୍ ବାକି ଥାଇ ହାସଲ କରିନେଇଥିଲା। ଓପନର ଆକର୍ଷିତ ଗୋମେଲ (୪୧) ଏବଂ କୌସ୍ତୁଭ ପାୱାର (୩୪: ୫X୪) ପାର୍ଟନରଶିପ୍‌ରେ ୬୬ ରନ ଯୋଗ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ପ୍ରଥମ ଡାଉନ୍‌ରେ ବ୍ୟାଟିଂ କରିବାକୁ ଆସିଥିବା ଅର୍ଜୁନ ଆଉଟ ହେବା ପୂର୍ବରୁ ୧୯ ବଲ୍‌ରୁ ୨୩ ରନ କରିଥିଲେ। ପରେ ଡି. ସୁବ୍ରମଣ୍ୟମ ଏବଂ ଯୋଗେଶ ପାୱାର ଆଉ କୌଣସି କ୍ଷତି ନ ଘଟାଇ ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ଟ୍ରିମ୍ଫ୍ ନାଇଟ୍ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ୫୬ ବଲ୍‌ରୁ ଅପରାଜିତ ୯୦ ରନ ସହାୟତାରେ ୬ଉଇକେଟ ବିନିମୟରେ ୧୪୭ ରନ କରିଥିଲା। ସେ ତାଙ୍କ ଅପରାଜିତ ଇନିଂସରେ ୭ ଛକା ଓ ୪ ଚୌକା ଲଗାଇଥିଲେ। ସେ ଜୋର୍‌ଦାର ପ୍ରହାର ସହ ବିପକ୍ଷ ଦଳର ବୋଲର ମିନାଦ ମଞ୍ଜ୍ରେକର (୧/୪୮)ଙ୍କୁ ହତାଶ କରିଥିଲେ। ଅନ୍ତିମ ଓଭରରେ ୪ ଛକା ଏବଂ ଗୋଟିଏ ଚୌକା ସହ ୨୮ ରନ ସଂଗ୍ରହ କରିଥିଲେ। ଟ୍ରିମ୍ଫ୍ ନାଇଟ୍‌ର ଆରମ୍ଭ ନିରୁତ୍ସାହଜନକ ଥିଲା। ଦଳ ଏକଦା ୩୮ ରନରେ ୩ଟି ଉଇକେଟ ହରାଇ ବ୍ୟାଟିଂ ସଂକଟରେ ପଡ଼ିଥିଲା। ଅଧିନାୟକ ଯାଦବ ଏବଂ ବିନାୟକ ଭୋଇର (୧୩) ପାର୍ଟନରଶିପ୍‌ରେ ୪୧ ରନ ଯୋଗ କରି ଦଳର ବ୍ୟାଟିଂ ସ୍ଥିତିରେ ସୁଧାର ଆଣିଥିଲେ। ଯାଦବ ଶେଷ ପର୍ଯ୍ୟନ୍ତ ଏକାକୀ ସଂଘର୍ଷ ଜାରି ରଖିଥିବା ବେଳେ ଅନ୍ୟପଟେ ଉଇକେଟ ପତନ ଘଟିବାରେ ଲାଗିଥିଲା।

**ସଂକ୍ଷିପ୍ତ ସ୍କୋର**
**ଟ୍ରିମ୍ଫ୍ ନାଇଟ୍ସ: ୧୪୭/୬** (ସୂର୍ଯ୍ୟକୁମାର ଯାଦବ-୯୦*; ଏ. ଲାଡ୍-୨/୧୨, ଅର୍ଜୁନ ତେନ୍ଦୁଲକର-୧/୨୧)।
**ଆକାଶ ଟାଇଗର୍ସ: ୧୪୮/୫** (ଆକର୍ଷିତ ଗୋମେଲ-୪୧, କୌସ୍ତୁଭ ପାୱାର-୩୪, କେ. ସାୱନ୍ତ-୨/୩୦)।

■ ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଜୁନିୟର ହକି

# ଭାରତୀୟ ଦଳରେ ଓଡ଼ିଶାର ପ୍ରତାପ, ସୁମନ

**ନୂଆଦିଲ୍ଲୀ, ୧୪।୫(ପି.ଟି.)**

ଜୁନ ୧୦ରୁ ସ୍ପେନଠାରେ ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଜୁନିୟର ହକି ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ହକି ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ୧୮ ଜଣିଆ ଜୁନିୟର ହକି ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୨ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରତାପ ଲାକ୍ରା ଓ ସୁମନ ବେକ୍। ସୁମନଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ଦିଆ ଯାଇଛି। ପ୍ରଦୀପ ମୋର ଅଧିନାୟକ ମନୋନୀତ ହୋଇଛନ୍ତି।

ପ୍ରତିଯୋଗିତାରେ ଭାରତ, ନେଦରଲାଣ୍ଡ୍ସ, ବେଲଜିୟମ, ଗ୍ରେଟ୍ ବ୍ରିଟେନ, ଅଷ୍ଟ୍ରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଆୟୋଜକ ସ୍ପେନ ଭାଗନେବ। ଟୁର୍ନାମେଣ୍ଟ ପାଇଁ ପ୍ରଶାନ୍ତ କୁମାର ଚୌହାନ ଓ ପୱନ ଭାରତୀୟ ଦଳର ଗୋଲକିପର ରହିଥିବାବେଳେ ମୋର୍, ପ୍ରତାପ, ସଞ୍ଜୟ, ଆକାଶଦୀପ ସିଂ ଜୁନିୟର, ବେକ୍ ଓ ପରମପ୍ରୀତ ସିଂ ଡିଫେନ୍ସ ବିଭାଗ ଦାୟିତ୍ୱ ସମ୍ଭାଳିବେ। ମିଡ୍‌ଫିଲ୍ଡ ପାଇଁ ଯଶଦୀପ ସିୱାଚ୍, ବିଷ୍ଣୁ କାନ୍ତ ସିଂ, ରବୀଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ମନିନ୍ଦର ସିଂ, ବିଶାଲ ଆଣ୍ଟିଲ ଏବଂ ଫରୱାର୍ଡ ଲାଇନ୍‌ରେ ଅମନଦୀପ ସିଂ, ରାହୁଲ କୁମାର ରାଜଭାର, ଶିଭମ୍ ଆନନ୍ଦ, ପ୍ରଭଜୋତ ସିଂ ଓ ସୁଦୀପ ଚିରମାକୋ ରହିଛନ୍ତି। ଦଳ ଚୟନ ସମ୍ପର୍କରେ ହାଇପରଫରମାନ୍ସ ଡାଇରେକ୍ଟର ଡେଭିଡ ଜନ୍ କହିଛନ୍ତି ଯେ, ଭାରତୀୟ ଦଳରେ ସ୍ଥାନ ପାଇଥିବା କେତେକ ଖେଳାଳିଙ୍କର ଅନ୍ତର୍ଜାତୀୟ ଅଭିଜ୍ଞତା ରହିଛି। ଏହି ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଟୁର୍ନାମେଣ୍ଟରେ କ୍ୱାଲିଟି ଦଳ ଗୁଡ଼ିକ ବିପକ୍ଷରେ ଖେଳିଲେ ସେମାନଙ୍କ ଅଭିଜ୍ଞତା ଆହୁରି ବଢ଼ିବ। ଏହି ଟୁର୍ନାମେଣ୍ଟରେ ପ୍ରତିପକ୍ଷ ଦଳଗୁଡ଼ିକରୁ ଭଲ ଚ୍ୟାଲେଞ୍ଜ ମିଳିବ। ୨୦୨୧ ଜୁନିୟର ବିଶ୍ୱକପ ପାଇଁ ଆମେ କେତେ ପ୍ରସ୍ତୁତ ହୋଇଛୁ ତାହା ଏହି ୮ ରାଷ୍ଟ୍ରୀୟ ଟୁର୍ନାମେଣ୍ଟର ପ୍ରଦର୍ଶନରୁ ଜଣାପଡ଼ିବ।

**ଭାରତୀୟ ଦଳ**

**ଗୋଲକିପର:** ପ୍ରଶାନ୍ତ କୁମାର ଚୌହାନ, ପୱନ

**ଡିଫେଣ୍ଡର:** ପ୍ରଦୀପ ମୋର୍(ଅଧିନାୟକ), ପ୍ରତାପ ଲାକ୍ରା, ସଞ୍ଜୟ, ଆକାଶଦୀପ ସିଂ ଜୁନିୟର, ସୁମନ ବେକ୍ (ଉପ-ଅଧିନାୟକ), ପରମପ୍ରୀତ ସିଂ।

**ମିଡ୍‌ଫିଲ୍ଡର:** ଯଶଦୀପ ସିୱାଚ୍, ବିଷ୍ଣୁ କାନ୍ତ ସିଂ, ରବୀଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ମନିନ୍ଦର ସିଂ, ବିଶାଲ ଆଣ୍ଟିଲ।

**ଫରୱାର୍ଡ:** ଅମନଦୀପ ସିଂ, ରାହୁଲ କୁମାର ରାଜଭାର, ଶିଭମ୍ ଆନନ୍ଦ, ସୁଦୀପ ଚିରମାକୋ, ପ୍ରଭଜୋତ ସିଂ।



ଅଷ୍ଟରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ପାଇଁ ମନୋନୀତ ଜୁନିୟର ଭାରତୀୟ ଦଳ।

### ପୂର୍ବତନ ଅଲିମ୍ପିକ ସାଇକ୍ଲିଂ ଚାମ୍ପିୟନ ବାସନ୍ଦ



**ଓର୍ବେଟେଲୋ (ଇଟାଲୀ), ୧୪।୫** (ଏଏଫ୍‌ପି)–୨୦୦୮ ଅଲିମ୍ପିକ ରୋଡ୍ ରେସ୍ ଚାମ୍ପିୟନ ସ୍ପେନର ସାମୁଏଲ୍ ସାଞ୍ଚେଜ୍‌ଙ୍କୁ ପିଛିଲା ତାରିଖରୁ ୨ବର୍ଷ ବାସନ୍ଦ କରାଯାଇଛି। ୨୦୧୭ରେ ହ୍ୟୁମ୍ୟାନ ଗ୍ରୋଥ୍ ହରମୋନ୍ ପାଇଁ ସେ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନାରେ ଏହି ନିଷିଦ୍ଧ ଉପାଦାନ ଠାବ କରାଯିବା କାରଣ ସମ୍ପର୍କରେ ସାଞ୍ଚେଜ୍ ଦେଇଥିବା ସଫେଇକୁ ଇଣ୍ଟରନ୍ୟାଶନାଲ ସାଇକ୍ଲିଂ ୟୁନିୟନ ଗ୍ରହଣ କରିଥିଲା। ସ୍ପେନର ଏହି ସାଇକ୍ଲିଷ୍ଟ ୨୦୧୯ ଅଗଷ୍ଟ ପର୍ଯ୍ୟନ୍ତ ବାସନ୍ଦ ରହିବେ। ଡୋପ୍ ଟେଷ୍ଟ ସମୟରେ ୪୧ ବର୍ଷୀୟ ସାଞ୍ଚେଜଙ୍କୁ ଗ୍ରାଣ୍ଡ ଟୁର୍ ସାଇକ୍ଲିଂ ପ୍ରତିଯୋଗିତା ଭୁଏଲ୍‌ଟା ଏ ଏସ୍ପାନା ୨୦୧୭ ପୂର୍ବରୁ ତାଙ୍କ ତତ୍‌କାଳୀନ ଟିମ୍ ବିଏମ୍‌ସି ବହିଷ୍କୃତ କରିଥିଲା। ସାଞ୍ଚେଜ ତାଙ୍କ କ୍ୟାରିୟରରେ ଭୁଲ୍‌ଟାର ୫ଟି ଷ୍ଟେଜ୍‌ରେ ବିଜୟ ଲାଭ କରିଥିଲେ। ସେ ଚାହିଁଲେ ଦଣ୍ଡବିଧାନ ବିରୋଧରେ ଅପିଲ କରିପାରିବେ।

## ସୌରଜିତ, ସୁବ୍ରତ ଏନ୍‌ସିଏ ଲେଭଲ-ବି କୋଚ୍

**କଟକ ଅଫିସ,୧୪।୫**

ଓଡ଼ିଶାର ଦୁଇ ପୂର୍ବତନ ଖ୍ୟାତିସମ୍ପନ୍ନ କ୍ରିକେଟର ସୌରଜିତ ମହାପାତ୍ର ଓ ସୁବ୍ରତ କୁମାର ବେହେରା ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ଲେଭଲ-ବି କୋଚ୍ ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି। ଗତ ନଭେମ୍ବର ୧୨ ଓ ୧୩ ତାରିଖରେ କୋଲକାତାଠାରେ କୋଚ୍‌ମାନଙ୍କ ନିମନ୍ତେ ଲେଭଲ-ଏ ରିଫ୍ରେସର କୋର୍ସ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ସୌରଜିତ ଓ ସୁବ୍ରତ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ସଫଳପୂର୍ଣ୍ଣ ଭାବେ କୃତକାର୍ଯ୍ୟ ହୋଇଛନ୍ତି। ୫୦ମାର୍କ ବିଶିଷ୍ଟ ପରୀକ୍ଷାରୁ ସୌରଜିତ ୪୧ମାର୍କ ରଖିଥିବା ବେଳେ ସୁବ୍ରତ ୩୭ମାର୍କ ହାସଲ କରିଛନ୍ତି। ଏହି ଦୁଇ କ୍ରିକେଟର ପୂର୍ବରୁ ଓଡ଼ିଶା ଦଳର କୋଚ୍ ଭାର ସମ୍ଭାଳିଛନ୍ତି। ପେସବୋଲର ସୌରଜିତ ୨୦୦୩ରୁ ୨୦୧୧ ମସିହା ପର୍ଯ୍ୟନ୍ତ ରାଜ୍ୟ ରଣଜୀ ଦଳ ସମେତ ଜୁନିୟର ବର୍ଗ, ମହିଳା ଦଳ ଏବଂ ଓଡ଼ିଶା କ୍ରିକେଟ ଏକାଡେମୀର ବୋଲିଂ କୋଚ ଥିଲେ। ୧୯୮୭-୮୮ ରଣଜୀ ସିଜନରେ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ ସୌରଜିତ ଓଡ଼ିଶା ନିମନ୍ତେ ପ୍ରଥମ ହ୍ୟାଟ୍ରିକ ଉଇକେଟ ଦଖଲ କରିବାର ରେକର୍ଡ ରଖିଛନ୍ତି। ରାଜ୍ୟ ରଣ୍‌ଜୀ ଦଳର ପୂର୍ବତନ ଓପନର ତଥା ଡାହାଣହାତୀ ବ୍ୟାଟ୍ସମ୍ୟାନ ସୁବ୍ରତ ୨୦୦୧ରୁ ୨୦୦୫ ପର୍ଯ୍ୟନ୍ତ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ୨୦୧୦ରୁ ୨୦୧୭ ପର୍ଯ୍ୟନ୍ତ ରାଜ୍ୟ ଜୁନିୟର ଦଳର ବ୍ୟାଟିଂ କୋଚ୍ ଥିବା ବେଳେ ପରେ ଚୟନକର୍ତ୍ତା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଉଭୟଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇ ଶୁଭେଚ୍ଛା ଜଣାଇଛନ୍ତି।



ସୌରଜିତ ମହାପାତ୍ର।



ସୁବ୍ରତ କୁମାର ବେହେରା

## କଲିଂଉଡ୍‌ଙ୍କୁ ଟପିଲେ ମୋର୍ଗାନ

**ବ୍ରିଷ୍ଟଲ, ୧୪।୫**

ଇଂଲଣ୍ଡ ଅଧିନାୟକ ତଥା ମିଡିଲଅର୍ଡର ବ୍ୟାଟ୍‌ସ୍ମ୍ୟାନ ଇଅନ ମୋର୍ଗାନ ଦେଶ ପକ୍ଷରୁ ସର୍ବାଧିକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିବା ରେକର୍ଡର ଅଧିକାରୀ ହୋଇଛନ୍ତି। ମଙ୍ଗଳବାର ଏଠାରେ ପାକିସ୍ତାନ ବିପକ୍ଷରେ ଅନୁଷ୍ଠିତ ୩ୟ ଦିନିକିଆ ମ୍ୟାଚ୍ ଅବସରରେ ମୋର୍ଗାନ ଏହି କୀର୍ତ୍ତିମାନ କରିଛନ୍ତି। ଦିନିକିଆ କ୍ରିକେଟରେ ମୋର୍ଗାନଙ୍କ ଏହା ୧୯୮ତମ ମ୍ୟାଚ୍ ଥିଲା। ଏହି କ୍ରମରେ ସେ ପ୍ରାକ୍ତନ ଅଧିନାୟକ ପଲ୍ କଲିଂଉଡ୍‌ଙ୍କୁ ପଛରେ ପକାଇଛନ୍ତି। କଲିଂଉଡ୍ ୧୯୭ ଦିନିକିଆ ମ୍ୟାଚ୍‌ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ପୂର୍ବରୁ ଇଂଲଣ୍ଡ ପକ୍ଷରୁ ସର୍ବାଧିକ ଦିନିକିଆ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ଭାବେ ୩୨ ବର୍ଷୀୟ ମୋର୍ଗାନଙ୍କ ନାମରେ ରେକର୍ଡ ରହିଛି। ମୋର୍ଗାନ ୩୯.୮୭ ଆଭରେଜରେ ୬୧୪୦ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୧୧ ଶତକ ସାମିଲ ରହିଛି। ଦିନିକିଆରେ ସର୍ବାଧିକ ଶତକ ହାସଲ କରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ଜୋ ରୁଟ୍ (୧୪) ଓ ମାର୍କସ ଟ୍ରେସ୍‌ଥୋଥିକ (୧୨)ଙ୍କ ପଛକୁ ୩ୟ ସ୍ଥାନରେ ମୋର୍ଗାନ ରହିଛନ୍ତି। ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ୨୦୧୫ରେ ଆଇସିସି ର୍‌ୟାଙ୍କିଙ୍ଗ୍‌ର ଏକ ନମ୍ବର ସ୍ଥାନ ହାସଲ କରିପାରିଥିଲା।

## ଏଏଫ୍‌ସି କପ୍: ମିନର୍ଭା- ମନଙ୍ଗ ମୁକାବିଲା ଆଜି

**କାଠମାଣ୍ଡୁ, ୧୪।୫(ପି.ଟି.)**

ଏଠାରେ ଚାଲିଥିବା ଏଏଫ୍‌ସି କପ୍‌ର ଏକ ଗ୍ରୁପ୍ ମ୍ୟାଚ୍‌ରେ ଆଇ- ଲିଗ୍ ଚାମ୍ପିୟନ ମିନର୍ଭା ପଞ୍ଜାବ ବୁଧବାରର ନେପାଳର କ୍ଲବ୍ ମନଙ୍ଗ ମର୍ଶିଆଙ୍ଗଡିକୁ ଭେଟିବ। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜେୟ ରହିଥିଲେ ମଧ୍ୟ ମନର୍ଭା ବିଜୟ ହାସଲ କରିପାରି ନାହିଁ। କ୍ରମାଗତ ୩ଟି ମ୍ୟାଚ୍ ଡ୍ର ରଖିବା ପରେ ମିନର୍ଭା ପ୍ରଥମ ବିଜୟ ଲକ୍ଷ୍ୟରେ ରହିଛି। ଏହି ୩ଟି ଡ୍ର ସହ ମିନର୍ଭା ଗ୍ରୁପ୍ ଇ’ରେ ୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଯଦି ଏହି ମ୍ୟାଚରେ ମିନର୍ଭା ପରାସ୍ତ ହୁଏ କିମ୍ବା ଏହାକୁ ଡ୍ର ରଖେ ତାହେଲେ ଦଳ ପରବର୍ତ୍ତୀ ରାଉଣ୍ଡକୁ ଉଠିବାରେ ସମସ୍ୟା ଉପୁଜିବ। ତେଣୁ ମିନର୍ଭାକୁ ଏହି ମ୍ୟାଚ୍‌କୁ ହାତେଇବାକୁ ପଡିବ। ଚେନ୍ନାଇନ୍ ଏଫ୍‌ସି ୭ ପଏଣ୍ଟ ସହ ଗ୍ରୁପ୍ ଶୀର୍ଷରେ ରହିଛି। ସେହିପରି ଆବାହନୀ ଢ଼ାକା ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଗୋଟିଏ ପଏଣ୍ଟ ପାଇ ମନଙ୍ଗ ଚତୁର୍ଥ ଦଳ ଭାବେ ସର୍ବନିମ୍ନ ସ୍ଥାନରେ ରହିଛି। ଏପର୍ଯ୍ୟନ୍ତ ସବୁ ୪ଟି ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିସାରିଛନ୍ତି। ଗ୍ରୁପ୍ ଶ୍ରେଷ୍ଠ ଦଳ ହିଁ କେବଳ ଆନ୍ତଃ- ଜୋନାଲ ପ୍ଲେ-ଅଫ୍ ସେମିଫାଇନାଲରେ ପ୍ରବେଶ କରିବ।

ଭୁବନେଶ୍ୱରରେ ଅନୁଷ୍ଠିତ ଫାର୍ଷ୍ଟ ଲେଗ୍ ମ୍ୟାଚ୍‌ରେ ମିନର୍ଭା ଓ ମନଙ୍ଗ ମୁହାଁମୁହିଁ ହୋଇଥିଲେ। ତେବେ ଏହି ମ୍ୟାଚ୍ ୨-୨ ଗୋଲରେ ଡ୍ର ରହିଥିଲା। ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ରାଉଣ୍ଡକୁ ଉଠବାକୁ ହେଲେ ମିନର୍ଭାକୁ ଏହି ମ୍ୟାଚରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇ ପଡିଛି। ମନଙ୍ଗ ପାଇଁ ପରିସ୍ଥିତି ଆହୁରି ଖରାପ ହୋଇଛି। ହାରିଲେ ମନଙ୍ଗ ବିଦା ହେବ। ମିନର୍ଭା ଗତ ୫ଟି ମ୍ୟାଚ୍‌ରେ ବିଜୟୀ ହେବାରେ ବିଫଳ ହୋଇଛି। ମନଙ୍ଗ ଅପେକ୍ଷାକୃତ ଦୁର୍ବଳ ମନେହେଉଥିଲେ ମଧ୍ୟ ଘରୋଇ ପରିବେଶରୁ ଫାଇଦା ଉଠାଇ ମିନର୍ଭାକୁ କଡ଼ା ଟକ୍କର ଦେଇ ଚକ୍‌ମା ଦେବାର ସମ୍ଭାବନା ରହିଛି। ତେଣୁ ଏହି କର ବା ମର ମ୍ୟାଚ୍‌ରେ ବିଜୟୀ ହେବା ଛଡ଼ା ମିନର୍ଭା ନିକଟରେ ଅନ୍ୟ ରାସ୍ତା ନାହିଁ।

## ଭାରତ ଏ’ ଦଳରେ ରିଦ୍ଧିମାନ, ପନ୍ତ

**ନୂଆଦିଲ୍ଲୀ,୧୪।୫(ପି.ଟି.)**

ଉଇକେଟକିପର ରିଦ୍ଧିମାନ ଶାହା ଭାରତ ଏ’ରେ ସାମିଲ ହୋଇଛନ୍ତି। ଭାରତ ଏ ଦଳ ୱେଷ୍ଟଇଣ୍ଡିଜ ଗସ୍ତ କରି ୫ଟି ଦିନିକିଆ ଓ ୩ଟି ୪ ଦିନିଆ ମ୍ୟାଚ୍ ଖେଳିବ। ଜୁଲାଇ ୧୧ ତାରିଖରୁ ପ୍ରଥମେ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ। ସେହିପରି ୨୪ ତାରିଖରୁ ୪ ଦିନିଆ ମ୍ୟାଚ୍ ଆରମ୍ଭ ହେବ। ରିଦ୍ଧିମାନ ୪ ଦିନିଆ ମ୍ୟାଚ୍ ପାଇଁ ଦଳରେ ସାମିଲ ହୋଇଥିବାବେଳେ ପନ୍ତ ଦିନିକିଆ ଦଳରେ ସାମିଲ ହୋଇଛନ୍ତି। କାନ୍ଧରେ ଆଘାତ ସମସ୍ୟା କାରଣରୁ ଦଳରୁ ବାଦ୍ ପଡିବା ବେଳକୁ ରିଦ୍ଧିମାନ ଭାରତ ୧ ନମ୍ବର ଉଇକେଟ କିପର ସାବ୍ୟସ୍ତ ହୋଇଥିଲେ। ଅସ୍ତ୍ରୋପଚାର ପରେ ସେ ବେଙ୍ଗଲ ଦଳକୁ ପ୍ରତ୍ୟାବର୍ତ୍ତନ କରି ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟ ଖେଳିଥିଲେ ଓ ସନରାଇଜର୍ସ ହାଇଦ୍ରାବାଦ ପାଇଁ ସଦ୍ୟସମାପ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୫ଟି ମ୍ୟାଚ୍ ଖେଳିଥିଲେ। ଶାହାଙ୍କ ଅନୁପସ୍ଥିତିରେ ଯୁବ ଉଇକେଟକିପର ରିଷଭ ପନ୍ତ ଟେଷ୍ଟ ଦଳରେ ସ୍ଥାନ ପକ୍କା କରିଛନ୍ତି। ରିଦ୍ଧିମାନ ଏବେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିବେ। ଦିନିକିଆ ଓ ୪ ଦିନିଆ ଦଳରେ ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ ଓ ହନୁମା ବିହାରୀ ମଧ୍ୟ ସାମିଲ ହୋଇଛନ୍ତି। ୪ ଦିନିଆରେ ଶ୍ରେୟାସ ଆୟର ଓ ଦିନିକିଆରେ ମନୀଷ ପାଣ୍ଡେ ନେତୃତ୍ୱ ନେବେ। ତେବେ ରବିଚନ୍ଦ୍ରନ ଅଶ୍ୱିନ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ ଓ ଉମେଶ ଯାଦବ କାଉଣ୍ଟି ଖେଳିବାର କାର୍ଯ୍ୟକ୍ରମ ଥିବାରୁ ଦଳରେ ସାମିଲ ହୋଇ ନାହାନ୍ତି।

ସେହିପରି ଚୟନକର୍ତ୍ତାମାନେ ମେ ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ଶ୍ରୀଲଙ୍କା ଏ ବିପକ୍ଷ ଘରୋଇ ସିରିଜ ପାଇଁ ଦଳ ଘୋଷଣା କରିଛନ୍ତି। ଝାଡଖଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଶନ ୨ଟି ୪ ଦିନିଆ ମ୍ୟାଚ୍‌ରେ ଭାରତ ଏ ଦଳର ନେତୃତ୍ୱ ନେବେ। ସେହିପରି ପ୍ରିୟଙ୍କ ପଞ୍ଚାଲ ଜୁନ୍ ୬ ତାରିଖରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ନେତୃତ୍ୱ ନେବେ।



ରିଷଭ ପନ୍ତ


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବିଷ୍ଣୁଚରଣ ତ୍ରିପାଠୀ**
ଉତ୍ତ୍ରଙ୍ଗ, ଯାଜପୁର
ଆବିର୍ଭାବ: ୧୭।୦୧।୧୯୪୭
ତିରୋଧାନ: ୦୮।୦୫।୨୦୦୬
ଆପଣଙ୍କ ପବିତ୍ର ଆତ୍ମା ଚିରଶାନ୍ତି ଲାଭକରୁ। ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କ ପରିବାରବର୍ଗ
ଧ-୬୨୦୯୬

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




**ସ୍ୱର୍ଗତା ପ୍ରେମଲତା କାନୁନ୍‌ଗୋ**
ସ୍ୱାମୀ- ସ୍ୱର୍ଗତ ଗୋଲକ ଚନ୍ଦ୍ର କାନୁନ୍‌ଗୋ
ପୁରଣ ଅଳାବୋଳ, ଜଗତ୍‌ସିଂହପୁର
ଆବିର୍ଭାବ: ୨୧।୦୫।୧୯୨୩
ତିରୋଧାନ: ୨୮।୦୪।୨୦୦୭
(ମୋହିନୀ ଏକାଦଶୀ)
ଆପଣଙ୍କର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକାକୁଳ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୫୮୦୮୨

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ବିମଳା ତ୍ରିପାଠୀ**
ଖୁଣ୍ଟୁଣୀ, କଟକ
ଆବିର୍ଭାବ: ତା୦୫।୦୬।୧୯୬୨ (ଶ୍ରୀ ଗୁଣ୍ଡିଚା)
ତିରୋଧାନ: ତା୧୦।୦୫।୨୦୧୪
(ମୋହିନୀ ଏକାଦଶୀ)
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନୀତ ପ୍ରାର୍ଥନା।
**ଶୋକସନ୍ତପ୍ତ**
ସ୍ୱାମୀ- କୈଳାସ ଚନ୍ଦ୍ର ଶତପଥୀ, ପୁଅ- କୀର୍ତ୍ତିରଞ୍ଜନ, ବିଶ୍ୱରଞ୍ଜନ, ବୋହୂ- ମୋନାଲିସା, ସ୍ମୃତିସନ୍ଧ୍ୟା, ନାତୁଣୀ-ଆଦ୍ୟାଶା
ଧ-୧୨୪୯୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦାଶରଥି ନନ୍ଦ ଶର୍ମା**
ଆବିର୍ଭାବ: ୧୫।୧୨।୧୯୩୨
ତିରୋଧାନ: ୧୦।୦୫।୨୦୧୯
ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ, ବ୍ରହ୍ମପୁର ଦ୍ୱିତୀୟ ଗୌଡ ସାହି ସମିତିର ଉପଦେଷ୍ଟା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ**
ପୁତ୍ର- ନିରଞ୍ଜନ ନନ୍ଦ, ବୋହୂ- ରୀତାରାଣୀ ନନ୍ଦ, ବଡ଼ଝିଅ- ମୀରାବାଇ ଶତପଥୀ, ବଡ଼ଜ୍ୱାଇଁ- ସମୀର ଶତପଥୀ, ସାନଝିଅ- ଜାନକୀ ନନ୍ଦ (ମିନି), ସାନଜ୍ୱାଇଁ- ରାମମନୋହର ନନ୍ଦ, ନାତିନାତୁଣୀ- ରୁଦ୍ର, ଓମ୍, ଶୁଭ, ସୁନନ୍ଦା, ବାନା, ଜୁବ୍‌ଲି, ବାଲାଜୀ, ଗୁଡ଼ି, ଝିଆରୀ, ପୁତୁରା, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ। ଧ-୪୯୨୯୬

**ଏକାଦଶାହ ଉପଲକ୍ଷେ**



**✓ ଭଗବାନ ଭୂୟାଁ**
ନୂଆପଡ଼ା, କଟକ
ଆର୍ବିଭାବ : ୧୯୨୭
ତିରୋଧାନ : ୦୫.୦୫.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ ସମସ୍ତଙ୍କ ପାଇଁ ଦିଗ୍‌ଦର୍ଶନ ଓ ପ୍ରେରଣାର ଉତ୍ସ ହେଉ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ :
ହତଭାଗ୍ୟ ପୁତ୍ର : ଭରତ ଚନ୍ଦ୍ର ଭୂୟାଁ, ଶରତ ଚନ୍ଦ୍ର ଭୂୟାଁ, ଆରତ ତ୍ରାଣ ଭୂୟାଁ
ଶୋକ ସନ୍ତପ୍ତ : ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପୁତୁରା, ଝିଆରୀ ଏବଂ ପରିବାର ଓ ବନ୍ଧୁବର୍ଗ ।
ଧ-୬୨୦୯୬

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରାଜକିଶୋର ତ୍ରିପାଠୀ**
କାଳିଆ-କୃପା, ଓଲ୍‌ଡ ଟାଉନ୍, ଭୁବନେଶ୍ୱର-୨
ଆବିର୍ଭାବ: ୦୯।୦୨।୧୯୨୬
ତିରୋଧାନ: ୧୧।୦୫।୨୦୧୪
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
**ଶୋକସନ୍ତପ୍ତ**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୨୫୦୦

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ମେ ୧୫/୨୦୧୯ Bhubaneswar, Wednesday, May 15/2019


# ବଢ଼ିବାରେ ଲାଗିଛି ସାନି ନିର୍ବାଚନ ତାତି

ଯାଜପୁର ଅଫିସ/ବରୀ(ସ୍ୱ.ପ୍ର.),୧୪।୫

## ଯାଜପୁର ଜିଲା


ଉମେଶ ଜେନା


ସୁନନ୍ଦା ଦାସ


ବିଶ୍ୱରଞ୍ଜନ ମଲ୍ଲିକ

ଯାଜପୁର ଜିଲାର ଗୋଟିଏ ଲୋକ ସଭା ଓ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଗତ ୨୯ତାରିଖରେ ନିର୍ବାଚନ ସମ୍ପନ୍ନ ହୋଇଛି। ୧,୬୪୯ ବୁଥରେ ୧୦,୮୬,୧୫୫ ଭୋଟର(୭୩.୭୬ ପ୍ରତିଶତ) ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି। ସେଥିମଧ୍ୟରୁ ମାତ୍ର ୯ଟି ବୁଥରେ ରିଗିଂ, ଜବରଦଖଲ, ଯାନ୍ତ୍ରିକ ତ୍ରୁଟି, ଅନିୟମିତତା ଆଦି ଯୋଗୁ ଆସନ୍ତା ୧୯ତାରିଖରେ ସାନି ନିର୍ବାଚନ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଗତ ୧୦ତାରିଖରେ ସୂଚନା ଦେଇଥିଲେ। ଏପରି କି ସାନି ନିର୍ବାଚନ ସମ୍ପର୍କିତ ସୂଚନା ପ୍ରାର୍ଥୀମାନଙ୍କୁ ପ୍ରଦାନ କରିବାକୁ ମଙ୍ଗଳବାର ସିଇଓଙ୍କ କାର୍ଯ୍ୟାଳୟରୁ ଜିଲା ନିର୍ବାଚନ ଅଧିକାରୀଙ୍କୁ କୁହାଯାଇଛି। ଏହା ଜଣାପଡ଼ିବା ପରେ ସମ୍ପୃକ୍ତ ପ୍ରାର୍ଥୀ, କର୍ମୀ ଓ ଭୋଟରଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ବିଶେଷକରି ଏହି ସାନି ନିର୍ବାଚନ ତାତି ବରୀ ଆସନରେ ଅଧିକ ଅନୁଭୂତ ହେଉଥିବା ଦେଖିବାକୁ ମିଳିଛି।

ଜିଲାର ବରୀ ଆସନ ପାଇଁ ୮୨ନମ୍ବର ସଙ୍ଗଦେଇପୁର ପ୍ରାଥମିକ ସ୍କୁଲ, ୧୫୮ ନମ୍ବର ରାମଚନ୍ଦ୍ରପୁର ସରକାରୀ ନୋଡାଲ ହାଇସ୍କୁଲ, ୧୬୨ ଓ ୧୬୩ ନମ୍ବର ଅଲୀପୁର ବ୍ରଜବନ୍ଧୁ ନୋଡାଲ ଉପ୍ରା ବିଦ୍ୟାଳୟ ଏବଂ ୧୯୪ ନମ୍ବର ବାଲିବିଲ ନୋଡାଲ ପ୍ରାଥମିକ ସ୍କୁଲରେ ପୁନଃ ମତଦାନ ହେବାକୁ ଯାଉଛି। ଏହାବାଦ ବିଞ୍ଝାରପୁର ଆସନ ପାଇଁ ୧୩୫ ନମ୍ବର କଲ୍ୟାଣପୁର ପ୍ରାଥମିକ ସ୍କୁଲ ଓ ୧୯୧ ନମ୍ବର ଥାଲକୁଡି ପ୍ରକଳ୍ପ ସ୍କୁଲ, ସୁକିନ୍ଦା ଆସନରେ ୧୯୬ ଓଲଳ ପ୍ରାଥମିକ ସ୍କୁଲ ଓ ଧର୍ମଶାଳା ଆସନରେ ୧୪୮ ନମ୍ବର ମିର୍ଜାପୁର ପ୍ରାଥମିକ ସ୍କୁଲରେ ସାନି ନିର୍ବାଚନ କରିବାକୁ ଘୋଷଣା ହୋଇଛି। ଏଥିମଧ୍ୟରୁ ବରୀ ଓ ବିଞ୍ଝାରପୁର ସାନି ନିର୍ବାଚନକୁ ନେଇ ଅଧିକ ସରଗରମ ହେଉଛି। ପ୍ରାର୍ଥୀ ଓ କର୍ମୀମାନେ ଗାଁକୁ ଗାଁ ବୁଲୁଥିବାରୁ ଗ୍ରାମାଞ୍ଚଳରେ ପୁଣି ନିର୍ବାଚନୀ ମାହୋଲ ଉଷ୍ମ ହୋଇଛି। ଗତ ୨୯ ତାରିଖରେ ହୋଇଥିବା ମତଦାନରେ ନିଜ ନିଜ କର୍ମୀଙ୍କ ଅଙ୍କକଷା ଉପରେ ପ୍ରାର୍ଥୀ ଭରସା କରି ବିଜୟୀ ନିଶ୍ଚିତ ବୋଲି ମନେମନେ ଖୁସି ମନାଉଛନ୍ତି। ତେଣୁ ସାନି ନିର୍ବାଚନ କେତେଦୂର ବିଜୟକୁ ପ୍ରଭାବିତ କରିବ ସେ ନେଇ ମଧ୍ୟ ପ୍ରାର୍ଥୀମାନେ ଚିନ୍ତାରେ ଅଛନ୍ତି। ଚଳିତ ନିର୍ବାଚନରେ ବିଶେଷକରି ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଛି। ବରୀ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରଥମକରି ମହିଳା କାର୍ଡ ଖେଳିଥିବାରୁ ବିଜୟ ସୁନିଶ୍ଚିତ ବୋଲି ଦଳ ଦାବି କରୁଛି। ତେବେ ବୁଥ ରିଗିଂ ଓ ଅନିୟମିତତାକୁ ନେଇ ଦଳ ସାମାନ୍ୟ ଚିନ୍ତିତ ଥିବା ମନେହେଉଛି। ମତଦାନ ସମୟରେ ବିଭିନ୍ନ ସୋସିଆଲ ମିଡିଆରେ ବୁଥ ରିଗିଂ ହେବାନେଇ ଭିଡିଓ ଘୂରି ବୁଲିବା ପ୍ରତିପକ୍ଷ ଦଳକୁ ଅଡୁଆରେ ପକାଇଛି। ଏନେଇ ସଚେତନ ଭୋଟରଙ୍କ ମଧ୍ୟରେ ଏକ ନକାରାତ୍ମକ ଭାବନା ମଧ୍ୟ ସୃଷ୍ଟି କରିଛି। ତେଣୁ ଯଦି ହାରଜିତ ୫ହଜାର ଭୋଟ ମଧ୍ୟରେ ହେଉଛି ତେବେ ଏହି ସାନି ନିର୍ବାଚନ ନିର୍ଣ୍ଣାୟକ ହୋଇପାରେ। ବୁଥ ରିଗିଂରେ ଯେଉଁ ଦଳର କର୍ମୀଙ୍କ ହାତ ରହିଛି ସେହି ଦଳ କ୍ଷତିରେ ପଡ଼ିବ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷେ ଭାଜପା ସାନି ନିର୍ବାଚନକୁ ହାଲୁକା ଭାବେ ଗ୍ରହଣ କରିଛି। ଭାଜପା ପ୍ରତି ଭୋଟର ଅଧିକ ସମର୍ଥନ କରିଛନ୍ତି ବୋଲି ଦଳୀୟ କର୍ମୀ ମହଲରେ ଆଲୋଚନା ହେଉଥିବାବେଳେ କଂଗ୍ରେସ ଏଠାରେ ଏକପ୍ରକାର ନୀରବିଯାଇଛି। ବିଞ୍ଝାରପୁର ଆସନ ପାଇଁ ମଧ୍ୟ ହେଉଥିବା ୨ଟି ବୁଥରେ ସାନି ନିର୍ବାଚନକୁ ନେଇ ଅନୁରୂପ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଧର୍ମଶାଳା ଓ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଗୋଟିଏ ଲେଖାଏ ବୁଥରେ ସାନି ନିର୍ବାଚନ ହେଉଥିବାରୁ ତାହା ହାରଜିତରେ ସେଭଳି ପ୍ରଭାବ ପଡିବ ନାହିଁ ବୋଲି ଆଲୋଚନା ହେଉଛି। ବରୀ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଜୋରସୋର ହୋଇଥିବାରୁ ସାନି ନିର୍ବାଚନର ଗୁରୁତ୍ୱ ବୃଦ୍ଧି ପାଇଛି। ଏହିକ୍ରମରେ ବିଜେଡି ପ୍ରାର୍ଥୀ ସୁନନ୍ଦା ଦାସ କୁହନ୍ତି, ୧୨ଟି ବୁଥରେ ଜବରଦଖଲ ହୋଇଥିବା ଦଳ ପକ୍ଷରୁ ମୁଖପାତ୍ର ସୁଲତା ଦେଓ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ତାଙ୍କ ଅଭିଯୋଗକୁ ଭିତ୍ତି କରି ୩ଟି ବୁଥରେ ସାନି ନିର୍ବାଚନ ହେବ। ସେହିପରି ଅନ୍ୟ ୨ଟିରେ ଯାନ୍ତ୍ରିକ ତ୍ରୁଟି ଓ ଅନିୟମିତତା ଯୋଗୁ ନିର୍ବାଚନ ହେବ। ତଥାପି ଏହାକୁ ସ୍ୱାଗତ କରି ମତଦାନ ପାଇଁ ପ୍ରସ୍ତୁତ ରହିଛୁ। ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ କୁହନ୍ତି, ମତଦାନ ସମୟରେ ପୋଲିସ ପ୍ରଶାସନ ମୁତୟନ ରହିଥିଲେ। ସେଭଳି କୌଣସି ଜବରଦଖଲ ହୋଇ ନାହିଁ। ମିଥ୍ୟା ଭିଡିଓ ଭାଇରାଲ କରି ଭାଜପାକୁ ବଦନାମ କରିବାକୁ ଅପପ୍ରୟାସ କରାଯାଇଛି। ତେବେ ୫ଟି କାହିଁକି ୫୦ଟି ବୁଥରେ ସାନି ନିର୍ବାଚନ ହେଲେ ମଧ୍ୟ ଦଳକୁ କୌଣସି କ୍ଷତି ହେବ ନାହିଁ। ସେପଟେ କଂଗ୍ରେସ ପ୍ରାର୍ଥୀ ଉମେଶ ଜେନା ଏନେଇ କୌଣସି ମତ ପ୍ରକାଶ କରି ନାହାନ୍ତି।

### ବରୀରେ ପୁନଃ ମତଦାନ ପାଇଁ ବଢୁଛି ଉତ୍କଣ୍ଠା

## ବୁଥ୍ ପରିଦର୍ଶନ କଲେ ଏସ୍‌ପି

**ବରୀ,୧୪।୫(ସ୍ୱ.ପ୍ର.):** ଯାଜପୁର ଜିଲାରେ ଆସନ୍ତା ୧୯ରେ ୯ଟି ବୁଥ୍‌ରେ ପୁନଃ ମତଦାନ ହେବାକୁ ଥିବାବେଳେ ସେଥିମଧ୍ୟରେ ବରୀ ନିର୍ବାଚନମଣ୍ଡଳୀର ୫ଟି ବୁଥ୍ ରହିଛି। ଏ ନେଇ ଭୋଟରଙ୍କ ଉତ୍କଣ୍ଠା ବଢିବାରେ ଲାଗିଛି। ଯାଜପୁର ଏସ୍‌ପି ଚରଣ ସିଂ ମୀନା ମଙ୍ଗଳବାର ବରୀରେ ପହଞ୍ଚି ବୁଥ୍ ପରିଦର୍ଶନ କରିବା ସହ ଯାଞ୍ଚ କରିଛନ୍ତି। ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ରବିବାରଠାରୁ ପୋଲିସ ଫୋର୍ସ ବରୀରେ ଫ୍ଲାଗ୍ ମାର୍ଚ୍ଚ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ବୁଥ୍ ଜବରଦଖଲକାରୀଙ୍କୁ ପୋଲିସ ଖୋଜୁଥିଲାବେଳେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ଥିବା କୁହାଯାଇଛି। ବରୀରେ ବୁଥ୍ ନଂ. ୮୨, ୧୫୮, ୧୬୨, ୧୬୩ ଓ ୧୯୪ରେ ପୁନଃ ମତଦାନ ହେବ। ନିର୍ଭୟରେ ଆସି ମତଦାନ କରିବାକୁ ପୋଲିସ ପକ୍ଷରୁ ଏସ୍‌ପି ଚରଣ ସିଂ ମୀନା ଭୋଟରଙ୍କୁ ନିବେଦନ କରିଛନ୍ତି।






## ବୃଦ୍ଧ ଦମ୍ପତିଙ୍କ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା

**ବରୀ,୧୪।୫(ସ୍ୱ.ପ୍ର.):** ସାମୁଦ୍ରିକ ବାତ୍ୟା 'ଫନୀ'ରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ବରୀ ନିର୍ବାଚନମଣ୍ଡଳୀର ବୃଦ୍ଧ ଦମ୍ପତି ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୨୦୦ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସେମାନେ ହେଲେ ରୁଦ୍ରପୁର ପଞ୍ଚାୟତ ବଡ଼ବାଗସାହି ଗ୍ରାମର ପ୍ରଭାବ ପାଣି ଓ ତାଙ୍କ ସ୍ତ୍ରୀ ପ୍ରେମଲତା। ବୃଦ୍ଧ ଦମ୍ପତି ବାର୍ଦ୍ଧକ୍ୟ ଭତ୍ତା ସଞ୍ଚୟ କରି ଡାକ ମାଧ୍ୟମରେ ଅର୍ଥ ପ୍ରଦାନ କରିଛନ୍ତି। ତାଙ୍କର ଏଭଳି ପଦକ୍ଷେପକୁ ଗ୍ରାମବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଯାଇଛି।

### ମୈଥାନ କାରଖାନାରେ ଶ୍ରମିକ ଅଶାନ୍ତି

## ବକେୟା ଦରମା ଦାବିରେ ଶ୍ରମିକଙ୍କ ଧାରଣା

କଳିଙ୍ଗନଗର,୧୪।୫(ଡି.ଏନ୍.ଏ.)

କଳିଙ୍ଗନଗରସ୍ଥିତ ମୈଥାନ ଇସ୍ପାତ କାରଖାନାରେ ମଙ୍ଗଳବାର ଶ୍ରମିକମାନେ ପୁଣି ଧାରଣାରେ ବସିଛନ୍ତି। ସୁରକ୍ଷା ଦୃଷ୍ଟିରୁ ଯଖପୁରା ପୋଲିସ ପକ୍ଷରୁ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ୫ ମାସର ବକେୟା ଦରମା ଦାବିରେ ଶ୍ରମିକମାନେ ଗତ ମାସ ୧୬ ତାରିଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏହାକୁ ନେଇ କାରଖାନା କର୍ତ୍ତୃପକ୍ଷ ଏକ ସପ୍ତାହ ମଧ୍ୟରେ ଏକ ମାସର ଦରମା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଶ୍ରମିକଙ୍କୁ ଦରମା ପ୍ରଦାନ କରାଯାଇ ପାରି ନାହିଁ। ଅପରପକ୍ଷେ କାରଖାନାରୁ ଉତ୍ପାଦ ହେଉଥିବା ସ୍ପଞ୍ଜକୁ ବିକ୍ରି କରିବା ପାଇଁ ମସୁଧା କରିବା ପ୍ରତିବାଦରେ ମଙ୍ଗଳବାର ସକାଳ ୧୦ଟା ସମୟରେ କାର୍ଯ୍ୟରତ ଶ୍ରମିକମାନେ ଖଣି ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ଖଣି କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ୧୦ ଦିନ ମଧ୍ୟରେ ଏକ ମାସର ଦରମା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଶ୍ରମିକମାନେ ୪ ମାସର ଦରମା ପ୍ରଦାନ ପାଇଁ ଦାବି କରିଥିଲେ। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଶ୍ରମିକମାନେ କହିଛନ୍ତି। ସନ୍ଧ୍ୟା ସୁଦ୍ଧା ଏ ଦିଗରେ କୌଣସି ସମାଧାନ ହୋଇ ପାରି ନ ଥିବା ଜଣାପଡିଛି। ବିଜୟ ଦଳାଇ, ପ୍ରହ୍ଲାଦ ପାଳ, ସୌମ୍ୟ ନାୟକ, ସଞ୍ଜୟ ସିଂ, କିଶୋର ସାମଲ, ରମେଶ ଘଡ଼େଇ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା ଘଟଣା

## ତଦନ୍ତ କଲେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ


ଯାଜପୁର ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଅନ୍ୟମାନେ ।

ଧର୍ମଶାଳା,୧୪।୫(ଡି.ଏନ୍.ଏ.)

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ପ୍ରସୂତି ମୃତ୍ୟୁକୁ ନେଇ ଉତ୍ତେଜନା ଘଟଣାରେ ମଙ୍ଗଳବାର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୁଦ୍ରପ୍ରତାପ କରଙ୍କ ସହ ଏକ ଟିମ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ତଦନ୍ତ ପରେ ସମସ୍ତ ତଥ୍ୟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି କର କହିଛନ୍ତି। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଭଙ୍ଗାରୁଜା କରିଥିବା ଏକାଧିକ ବ୍ୟକ୍ତିଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଛି। ସେହିପରି ମୃତକଙ୍କ ପରିବାର ପକ୍ଷରୁ ମଧ୍ୟ ଡାକ୍ତରଙ୍କ ଅବହେଳା ଯୋଗୁ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ୨ଟି ପୃଥକ୍ ମାମଲା (୨୩୦/୧୯ ଓ ୨୩୧/୧୯) ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ସୋମବାର ଅପରାହ୍ଣରେ ଧର୍ମଶାଳା ଥାନା ଅନ୍ତର୍ଗତ ଭବାନୀପୁର ଗ୍ରାମର ବିକ୍ରମ ବେହେରାଙ୍କ ସ୍ତ୍ରୀ ଅଞ୍ଜଳିଙ୍କ ପ୍ରସବ ବେଦନା ହେବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ତା ପରେ ଅଞ୍ଜଳିଙ୍କ ସ୍ୱାସ୍ଥ୍ୟରେ ତୀବ୍ର ଅବନତି ଘଟିବାରୁ ଡାକ୍ତର ତାଙ୍କୁ କଟକ ନେବା ପାଇଁ ପରାମର୍ଶ କରିଥିଲେ। ଗୁରୁତର ଅବସ୍ଥାରେ ଅଞ୍ଜଳିଙ୍କୁ କଟକ ସ୍ଥାନାନ୍ତରବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତରଙ୍କ ଭୁଲ ଚିକିତ୍ସାରୁ ଏପରି ଅବସ୍ଥା ହୋଇଥିବା ଅଭିଯୋଗ କରି ବିଳମ୍ବିତ ରାତିରେ ଉତ୍ତେଜିତ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୭କୋଟି ଟଙ୍କା ବ୍ୟୟରେ ନିର୍ମିତ ଏମ୍‌ସିଏଚ୍ ବିଲ୍ଡିଂର ବ୍ୟାପକ କ୍ଷୟକ୍ଷତି ହେବା ସହ ବହୁ ମୂଲ୍ୟବାନ୍ ଔଷଧ ନଷ୍ଟ ହୋଇଛି। ପୋଲିସ ପହଞ୍ଚି ଉତ୍ତେଜିତ ଲୋକମାନଙ୍କୁ ବୁଝାଶୁଝା କରିଥିଲା। ହେଲେ ରାତି ପ୍ରାୟ ୧୨ଟା ସମୟରେ ମହିଳାଙ୍କ ମୃତଦେହ ପହଞ୍ଚିବା ପରେ ପୁଣି ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ସହ ଡ୍ୟୁଟିରେ ଥିବା ଡାକ୍ତରଙ୍କ ଗିରଫ ଦାବିରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିବାକୁ ଚେଷ୍ଟା କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲା। ପରେ ପରିବାର ଲୋକେ ମୃତଦେହକୁ ନେଇ ସଂସ୍କାର କରିଥିଲେ। ସୂଚନାଯୋଗ୍ୟ, ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ୬ଜଣ ଡାକ୍ତରଙ୍କ ବଦଳରେ ମାତ୍ର ୩ଜଣ ଡାକ୍ତର ରହିଛନ୍ତି। ଅଧିକାଂଶ ସମୟରେ ସନ୍ଧ୍ୟାପରେ ଡାକ୍ତର ରହୁନାହାନ୍ତି। ଫଳରେ ସନ୍ଧ୍ୟାରେ ଚିକିତ୍ସା ପାଇଁ ଆସୁଥିବା ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଚାଲିଥିବା ରୋଗୀ କଲ୍ୟାଣ ସମିତି ସେବା ଯୋଗାଇବା ପରିବର୍ତ୍ତେ ରୋଗୀମାନଙ୍କୁ ଶୋଷଣ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ ଷ୍ଟାଫ୍ ନିଯୁକ୍ତି କରିବା ସହ ୨୪ ଘଣ୍ଟା ରୋଗୀ ସେବା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ମାଡ଼ମାରିବା ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା,୧୪।୫(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଚଢେଇଧରା ଫାଣ୍ଡି ଅନ୍ତର୍ଗତ ବାଉଁଶମୂଳୀ ଗ୍ରାମରେ ଜଣେ ମହିଳାଙ୍କୁ ମାଡ଼ ମାରିବା ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୁବକ ଜଣଙ୍କ ବାଉଁଶମୂଳୀ ଗ୍ରାମର ନରହରି ମଲିକ (୩୦)। ପ୍ରକାଶ ଯେ, ଭୀମସେନ ମଳିକଙ୍କ ସ୍ତ୍ରୀ ଭାଗୀ ମଲିକ (୫୦) ଓ ନରହରିଙ୍କ ମଧ୍ୟରେ ୧୧ ତାରିଖ ରାତିରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ନରହରି ଭାଗୀଙ୍କୁ ମାଡ଼ ମାରିଥିବା ନେଇ ଭୀମସେନ୍ ଚଢେଇଧରା ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୧୦୩/୧୯) ରୁଜୁ କରି ନରହରିଙ୍କୁ ଗିରଫ କରିଥିଲା।

### ଭାଗବତ ସପ୍ତାହ ଉଦ୍‌ଯାପିତ



କୋରେଇ,୧୪।୫(ସ୍ୱ.ପ୍ର.)- ପାଣିକୋଇଲି ପଞ୍ଚାୟତ ଅଳତିରୀ ଗ୍ରାମରେ ଥିବା ରାଧାରମଣ ଠାକୁର ବାଡ଼ିରେ ଗତ ସୋମବାର ଠାରୁ ଆରମ୍ଭ ହୋଇଥିବା ଭାଗବତ ସପ୍ତାହ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବେଦଜ୍ଞ ବ୍ରାହ୍ମଣ ଅକ୍ଷୟ କୁମାର ଦାସ ଭାଗବତ ପାଠ କରିଥିବାବେଳେ କର୍ତ୍ତାକର୍ତ୍ତ୍ରୀଭାବେ ଅରୁପାନନ୍ଦ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ବିନୋଦିନୀ ଜାଗୁଲାଇ ପୁଷ୍କରିଣୀରୁ ଜଳ ଆଣି ସଂକଳ୍ପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ସୂର୍ଯ୍ୟମଣୀ ପଣ୍ଡା, ଲକ୍ଷ୍ମୀଧର ପଣ୍ଡା, ଦାମୋଦର ପଣ୍ଡା ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଗ୍ରାମର ସନ୍ତୋଷ କୁମାର ରାୟ, ରାମଚନ୍ଦ୍ର ବିଶ୍ୱାଳ, ରେଣୁବାଳା ବିଶ୍ୱାଳ, କୀର୍ତ୍ତନ ଓଝା, ବଟକୃଷ୍ଣ ରାୟ, ନିର୍ମଳ ମଲ୍ଲିକ, କୃଷ୍ଣଚନ୍ଦ୍ର ମଲିକ, ନିରଞ୍ଜନ ନାୟକ, ଶଙ୍କର୍ଷଣ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ।

### ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

ରସୁଲପୁର,୧୪।୫(ଡି.ଏନ.ଏ.)- ଚୋରା ମଦ ବ୍ୟବସାୟ ହେଉଥିବା ଖବରପାଇ ପୋଲିସ ସୋମବାର ରାତିରେ କଲଣ ଗାଁର ଦଳିତ ସାହିରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ହେଲେ ମିଞ୍ଜି ମଲିକ (୨୭)। ପୋଲିସ ତାଙ୍କଠାରୁ ୧୨ ଲିଟର ଦେଶୀ ମଦ ଜତ କରିବା ସହ ଏକ ମାମଲା (ନଂ.୧୩୭/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଏଏସ୍‌ଆଇ କୃଷ୍ଣଚନ୍ଦ୍ର ରାଉତ ମାମଲାର ତଦନ୍ତ କରୁଛନ୍ତି। ପ୍ରକାଶ ଯେ, ରସୁଲପୁର ବ୍ଲକରେ ଦିନକୁ ଦିନ ଚୋରା ମଦ କାରବାର ବଢିବାରେ ଲାଗିଛି। ଗାଁ ଗଣ୍ଡାରେ ଅବାଧ ଚୋରା ମଦ କାରବାର ହେଉଥିବା ଅଭିଯୋଗ ହେଉଛି।

### ହୃଦ୍‌ଘାତରେ ପୋଲିସ କର୍ମଚାରୀଙ୍କ ପରଲୋକ

କୋରେଇ,୧୪।୫(ସ୍ୱ.ପ୍ର.)- ଯାଜପୁର ଜିଲା ପୋଲିସରେ କାର୍ଯ୍ୟରତ ଲକ୍ଷ୍ମୀଧର ତ୍ରିପାଠୀଙ୍କର ସୋମବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। ସ୍ୱର୍ଗତ ତ୍ରିପାଠୀଙ୍କ ଘର କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ଦେଉଳୀ ଗ୍ରାମରେ। ସୋମବାର ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ଯାଜପୁରରୋଡ଼ କ୍ଷେତ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ କଟକ ନେବାକୁ ପରାମର୍ଶ ଦେବାରୁ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ସରଳ, ଅମାୟିକ ଓ କର୍ତ୍ତବ୍ୟନିଷ୍ଠ ପୋଲିସ କର୍ମଚାରୀ ଭାବେ ସମଗ୍ର ଜିଲାରେ ଜଣାଶୁଣା। ୧୯୮୨ରେ ଜଟକ ଜିଲାରେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୨୦ ମାର୍ଚ୍ଚରେ ଯାଜପୁର ଜିଲା ପୋଲିସରୁ ଅବସର ଗ୍ରହଣ କରିଥାନ୍ତେ। ମୃତ୍ୟୁ ଖବରପାଇ ଏସ୍‌ପି ଚରଣ ସିଂ ମୀନା ଓ ଉପଆରକ୍ଷୀ ଅଧିକ୍ଷକ ଅକ୍ଷୟ କୁମାର ଦାସ ଓ ଜିଲା ପୋଲିସରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଗଭୀର ଶୋକବ୍ୟକ୍ତ କରିଥିଲେ। ସହକର୍ମୀ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ପାଣିକୋଇଲିସ୍ଥିତ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ। ଏକ ମାତ୍ର ପୁତ୍ର ରାକେଶ ମୁଖାଗ୍ନି ଦେଇଥିଲେ।

## ସିଆର୍‌ସିସି ମାନ ପରୀକ୍ଷାରୁ ବଞ୍ଚିତ

# ପୁନଃ ପରୀକ୍ଷା ଦାବିକଲେ ଶିକ୍ଷକ

କୋରେଇ,୧୪।୫(ସ୍ୱ.ପ୍ର.)

ସୋସିଆଲ ମିଡିଆରୁ ସିଆରସିସି ମାନ ପରୀକ୍ଷା ହେବା ଜାଣି ମଙ୍ଗଳବାର ଦଶରଥପୁର ବ୍ଲକରୁ ଆବେଦନ କରିଥିବା ୧୦ ଶିକ୍ଷକ କୋରେଇ ବ୍ଲକ ଅନ୍ତର୍ଗତ ନଗୁଁଆସ୍ଥିତ ଜିଲା ଶିକ୍ଷା ଓ ପ୍ରତିଷ୍ଠାନ, ଯାଜପୁରକୁ ଆସିଥିଲେ। ହେଲେ ଦଶରଥପୁର ବିଇଓଙ୍କ ଚଞ୍ଚକତା ଯୋଗୁ ପରୀକ୍ଷା ଦେଇ ନ ପାରି ୨ଘଣ୍ଟା ଧରି ଖରାରେ ଛିଡା ହେବା ପରେ ଜିଲା ଶିକ୍ଷାଧିକାରୀ ଓ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟିବାକୁ ଯାଇ ନିରାଶ ହୋଇଥିବା ଜଣାପଡ଼ିଛି। ଶେଷରେ ପରୀକ୍ଷାରୁ ବଞ୍ଚିତ ଶିକ୍ଷକ ଏହି ପରୀକ୍ଷାକୁ ବାତିଲ କରାଯାଇ ପୁନଃ ପରୀକ୍ଷାର ଦିନ ଧାର୍ଯ୍ୟ କରିବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, ଗତ ଫେବୃୟାରୀରେ

**ବିଇଓଙ୍କ ଚଞ୍ଚକତା ଅଭିଯୋଗ**

ସିଆରସିସି ମାନ ପରୀକ୍ଷା ହେବା ପାଇଁ ଘୋଷଣା ହୋଇଥିଲା। ତଦନୁଯାୟୀ ଜିଲାର ୧୦ ବ୍ଲକରୁ ଯୋଗ୍ୟ ପ୍ରାର୍ଥୀମାନେ ଆବେଦନ କରିଥିଲେ ଏବଂ ଜିଲା ଶିକ୍ଷା ଓ ପ୍ରତିଷ୍ଠାନରେ ମେ ୧୪ରେ ହେବାକୁ ସ୍ଥିର ହୋଇଥିଲା। କିନ୍ତୁ ଦଶରଥପୁର ବ୍ଲକ ବିଇଓ ଚଞ୍ଚକତା କରି ଅଯୋଗ୍ୟ ପ୍ରାର୍ଥୀଙ୍କୁ ପରୀକ୍ଷା ଦେବାକୁ ସୁଯୋଗ ଦେଇ ଯୋଗ୍ୟ ପ୍ରାର୍ଥୀଙ୍କ ନାମ କାଟି ଦେଇଥିବା ଅଭିଯୋଗ ହୋଇଛି। ଏଥିସହ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ପରୀକ୍ଷା ହେବା ନେଇ ଯୋଗ୍ୟ ପ୍ରାର୍ଥୀଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା ଜଣାପଡ଼ିଛି। ଫଳରେ ଆବେଦନ କରିଥିବା ଶିକ୍ଷକ ପ୍ରବୀଣ କୁମାର ଦାସ, ପ୍ରଫୁଲ୍ଲ କୁମାର ନାଥ, ବାଇଧର ଦାସ, ରତିକାନ୍ତ ସାମଲ, ଚିତ୍ତରଞ୍ଜନ ପରିଡା, ହରେକୃଷ୍ଣ ଜେନା, ସୁବ୍ରତ କୁମାର ସୂତାର, କାହ୍ନୁଚରଣ ଜେନା, ଶରତ କୁମାର ସାହୁ ପ୍ରମୁଖ ସୋସିଆଲ ମିଡିଆରୁ ପରୀକ୍ଷା କଥା ଜାଣି ଓ ସେମାନଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ଦଶରଥପୁର ବିଇଓ ଗୟାଧର ନନ୍ଦଙ୍କୁ ଭେଟିଥିଲେ। ବିଇଓ ନନ୍ଦ ଜାଣିଶୁଣି ଚଞ୍ଚକତା କରି ସେମାନଙ୍କ ନାମ ବାଦ୍ ଦେଇଥିବା ଅଭିଯୋଗ ହେବାରୁ ଏକ ଆଡିଶନାଲ ଚିଠି କରି ତୁମେ ଯାଅ, ପରୀକ୍ଷା ଦେଇପାରିବ ବୋଲି କହିଥିଲେ। ଶିକ୍ଷକମାନେ ବିଇଓଙ୍କ କଥାରେ ମଙ୍ଗଳବାର ପରୀକ୍ଷା କେନ୍ଦ୍ରକୁ ଆସିଥିଲେ ହେଁ ସେମାନଙ୍କୁ ସୁଯୋଗ ଦିଆଯାଇ ନ ଥିବା ଜଣାପଡ଼ିଛି। ୨ ଦିନ ତଳୁ ଚିଠି ଆସିଥିଲେ ପରୀକ୍ଷା ହୋଇପାରିଥାନ୍ତା ବୋଲି ପରୀକ୍ଷା କେନ୍ଦ୍ର ପକ୍ଷରୁ କୁହାଗଲା। ହେଲେ ଅର୍ଦ୍ଧାଧିକ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ସୁଯୋଗ ଥାଇ ମଧ୍ୟ ୧୦ ଶିକ୍ଷକଙ୍କୁ ବଞ୍ଚିତ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଦଶରଥପୁର ବ୍ଲକ ପରୀକ୍ଷାକୁ ବାତିଲ କରାଯାଇ ପୁନଃ ପରୀକ୍ଷା କରିବାକୁ ଶିକ୍ଷକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଇଓ ନନ୍ଦଙ୍କୁ ପଚାରିବାରୁ, ଭୁଲ୍ ଥିବା ସ୍ୱୀକାର କରିବା ସହ ଡିପିସିଙ୍କ ସହ ଆଲୋଚନା କରି ପୁନଃ ତାଲିକା ଦିଆଯାଇଥିଲା। କିନ୍ତୁ ବିଳମ୍ବ ହେବାରୁ ତାହା କାର୍ଯ୍ୟକାରୀ ହୋଇପାରିଲାନାହିଁ ବୋଲି କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମା ଖୋଜେ ପେଟ,**
**ମାଇପ ଖୋଜେ କରାଟ ।**

ମା' ସ୍ନେହମୟୀ, ମମତାମୟୀ । ସବୁବେଳେ ପିଲାର ଭଲ ଚାହେଁ। ପିଲାଟି ଖାଇଛି କି ନାହିଁ ବୁଝେ। ପେଟ ଦେଖି ପିଲାର ମନ କଥା ବେଶ୍ ଭଲ ଭାବେ ଜାଣିପାରେ। ଟଙ୍କା ପଇସା ଅପେକ୍ଷା ପିଲାର ଦେହ ପା' ତା' ପାଇଁ ବେଶି ଗୁରୁତ୍ୱ ରଖିଥାଏ। ପରନ୍ତୁ ସ୍ତ୍ରୀ ସ୍ୱାମୀର ରୋଜଗାରକୁ ବେଶି ପ୍ରାଧାନ୍ୟ ଦେଇଥାଏ। ସ୍ୱାମୀଠାରୁ ତା'ର ଟଙ୍କା ପଇସାରେ ବେଶି ଲୋଭ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଲ୍ଲୀଫୁଲ ମଉଳିଲା,**
**କେଉଁ ରସିକକୁ ଅନେଇଥିଲୁ,**
**ଓଦାଲୁଗା ଶୁଖିଗଲା ।**

ମନର ମଣିଷ ସହ ଭେଟ ନ ହୋଇପାରିଲେ ପ୍ରେମୀ ମନ ଭାଙ୍ଗିଯାଏ। ମନ ଊଣା ହେବାସହ ରାଗ ରୋଷ ବଢ଼ିଯାଏ। ପ୍ରେମରେ ପ୍ରତୀକ୍ଷା ସାଧାରଣତଃ ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ମନର ମଣିଷ ସହ ଭେଟ ହେବା ନେଇ ମନରେ ଅଙ୍କୁରନ୍ତି ଆଶା କିନ୍ତୁ ତାହା ଫଳପ୍ରସୂ ହୋଇ ନ ପାରିବା ଯୋଗୁ ପ୍ରେମୀ ହତାଶ ହୋଇପଡ଼ିଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ରସୁଲପୁର ବ୍ଲକ

# ଅଘୋଷିତ ନିୟମରେ ଚାଲିଛି ରିଲିଫ ବଣ୍ଟନ

ରସୁଲପୁର,୧୪।୫(ଡି.ଏନ୍.ଏ.)- ବାତ୍ୟା ଫନି ପ୍ରଭାବିତ ଲୋକଙ୍କୁ ସରକାର ୩ଦିନ ରିଲିଫ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏହିକ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକର ୨୮ଗୋଟି ପଞ୍ଚାୟତରେ ରିଲିଫ ଚାଉଳ ପହଞ୍ଚି ଯାଇଛି। ମାତ୍ର ରିଲିଫ ଚାଉଳ ବଣ୍ଟନରେ ଅହେତୁକ ବିଳମ୍ବ ଦେଖାଦେଇଛି। ଚାଉଳ ପହଁଚିବାର ପ୍ରାୟତଃ ସପ୍ତାହକ ପରେ ବି ଅଧିକାଂଶ ପଞ୍ଚାୟତରେ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ। ରିଲିଫ ଚାଉଳ ଓ ପଞ୍ଚାୟତର ଜନସଂଖ୍ୟା ମଧ୍ୟରେ ତାଳମେଳ ରହୁନାହିଁ। ଫଳରେ ରିଲିଫ ବଣ୍ଟନକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ପାଇଁ ରିଲିଫ ଚାଉଳ ଅଡୁଆ ସୃଷ୍ଟି କରୁଛି ବୋଲି କୁହାଯାଉଛି। କେତେକ ପଞ୍ଚାୟତରେ ଲୋକ ସଂଖ୍ୟା ତୁଳନାରେ କମ୍ ଚାଉଳ ଆସିଥିବାରୁ ରିଲିଫ ଦାୟିତ୍ୱରେ ଥିବା ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିଙ୍କ ସହ ବୁଝାବଣା କରି ଅଘୋଷିତ ନିୟମ ଆଧାରରେ ଚାଉଳ ବାଣ୍ଟିବା ଆରମ୍ଭ କରିଛନ୍ତି। ଏହି ସୁଯୋଗରେ କେତେକ ସ୍ଥାନରେ ଚାଉଳ ବାଟମାରଣ ହେଉଥିବା ମଧ୍ୟ ଅଭିଯୋଗ ହେଉଛି।ପ୍ରକାଶ ଯେ, ୨୦୧୧ ଜନଗଣନା ଆଧାରରେ ଏହି ବ୍ଲକରେ ୩୬,୮୯୩ ପରିବାର ରହିଛି। ମୋଟ ଜନସଂଖ୍ୟା ୧,୭୨,୮୫୯ ଥିବାବେଳେ ପୁରୁଷ ସଂଖ୍ୟା ୮୮,୧୯୭ ଓ ମହିଳା ସଂଖ୍ୟା ୮୪୬୬୨ ବୋଲି ଜଣାପଡ଼ିଛି। ଜନଗଣନାର ୮ବର୍ଷ ପରେ ୧୨ ଶତକଡ଼ା ବର୍ଦ୍ଧିତ ହାରରେ ଅର୍ଥାତ ୧ଲକ୍ଷ ୯୪ହଜାର ଲୋକଙ୍କ ପାଇଁ ରିଲିଫ ଚାଉଳ ଆସିଛି। ତଳସ୍ତରରେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ପ୍ରତିବର୍ଷ ୨.୨୫ଶତକଡା ହାରରେ ଜନସଂଖ୍ୟାରେ ବୃଦ୍ଧି ଘଟିଥାଏ। ଏହି ହାରରେ ଜନଗଣନା ଶେଷ ହେବାର ଅବଧି ମଧ୍ୟରେ ବ୍ଲକର ମୋଟ ଜନସଂଖ୍ୟାର ୧୮ଶତକଡ଼ା ଜନସଂଖ୍ୟା ବୃଦ୍ଧି ଘଟିଛି । ଏବେ ବ୍ଲକର ହାରାହାରି ଜନସଂଖ୍ୟା ୨ଲକ୍ଷରୁ ଊର୍ଦ୍ଧ୍ୱ ବୋଲି ଜଣାପଡ଼ିଛି। ତେବେ ବ୍ଲକକୁ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ କମ୍ ଚାଉଳ ଆସିଛି । କମ୍ ଚାଉଳକୁ ଅଧିକ ଲୋକଙ୍କ ମଧ୍ୟରେ ବାଣ୍ଟିବା ସମୟରେ ଅଧିକାରୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି। ତେବେ ଅଧିକାରୀମାନେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ବୁଝାମଣାରେ ଚାଉଳ ବାଣ୍ଟିବା ପାଇଁ ଏକ ଅଘୋଷିତ ନିୟମ ପ୍ରସ୍ତୁତ କରୁଛନ୍ତି । ସେହି ଆଧାରରେ ଚାଉଳ ବାଣ୍ଟିବା ବେଳେ କେତେକ ଗାଁରେ ସମସ୍ୟା ଉପୁଜିଛି। ବିଶେଷକରି ବଡକଇଁଚି, ଲକ୍ଷ୍ମୀନଗର, ମୁଗୁପାଳ ଭଳି ଅନେକ ପଞ୍ଚାୟତରେ ଏଭଳି ସ୍ଥିତି ଉପୁଜିଛି। ସରକାରୀ ନିୟମ ଅନୁଯାୟୀ ମୁଣ୍ଡ ପିଛା ବଡ଼ଙ୍କୁ ୩କିଲୋ ଓ ସାନକୁ ୧.୫କିଲୋ ଚାଉଳ ପ୍ରଦାନ ନିୟମକୁ ପାଳନ କରାଯାଇ ପାରୁନି। ଏଭଳି ଅଭାବନୀୟ ସ୍ଥିତି ଯୋଗୁଁ ବହୁ ପଞ୍ଚାୟତରେ ରିଲିଫ ଚାଉଳ ବଣ୍ଟନରେ ବାଧା ଉପୁଜିଛି। ନିର୍ବାଚନୀ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ମାତ୍ର ଏହି ସମୟରେ ଜନ ପ୍ରତିନିଧିଙ୍କ ହସ୍ତକ୍ଷେପକୁ ଅନେକ ଗ୍ରହଣ କରିପାରୁ ନଥିବାରୁ ରିଲିଫ ଚାଉଳ ବଣ୍ଟନ ବେଳେ ଗଣ୍ଡଗୋଳ ଉପୁଜିଛି। ଏଭଳି ସ୍ଥିତି ମୁଗୁପାଳ ପଂଚାୟତରେ ଦେଖିବାକୁ ମିଳିଛି । ଏଠି ବିଜେଡି ଓ ଭାଜପା କର୍ମୀ ମୁହାଁମୁହିଁ ହେବା ସହ ମାମଲା ଥାନାରେ ପହଁଚିଛି । କେତେକ ସ୍ଥାନରେ କେବଳ ରାଶନକାର୍ଡଧାରୀଙ୍କୁ ଚାଉଳ ଦିଆଯିବ ବୋଲି କୁହାଯାଉଛି ତ ଆଉ କେତେକ ସ୍ଥାନରେ ଆଧାର କାର୍ଡ ନ ଆଣିଲେ ଚାଉଳ ମିଳିବ ନାହିଁ ବୋଲି କୁହାଯାଉଛି। ଏ ନେଇ ବ୍ଲକ ପ୍ରଶସାନ ଏକପ୍ରକାର କିଂକର୍ତ୍ତବ୍ୟ ବିମୂଢ ହୋଇପଡିଛି। ଏ ସଂପର୍କରେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ ସେ ସରକାରୀ ନିୟମକୁ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ସମସ୍ତଙ୍କୁ କିପରି ରିଲିଫ ଯୋଗାଇ ଦିଆଯିବ ସେ ଉପରେ ଧ୍ୟାନ ଦିଆଯାଉଛି। ମୁଗୁପାଳ ପଞ୍ଚାୟତରୁ ଲିଖିତ ଅଭିଯୋଗ ଆସିଥିଲା। ତାକୁ ସମାଧାନ କରିବା ଯିବା ନେଇ ପଦକ୍ଷେପ ନିଆଯାଇଛି। ଏହାଛଡା ଆଉ କେତେକ ସ୍ଥାନରୁ ମୌଖିକ ଅଭିଯୋଗ ଆସୁଛି । ଲିଖିତ ଅଭିଯୋଗ ଆସିଲେ ଯାହାକିଛି ପଦକ୍ଷେପ ନିଆଯିବ । ରିଲିଫ ବଣ୍ଟନ କାର୍ଯ୍ୟକୁ ତଦାରଖ କରିବା ପାଇଁ ପ୍ରତ୍ୟେକ ଗାଁରେ ଜଣେ ଜଣେ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥବବା ପରିଡ଼ା କହିଛନ୍ତି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

Dharitri : 15, 16, 17, 18, 19, 20 & 21 May 2019
SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

EDUCATION

She made earth her home, for whom heaven was too small. Savitri 11 – Sri Aurobindo.
SRI AUROBINDO INTEGRAL SCHOOL
Managed by Sri Aurobindo Mission Trust, Matrupuram, Ashram (A public Charitable Trust) Matrupuram, Markona At-Bhagia, Po-Markona, Via/PS-Simulia, Dist-Balasore-756126, Mob-9438412353, ESTD.– 1980, Regd. No.-03/2005(Sub-Register, Simulia)
Ref/Letter No RTE Act-2009
Date – 30.03.2019
ADMISSION NOTICE
FOR THE EDUCATION YEAR – 2019-2020
(Ref : COR for Academic Session-2017-18 to 2021-22)
Letter No-4150/Pvt-
Dated 29.03.19, DEO, Balasore
- There is no Admission Fees for school admission for all
- There is no Tuition Fees also.
- The School will take on admission of students belonging to weaker sections and disadvantageous group against 25% quota under RTE Act. 2009 as required under Section -12.I.C. of RTE Act.

(Ku. Manjulata Nayak)
PRINCIPAL


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କରିଦେଇ ପାରେ।
-ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

■ ବାପା ପୁଅଙ୍କ ଘରୋଇ କଳିକୁ ନେଇ ଗଣ୍ଡଗୋଳ

### ସ୍ଥାନୀୟ ଲୋକଙ୍କ ମାଡ଼ରେ ପୁଅ ଗୁରୁତର

ଯାଜପୁର ଟାଉନ,୧୪।୫(ଡି.ଏନ୍.ଏ.): ଯାଜପୁରସହର ନିକଟସ୍ଥ ମୋଟରଙ୍ଗପାଳ ଗ୍ରାମରେ ଘରୋଇ କଳିକୁ ନେଇ ବାପା ବୁଧିଆ ପରିଡା ଓ ପୁଅ ଅଚ୍ୟୁତ ପରିଡାଙ୍କ ମଧରେ ଗଣ୍ଡଗୋଳ ଲାଗିଥିଲା। ଏହି ଗଣ୍ଡଗୋଳରେ ବାପ ବୁଧିଆଙ୍କୁ ଲକ୍ଷ୍ୟ କରି ଅଚ୍ୟୁତ ଟେକା ଫୋପାଡିବା ସମୟରେ ସେଠାରେ ଥିବା ବୁଲା ପରିଡ଼ାଙ୍କ ଦେହରେ ବାଜିଥିଲା। ଏହି ଘଟଣା ଦେଖି ସ୍ଥାନୀୟ ଅଞ୍ଚଳର ୨ଜଣ ଯୁବକ ଅଚ୍ୟୁତଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଆହତ ଅଚ୍ୟୁତଙ୍କୁ ପ୍ରଥମେ ଯାଜପୁର ମେଡିକାଲ ନିଆଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

### ବରୀ ବ୍ଲକ ବିଜେଡି ସଭାପତି ନିଲମ୍ବିତ

ରତ୍ନଗିରି/ବରୀ, ୧୪।୫ (ଡି.ଏନ.ଏ./ସ୍ୱ.ପ୍ର.): ବରୀ ବ୍ଲକ ବିଜେଡି ସଭାପତି ସେଖ ସଫିକଉଦ୍ଦିନଙ୍କୁ ମଙ୍ଗଳବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳ ଓ ପଦବୀରୁ ନିଲମ୍ବିତ କରିଛନ୍ତି। ଚଳିତ ନିର୍ବାଚନରେ ୪ ଥର ବିଧାୟକଭାବେ ନିର୍ବାଚିତ ହୋଇଥିବା ଦେବାଶିଷ ନାୟକଙ୍କୁ ବିଜେଡି ତରଫରୁ ଟିକେଟ୍ ନ ମିଳିବାରୁ ବ୍ଲକ ସଭାପତି ସଫିକଉଦ୍ଦିନ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ନେଇ ଜିଲା ଓ ରାଜ୍ୟ ବିଜେଡି ପକ୍ଷରୁ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ନିଲମ୍ବିତ ବ୍ଲକ ସଭାପତି ସଫିକଉଦ୍ଦିନଙ୍କୁ ପଚାରିବାରୁ, ବିଜେଡି କାହାର ପୈତୃକ ସମ୍ପତ୍ତି ନୁହେଁ। ବରୀ ବିଜେଡି କର୍ମୀଙ୍କ ହୃଦୟରେ ଅଛନ୍ତି ବୋଲି ସେ କହିଥିଲେ।

### ଦୁର୍ଘଟଣାରେ ଜଣେ ମୃତ

ଚଣ୍ଡିଖୋଲ,୧୪।୫(ଡି.ଏନ.ଏ.): ୧୬ ନଂ. ଜାତୀୟ ରାଜପଥର ବନ୍ଦାଳ ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ଖବରପାଇ ବଡ଼ଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୨/୧୯) ରୁଜୁ କରିଛି। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବା ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା ପ୍ରକାଶ କରିଛନ୍ତି।

## ବାଟବଣା ସର୍ବଶିକ୍ଷା ଅଭିଯାନ

# ୫ବର୍ଷରେ କମିଲେଣି ୨୭ ହଜାର ଛାତ୍ରୀଛାତ୍ର

ଯାଜପୁର ଅଫିସ,୧୪।୫

ସର୍ବଶିକ୍ଷା ଅଭିଯାନ ଯାଜପୁର ଜିଲା ବିଶେଷକରି ଏହାର ଗ୍ରାମାଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ସ୍କୁଲରେ ରଖିବାରେ ସେତେଟା ସଫଳ ହୋଇପାରି ନାହିଁ। ଗତ ୫ବର୍ଷ ମଧ୍ୟରେ ୨୭,୭୦୩ ଜଣ ଛାତ୍ରୀଛାତ୍ରଙ୍କ ହ୍ରାସ ପାଇବା ଏହାକୁ ଇଙ୍ଗିତ କରୁଛି। ଅନ୍ୟପକ୍ଷେ ଜିଲାର ୩୫ଟି ସ୍କୁଲରେ ଏଯାଏ ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ ସୁବିଧା ଓ ସ୍କୁଲ ଶ୍ରେଣୀଗୃହରେ ବିଦ୍ୟୁତୀକରଣ ବ୍ୟବସ୍ଥା ହୋଇପାରି ନାହିଁ। ଏହିସବୁ କାରଣରୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଉଥିବାବେଳେ ସର୍ବଶିକ୍ଷା ଅଭିଯାନର ଉଦ୍ଦେଶ୍ୟ ଜିଲାରେ ସୁଦୂର ପରାହତ ହୋଇଛି ବୋଲି ମତପ୍ରକାଶ ପାଉଛି।

ସ୍କୁଲ ମନିଟରିଂ ଆପ(ଏସ୍ଏମ୍ଏ) ଜରିଆରେ ସଂଗ୍ରହ ହୋଇଥିବା ତଥ୍ୟ ଇଙ୍ଗିତ କରୁଛି ଯେ, ଯାଜପୁର ଜିଲାର ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମି ଏବେ ବି ଦୁର୍ବଳ ରହିଛି। ଏହି ଦୃଷ୍ଟିରୁ ଶିକ୍ଷା ବିଭାଗ ଅଧିକାରୀମାନଙ୍କ କାର୍ଯ୍ୟ ସମ୍ପାଦନରେ ଆହୁରି ଉନ୍ନତି କରିବାର ଆବଶ୍ୟକତା ରହିଛି ବୋଲି ଓଡିଶା ପ୍ରାଥମିକ ଶିକ୍ଷା ପ୍ରୋଗ୍ରାମ ପ୍ରାଧିକରଣ(ଓପେପା)ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସର୍ବଶିକ୍ଷା ଅଭିଯାନ ଦ୍ୱାରା ପରିଚାଳିତ ଜିଲାର ସମୁଦାୟ ୨୦୧୨ସରକାରୀ ସ୍କୁଲ ମଧ୍ୟରୁ ୧୯୧୪ଟି ସ୍କୁଲରେ ସ୍ୱଚ୍ଛ ପାନୀୟ ଜଳ ସୁବିଧା ରହିଥିବା ଏସ୍ଏମ୍ଏ ଜରିଆରେ ସୂଚନା ମିଳିଛି । ତେବେ ୮୫ଟି ସ୍କୁଲରେ ଏଯାଏ ସ୍ୱଚ୍ଛ ପାନୀୟ ଜଳ ସୁବିଧା ହୋଇପାରି ନାହିଁ। ସେହିପରି ୪୨୫ ସ୍କୁଲରେ ଉଭୟ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପରିଷ୍କାର ଶୌଚାଳୟ ନିର୍ମାଣ ହୋଇ ନାହିଁ। ସେଥିରୁ ୬୮ଟି ଶୌଚାଳୟ କାର୍ଯ୍ୟକାରୀ ହେଉ ନାହିଁ। ଅନ୍ୟପକ୍ଷେ ୯୪୭ଟି ଶ୍ରେଣୀଗୃହରେ ବିଦ୍ୟୁତ ସଂଯୋଗ ହୋଇ ନ ଥିବାବେଳେ ୧୭ଟି ସ୍କୁଲରେ ବିଦ୍ୟୁତ୍ ବ୍ୟବସ୍ଥା ରହିଥିଲେ ହେଁ ଫ୍ୟାନ ଓ ଲାଇଟ ଅଚଳ ରହିଛି। ୨୦୧୮-୧୯ ଶିକ୍ଷା ବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨,୩୨,୨୯୫ ଛାତ୍ରୀଛାତ୍ର ଅଧ୍ୟୟନରତ । ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୪,୯୭୯, ଦ୍ୱିତୀୟ ଶ୍ରେଣୀରେ ୩୩,୮୫୬ , ତୃତୀୟରେ ୩୨,୫୪୮ , ଚତୁର୍ଥରେ ୩୦,୧୬୧, ପଞ୍ଚମରେ ୩୦,୦୫୦, ଷଷ୍ଠରେ ୨୫,୮୨୬, ସପ୍ତମରେ ୨୮, ୦୯୦ ଓ ଅଷ୍ଟମ ଶ୍ରେଣୀରେ ୨୬, ୭୮୫ ଛାତ୍ରୀଛାତ୍ର ରହିଛନ୍ତି। ତେବେ ୨୦୧୪ ଜୁଲାଇ ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଜିଲାରେ ୨,୫୯,୯୯୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ତେଣୁ ୨୦୧୪ ତୁଳନାରେ ଏବେ ୨୭,୭୦୩ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇଛି। ଦାରିଦ୍ର୍ୟ, ଗ୍ରାମବସତିଠାରୁ ସ୍କୁଲର ଦୂରତା କାରଣରୁ ପାଠପଢାରୁ ଦୂରେଇ ରହିଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ପାଠପଢା ପ୍ରତି ଆଗ୍ରହ ଜନ୍ମାଇବା ଦିଗରେ ସର୍ବଶିକ୍ଷା ଅଭିଯାନର ବିଫଳତା ଏହାର ଏକ ପ୍ରମୁଖ କାରଣ ହୋଇପାରେ। ସେହିପରି ଗ୍ରାମାଞ୍ଚଳ ସ୍କୁଲଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଭାବ, ବିଭିନ୍ନ ସରକାରୀ କାର୍ଯ୍ୟରେ ଶିକ୍ଷକଙ୍କ ନିୟୋଜନ, ଶିକ୍ଷକଙ୍କ ଅନୁପସ୍ଥିତି ଯୋଗୁ ସ୍କୁଲ ବନ୍ଦ ରହିବା ମଧ୍ୟ ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ଆକର୍ଷିତ କରିପାରୁ ନାହିଁ। ଏହାବାଦ ସ୍କୁଲରେ ଶୌଚାଳୟ, ପାଣି ଓ ଆବଶ୍ୟକ ବିଲ୍‌ଡିଂକୁ ନେଇ ଜିଲାରେ ଅବ୍ୟବସ୍ଥା ରେକର୍ଡ ସୃଷ୍ଟି କରିଛି। ଏହାର ପ୍ରତିକାର ପାଇଁ ୨୦୧୬ ମସିହାରେ ରାଜ୍ୟ ମାନବାଧିକାର କମିଶନ (ଏସ୍ଏଚ୍ଆର୍‌ସି)ଙ୍କ ନିକଟରେ ମଧ୍ୟ ଏକ ମାମଲା ରୁଜୁ ହୋଇଛି। ଏନେଇ ଓପେପା ପକ୍ଷରୁ ୨୦୧୮ଏପ୍ରିଲ ୧୭ତାରିଖରେ ସବିଶେଷ ତଥ୍ୟ ମଗାଯାଇଥିଲା। ତେବେ ସେତେବେଳେ ଜିଲା ସିଭିଲ ଇନ୍‌ଫ୍ରାଷ୍ଟ୍ରକ୍ଚର ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ୫୭ଟି ସ୍କୁଲରେ ବାଳିକା ଏବଂ ୩୨ଟି ସ୍କୁଲରେ ବାଳକଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ନ ଥିଲା। ସେହିପରି ୨୦ଟି ସ୍କୁଲ ଗୃହ ନ ଥିବାର ରିପୋର୍ଟରେ ଦର୍ଶାଯାଇଥିଲା। ଏବେ ସ୍କୁଲ ମନିଟରିଂ ଡାଟା ଉପରେ ପୁଣି ତର୍କବିତର୍କ ଆରମ୍ଭ ହୋଇଛି। ଓପେପାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପତ୍ର ଅନୁସାରେ ସ୍କୁଲଗୁଡ଼ିକରେ ସ୍ୱଚ୍ଛ ପାନୀୟ ବ୍ୟବସ୍ଥା, ସ୍ୱତନ୍ତ୍ର ଶୌଚାଳୟ ଓ ଶୌଚାଳୟ ଠିକ ଭାବେ କାର୍ଯ୍ୟକାରୀ ନ ହେବା, ଶ୍ରେଣୀଗୃହରେ ବିଦ୍ୟୁତ ସଂଯୋଗ ନ ଥିବା ଓ ବିପଦପୂର୍ଣ୍ଣ ଖୋଲା ବିଦ୍ୟୁତ ପଏଣ୍ଟ ରହିଥିବା, ଫ୍ୟାନ ଓ ଆଲୁଅ ବ୍ୟବସ୍ଥା ନ ଥିବା, ସ୍କୁଲ ଗୃହରେ କାନ୍ଥ ଆଦି ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏ ସଂକ୍ରାନ୍ତରେ ଓଡିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟିର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ ଜିଲା ସ୍କୋରବୋର୍ଡ ସ୍ରଷ୍ଟି ଓ ଏହାର କାର୍ଯ୍ୟକାରିତା ଉପରେ ଏକ ପଦକ୍ଷେପ ଆରମ୍ଭ କରିଛନ୍ତି । ଏଥିରେ ଚଳିତ ଶିକ୍ଷା ବର୍ଷ ଶେଷସୁଦ୍ଧା ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା, ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଓ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତି ୧୦୦ ପ୍ରତିଶତ କରିବାକୁ ଧାର୍ଯ୍ୟ କରିଛନ୍ତି। ବିଦ୍ୟୁତ ସଂଯୋଗ ଓ ସମସ୍ତ ଶ୍ରେଣୀ କୋଠରିରେ ଲାଇନ ଓ ଫ୍ୟାନ ବ୍ୟବସ୍ଥା ୧୦ପ୍ରତିଶତ ବଢାଇବାକୁ ଲକ୍ଷ୍ୟ ରଖାଯାଇଛି ।

**ଯାଜପୁର ଜିଲା**

- ■୩୫ ସ୍କୁଲରେ ମୌଳିକ ସୁବିଧା ଅପହଞ୍ଚ
- ■୮୫ ସ୍କୁଲରେ ନାହିଁ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା
- ■କାର୍ଯ୍ୟକାରୀ ହେଉନାହିଁ ୬୮ ଶୌଚାଳୟ
- ■୯୪୭ ଶ୍ରେଣୀଗୃହରେ ନାହିଁ ବିଦ୍ୟୁତ୍ ସଂଯୋଗ

## ୧୩ ଛୁଆ ସହ ନାଗ ଉଦ୍ଧାର



କଳିଙ୍ଗନଗର, ୧୪।୫(ଡି.ଏନ୍.ଏ.)

ଦାନଗଦୀ ବ୍ଲକ ଅନ୍ତର୍ଗତ ମାନପୁର ଓଭର ବ୍ରିଜ୍ ନିକଟରେ ରହୁଥିବା ଶିବ ପ୍ରସାଦ ଜେନାଙ୍କ ଘରୁ ମଙ୍ଗଳବାର ଛୁଆ ସହ ନାଗ ଉଦ୍ଧାର କରାଯାଇଛି। ଉଦ୍ଧାର ନାଗଗୁଡିକୁ ନିକଟସ୍ଥ ଜଙ୍ଗଲରେ ଛଡାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ସକାଳେ ଶିବଙ୍କ ଘରେ ଏକ ଛୁଆ ନାଗ ପଶିବା ପରିବାର ଲୋକେ ଦେଖିଥିଲେ। ଏ ନେଇ ଯାଜପୁର ରୋଡ୍ ବନ ବିଭାଗ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ଖବର ପାଇ ଯାଜପୁର ରୋଡ ବନବିଭାଗ କର୍ମଚାରୀଙ୍କ ସହ ସ୍ନେକ୍ ହେଲ୍ପ ଲାଇନ୍‌ର ମଣିଭଦ୍ର ମଲ୍ଲିକ ପହଞ୍ଚି ଥିଲେ। ବହୁ ସମୟ ଧରି ଖୋଜାଖୋଜି ପରେ ଶିବଙ୍କ ଘର ପାଖରେ ପଡିଥିବା ଭଙ୍ଗା ଆଜବେଷ୍ଟସ୍ ତଳୁ ୧୩ ଛୁଆ ସହ ନାଗକୁ ଉଦ୍ଧାର କରାଯାଇଥିଲା।

## ଜିଲାର ୫୭୭ ବିଦ୍ୟାଳୟ ଗୃହ ଫନୀ ଝଡ଼ରେ କ୍ଷତିଗ୍ରସ୍ତ

ଯାଜପୁର ଟାଉନ,୧୪।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ଯାଜପୁର ଜିଲାର ସମସ୍ତ ୧୦ଗୋଟି ବ୍ଲକ ଅଞ୍ଚଳରେ ଥିବା ବିଦ୍ୟାଳୟ ମଧ୍ୟରୁ ୫୭୭ଗୋଟି ବିଦ୍ୟାଳୟ ଗୃହ କ୍ଷତିଗ୍ରସ୍ତ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ ଜିଲାରେ ଥିବା ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟ ଓ ମହାବିଦ୍ୟାଳୟର କ୍ଷୟକ୍ଷତିକୁ ପ୍ରଶାସନ ହିସାବକୁ ନେଉ ନ ଥିବା କୁହାଯାଇଛି। ଯେହେତୁ ଏହା ସରକାରୀ ସର୍ତ୍ତାବଳୀ ହାସଲ କରି ନାହିଁ ଏହି ବର୍ଗର ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକ ପ୍ରଳୟଙ୍କରୀ ଫନୀର ଆକ୍ରମଣରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଏହାର ପୁନରୁଦ୍ଧାର ପାଇଁ ସରକାରୀ ସହାୟତା ମିଳିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ନେଇ ବିଦ୍ୟାଳୟ କମିଟି ତଥା ଶିକ୍ଷକ କର୍ମଚାରୀଙ୍କ ମନରେ ଘୋର ଅସନ୍ତୁଷ୍ଟ ପ୍ରକାଶ ପାଇଛି । ଧର୍ମଶାଳା, ବିଞ୍ଝାରପୁର ଓ ବରୀ ବ୍ଲକ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ଅଧିକ କ୍ଷୟକ୍ଷତି ହୋଇଥିବା ବେଳେ ଅନ୍ୟ ବ୍ଲକରେ ଥିବା ବିଦ୍ୟାଳୟଗୁଡିକରେ ଆଂଶିକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ଆସନ୍ତା ଜୁନ୍ ୧୮ତାରିଖ ବେଳକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ପାଠପଢା ଆରମ୍ଭ ହେବାକୁ ଯାଉଥିବାବେଳେ ଏହାର ମରାମତି ଓ ପୁନରୁଦ୍ଧାର ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏଯାବତ୍ କୌଣସି ପଦକ୍ଷେପ ନିଆଯାଇ ନାହିଁ । ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ପ୍ରୋତ୍ସାହନ ରାଶି ମିଳିଲେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ହୋଇପାରନ୍ତା ବୋଲି ବିଭିନ୍ନ ବିଦ୍ୟାଳୟର କମିଟି ପକ୍ଷରୁ କୁହାଯାଇଛି।

## ଅନ୍ଧାରରେ ବଡ଼ଚଣାର ୩୦ ଗ୍ରାମ

ଚଣ୍ଡିଖୋଲ,୧୪।୫(ଡି.ଏନ.ଏ.)

ବାତ୍ୟା 'ଫନୀ' ପ୍ରଭାବରେ ବଡ଼ଚଣା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଦ୍ୟୁତ୍ ସେବା ମଧ ବିପର୍ଯ୍ୟସ୍ତ ହୋଇଛି। ବଡ଼ଚଣା ବିଦ୍ୟୁତ୍ ସବ୍‌ଡିଭିଜନ ଅଧୀନରେ ଥିବା ୨୦୮ ଗ୍ରାମ ମଧ୍ୟରୁ ୧୭୮ ଗ୍ରାମକୁ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ କରାଯାଇଥିବାବେଳେ ଆହୁରି ୩୦ ଗ୍ରାମ ଅନ୍ଧାରରେ ରହିଥିବା ଜଣାପଡ଼ିଛି। ତୁରନ୍ତ ବିଦ୍ୟୁତ୍ ସଂଯୋଗ ପାଇଁ ବାହାରୁ ଆସିଥିବା ୯୩ କୁଶଳୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ତେବେ ଏହି ୩୦ଟି ଗ୍ରାମକୁ ଆସନ୍ତା ୨୦ ତାରିଖ ସୁଦ୍ଧା ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ବଡ଼ଚଣା ବିଦ୍ୟୁତ୍ ବିଭାଗ ଏସଡିଓ ଶୈଳେଶ ରଞ୍ଜନ ପଟେଲ ପ୍ରକାଶ କରିଛନ୍ତି। ୩ ସେକ୍ସନ ମଧ୍ୟରୁ ବଡ଼ଚଣା ଅଧୀନ ୧୧, ଛତିଆ ଅଧୀନ ୭ ଓ ବାଲିଚନ୍ଦ୍ରପୁର ଅଧୀନ ୧୨ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ।

## ଭାରତ ଭ୍ରମଣକାରୀ ଦିବ୍ୟାଙ୍ଗଙ୍କୁ ସମ୍ବର୍ଦ୍ଧନା

କୋରେଇ,୧୪।୫(ସ୍ୱ.ପ୍ର.)

ବେଟି ବଚାଓ, ଭାରତ ବଞ୍ଚାଅ ଓ ରକ୍ତଦାନ ସଚେତନତା ପାଇଁ ଭାରତ ଭ୍ରମଣ କରୁଥିବା ଦିବ୍ୟାଙ୍ଗଙ୍କୁ ମଙ୍ଗଳବାର କୋରେଇ ଥାନା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିହାର ରାଜ୍ୟ ପାଟଣାର ଦିବ୍ୟାଙ୍ଗ ଅରବିନ୍ଦ ମିଶ୍ରାଙ୍କ ଏହି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି। ପୁରୀଠାରୁ ବାହାରି ସେ ମଙ୍ଗଳବାର କୋରେଇ ଥାନାରେ ପହଞ୍ଚିଥିଲେ। ଧନେଶ୍ୱରରେ ରାତ୍ରୀ ରହଣି କରିବା ପରେ ବୁଧବାରଠାରୁ ଯାତ୍ରା ଆରମ୍ଭ କରିବେ। ଥାନାଧିକାରୀ ରଣଜିତ ମହାନ୍ତି, ଏଏସଆଇ ସଲିଳ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ରାଉତଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



## ବିଦ୍ୟୁତ୍ ବିଭାଗ ଠିକା ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଥାନା ଆଗରେ ଠିକା ଶ୍ରମିକମାନେ ଧାରଣା ଦେଇଛନ୍ତି।

ଯାଜପୁର ଟାଉନ,୧୪।୫(ଡି.ଏନ.ଏ.)

ଯାଜପୁରସହରର ବିଦ୍ୟୁତ୍ ବିଭାଗ ଠିକା ଶ୍ରମିକମାନେ ମଙ୍ଗଳବାର ଯାଜପୁର ଥାନାରେ ଠିକାଦାରଙ୍କ ବିରୋଧରେ ଏତଲା ଦେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ପ୍ରକାଶ ଯେ, ବିରଜା ଇଲେକ୍ଟ୍ରିକାଲ୍‌ସ ଅଧୀନରେ ୨୦୧୫ ରୁ କାର୍ଯ୍ୟ କରୁଥିବା ୬ଜଣ କର୍ମଚାରୀଙ୍କୁ ବହିଷ୍କାର କରାଯିବା ଦାବିରେ ୪୭ଜଣ କର୍ମଚାରୀ ସେମାନଙ୍କ କାର୍ଯ୍ୟ ବନ୍ଦକରି ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୨୦୧୫ ଏପ୍ରିଲରୁ ୨୦୧୯ ପର୍ଯ୍ୟନ୍ତ ୪୭ଜଣ କର୍ମଚାରୀ ନେସ୍କୋ ଦ୍ୱାରା ଅନୁବନ୍ଧିତ ବିରଜା ଇଲେକ୍ଟ୍ରିକାଲ୍ସ ଅଧୀନରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରିଆସୁଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ୬ଜଣ ଠିକା ଶ୍ରମିକଙ୍କୁ କୌଣସି ଲିଖିତ ନୋଟିସ୍ ନ ଦେଇ ବହିଷ୍କାର କରାଯାଇଛି। ଏହାର ପ୍ରତିବାଦ କରି ଠିକା ଶ୍ରମିକମାନେ ଯାଜପୁର ଥାନାରେ ଆନ୍ଦୋଳନ ଜାରି ରଖିଛନ୍ତି। ତେବେ ଏହି ଘଟଣାକୁ ପ୍ରଶମିତ କରିବା ପାଇଁ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ଠିକାଦାର ବିରଜା ଇଲେକ୍ଟ୍ରିକାଲ୍ସର ପରିଚାଳକ ଥାନାରେ ଉପସ୍ଥିତ ହୋଇ ଆପୋଷ ବୁଝାମଣା କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି।

## ଏସିଆନ ପେଣ୍ଟ୍ସର ହୋମ୍ ଏକ୍ସପ୍ରେସ୍ ଆପ୍ ଉଦ୍‌ଘାଟିତ



ଅତିଥିମାନେ ଏସିଆନ୍ ପେଣ୍ଟ୍ସର ହୋମ୍ ଏକ୍ସପ୍ରେସ୍ ଆପ୍‌କୁ ଉଦ୍‌ଘାଟନ କରୁଛନ୍ତି।

ଯାଜପୁରରୋଡ୍‌,୧୪।୫(ନି.ପ୍ର.)

ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏସିଆନ୍ ପେଣ୍ଟ୍ସର ହୋମ୍ ଏକ୍ସପ୍ରେସ୍ ଆପ୍ ଯାଜପୁରରୋଡ଼ସ୍ଥିତ ସତ୍ୟ ପେଣ୍ଟସ୍‌ଠାରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଚିଫ୍ ଅପରେଟିଂ ଅଫିସର ଅମିତ ସାଙ୍ଗିଲ ଓ ସତ୍ୟ ପେଣ୍ଟସ ସଂସ୍ଥାର ଲଳିତ ମୋହନ ବରାଳ ଆପ୍ ଉଦ୍‌ଘାଟନ କରିଥିଲେ। ଜେନେରାଲ ମ୍ୟାନେଜର ସର୍ଭିସିଂ ଓ ରିଟେଲିଂ ଶ୍ୟାମ ସ୍ୱାମୀ, ଡିଭିଜନ ମ୍ୟାନେଜର ଇଷ୍ଟ ଏସ୍ ବୈଦ୍ୟନାଥ, ମାର୍କେଟିଂ ମ୍ୟାନେଜର ରିଟେଲିଂ ଅଭିଷେକ ଜୈନ, ରିଜିଓନାଲ ମ୍ୟାନେଜର ଓଡ଼ିଶା, ବିହାର ଓ ଝାଡ଼ଖଣ୍ଡ ଆୟୁଷ ଭରଦ୍ୱାଜ, ଗ୍ରୁପ ବ୍ରାଣ୍ଡ ମ୍ୟାନେଜର ପୁନିତ ବାସ୍ତବତା, ଏରିଆ ମ୍ୟାନେଜର ଓଡ଼ିଶା ଦେବ କୁମାର ସିହ୍ନା, ଏରିଆ ମ୍ୟାନେଜର ପ୍ରବୀନ କୁମାର ଝା, ସତ୍ୟ ପେଣ୍ଟସ୍ ମାଲିକ ସୁଶାନ୍ତ କୁମାର ବରାଳ, ସୁବ୍ରତ କୁମାର ବରାଳ, ଲଳିତ ମୋହନ ବରାଳ, କିଶୋର ମଣି ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ହୋମ ଏକ୍ସପ୍ରେସ୍ ଆପ୍‌ର ଚିଫ୍ ଅପରେଟିଂ ଅଫିସର ଅମିତ ସାଙ୍ଗିଲ ଗଣମାଧ୍ୟମକୁ ସୂଚନା ଦେଇ କହିଲେ ବିଶ୍ୱର ଅଗ୍ରଣୀ କମ୍ପାନୀ ଏସିଆନ୍ ପେଣ୍ଟସ୍ ଦ୍ୱାରା ମୋଡୁଲାର କିଚେନ୍ ବାଥରୁମ୍, ଫିଟିଙ୍ଗ୍‌ସ ଏବଂ ସାନିଟାରୀ ସାମଗ୍ରୀ, ୱାଲପେପର, ସଫ୍ଟ ଫର୍ଣ୍ଣିସିଂ ଓ ବିଭିନ୍ନ ପ୍ରକାର ରଙ୍ଗ ଉପଲବ୍ଧ ହେବ। ନିମ୍ନ ମଧ୍ୟବିତ୍ତ ପରିବାରଠାରୁ ଆରମ୍ଭ କରି ଧନୀ ଲୋକଙ୍କ ପାଇଁ ସବୁପ୍ରକାର ଅତ୍ୟାଧୁନିକ ଶୈଳୀରେ ରଙ୍ଗ ଓ ସାମଗ୍ରୀ ଉପଲବ୍ଧ ହୋଇପାରିବ।

## ନିମ୍ନମାନର ଖାଦ୍ୟ ଯୋଗାଣକୁ ନେଇ ଅସନ୍ତୋଷ

ଯାଜପୁର ଟାଉନ,୧୪।୫(ଡି.ଏନ୍.ଏ.)

**ଯାଜପୁର ଉପ-କାରାଗାର**

- ■ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ମିଳୁଛି ଖାଦ୍ୟ
- ■ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ନିୟମିତ ବ୍ୟବଧାନରେ ହେଉନି ଯାଞ୍ଚ
- ■କାରାଗାର ମଧରେ ଅବାଧରେ ଚାଲିଛି ନିଶା କାରବାର





ଯାଜପୁର ଉପ-କାରାଗାରରେ ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ କରାଯିବା ସହ ନିଶା କାରବାର ଅବାଧରେ ଚାଲୁଥିବା ଅଭିଯୋଗ ହେଉଛି। ଯାଜପୁର ସହରର ଏହି ଉପ-କାରାଗାରରେ ୧୩୩ ଜଣ ଅନ୍ତେବାସୀଙ୍କ ପାଇଁ ସ୍ଥାନ ରହିଥିବାବେଳେ ସୋମବାର ସୁଦ୍ଧା ୪ଜଣ ମହିଳା ଅନ୍ତେବାସୀଙ୍କ ସମେତ ୧୭୮ ଜଣ ରହିଥିବା ଜଣାପଡିଛି। ଏମାନଙ୍କ ମଧ୍ୟରୁ ଅନେକ ଦୁର୍ଦ୍ଦାନ୍ତ ଅପରାଧୀ ମଧ ରହିଛନ୍ତି। ଯେଉଁମାନେ କି ଅନ୍ୟ ଅନ୍ତେବାସୀଙ୍କ ମାଧ୍ୟମରେ କାରାଗାର ମଧକୁ ନିଶା ଦ୍ରବ୍ୟ ପ୍ରବେଶ କରାଉଛନ୍ତି ବୋଲି ଅଭିଯୋଗ ହେଉଛି। ଏହି ନିଶା କାରବାରରେ ସହରର କେତେକ ନିର୍ଦ୍ଦିଷ୍ଟ ଲୋକଙ୍କ ସାମିଲ ଥିବା ଜଣାପଡ଼ିଛି। କୋର୍ଟକୁ ହାଜର ହେବାପାଇଁ ଆସୁଥିବା ଜେଲର ଅନ୍ତେବାସୀଙ୍କ ଠାରୁ ବଜାରଠାରୁ ଅଧିକ ଅର୍ଥ ନେଇ ଗଞ୍ଜେଇ, ସିଗାରେଟ, ବିଡ଼ି, ଗୁଟ୍‌ଖା, ଖଇନି, କଡ଼ାଗୁଣ୍ଡି ଆଦି ଜେଲକୁ ପଠାଉଥିବା ଶୁଣିବାକୁ ମିଳୁଛି। ୫ଟଙ୍କାର ଗଞ୍ଜେଇ ପୁଡ଼ିଆକୁ ୫୦ଟଙ୍କା ଦରରେ ଅନ୍ତେବାସୀଙ୍କୁ ବିକ୍ରି କରାଯାଉଥିବା ଜାଣିବାକୁ ମିଳୁଛି।

ସେହିପରି ଅନ୍ତେବାସୀଙ୍କୁ ଜେଲ୍ କର୍ତ୍ତୃପକ୍ଷ ନିମ୍ନମାନର ଖାଦ୍ୟ ଯୋଗାଉଥିବା ନେଇ ଦୀର୍ଘଦିନରୁ ଅଭିଯୋଗ ହୋଇଆସୁଥିଲେ ମଧ ଏହାର କୌଣସି ସୁଧାର ଘଟୁନାହିଁ। ଯାହାଫଳରେ ଅନ୍ତେବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଉଛି। ଜଣେ ଅନ୍ତେବାସୀ ପାଇଁ ସର୍ବାଧିକ ଦୈନିକ ୬୪ଟଙ୍କା ହାରରେ ଖାଦ୍ୟ ଯୋଗାଇ ଦେବାପାଇଁ ସରକାରଙ୍କ ନୀତି ଥିବାବେଳେ ଟେଣ୍ଡର ପ୍ରକ୍ରିୟା ଯୋଗୁଁ ୪୫ ଟଙ୍କାରୁ ୪୮ଟଙ୍କା ମଧ୍ୟରେ ଖାଦ୍ୟ ଯୋଗାଣ କରାଯାଉଛି। ଏଥିମଧ୍ୟରେ ଜଣେ ଅନ୍ତେବାସୀ ପାଇଁ ସକାଳୁ ଏକ କପ୍ ଚା, ୫୦ଗ୍ରାମ ଚୁଡ଼ା ସନ୍ତୁଳା, ୫୦ଗ୍ରାମ୍ ସୁଜି କିମ୍ବା ଉପମା ମଧ୍ୟାହ୍ନ ଭୋଜନରେ ଭାତ, ଡ଼ାଲି ଭଜା କିମ୍ବା ତରକାରୀ, ସନ୍ଧ୍ୟା ସମୟରେ ରୁଟି ଭଜା / ତରକାରୀ ଦିଆଯାଉଛି। ପ୍ରତ୍ୟେକ ସପ୍ତାହର ବୁଧବାର ଦିନ ୨ଟି ଲେଖାଏ ଅଣ୍ଡା ଦେବା ପରିବର୍ତ୍ତେ ଗୋଟିଏ ଲେଖାଏ ଅଣ୍ଡା, ରବିବାର ୧୫୦ ଗ୍ରାମ ଚିକେନ୍ ପରିବର୍ତ୍ତେ ଖଣ୍ଡେ ଦିଖଣ୍ଡ ଚିକେନ୍ ଦିଆଯାଉଛି। ଏପରି କି ଗୁରୁବାର ସୋୟାବଡ଼ି ତରକାରି ଦେବାର ନିୟମ ଥିବାବେଳେ ଏହା ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ତରକାରିରେ ଯେତିକି ପରିମାଣର ପରିବା ପକାଯିବା କଥା ତାହା ଦିଆ ନ ଯାଇ ପୋକା ଓ ପଚା ପରିବା ପକାଯାଉଥିବା କିଛି ଆନ୍ତବାସୀ ଅଭିଯୋଗ କରୁଛନ୍ତି। ବିଶେଷକରି ଖାଦ୍ୟ ନୀରିକ୍ଷକଙ୍କ ଦ୍ୱାରା ନିୟମିତ ବ୍ୟବଧାନରେ ଖାଦ୍ୟର ମାନ ପରୀକ୍ଷା କରାଯାଉ ନ ଥିବାରୁ ଜେଲ୍ କର୍ତ୍ତୃପକ୍ଷ ମନଇଚ୍ଛା ଖାଦ୍ୟ ପ୍ରଦାନ କରୁଥିବା ଅଭିଯୋଗ ହେଉଛି। ଜେଲ ଅନ୍ତେବାସୀଙ୍କ ପାଇଁ ଯୋଗାଣକାରୀ ସଂସ୍ଥା ଖାଦ୍ୟ ଜିନିଷ ଯୋଗାଇ ଥାନ୍ତି। ତେବେ ଗତବର୍ଷ ହାଇକୋର୍ଟଙ୍କ ଦ୍ୱାରା ଟେଣ୍ଡର ପ୍ରକ୍ରିୟା ସ୍ଥଗିତ ରହିଥିବାରୁ ଅନୌପଚାରିକ ଭାବେ ପୂର୍ବ ଯୋଗାଣକାରୀ ସଂସ୍ଥା ଏବେବି ଖାଦ୍ୟ ସାମଗ୍ରୀ ଯୋଗାଇ ଦେଉଛନ୍ତି। ଜେଲ କର୍ତ୍ତୃପକ୍ଷ ଓ ଯୋଗାଣକାରୀ ସଂସ୍ଥା ମଧ୍ୟରେ ଭିତିରି ସମ୍ପର୍କ ରହିଥିବାରୁ ମାସିକ ୭ଲକ୍ଷରୁ ୮ଲକ୍ଷ ଟଙ୍କାର ଖାଦ୍ୟ ସାମଗ୍ରୀ ଯୋଗାଣରୁ ୫% ଜେଲ୍ କର୍ତ୍ତୃପକ୍ଷ ନେଉଥିବା ଅଭିଯୋଗ ହେଉଛି। ଏହା ବ୍ଯତିତ ଖାଦ୍ୟ ସାମଗ୍ରୀ ବାବଦକୁ କେତେକ ସ୍ଥାନରେ କମ୍ ଯୋଗାଣ କରି ଅଧା ଅଧା ବାଣ୍ଟି ନେଉଥିବା ମଧ ଅଭିଯୋଗ ହେଉଛି। ୱାର୍ଡରଙ୍କ ମାଧ୍ୟମରେ ଜେଲ୍ ଭିତରକୁ ନିଶା ଜିନିଷ ପ୍ରବେଶ କରୁଥିବା ମଧ ଅନେକ ସମୟରେ ଅଭିଯୋଗ ହେଉଥିବାବେଳେ ତଦନ୍ତ ନ ହେବାରୁ ମନଇଚ୍ଛା ନିଶା କାରବାର କରାଯାଉଥିବା ଜଣାପଡିଛି। ୨୦୧୬ ମେ ମାସ ୧୦ତାରିଖରେ ତତ୍କାଳୀନ ଜେଲ ସୁପରିଣ୍ଟେଣ୍ଡେଣ୍ଟ ତ୍ରୈଲୋଚନ ଦାସ ଭିଜିଲାନ୍ସ ହାତରେ ଧରାପଡିବା ପରେ ଲକ୍ଷ୍ମୀ ମୁର୍ମୁ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଭାବେ କାର୍ଯ୍ୟକରି ୨୦୧୮ ଡିସେମ୍ବରରେ ବଦଳି ହୋଇଥିଲେ। ତାପରଠାରୁ କଟକ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଏହି ସବ୍‌ଜେଲର ଦାୟିତ୍ୱରେ ଥିଲେ ସୁଦ୍ଧା ଜେଲକୁ ନିୟମିତ ଆସୁ ନ ଥିବା ଅଭିଯୋଗ ହେଉଛି। ଏହି କାରାଗାରରେ ଦୀର୍ଘଦିନ ଧରି ଡାକ୍ତର ନ ଥିବାବେଳେ ଜଣେ କେବଳ ଫାର୍ମାସିଷ୍ଟ ଅନ୍ତେବାସୀଙ୍କ ଚିକିତ୍ସା କରୁଛନ୍ତି। ଦୀର୍ଘଦିନ ଧରି ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ନ ଥିବାରୁ ଅତିରିକ୍ତ ଜେଲରମାନେ ଏହି ଜେଲକୁ ଚଳାଉଥିବାରୁ ନାନା ପ୍ରକାର ବିଭ୍ରାଟ ସୃଷ୍ଟି ହେଉଛି ବୋଲି କୁହାଯାଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କଟକ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ର ନାଥ ସ୍ୱାଇଁଙ୍କ ମତାମତ ମିଳିପାରି ନ ଥିବାବେଳେ ଦାୟିତ୍ୱରେ ଥିବା ଅତିରିକ୍ତ ଜେଲର ପ୍ରବୋଧ ନାୟକ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଜେଲ୍‌ରେ ନିୟମ ଅନୁସାରେ ଅନ୍ତେବାସୀଙ୍କୁ ଉତ୍ତମ ଖାଦ୍ୟ ଯୋଗାଇ ଦିଆଯାଉଛି। ଏପରି କି କୋର୍ଟରୁ ଆସୁଥିବା ଅନ୍ତେବାସୀଙ୍କୁ ପ୍ରମୁଖ ଗେଟ୍‌ରେ ତନଖି କରାଯାଇ ଭିତରକୁ ଛଡ଼ାଯାଉଛି ବୋଲି ନାୟକ କହିଛନ୍ତି।

# ଜଳ ସଙ୍କଟରେ ଦୁଆର ଗାଁବାସୀ

**ଖଣ୍ଡପଡ଼ା,୧୪।୫(ସ୍ୱ.ପ୍ର.)**



ଗ୍ରୀଷ୍ମ ତାପ ଯୋଗୁ ପୋଖରୀରେ ପାଣି କମିଯାଇଛି।

■ପାନୀୟ ଉପଯୋଗୀ ନୁହେଁ ନଳକୂପ ଜଳ

■ଗୃହପାଳିତ ପ୍ରାଣୀଙ୍କ ପାଇଁ ବି ଜଳାଭାବ

ପରିଚିତ ନାମ ଦୁଆର ଗାଁ । ମାତ୍ର ରାଜସ୍ୱ ବିଭାଗ ରେକର୍ଡ ଅନୁସାରେ ଘୋଡାମାରୀଦ୍ୱାର। ଖଣ୍ଡପଡା ବ୍ଲକ ସିଧାମୂଳା ଗ୍ରାମ ପଞ୍ଚାୟତର ଏକ ପାହାଡ ତଳେ ରହିଛି ଏଇ ଗାଁ। ପଞ୍ଚାୟତର ୭ନଂ. ୱାର୍ଡରେ ଥିବା ଗାଁରେ ୫ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଗ୍ରାମର ମୁଖ୍ୟ ସମସ୍ୟା ହେଉଛି ଜଳ। ମହାନଦୀର ପ୍ରାୟ ୨ କିମି ଦୂରରେ ଥିବା ଏହି ଗାଁରେ ୩ଟି ନଳକୂପ ରହିଛି। ଏଥିରୁ ଗୋଟିଏ ଅଚଳ ରହିଥିବା ବେଳେ ଅନ୍ୟଦୁଇଟିରୁ ଲୌହଯୁକ୍ତ ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ନୁହେଁ। ଏହି ପାଣି ବ୍ୟବହାର କରି ଅନେକ କିଡ୍‌ନୀ ରୋଗରେ ପୀଡିତ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୃହପାଳିତ ପ୍ରାଣୀଙ୍କ ପାଇଁ ବି ଜଳାଭାବ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଗ୍ରାମରେ ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା ଓ ଅନ୍ୟାନ୍ୟ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ରହିଛନ୍ତି। ହେଲେ ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ଏମାନଙ୍କ ଗାଧୋଇବା ପାଇଁ ପାଣି ମୁନ୍ଦେ ନାହିଁ ।

ଗ୍ରାମବାସୀଙ୍କ ଆବଶ୍ୟକତା ପୂରଣ ପାଇଁ ଗାଁ ନିକଟ ପାହାଡ ତଳେ ଘୋଡାମାରୀଦ୍ୱାର ବନ୍ଧ ଓ ଜଳ ବିଭାଜିକା ଦୁଇଟି ପୁଷ୍କରିଣୀ ୨ବର୍ଷ ମଧ୍ୟରେ ଖନନ କରାଯାଇଥିଲେ ମଧ୍ୟ ଏଥିରେ ଟୋପାଏ ପାଣି ନାହିଁ । ଅପରପକ୍ଷରେ ପାହାଡ ପାଦଦେଶରେ ପୂର୍ବରୁ ଥିବା ଏକ ପୁଷ୍କରିଣୀ 'କନ୍ଧୁଣୀ ସାଗର' ବର୍ଷର ସବୁ ସମୟରେ ପ୍ରାୟ ଶୁଖିଲା ପଡିଥାଏ। ବର୍ଷାଦିନେ ପାହାଡରୁ ଗଡି ଆସୁଥିବା ବର୍ଷାଜଳ ଉକ୍ତ ପୁଷ୍କରିଣୀରେ ଜମା ହୋଇ କେତେକାଂଶରେ ଲୋକଙ୍କ ଆବଶ୍ୟକତାକୁ ମେଣ୍ଟାଉଥିଲା। ମାତ୍ର ଗାଁକୁ ଏକ ନୂଆ ରାସ୍ତା ନିର୍ମାଣ ପରଠାରୁ ବର୍ଷାଦିନେ ପାହାଡରୁ ନିର୍ଗତ ପାଣି ଅନ୍ୟତ୍ର ବହିଯିବା ଫଳରେ ଉକ୍ତ ପୋଖରୀ ଶୁଖିଲା ପଡୁଛି। ବର୍ତ୍ତମାନ ଏହି ପୋଖରୀରେ ଆଣ୍ଠୁଏରୁ କମ ପାଣି ରହିଥିବାରୁ ଲୋକେ ଯେନତେନ ପ୍ରକାରେ ସ୍ନାନ ଶୌଚାଦି ସମ୍ପନ୍ନ କରୁଛନ୍ତି। ଗୃହପାଳିତ ପ୍ରାଣୀମାନଙ୍କୁ ଏହି ପୋଖରୀରେ ଗାଧୋଇବାକୁ ବାରଣ କରାଯାଇଛି। ଗ୍ରାମବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ପୁଷ୍କରିଣୀ ଖନନ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ମଞ୍ଜୁର କରାଯାଇ ପୋଖରୀଟିଏ ଖୋଳାଯାଇଛି। ହେଲେ କଳସ ସାଗର ନାମରେ ନାମିତ ପୋଖରୀରେ ପାଣି ନ ଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ନିକଟସ୍ଥ ମହାନଦୀରେ ପାଣି ନ ଥିବାରୁ ଖରାଦିନେ ଲୋକମାନଙ୍କ ସମସ୍ୟା କହିଲେ ନ ସରେ। ଗୃହପାଳିତ ପ୍ରାଣୀମାନଙ୍କ ଗାଧୋଇବା ପାଇଁ ପାଣି ନ ଥିବାରୁ ସମସ୍ୟା ଉପୁଜୁଛି। ଏପରିସ୍ଥଳେ ଗାଁକୁ ଲାଗିରହିଥିବା କନ୍ଧୁଣୀ ସାଗର ପୋଖରୀକୁ ଅଧିକ ଖୋଳିବା ପାଇଁ ଅନୁଦାନ ଅର୍ଥ ମଞ୍ଜୁର କରାଗଲେ ପାଣି ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇପାରନ୍ତା ବୋଲି ଗ୍ରାମ ସଭାପତି ବଳଭଦ୍ର ସ୍ୱାଇଁ ମତ ଦେଇଛନ୍ତି। ଏ ସମ୍ପର୍କରେ ସିଧାମୂଳା ସରପଞ୍ଚ ଝାନି ଗଡନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ପୋଖରୀର ପୁନରୁଦ୍ଧାର ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ମଞ୍ଜୁର ହୋଇଛି ଏବଂ ପଲ୍ଲିସଭାରେ ଅନୁମୋଦନ କରାଯାଇଛି। ମାତ୍ର ଗ୍ରାମବାସୀ ଏ ଦିଗରେ ସହଯୋଗ କଲେ କାର୍ଯ୍ୟ ସମ୍ପାଦନ ହୋଇପାରନ୍ତା ବୋଲି ସେ କହିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମା ଖୋଜେ ପେଟ,**
**ମାଇପ ଖୋଜେ କରାଟ ।**

ମା' ସ୍ନେହମୟୀ, ମମତାମୟୀ । ସବୁବେଳେ ପିଲାର ଭଲ ଚାହେଁ। ପିଲାଟି ଖାଇଛି କି ନାହିଁ ବୁଝେ। ପେଟ ଦେଖି ପିଲାର ମନ କଥା ବେଶ୍ ଭଲ ଭାବେ ଜାଣିପାରେ। ଟଙ୍କା ପଇସା ଅପେକ୍ଷା ପିଲାର ଦେହ ପା' ତା' ପାଇଁ ବେଶି ଗୁରୁତ୍ୱ ରଖିଥାଏ। ପରନ୍ତୁ ସ୍ତ୍ରୀ ସ୍ୱାମୀର ରୋଜଗାରକୁ ବେଶି ପ୍ରାଧାନ୍ୟ ଦେଇଥାଏ। ସ୍ୱାମୀଠାରୁ ତା'ର ଟଙ୍କା ପଇସାରେ ବେଶି ଲୋଭ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଲ୍ଲୀଫୁଲ ମଉଳିଲା,**
**କେଉଁ ରସିକକୁ ଅନେଇଥିଲୁ,**
**ଓଦାଲୁଗା ଶୁଖିଗଲା ।**

ମନର ମଣିଷ ସହ ଭେଟ ନ ହୋଇପାରିଲେ ପ୍ରେମୀ ମନ ଭାଙ୍ଗିଯାଏ। ମନ ଉଣା ହେବାସହ ରାଗ ରୋଷ ବଢ଼ିଯାଏ। ପ୍ରେମରେ ପ୍ରତୀକ୍ଷା ସାଧାରଣତଃ ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ମନର ମଣିଷ ସହ ଭେଟ ହେବା ନେଇ ମନରେ ଅଫୁରନ୍ତି ଆଶା କିନ୍ତୁ ତାହା ଫଳପ୍ରସୂ ହୋଇ ନ ପାରିବା ଯୋଗୁ ପ୍ରେମୀ ହତାଶ ହୋଇପଡ଼ିଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସଂକ୍ଷେପରେ

### ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ୯୬ ପ୍ରତିଶତ ପରିବାରକୁ ମିଳିଛି ଚାଉଳ

**ପୁରୀ ଅଫିସ,୧୪।୫:** ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାରେ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ ଚାଲିଛି। କ୍ଷତିଗ୍ରସ୍ତଙ୍କୁ ୧୫ଦିନ ମାଗଣା ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ପୁଡ଼ିଆ ବାଦ୍ ସରକାର ଟଙ୍କା, ଚାଉଳ ଓ ପଲିଥିନ ଯୋଗାଇ ଦେଉଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ପରିବାରକୁ ଏହା ପ୍ରଦାନ କରାଯାଉଛି। ଏହାପରେ ଅଣହିତାଧିକାରୀଙ୍କୁ ଏହି ସହାୟତା ଦିଆଯିବ। ସୋମବାର ସନ୍ଧ୍ୟା ସୁଦ୍ଧା ଜିଲାରେ କାର୍ଡଧାରୀ ୮୪ପ୍ରତିଶତ ପରିବାରକୁ ୨ହଜାର ଟଙ୍କା ଲେଖାଏ ଦିଆଯାଇଛି। ସେହିପରି ୯୬ପ୍ରତିଶତଙ୍କୁ ୫୦କିଗ୍ରା ଲେଖାଏ ଚାଉଳ ଏବଂ ୭୨ପ୍ରତିଶତଙ୍କୁ ପଲିଥିନ ପ୍ରଦାନ କରାଯାଇଛି। ଜିଲା ପ୍ରଶାସନର ସୂଚନା ମୁତାବକ, ପୁରୀ ଜିଲାରେ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ହିତାଧିକାରୀଙ୍କ ସଂଖ୍ୟା ୩,୫୩,୦୬୪। ସରକାର ପ୍ରତ୍ୟେକ ରାଶନକାର୍ଡଧାରୀ ପରିବାରକୁ ୨ହଜାର ଟଙ୍କା, ପଲିଥିନ ଏବଂ ୫୦କେଜି ଚାଉଳ ଦେବାକୁ ଘୋଷଣା କରିଛନ୍ତି। ସୋମବାର ସୁଦ୍ଧା ୨,୯୭,୨୪୭ ପରିବାରକୁ ୨ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇଛି । ଅର୍ଥାତ୍ ମୋଟ ହିତାଧିକାରୀଙ୍କ ମଧ୍ୟରୁ ୮୪ ପ୍ରତିଶତ ପରିବାର ଏହି ସହାୟତା ରାଶି ପାଇଛନ୍ତି। ସେହିପରି ୩,୪୦,୮୫୪ ପରିବାରକୁ ୫୦ କେଜି ଲେଖାଏ ଚାଉଳ ଦିଆଯାଇଥିବା ବେଳେ ୨,୫୬,୦୨୦ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି। ରାଶନକାର୍ଡ ହିତାଧିକାରୀଙ୍କ ତାଲିକାକୁ ଦେଖିଲେ ମୋଟ ୯୬ ପ୍ରତିଶତ ପରିବାର ଚାଉଳ ପାଇଥିବାବେଳେ ୭୨ପ୍ରତିଶତ ପରିବାର ପଲିଥିନ ପାଇସାରିଛନ୍ତି। ଏବେ ବି ଏହି ସହାୟତା ପ୍ରଦାନ ପ୍ରକ୍ରିୟା ଜାରି ରହିଛି।

### ଟେଲିସେବା ପାଇଁ ଅଠରନଳାରେ ଜମୁଛି ଭିଡ଼

**ପୁରୀ ଅଫିସ,୧୪।୫:** 'ଫନୀ' ପ୍ରଭାବରେ ପୁରୀ ସହରରେ ବହୁ ଟେଲିକମ୍ ଟାୱାର କ୍ଷତିଗ୍ରସ୍ତ ହୋଇଛି। କେଉଁଠି ଟାୱାର ଉପୁଡ଼ି ପଡ଼ିଛି ତ, ଆଉ କେଉଁଠି ଛାତ ସହ ତଳେ ମୋଡ଼ିମାଡ଼ି ହୋଇ ପଡ଼ିରହିଛି। ଫଳରେ ଗତ ୩ତାରିଖଠାରୁ ଟେଲି ଯୋଗାଯୋଗ ଠପ୍ ହୋଇଯାଇଛି। କେତେକ ଟେଲିଫୋନ କମ୍ପାନୀଙ୍କ ମଧ୍ୟରେ ଆପୋଷ ବୁଝାମଣାରେ ସହରରେ ଅସ୍ଥାୟୀ ଟାୱାର ଲାଗିଛି। ସହରରେ ଅନେକ ସମୟରେ ନେଟୱର୍କ ଅପ୍‌ଡାଉନ ରହୁଛି। ଅନ୍ୟପଟେ ଅଠରନଳାରେ ନେଟୱର୍କ ଦ୍ରୁତଗତିରେ କାମ କରୁଥିବାରୁ ସନ୍ଧ୍ୟା ହେଲେ ସେଠାରେ ଲୋକଙ୍କ ଭିଡ଼ ଜମୁଛି। ଲୋକେ ନିଜ ବନ୍ଧୁ ଓ ସମ୍ପର୍କୀୟଙ୍କ ସହ ଘଣ୍ଟା ଘଣ୍ଟା ଧରି କଥାବାର୍ତ୍ତା ହେଉଛନ୍ତି। ରାତି ହେଲେ ଯୁବବର୍ଗଙ୍କ ଭିଡ଼ ହେଉଛି। ଗ୍ରୁପ୍ ହୋଇ କିଏ କ୍ରିକେଟ ମ୍ୟାଚ ଦେଖୁଛନ୍ତି ତ ଆଉ କେହି ଟିଭି ନ୍ୟୁଜ୍ ଦେଖୁଛନ୍ତି। ସେହିପରି ଅନ୍ୟ କେହି ଅନଲାଇନରେ ଚାଟିଂରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି। ଯୁବ ବ୍ୟବସାୟୀ ସୌମ୍ୟରଞ୍ଜନ ପାତ୍ର କୁହନ୍ତି ବାତ୍ୟା ପରଠାରୁ ଯୋଗାଯୋଗ ବିଛିନ୍ନ ହୋଇଯାଇଥିଲା। ଏବେ ଏଥିରୁ ଆଶ୍ୱସ୍ତି ମିଳିଛି।

■ ରିଲିଫ୍ ଚାଉଳ ବଣ୍ଟନ

## ଅଖା ପାଇଁ ୨୦ ଟଙ୍କା ଦେବାକୁ ନେଇ ଅସନ୍ତୋଷ

**ଟାଙ୍ଗୀ(ଖୋର୍ଦ୍ଧା), ୧୪।୫(ଡି.ଏନ.ଏ.)**

ପ୍ରତି ରାଶନ କାର୍ଡଧାରୀ ଫନୀ ବିପନ୍ନଙ୍କୁ ୫୦ କେଜି ଚାଉଳ ବଣ୍ଟନ କରାଯାଇଛି। ତେବେ ଚାଉଳ ରଖିବା ଅଖା ପାଇଁ ଟଙ୍କା ଦେବାକୁ ନେଇ କେତେକ ସ୍ଥାନରେ ବିବାଦୀୟ ଓ ଅସନ୍ତୋଷଜନକ ପରିସ୍ଥିତି ସୃଷ୍ଟି ହୋଇଛି। କାରଣ ସମ୍ପୃକ୍ତ ଡିଲର ଓ ପଞ୍ଚାୟତ ଅଫିସ ତରଫରୁ ଅଖା ବାବଦକୁ ବିପନ୍ନଙ୍କଠାରୁ ୨୦ ଟଙ୍କା ମଗାଯାଉଛି। ଟଙ୍କା ନ ଦେଲେ ହିତାଧିକାରୀ ନିଜେ ଅଖା ଆଣିବାକୁ କୁହାଯାଉଛି। ସରକାରୀ ନିର୍ଦ୍ଦେଶନାମା ଅନୁସାରେ କେବଳ ଚାଉଳ ଦେବାକୁ ନିୟମ ରହିଛି, ଅଖା ପାଇଁ ନୁହେଁ ବୋଲି କେତେଜଣ କର୍ମଚାରୀଙ୍କଠାରୁ ଶୁଣିବାକୁ ମିଳୁଛି। ଡିଲର ଏବଂ ରିଲିଫ୍ ପ୍ରଦାନକାରୀଙ୍କ ଏଭଳି ବ୍ୟବହାରକୁ ନେଇ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ତେଣୁ ପ୍ରଶାସନ ପକ୍ଷରୁ ଏଥିପାଇଁ ସ୍ୱଷ୍ଟୀକରଣ ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ମାଡ଼ ପ୍ରତିବାଦରେ ଧାରଣା

**ଖଣ୍ଡପଡ଼ା,୧୪।୫ (ସ୍ୱ.ପ୍ର.)**



ନ୍ୟାୟ ମିଳିବା ଦାବିରେ ଧାରଣାରେ ବସିଥିବା କର୍ମଚାରୀ।

ପାନୀୟ ଜଳ ଯୋଗାଣକୁ କେନ୍ଦ୍ରକରି ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଅଜୟ କୁମାର ପଟ୍ଟନାୟକଙ୍କୁ ଖଣ୍ଡପଡା କାଦୁଆସାହିର ପ୍ରିୟରଞ୍ଜନ ସ୍ୱାଇଁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ନେଇ ସୋମବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ ୮୨/୧୯ରେ ଏକ ମାମଲା ରୁଜୁ କରିଥିଲା । ହେଲେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ବିନା ଦୋଷରେ ମାଡ ଖାଇଥିବା କର୍ମଚାରୀ ପଟ୍ଟନାୟକଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ଦାବିରେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟର ୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସୋମବାର କାର୍ଯ୍ୟବନ୍ଦ କରି ଧାରଣାରେ ବସିରହିଥିଲେ। ଏଥିଯୋଗୁ ସହରବାସୀ ପାଇପ୍ ଯୋଗେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିଲେ । ଖବରପାଇ ନୟାଗଡ଼ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଶରତ କୁମାର ନାୟକ ଓ କର୍ମଚାରୀ ସଂଘ ସମ୍ପାଦକ ଖଣ୍ଡପଡା କାର୍ଯ୍ୟାଳୟରେ ପହଞ୍ଚି ଧାରଣାରତ କର୍ମଚାରୀଙ୍କୁ ବୁଝାଶୁଝା କରିବା ସହ ଏ ନେଇ ଖଣ୍ଡପଡା ଥାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଆସନ୍ତା ୩ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଧାରଣାରୁ ଓହରି ଯାଇଥିଲେ। ସନ୍ଧ୍ୟାରେ ସହରକୁ ଜଳଯୋଗାଣ ସ୍ୱାଭାବିକ ହୋଇଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରା ସୂଚନା ଦେଇଛନ୍ତି।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

Dharitri : 15, 16, 17, 18, 19, 20 & 21 May 2019
SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

EDUCATION

She made earth her home, for whom heaven was too small. Savitri 11 – Sri Aurobindo.
SRI AUROBINDO INTEGRAL SCHOOL
Managed by Sri Aurobindo Mission Trust, Matrupuram, Ashram (A public Charitable Trust) Matrupuram, Markona At-Bhagia, Po-Markona, Via/PS-Simulia, Dist-Balasore-756126, Mob-9438412353, ESTD.– 1980, Regd. No.-03/2005(Sub-Register, Simulia)
Ref/Letter No RTE Act-2009
Date – 30.03.2019
ADMISSION NOTICE
FOR THE EDUCATION YEAR – 2019-2020
(Ref : COR for Academic Session-2017-18 to 2021-22)
Letter No-4150/Pvt-
Dated 29.03.19, DEO, Balasore
- There is no Admission Fees for school admission for all
- There is no Tuition Fees also.
- The School will take on admission of students belonging to weaker sections and disadvantageous group against 25% quota under RTE Act. 2009 as required under Section -12.I.C. of RTE Act.

(Ku. Manjulata Nayak)
PRINCIPAL


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ।
-ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ଟାଙ୍ଗୀ(ଖୋର୍ଦ୍ଧା),୧୪।୫ (ଡି.ଏନ.ଏ.): ପୋଖରୀରେ ବୁଡ଼ି ଜଣେ ଛାତ୍ରଙ୍କ ସୋମବାର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ, ଶୌଚ ହେବାକୁ ଯାଇଥିବାବେଳେ ପୋଖରୀରେ ବୁଡ଼ି କନ୍ଧନୟାଗଡ଼ ନକ୍ଷତ୍ରପୁର ସାହିସ୍ଥିତ ଆନନ୍ଦ ବେହେରାଙ୍କର ପୁଅ ଶ୍ରୀତମ(୯)ଙ୍କ ମୃତ୍ୟୁ ଘଟିଛି। ସେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପଢୁଥିଲେ। ଫସଲ ନିମନ୍ତେ ଶ୍ରୀତମଙ୍କ ବାପା ଆନନ୍ଦ ପୋଖରୀ ଭିତରେ ଏକ ଚୁଆ ଖୋଳିଥିଲେ। ଏଥିରେ ବୁଡ଼ି ଶ୍ରୀତମଙ୍କ ମୃତ୍ୟୁ ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ବିଷାକ୍ତ ସାପ କାମୁଡ଼ାରେ ମହିଳା ଗୁରୁତର

ନିରାକାରପୁର,୧୪।୫(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ ପାଣ୍ଡବପାଟଣା ଗ୍ରାମର ଜଣେ ମହିଳା ମଙ୍ଗଳବାର ଏକ ବିଷାକ୍ତ ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ହେଉଛନ୍ତି ବିଜୟିନୀ ବରାଳ(୪୦)। ବିଜୟିନୀ ସକାଳେ କୌଣସି କାମରେ ନିଜ ବାଡ଼ିପଟକୁ ଯାଇଥିବାବେଳେ ସାପଟି ତାଙ୍କୁ କାମୁଡ଼ି ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ପରିବାର ଲୋକଙ୍କ ସହାୟତାରେ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା।

### ଶିକ୍ଷକଙ୍କ ବାଇକ୍ ଚୋରି

ନିରାକାରପୁର,୧୪।୫(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ଗେଟ୍‌ବଜାରସ୍ଥିତ ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରୁ ଜଣେ ଶିକ୍ଷକଙ୍କ ବାଇକ୍ ଚୋରି ହୋଇଯାଇଛି। ଘଟଣାରୁ ପ୍ରକାଶ, ନିରାକାରପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଶିକ୍ଷକ ପଦ୍ମ ଚରଣ ଜେନା ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ନିଜ ବାଇକ୍‌ଟି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ରଖି କୌଣସି କାମରେ ଯାଇଥିଲେ। ତେବେ ସେ କାମ ସାରି ଆସିବା ବେଳକୁ ତାଙ୍କ ହିରୋହୋଣ୍ଡା ସ୍ପ୍ଲେଣ୍ଡର୍ ବାଇକ୍(ନଂ-ଓଆର୦୨୯୬୭୦)ଟି କେହି ଦୁର୍ବୃତ୍ତ ଚୋରିକରି ନେଇଥିବା ଦେଖିଥିଲେ। ପଦ୍ମ ଚରଣ ଏ ଘଟଣା ନେଇ ନିରାକାରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ରାଶନ କାର୍ଡ ହିତାଧିକାରୀଙ୍କୁ ରିଲିଫ
### ବିପନ୍ନଙ୍କୁ ପଲିଥିନ୍ ଯୋଗାଇ ଦେବାକୁ ଦାବି



କୃଷ୍ଣପ୍ରସାଦ,୧୪।୫(ଡି.ଏନ.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥ ବ୍ରହ୍ମପୁର ପଞ୍ଚାୟତ ଅଧୀନ ଖୃରିସାହି ଗ୍ରାମରେ ରାଶନ କାର୍ଡ ହିତାଧିକାରୀଙ୍କୁ ମଙ୍ଗଳବାର ରିଲିଫ ପ୍ରଦାନ କରାଯାଇଛି । ପ୍ରତି କାର୍ଡ ପିଛା ୫୦କେଜି ଚାଉଳ, ୨ହଜାର ଟଙ୍କା, ପଲିଥିନ୍ ଯୋଗାଇ ଦିଆଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ତରେଇ, ସରପଞ୍ଚ କ୍ଷଣପ୍ରଭା କରଣ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ, ଜିଆର୍‌ଏସ୍ ବିପିନ କୁମାର ତରେଇ ପ୍ରମୁଖ ଉପସ୍ଥିତ ରହି ସହାୟତା ବଣ୍ଟନ କରିଥିଲେ । ଏଥିସହିତ ଖୃରିସାହି, ମହିଷା, ପରଲା ବିଦ୍ୟାଳୟ ସମେତ ବ୍ରହ୍ମପୁରର ୩ ସ୍ଥାନରେ ଦୁଇବେଳା ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ତେବେ ୨ଶହରୁ ଉର୍ଦ୍ଧ୍ୱ ପରିବାରକୁ ପଲିଥିନ ନ ମିଳିବାରୁ ସେମାନେ ଖୋଲା ଆକାଶ ତଳେ ରାତି ବିତାଉଛନ୍ତି। ତେଣୁ ଅବଶିଷ୍ଟ ଲୋକଙ୍କ ତୁରନ୍ତ ପଲିଥିନ୍ ଯୋଗାଇ ଦେବାକୁ ସରପଞ୍ଚ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଟାଙ୍ଗୀ ବ୍ଲକ: ୩୫,୪୨୪ ଜଣଙ୍କୁ ରିଲିଫ୍

ଟାଙ୍ଗୀ(ଖୋର୍ଦ୍ଧା),୧୪।୫(ଡି.ଏନ.ଏ.): ସାମୁଦ୍ରିକ ଝଡ଼ ଫନୀରେ ଟାଙ୍ଗୀ ବ୍ଲକର ବିପୁଳ କ୍ଷୟକ୍ଷତି ଘଟିଛି। ତେଣୁ ସରକାରଙ୍କ ପକ୍ଷରୁ ବ୍ଲକର ୩୫,୪୨୪ ଜଣ ବିପନ୍ନଙ୍କୁ ରିଲିଫ୍ ପ୍ରଦାନ କରାଯାଇଥିବା ବିଡିଓ ଅକ୍ଷୟ କୁମାର ରାଉତ ପ୍ରକାଶ କରିଛନ୍ତି। ରିଲିଫ୍ ବାବଦରେ ପ୍ରତି ବିପନ୍ନଙ୍କୁ ୫୦ କେଜି ଚାଉଳ ଓ ୨୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିବା ବିଡିଓ କହିଛନ୍ତି ।

■ ନୟାଗଡ଼ ଜିଲାରେ ଫନୀର ପ୍ରଭାବ

# ୫୫ କୋଟି ୨୮ ଲକ୍ଷ ୪୭ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ

ନୟାଗଡ଼ ଅଫିସ,୧୪।୫



ଫନୀରେ ଭାଙ୍ଗିଯାଇଥିବା ଏକ ଘର।

ଗତ ୩ ତାରିଖରେ ହୋଇଥିବା ବାତ୍ୟା ଫନୀରେ ନୟାଗଡ଼ ଜିଲାରେ ସମସ୍ତ ୮ ବ୍ଲକ, ୪ ଏନ୍‌ଏସି ଓ ନୟାଗଡ଼ ମ୍ୟୁନିସିପାଲିଟି ଅଞ୍ଚଳ ପ୍ରଭାବିତ ହୋଇଛି। ଫନୀର ତାଣ୍ଡବରେ ଜିଲାରେ ୫୫ କୋଟି ୨୮ ଲକ୍ଷ ୪୭ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ନେଇ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଫନୀ ପ୍ରଭାବରେ ୧୦୧୩ ଗୋଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ୩ ଲକ୍ଷ ୪୪ହଜାର ୮୬ଜଣ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ୩୧୬.୮୫ ହେକ୍ଟର ଜମିରେ ୨୯ ଲକ୍ଷ ୪୨ ହଜାର ଟଙ୍କାର ଉଦ୍ୟାନ ଫସଲ କ୍ଷତି ହୋଇଛି। ସେହିପରି ୧୮୧.୫୦ହେକ୍ଟର ଚାଷ ଜମିରେ ଶତକଡ଼ା ୩୩ ଭାଗ ଉଦ୍ୟାନ ଫସଲ ନଷ୍ଟ ହୋଇଛି। ଜିଲାରେ ମୋଟ ୪୦୪୬ ଗୋଟି ଘର ନଷ୍ଟ ହୋଇଥିବା ବେଳେ ୧୭୯ଗୋଟି କଚ୍ଚାଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ୮୧୭ଟି ଗାଇ ଗୁହାଳ ଭାଙ୍ଗି ଯାଇଛି । ସମ୍ପୂର୍ଣ୍ଣ ଓ ଆଂଶିକ ଭାବେ ନଷ୍ଟ ହୋଇଥିବା ଘରଗୁଡ଼ିକର ମୂଲ୍ୟ ୨ କୋଟି ୮୯ ଲକ୍ଷ ୩୪ ହଜାର ଟଙ୍କା ବୋଲି ଆକଳନ କରାଯାଇଛି। ଫନୀରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ବେଳେ ଆଉ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ସୌଭାଗ୍ୟବଶତଃ କାହାର ମୃତ୍ୟୁ ହୋଇ ନଥିବା ସୂଚନା ମିଳିଛି। ଜିଲାରେ ୧୩ ଗୋଟି ପ୍ରାଣୀ ସମ୍ପଦ ଓ ୨୦ ହଜାର କୁକୁଡ଼ାଙ୍କର ମୃତ୍ୟୁ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ୪୬ଗୋଟି ରାସ୍ତା, ୧୦୯ଗୋଟି ପକ୍କାଘର, ୪ଗୋଟି ସ୍କୁଲ ଘର ନଷ୍ଟ ହୋଇଥିବା ବେଳେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ୨୬ଗୋଟି ସରକାରୀ ଘର ନଷ୍ଟ ହୋଇଛି । ଜଳସେଚନ ବିଭାଗର ଗୋଟିଏ କାର୍ଯ୍ୟାଳୟର ଛାତ ଉଡ଼ିଯାଇଛି। ଉଠାଜଳସେଚନ ବିଭାଗର ୫୭ ପ୍ରକଳ୍ପରେ ବିଦ୍ୟୁତ୍

**୪୦୪୬ ଘର କ୍ଷତିଗ୍ରସ୍ତ**

ସଂଯୋଗ ବିଚ୍ଛିନ୍ନ ହୋଇଛି । ସେସୁ ବିଭାଗର ୨୨୧ ପ୍ରକଳ୍ପରେ ବିଦ୍ୟୁତ୍ ଯୋଗାଣ ନଷ୍ଟ ହୋଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ୩୪ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକସ୍ୱାସ୍ଥ୍ୟ କେନ୍ଦ୍ରର କିଛି ଘର କ୍ଷତିଗ୍ରସ୍ତ ହୋଇଛି। ଜିଲାରେ ୯୯୯ଗୋଟି ସ୍କୁଲ ଘର ଓ ୩୩ ଗୋଟି ଅଙ୍ଗନୱାଡ଼ି ଘର ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛି। ନୟାଗଡ଼ ମ୍ୟୁନିସିପାଲିଟିରେ ୩ଗୋଟି କଲଭର୍ଟ ଓ ନାଳ କ୍ଷତିଗ୍ରସ୍ତ ହୋଇଥିବା ସ୍ଥଳେ ବୟନଶିଳ୍ପ ବିଭାଗର ୧ଗୋଟି କର୍ମଶାଳା ଗୃହ କ୍ଷତିଗ୍ରସ୍ତ ହୋଇଛି । ଗ୍ରାମ ପଞ୍ଚାୟତ ରାସ୍ତା ଓ ସରକାରୀ କାର୍ଯ୍ୟାଳୟରେ ମଧ୍ୟ କ୍ଷୟକ୍ଷତି ହୋଇଛି। ଜିଲାରେ ସମୁଦାୟ ୫୫ କୋଟି ୨୮ ଲକ୍ଷ ୪୭ ହଜାର ଟଙ୍କାର କ୍ଷୟକ୍ଷତି ହୋଇଛି। ଏଥିମଧ୍ୟରୁ ୫୨ କୋଟି ୯ ଲକ୍ଷ ୭୧ ହଜାର ଟଙ୍କା ବେସରକାରୀ (ଘରୋଇ ସମ୍ପତ୍ତି ) କ୍ଷତି ହୋଇଥିବା ନେଇ ଜିଲା ଜରୁରିକାଳୀନ ଅଧିକାରୀ ଧୋବା ନାୟକ ପ୍ରକାଶ କରିଛନ୍ତି।

**ଫନୀରେ କାହାର ମୃତ୍ୟୁ ହୋଇନାହିଁ**

୩ ତାରିଖରେ ହୋଇଥିବା ଫନୀ ବାତ୍ୟାରେ ଜିଲାର କାହାରି ମୃତ୍ୟୁ ହୋଇ ନ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଫନୀ ସମୟରେ ଦଶପଲ୍ଲା ବ୍ଲକ ଖମାରସାହି ପଞ୍ଚାୟତ ପୁରୁଣା ଦଶପଲ୍ଲା ଗ୍ରାମର ଏକାଦଶୀ ପରିଡ଼ାଙ୍କ ଝିଅ ସୁଷମା ପରିଡ଼ା (୩୦)ଙ୍କ ଉପରେ କାନ୍ଥ ଭୁଶୁଡ଼ି ପଡିବାରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳକୁ ଯାଇ ଏହାର ତଦନ୍ତ କରାଯାଇଥିଲା। କାନ୍ଥ ପଡ଼ି ତାଙ୍କର ମୃତ୍ୟୁ ହୋଇ ନ ଥିବା ନେଇ ରିପୋର୍ଟ ଦିଆଯାଇଥିଲା। ଫଳରେ ଜିଲାରେ କାହାର ମୃତ୍ୟୁ ହୋଇ ନ ଥିବା ନେଇ ସୂଚନା ଦିଆଯାଇଛି। ଏ ନେଇ ଜିଲା ଜରୁରିକାଳୀନ ଅଧିକାରୀ ଧୋବା ନାୟକଙ୍କୁ ପଚାରିବାରୁ ସେ କୁହନ୍ତି ଅଭିଯୋଗ ଆସିବା ପରେ ତଦନ୍ତ କରି ଆମେ ବ୍ୟବଚ୍ଛେଦ ରିପୋର୍ଟ ସରକାରଙ୍କୁ ହସ୍ତାନ୍ତର କରୁଛୁ। ସେଠାରୁ ରିପୋର୍ଟ ଆସିଲା ପରେ ଯାହା ଜଣାପଡ଼ିବ।

### ଟ୍ରକ୍ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

ଦଶପଲ୍ଲା,୧୪।୫(ଡି.ଏନ୍.ଏ)

ଦଶପଲ୍ଲା ଦୁର୍ଗାବଜାର ନିକଟସ୍ଥ ବ୍ରିଜଠାରେ ସୋମବାର ରାତିରେ ଏକ ଟ୍ରକ୍ ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମୃତ ଶିକ୍ଷକ ହେଲେ ସୁଧିରଞ୍ଜନ ସାହୁ (୩୮)। ଘର ଦଶପଲ୍ଲା କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମରେ। ସେ ରାତିରେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଉକ୍ତ ବ୍ରିଜଠାରେ ପଛପାର୍ଶ୍ୱରୁ ଏକ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ୍‌ଟି ଭଞ୍ଜନଗର ରାସ୍ତାରେ ଫେରାର ହୋଇଯାଇଥିଲା। ପୋଲିସ ରାତିରେ ମୃତଦେହକୁ ଜବତ କରି ମଙ୍ଗଳବାର ଦଶପଲ୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଶିକ୍ଷକ ଜଣକ ବୌଦ୍ଧ ଜିଲାରେ ଶିକ୍ଷକତା କରୁଥିଲେ। ତାଙ୍କର ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର ବୌଦ୍ଧ ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ ମୃତ ଶିକ୍ଷକଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ଜିଆରଇଏସ୍‌ରୁ ୫ହଜାର ଟଙ୍କା ପ୍ରଦାନ କରିଥିବା ଜଣାଯାଇଛି।

# ଗାଁ ଦାଣ୍ଡରେ ବାପ ପୁଅଙ୍କୁ ଆକ୍ରମଣ

ନୟାଗଡ଼ ଅଫିସ,୧୪।୫



ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ପ୍ରତାପଙ୍କ ପରିବାର।

■ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକ
■ଗ୍ରାମରେ ପୋଲିସ ମୁତୟନ, ୧୦ ଆକ୍ରମଣକାରୀ ଫେରାର୍

ନୟାଗଡ଼ଜିଲା ରଣପୁରଥାନା ଲେଖନପୁର ଗ୍ରାମରେ ବାପା, ପୁଅ ଓ ପୁତୁରାଙ୍କୁ ଗାଁ ଦାଣ୍ଡରେ ଆକ୍ରମଣ ହୋଇଛି। ଆକ୍ରମଣ ପରେ ୧୦ ଜଣ ଆକ୍ରମଣକାରୀ ଫେରାର୍ ହୋଇଯାଇଥିବା ବେଳେ ପୋଲିସ ଏ ଦିଗରେ କାହାରିକୁ ଗିରଫ କରିପାରି ନାହିଁ। ଆକ୍ରମଣର ଶିକାର ହାଇଥିବା ପରିବାର ଲୋକ ଭୟଭୀତ ଅବସ୍ଥାରେ ଥିବା ବେଳେ ନ୍ୟାୟ ପାଇଁ ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ପ୍ରତାପ କୁମାର ସାହୁଙ୍କ ଅଭିଯୋଗ ଅନୁସାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର କିଛି ଲୋକ ତାଙ୍କ ପରିବାର ଉପରେ ଅକ୍ରୋଶମୂଳକ ରାଗ ରଖି ତାଙ୍କୁ ଗ୍ରାମରୁ ତଡ଼ିଦେବା ପାଇଁ ଯୋଜନା କରି ଆସୁଥିଲେ। ବିଭିନ୍ନ ସମୟରେ ତାଙ୍କୁ ମଧ୍ୟ ହଇରାଣ କରୁଥିଲେ। ୯ ତାରିଖ ସନ୍ଧ୍ୟା ୮ଟାରେ ଗ୍ରାମର ପାଣ୍ଡବ ପାତ୍ରଙ୍କ ନେତୃତ୍ୱରେ ରଞ୍ଜନ ସାହୁ, ଦୀପକ ସାହୁ ଆଦି ୧୦ ଜଣ ଲୋକ ଦଳବଦ୍ଧ ହୋଇ ତାଙ୍କ ଘରକୁ ଆସିଥିଲେ। ହାତରେ ଠେଙ୍ଗା, କଟୁରି, ବନ୍ଧୁକ ଧରି ଘରେ ପଶି ଗାଳି କରିଥିଲେ। ଭୟରେ ପ୍ରତାପଙ୍କ ପରିବାର ଲୋକ ଘରେ ଲୁଚି ଯାଇଥିଲେ। ଆକ୍ରମଣକାରୀମାନେ ପ୍ରତାପଙ୍କ ଘରଦ୍ୱାର ଭାଙ୍ଗି ଦେବା ସହିତ ବାଇକକୁ ମଧ୍ୟ ବାଡ଼େଇ ଭାଙ୍ଗି ଦେଇଥିଲେ। ପରେ ଘର ଲୋକଙ୍କୁ ଗାଳିଗୁଲଜ କରିବା ସହ ପ୍ରତାପଙ୍କୁ ମାରିଦେବେ ବୋଲି ଧମକ ଦେଇ ଘରୁ ପଳାଇ ଯାଉଥିଲେ। ଆକ୍ରମଣକାରୀମାନେ ଘରୁ ବାହାରୁଥିବା ସମୟରେ ପ୍ରତାପ ଦାଣ୍ଡରେ ଆସୁଥିବାର ଦେଖି ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ପ୍ରତାପଙ୍କ ପୁଅ ତପନ ଓ ପୁତୁରା ସତ୍ୟମ ସାମନ୍ତରାୟ ଆସି ସେମାନଙ୍କ କବଳରୁ ପ୍ରତାପଙ୍କୁ ଛଡ଼ାଉଥିବା ବେଳେ ଆକ୍ରମଣକାରୀମାନେ ସେ ଦୁହିଁଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ ୩ ଜଣ ଯାକ ଗୁରୁତର ଅବସ୍ଥାରେ ପଡ଼ି ଦାଣ୍ଡରେ ଚିତ୍କାର କରୁଥିବାବେଳେ ପାଣ୍ଡବ ଏକ ବନ୍ଧୁକରେ ବ୍ଲାକ୍ ଫାୟାରିଂ କରି ଲୋକମାନେ ଏଥିରେ ହସ୍ତକ୍ଷେପ ନ କରିବା ପାଇଁ ସୂଚାଇ ଦେଇଥିଲେ। ଭୟରେ କେହି ଲୋକ ତାଙ୍କ ପାଖକୁ ସାହାଯ୍ୟ ପାଇଁ ଆସି ନ ଥିଲେ। ଏହା ପରେ ଆକ୍ରମଣକାରୀମାନେ ପଳାଇ ଯାଇଥିଲେ। ପରେ ରାତ୍ରରେ ପ୍ରତାପ ଏ ନେଇ ରଣପୁର ଥାନାରେ ଅଭିଯୋଗ କରିଥିଲେ। ୫ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କାହାରିକୁ ଗିରଫ କରିପାରି ନାହିଁ। ତପନ ଓ ସତ୍ୟମ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ପ୍ରତାପଙ୍କ ପରିବାର ଲୋକ ଏସ୍‌ପି ଶଶିଭୂଷଣ ଶତପଥୀଙ୍କୁ ଭେଟି ଏ ନେଇ ଅଭିଯୋଗ କରିଥିଲେ। ଆକ୍ରମଣକାରୀଙ୍କ ଭୟରେ ପ୍ରତାପଙ୍କ ପରିବାର ଲୋକ ଗ୍ରାମକୁ ନ ଯାଇ ଏଣେତେଣେ ବୁଲି ରହୁଛନ୍ତି। ଏ ନେଇ ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ କୁହନ୍ତି ଥାନାରେ ଏ ନେଇ ୯୯।୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଆକ୍ରମଣକାରୀମାନେ ଫେରାର୍ ଅଛନ୍ତି। ଗ୍ରାମରେ ପୋଲିସ ମୁତୟନ ହୋଇଥିବା ନେଇ ସେ ସୂଚନା ଦେଇଥିଲେ। ୧୦ ଜଣ ଆକ୍ରମଣକାରୀଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ବେଳେ ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

### ଖୃରିସାହିରେ ମାଗଣା ଚିକିତ୍ସା ଶିବିର

କୃଷ୍ଣପ୍ରସାଦ,୧୪।୫(ଡି.ଏନ.ଏ.)

ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥ ଖୃରିସାହି ଗ୍ରାମରେ ମଙ୍ଗଳବାର ମାଗଣା ଚିକିତ୍ସା ଶିବିର ଅୟୋଜିତ ହୋଇଯାଇଛି। ଚିଲିକା, ବ୍ରହ୍ମପୁର ପଞ୍ଚାୟତର ଇକୋସ ଆଇ ହସ୍‌ପିଟାଲ ତରଫରୁ ଏହି ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ବ୍ରହ୍ମପୁର ସରପଞ୍ଚ କ୍ଷଣପ୍ରଭା କରଣ ଉଦ୍‌ଘାଟନ କରିଥିବାବେଳେ ଇକୋସ ଆଇ ହସପିଟାଲ ପ୍ରଶାସନିକ ଅଧିକାରୀ ଡା.ସଞ୍ଜୀବ ମୁନି ଶିବିର ପରିଚାଳନା କରିଥିଲେ । ଏଠାରେ ବିଭିନ୍ନ ରୋଗ ପରୀକ୍ଷଣ, ନିରାକରଣ, ସଚେତନତା ଓ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଡାକ୍ତର ହର୍ଷିତ ନାୟକ, ଡା.ଶଶିପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ୧୭୫ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ରସିକ ରାଜ ଦିଗଲ, କାଳିଆ ଚରଣ ସାହୁ, ନିଶିକାନ୍ତ କରଣ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

■ ଅସରଳା ଗ୍ରାମରେ ଚୋରି

# ୬ଲକ୍ଷ ଟଙ୍କା,୯ ଭରି ସୁନା ଲୁଟ୍

**ରାତିରେ ପୋଲିସ ପାଟ୍ରୋଲିଂ ଦାବି**

ବୋଲଗଡ଼,୧୪।୫(ଡି.ଏନ୍.ଏ.)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡିସ୍ଥିତ ଅସରଳା ଗ୍ରାମରେ ସୋମବାର ବିଳମ୍ବିତ ରାତ୍ରିରେ ଏକ ବଡ ଧରଣର ଚୋରି ହୋଇଯାଇଛି। ଚୋରମାନେ ଗ୍ରାମର ୫ ପରିବାରଙ୍କ ଘରେ ପଶିଥିଲେ । ମାତ୍ର ଦୁର୍ବୃତ୍ତମାନେ ଗ୍ରାମର ଶ୍ରୀନିବାସ ସ୍ୱାଇଁ ଏବଂ ତାଙ୍କ ବଡଭାଇ ଭାଗୀରଥି ସ୍ୱାଇଁଙ୍କ ଘରୁ ପ୍ରାୟ ୬ ଲକ୍ଷ ନଗଦ ଟଙ୍କା, ୯ ଭରି ସୁନା ଅଳଙ୍କାର, ୧୭ ଭରି ରୁପା ଗହଣା ସହ ଗୃହରେ ଥିବା ଅନ୍ୟ ଆସବାବ ପତ୍ର ଚୋରି କରିଥିବା ଶ୍ରୀନିବାସ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଶ୍ରୀନିବାସ କହିଛନ୍ତି ଯେ, ସେ ତାଙ୍କ ବଡଭାଇଙ୍କ ଝିଅ ବାହାଘର ପାଇଁ ନଗଦ ଟଙ୍କା ରଖିଥିଲେ। ସେମାନେ ଖାଇସାରି ଶୋଇପଡ଼ିଥିବାବେଳେ ଚୋରମାନେ କବାଟ ଭାଙ୍ଗି ଧନ ସମ୍ପଦ ଲୁଟି ନେଇଥିଲେ। ଦୁର୍ବୃତ୍ତମାନେ ଗ୍ରାମର ଲକ୍ଷ୍ମଣ ପ୍ରଧାନ, ବାବାଜୀ ପାଇକରାୟ, ପବନା ବଳିୟାରସିଂ ଓ ଭୁଜବଳ ସାମନ୍ତରାୟଙ୍କ ଘରେ ମଧ୍ୟ ଚୋରି କରିବାକୁ ଉଦ୍ୟମ କରି ସଫଳ ହୋଇପାରି ନ ଥିଲେ। ସୁର ମିଶ୍ରଙ୍କ ଘରେ ପଶି ଆଲମାରି ଭାଙ୍ଗୁଥିବାବେଳେ ପରିବାର ଲୋକେ ଉଠିପଡିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଶ୍ରୀନିବାସଙ୍କ ଅଭିଯୋଗ ପାଇ ବାଙ୍କୋଇ ଫାଣ୍ଡି ପୋଲିସ ଅସରଳାରେ ପହଞ୍ଚି ଘଟଣାର ସନ୍ଧାନ ଚଳାଇଥିଲେ ମଧ୍ୟ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିନି। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକଙ୍କ ଧନ, ଜୀବନ ସୁରକ୍ଷା ନିମନ୍ତେ ରାତିରେ ପୋଲିସ ପାଟ୍ରୋଲିଂ ପାଇଁ ଗ୍ରାମବାସୀ ଦାବି କରୁଛନ୍ତି।



ଅସରଳା ଗ୍ରାମରେ ଚୋରି ଘଟଣାର ତଦନ୍ତ କରୁଛି ପୋଲିସ।

■ ପବ୍ଲିକ ସ୍କୁଲର ୧୮ତମ ବାର୍ଷିକୋତ୍ସବ

# ଶିକ୍ଷା ସମାଜକୁ ପରିପୁଷ୍ଟ, ସମୃଦ୍ଧ କରିଥାଏ

ନୟାଗଡ଼ ଅଫିସ,୧୪।୫

ନୟାଗଡ଼ ଜିଲା ଶରଣକୁଳସ୍ଥିତ କବି ସଦାନନ୍ଦ ବହ୍ମା (କେଏସ୍‌ବି) ପବ୍ଲିକ ସ୍କୁଲର ୧୮ତମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ସ୍କୁଲ ସଭାପତି ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶିକ୍ଷା ପରିଷଦ ଓଡ଼ିଶାର ପରିଚାଳନା ନିର୍ଦ୍ଦେଶକ ବ୍ରଜବନ୍ଧୁ ମହାପାତ୍ର, ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ର, ସାହିତ୍ୟିକ ଡ. ବିଜୟ କୁମାର ଚୌଧୁରୀ, ସାହିତ୍ୟ ଏକାଡ଼େମୀର ସଦସ୍ୟ ନିର୍ମଳ ଚନ୍ଦ୍ର ଶୂରଦେଓ, ଅଭିନେତା ସନ୍ତୋଷ କୁମାର ନାୟକ, ଅଭିନେତ୍ରୀ ପ୍ରତିଭା ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷା ସମାଜକୁ ପରିପୁଷ୍ଟ ଓ ସମୃଦ୍ଧ କରିବା ସହିତ ଶିଶୁର ଅନ୍ତର୍ନିହିତ ପ୍ରତିଭାରେ ବିକାଶର ସହାୟକ ହୋଇଥାଏ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ସ୍କୁଲ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟିର ସହସମ୍ପାଦକ ରବୀନ୍ଦ୍ର ତ୍ରିପାଠୀ, ଛାତ୍ର ନୀଳମାଧବ ମିଶ୍ରଙ୍କ ସଂଯୋଜନାରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

■ ପ୍ରକଳ୍ପ ଅଛି, କାମରେ ଲାଗୁନି

# ଜଳକଷ୍ଟ ଭୋଗୁଛନ୍ତି ପଞ୍ଚାୟତବାସୀ

ରଣପୁର,୧୪।୫ (ସ୍ୱ.ପ୍ର.)

ରାଜ୍ୟ ସରକାର ଗ୍ରୀଷ୍ମ ଦିନରେ ଯେଉଁଠି ନଳକୂପ ଓ ପାନୀୟ ଜଳ ପ୍ରକଳ୍ପ ଅଚଳ ଥିବ ତାହାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରି ତୁରନ୍ତ ଲୋକମାନଙ୍କୁ ପାନୀୟ ଜଳ ଯୋଗେଇବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ହେଲେ ସରକାରଙ୍କ ନିର୍ଦ୍ଦେଶ କିପରି ପାଳନ ହେଉଛି ତାହାର ଏକ ନମୁନା ନୟାଗଡ଼ ଜିଲା ରଣପୁର ବ୍ଲକ ବଜ୍ରକୋଟ ପଞ୍ଚାୟତରେ ଦେଖିବାକୁ ମିଳିଛି। ଏଠାରେ ପ୍ରକଳ୍ପ ଥାଇ ବି ଲୋକେ ପାନୀୟଜଳ ପାଇବାକୁ ବଞ୍ଚିତ ହେଉଛନ୍ତି।

୨୦୧୪-୧୫ରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତର ୭ ଗ୍ରାମ ଛତିପୁର, ହରିପୁର, ବଜ୍ରକୋଟ, ଶଙ୍ଖମୂଳ, କ୍ଷେତ୍ରୀବରପୁର, ଶ୍ରୀକୃଷ୍ଣପୁର, ଭେରୁପଡାର ୫ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ପାଇଁ ୩ଲକ୍ଷ ୩୦ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅସୁର କୁମାରୀଙ୍କ ପୀଠ ରାସ୍ତାରେ ନିର୍ମାଣ ହୋଇଥିବା ପ୍ରକଳ୍ପ ପାଇଁ ୧କୋଟି ୭୨ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପାଣିଟାଙ୍କି ନିର୍ମାଣ ଓ ପାଇପ୍ ସଂଯୋଗ କରାଯାଇ



ପାନୀୟ ଜଳ ପ୍ରକଳ୍ପ।

ଗ୍ରାମଗୁଡ଼ିକୁ କିଛି ମାସ ଜଳ ଯୋଗାଣ କରାଯାଇଥିଲା। ହେଲେ ଷ୍ଟାଣ୍ଡପୋଷ୍ଟ ନ ଥିବାରୁ ଯୋଗାଣ ହେଉଥିବା ଜଳ ରାସ୍ତାରେ ଭାସିଲା । ଗ୍ରାମବାସୀ ଠିକ୍ ଭାବରେ ପାନୀୟ ଜଳ ପାଇଲେ ନାହିଁ । ଏପରି ଅବସ୍ଥାରେ ପ୍ରକଳ୍ପ କିଛିମାସ ଚାଲିଲା ପରେ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ବନ୍ଦ କରିଦେଇଛନ୍ତି। ଫଳରେ ପଞ୍ଚାୟତର ୭ ଗ୍ରାମ ଜଳକଷ୍ଟ ଭୋଗୁଛନ୍ତି। ସେମାନେ ବାଧ୍ୟ ହୋଇ ପୋଖରୀର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଅପରପକ୍ଷେ ପଞ୍ଚାୟତରେ ଥିବା ୭୩ଟି ନଳକୂପ ମଧ୍ୟରୁ ଅଧିକାଂଶ ନଳକୂପରୁ ପାଣି ବାହାରୁନାହିଁ। ଯେଉଁଗୁଡିକ କାର୍ଯ୍ୟ କରୁଛି ସେଥିମଧ୍ୟରୁ ଅଧିକାଂଶ ନଳକୂପରୁ ଲୁହାଯୁକ୍ତ ପାଣି ବାହାରୁଥିବାରୁ ତାହା ପାନୀୟ ଉପଯୋଗୀ ହୋଇପାରୁନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ପଞ୍ଚାୟତବାସୀ ଦାବି କରୁଛନ୍ତି। ଏ ସମ୍ପର୍କରେ ଛତିପୁର ଗ୍ରାମର ତ୍ରିନାଥ ରାଉତ କୁହନ୍ତି, ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଆମେ ପାନୀୟ ଜଳ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛୁ । ଜିଲା ପ୍ରଶାସନ କିମ୍ବା ସ୍ଥାନୀୟ ରାଜନେତାଙ୍କ ଇଚ୍ଛାଶକ୍ତି ଅଭାବରୁ ଏହା କାର୍ଯ୍ୟ କରିପାରୁନାହିଁ । ବଜ୍ରକୋଟ ଗ୍ରାମର ସାମାଜିକ କର୍ମୀ ଦିଲୀପ କୁମାର ସାମନ୍ତରାୟ କୁହନ୍ତି, ଦୀର୍ଘ ୪ବର୍ଷ ହେବ ଅସୁରକୁମାରୀ ପୀଠ ରାସ୍ତାରେ ସରକାର ବହୁ ଅର୍ଥ ବ୍ୟୟକରି ପାଣିଟାଙ୍କି କରିଛନ୍ତି। ହେଲେ ଏଥିରୁ ଜଳ ଯୋଗାଣ ହେଉନାହିଁ। ବାଧ୍ୟ ହୋଇ ଲୋକେ ପୋଖରୀର ଦୂଷିତ ପାଣି ପିଉଛନ୍ତି। ହରିପୁର ଗ୍ରାମର ଗୋବିନ୍ଦ ବରାଡଙ୍କ ମତରେ ରାଜ୍ୟ ସରକାରଙ୍କ କଡା ନିୟମ କେତେଦୂର କାର୍ଯ୍ୟ କରୁଛି ଏହି ପଞ୍ଚାୟତରୁ ହିଁ ବୁଝା ପଡୁଛି । ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ରାଜୀବ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କୁହନ୍ତି, ବଜ୍ରକୋଟ ପାନୀୟଜଳ ପ୍ରକଳ୍ପ କାମକରୁ ନ ଥିବା ଆପଣଙ୍କଠାରୁ ଜାଣିବାକୁ ପାଇଲି। ମୁଁ ଏବେ ପୁରୀରେ ଫନୀ ବାତ୍ୟା ଡ୍ୟୁଟିରେ ଅଛି । ନୟାଗଡ଼ ଗଲେ ଏହାର ତଦନ୍ତ କରି ଖୁବ୍‌ଶୀଘ୍ର ଉକ୍ତ ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ।



ଦିଲ୍ଲୀପ ସାମନ୍ତରାୟ।



ଗୋବିନ୍ଦ ବରାଡ଼।



ତ୍ରିନାଥ ରାଉତ।